୫୬

# ଧରିତ୍ରୀ
DHARITRI

ସମ୍ବଲପୁର, ଶୁକ୍ରବାର, ଡିସେମ୍ବର ୧୩/୨୦୧୯ (୨୦ପୃଷ୍ଠା) Sambalpur, Friday, December 13 / 2019 ★★

୧୫ଶ ଭାଗ ୩୫୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-

**ଆଜିର ସମ୍ପାଦକୀୟ**

ସୁଧ ଆହୁରି କମାଅ

**ଆଜିର ମନ୍ତବ୍ୟ**

“ଆସାମବାସୀଙ୍କ ଅଧିକାର, ପରିଚୟ ଓ ସଂସ୍କୃତିକୁ କେହି ଛଡ଼ାଇ ନେଇପାରିବେ ନାହିଁ।

–ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

**କିଛି ତଥ୍ୟ**

ଚଳିତ ବର୍ଷ ଅକ୍ଟୋବର ସୁଦ୍ଧା ସାରା ଦେଶରେ ୩.୧୩ ଲକ୍ଷ ସାଇବର ସିକ୍ୟୁରିଟି ମାମଲା ରିପୋର୍ଟ କରାଯାଇଛି।

– ଇଲେକଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରଣାଳୟ

ଉତ୍ତର-ପୂର୍ବରେ ନାଗରିକତ୍ୱ ବିଲ୍ ନିଆଁ

## ପୋଲିସ ଗୁଳିରେ ୩ ମୃତ

ପୃଷ୍ଠା–୧











ମୁମ୍ବାଇ ଆତଙ୍କବାଦୀ ଆକ୍ରମଣର ମାଷ୍ଟରମାଇଣ୍ଡ ତଥା ଜେୟୁଡି ମୁଖ୍ୟ ହାଫିଜ୍ ସୟିଦ ବିରୋଧରେ ସମ୍ପୂର୍ଣ୍ଣ ତଦନ୍ତ କରି ଶୀଘ୍ର ବିଚାର ଶେଷ କରିବାକୁ ପାକିସ୍ତାନକୁ ଆମେରିକା ତାଗିଦ କରିଛି। ବୁଧବାର ଲାହୋରର ଏକ ଆତଙ୍କବାଦ ନିରୋଧୀ ଅଦାଲତ ହାଫିଜ ଓ ତାଙ୍କ ୩ ସହଯୋଗୀଙ୍କ ବିରୋଧରେ ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ମାମଲାରେ ଚାର୍ଜଫ୍ରେମ୍ କରିବା ପରେ ଆମେରିକା ଉପରୋକ୍ତ ପରାମର୍ଶ ଦେଇଛି।



ଗୁଆହାଟୀରେ ବିକ୍ଷୋଭକାରୀଙ୍କୁ ଘଉଡ଼ାଇବା ପାଇଁ ବ୍ଲାଙ୍କ୍ ଫାୟାରିଂ କରୁଛନ୍ତି ଜଣେ ପୋଲିସ କର୍ମୀ।



ବିକ୍ଷୋଭକାରୀଙ୍କ ଜଳାପୋଡ଼ା ପରେ ସେନା ପକ୍ଷରୁ ପାଟ୍ରୋଲିଂ କରାଯାଉଛି।



ଦିଲ୍ଲୀରେ ପାକିସ୍ତାନୀ ହିନ୍ଦୁ ଶରଣାର୍ଥୀମାନେ ନାଗରିକତ୍ୱ ବିଲ୍ ଗୃହୀତ ହେବା ପରେ ଉତ୍ସବ ମନାଉଛନ୍ତି।

# ସିଏବିକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ

ନୂଆଦିଲ୍ଲୀ,୧୨ା୧୨(ପି.ଟି.)



**ନାଗରିକତ୍ୱ ସଂଶୋଧନ ବିଲ୍ ସମାନତା ମୌଳିକ ଅଧିକାରର ଉଲ୍ଲଂଘନ କରୁଛି : ଆଇୟୁଏମ୍ଏଲ**

ନାଗରିକତ୍ୱ ସଂଶୋଧନ ବିଲ୍(ସିଏବି)କୁ ଇଣ୍ଡିଆନ ୟୁନିୟନ ମୁସ୍‌ଲିମ ଲିଗ୍ (ଆଇୟୁଏମ୍ଏଲ୍) ଗୁରୁବାର ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛି। ଏହା ସମାନତା ମୌଳିକ ଅଧିକାରର ଉଲ୍ଲଂଘନ କରୁଛି ଏବଂ ଧର୍ମ ଆଧାରରେ ଗୋଟିଏ ଗୋଷ୍ଠୀର ଶରଣାର୍ଥୀଙ୍କୁ ବିଦା କରିବା ପାଇଁ ଉଦ୍ୟମ ହେଉଛି ବୋଲି ପିଟିଶନ୍‌ରେ କୁହାଯାଇଛି। ପାକିସ୍ତାନ, ବାଂଲାଦେଶ ଓ ଆଫଗାନିସ୍ତାନରେ ଧର୍ମୀୟ ବିଦ୍ୱେଷର ସମ୍ମୁଖୀନ ହୋଇ ଭାରତରେ ଶରଣାର୍ଥୀ ଭାବେ ରହିଥିବା ଅଣମୁସଲମାନମାନଙ୍କୁ ନାଗରିକତ୍ୱ ପ୍ରଦାନ ଲାଗି ଅଣାଯାଇଥିବା ବିଲ୍‌କୁ ପାର୍ଲାମେଣ୍ଟ ଅନୁମୋଦନ କରିଥିବାବେଳେ ରାଷ୍ଟ୍ରପତିଙ୍କ ସ୍ୱୀକୃତି ଅପେକ୍ଷାରେ ରହିଛି। ଆଇନଜୀବୀ ପଲ୍ଲବୀ ପ୍ରତାପଙ୍କ ଜରିଆରେ ଆଇୟୁଏମ୍ଏଲ୍ ଏହି ପିଟିଶନ ଦାଏର କରିଛି। ସିଏବି, ବିଦେଶୀ ସଂଶୋଧନ( ନିର୍ଦ୍ଦେଶନାମା), ୨୦୧୫ ଏବଂ ପାସ୍‌ପୋର୍ଟ (ନିୟମାବଳୀ ମଧ୍ୟରେ ପ୍ରବେଶ) ସଂଶୋଧନ ନିୟମାବଳୀ, ୨୦୧୫ର କାର୍ଯ୍ୟକାରିତା ଉପରେ ନିଷେଧାଦେଶ ଲଗାଇବା ପାଇଁ ପିଟିଶନରେ ଅନୁରୋଧ କରାଯାଇଛି।

ଆବେଦନରେ କୁହାଯାଇଛି, ସରକାର ଆଣିଥିବା ସିଏବି ସମ୍ବିଧାନର ମୌଳିକ ଢାଞ୍ଚାର ବିରୋଧୀ। ଏଥିରେ କେବଳ ହିନ୍ଦୁ, ଶିଖ୍, ବୌଦ୍ଧ, ଜୈନ, ପାର୍ସୀ ଓ ଖ୍ରୀଷ୍ଟିଆନମାନଙ୍କୁ ନାଗରିକତ୍ୱ ଅଧିକାର ମିଳିବାକୁ ଥିବାବେଳେ ମୁସଲମାନଙ୍କ ପ୍ରତି ଉଦ୍ଦେଶ୍ୟମୂଳକ ଭାବେ ପକ୍ଷପାତ କରାଯାଇଛି। କାହାକୁ ନାଗରିକତ୍ୱ ପ୍ରଦାନ କରିବାକୁ ଆବେଦନକାରୀ ବିରୋଧ କରୁନାହାନ୍ତି, ଧର୍ମ ଆଧାରରେ ପକ୍ଷପାତିତା ଓ ଅନୁଚିତ ବର୍ଗୀକରଣକୁ ବିରୋଧ କରୁଛନ୍ତି ବୋଲି କହିଛନ୍ତି।

# ଅଯୋଧ୍ୟା ରିଭ୍ୟୁ ପିଟିଶନ ଖାରଜ

ନୂଆଦିଲ୍ଲୀ,୧୨ା୧୨

**ନଭେମ୍ବର ୯ ରାୟ ବିରୋଧରେ ଦାଖଲ ହୋଇଥିଲା ୧୮ ଆବେଦନ**

ଅଯୋଧ୍ୟା ଜମି ବିବାଦ ମାମଲାକୁ ନେଇ ନଭେମ୍ବର ୯ରେ ସୁପ୍ରିମକୋର୍ଟ ଚୂଡ଼ାନ୍ତ ରାୟ ଦେଇଥିବାବେଳେ ଏହାକୁ ବିରୋଧ କରି ରିଭ୍ୟୁ ପିଟିଶନ ଦାଖଲ କରାଯାଇଥିଲା। ହେଲେ ଗୁରୁବାର ସର୍ବୋଚ୍ଚ ଅଦାଲତ ସମସ୍ତ ରିଭ୍ୟୁ ପିଟିଶନକୁ ଖାରଜ କରିଦେଇଛନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ ଏସ୍.ଏ. ବୋବ୍‌ଡେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପାଞ୍ଚଜଣିଆ ଖଣ୍ଡପୀଠ ଏଥିରେ କୌଣସି ସୁଫଳ ନ ଥିବା ଦର୍ଶାଇ ଖାରଜ କରିଛନ୍ତି। ପ୍ରକାଶଥାଉ କି, ଅଲ୍ ଇଣ୍ଡିଆ ମୁସ୍‌ଲିମ ପର୍ସନାଲ ଲ ବୋର୍ଡ, ନିର୍ମୋହୀ ଆଖଡ଼ା ସହ ମୋଟ ୧୮ଟି ରିଭ୍ୟୁ ପିଟିଶନ ଦାଖଲ କରାଯାଇଥିବାବେଳେ ୯ଟି ପକ୍ଷବାଦୀଙ୍କର ଥିଲା। ବାକି ୯ଟି ତୃତୀୟ ପକ୍ଷଙ୍କର ଥିଲା। କେତେକ ଦ୍ୱନ୍ଦ୍ୱ ଥିବାରୁ ଏନେଇ କୋର୍ଟରେ ଏକ ଖୋଲା ଆଲୋଚନା ଲାଗି ଦାବି କରାଯାଇଥିଲା। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଅଯୋଧ୍ୟାରେ ବିବାଦୀୟ ୨.୭୭ ଏକର ଜମି ରାମମନ୍ଦିର ନିର୍ମାଣ ଲାଗି ସର୍ବୋଚ୍ଚ ଅଦାଲତଙ୍କ ୫ଜଣିଆ ଖଣ୍ଡପୀଠ ରାୟ ଦେଇଥିଲେ। ଏଥିସହ ମସ୍‌ଜିଦ ନିର୍ମାଣ ଲାଗି ୫ ଏକର ଜାଗା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ।

# ଆସାମବାସୀ ଚିନ୍ତା କରନ୍ତୁନି: ମୋଦି

ନୂଆଦିଲ୍ଲୀ,୧୨ା୧୨(ପି.ଟି.)



ନାଗରିକତ୍ୱ (ସଂଶୋଧନ) ବିଲ୍ (ସିଏବି)କୁ ବିରୋଧକରି ଆସାମରେ ଚାଲିଥିବା ବିକ୍ଷୋଭ ହିଂସାର ରୂପ ନେଇଥିବାବେଳେ ନୂଆ ଆଇନକୁ ନେଇ ଚିନ୍ତା କରିବାର କିଛି ନାହିଁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ରାଜ୍ୟବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଆସାମ ବୁଝାମଣାପତ୍ରର ଧାରା ୬ ଅନୁଯାୟୀ ଆସାମବାସୀଙ୍କ ରାଜନୈତିକ, ଭାଷାଗତ, ସାଂସ୍କୃତିକ ଏବଂ ଜମି ଅଧିକାରର ସୁରକ୍ଷା ପାଇଁ ସେ ବ୍ୟକ୍ତିଗତ ଭାବେ ଏବଂ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ପ୍ରତିବଦ୍ଧ ବୋଲି ମୋଦି ଉଭୟ ଅସମୀୟା ଓ ଇଂଲିଶ୍‌ରେ ଟୁଇଟ୍ କରି ଜଣାଇଛନ୍ତି। ଏହି ଧାରା ସ୍ଥାନୀୟ ଅଧିକାର, ଭାଷା ଓ ସଂସ୍କୃତିର ସୁରକ୍ଷାକୁ ଗ୍ୟାରେଣ୍ଟି ଦେଉଛି। ଆପଣମାନଙ୍କ ଅଧିକାର, ଅନନ୍ୟ ପରିଚୟ ଓ ସୁନ୍ଦର ସଂସ୍କୃତିକୁ କେହି ଛଡ଼ାଇ ନେଇପାରିବେ ନାହିଁ ବୋଲି ମୋଦି କହିବା ସହ ଶାନ୍ତ ରହିବା ପାଇଁ ଜନସାଧାରଣଙ୍କୁ ନିବେଦନ କରିଛନ୍ତି।

ପାକିସ୍ତାନ, ବାଂଲାଦେଶ ଓ ଆଫଗାନିସ୍ତାନରୁ ଧର୍ମୀୟ ବିଦ୍ୱେଷର ସମ୍ମୁଖୀନ ହୋଇ ପଳାଇଆସିଥିବା ଅଣମୁସଲମାନଙ୍କୁ ଭାରତୀୟ ନାଗରିକତ୍ୱ ପ୍ରଦାନ ଲାଗି ଅଣାଯାଇଥିବା ବିଲ୍ ବୁଧବାର ରାତିରେ ପାର୍ଲାମେଣ୍ଟରେ ଗୃହୀତ ହେବା ପରେ ଉତ୍ତରପୂର୍ବାଞ୍ଚଳ ରାଜ୍ୟରେ ଅନେକ ହିଂସାକାଣ୍ଡ ଘଟିଲାଣି। ଗୁଆହାଟୀ ସିଏବି ବିରୋଧୀ ବିକ୍ଷୋଭର କେନ୍ଦ୍ରସ୍ଥଳ ପାଲଟିଥିବାବେଳେ ସେଠାରେ ବୁଧବାର ରାତିରୁ କର୍ଫ୍ୟୁ ଜାରି ହୋଇଛି। ୪ଟି ସ୍ଥାନରେ ସେନା ମୁତୟନ ହୋଇଥିବାବେଳେ ତ୍ରିପୁରାରେ ଆସାମ ରାଇଫଲ୍ସର ଯବାନମାନେ ନିୟୋଜିତ ହୋଇଛନ୍ତି।

# ଟିଭି ଚ୍ୟାନେଲ୍‌କୁ ସତର୍କ କରାଇଲେ ସରକାର

**ନୂଆଦିଲ୍ଲୀ,୧୨ା୧୨(ପି.ଟି.):** ସିଏବି ବିରୋଧରେ ଆନ୍ଦୋଳନ ଜାରି ରହିଥିବାରୁ ହିଂସା କିମ୍ବା ରାଷ୍ଟ୍ରବିରୋଧୀ ମନୋଭାବକୁ ଉସୁକାଇବା ଭଳି କୌଣସି ବିଷୟ ପ୍ରସାରଣ ନ କରିବାକୁ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ଆଡଭାଇଜରି ଜାରି କରାଯାଇ ଘରୋଇ ସାଟେଲାଇଟ ଟିଭି ଚ୍ୟାନେଲଗୁଡ଼ିକୁ ସତର୍କ କରିଦିଆଯାଇଛି। ଦେଶର ସଂହତିକୁ ପ୍ରଭାବିତ କଲାଭଳି ଦୃଶ୍ୟ ପ୍ରସାରଣ ନ କରିବାକୁ ପରାମର୍ଶ ଦିଆଯାଇଛି। ସିଏବି ବିରୋଧରେ ଚାଲିଥିବା ହିଂସାତ୍ମକ ବିକ୍ଷୋଭର ଭିଡ଼ିଓ ବିଭିନ୍ନ ଟିଭି ଚ୍ୟାନେଲ ପ୍ରସାରଣ କରିବା ପରେ ଏଭଳି କଟକଣା ଜାରି କରାଯାଇଛି।

## ୧୯ରେ ବାମପନ୍ଥୀଙ୍କ ଆନ୍ଦୋଳନ

ନାଗରିକତ୍ୱ ସଂଶୋଧନ ବିଲ୍‌କୁ ବିରୋଧକରି ବାମପନ୍ଥୀ ଦଳଗୁଡ଼ିକ ଆସନ୍ତା ୧୯ ତାରିଖରେ ଦେଶବ୍ୟାପୀ ଆନ୍ଦୋଳନ କରିବେ। ଏଥିରେ ସିପିଆଇ, ସିପିଏମ୍, କମ୍ୟୁନିଷ୍ଟ ପାର୍ଟି ଅଫ୍ ଇଣ୍ଡିଆ (ମାର୍କିଷ୍ଟ-ଲେନିନିଷ୍ଟ)- ଲିବରେଶନ, ଏଆଇଏଫ୍‌ବି ଏବଂ ରିଭୋଲ୍ୟୁଶନାରି ସୋସିଆଲିଷ୍ଟ ପାର୍ଟି ସାମିଲ ହେବେ। ଉକ୍ତ ବିଲ୍ ସମ୍ପୂର୍ଣ୍ଣ ଭାବେ ସମ୍ବିଧାନର ଉଲ୍ଲଂଘନ କରୁଛି। ଏହା ଭାରତର ଧର୍ମନିରପେକ୍ଷ ଗଣତାନ୍ତ୍ରିକ ଭିତ୍ତିଭୂମିକୁ ଧ୍ୱଂସ କରିବା ପାଇଁ ଉଦ୍ଦିଷ୍ଟ ବୋଲି ବାମ ଦଳଗୁଡ଼ିକ ପକ୍ଷରୁ ଏକ ମିଳିତ ବିବୃତିରେ କୁହାଯାଇଛି।

## କଂଗ୍ରେସ ହିଂସା ଉସୁକାଉଛି: କେନ୍ଦ୍ର

ସିଏବିକୁ ନେଇ ଲୋକ ସଭାରେ ଗୁରୁବାର ହଟ୍ଟଗୋଳ ଦେଖିବାକୁ ମିଳିଛି। କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇଥିଲେ। କେତେକ ନିର୍ଦ୍ଦିଷ୍ଟ ସ୍ଥାନକୁ ଛାଡ଼ିଦେଲେ ସମଗ୍ର ଉତ୍ତରପୂର୍ବାଞ୍ଚଳରେ ନିଆଁ ଜଳୁଛି। କଶ୍ମୀର ଭଳି ସେଠାରେ ମଧ୍ୟ ଇଣ୍ଟରନେଟ ସେବାକୁ ବନ୍ଦ କରିଦିଆଯାଇଛି ବୋଲି ଅଧୀର ସମାଲୋଚନା କରିଥିଲେ। ଏହାର ଜବାବରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ କହିଥିଲେ, ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକରେ କଂଗ୍ରେସ ହିଂସା ଉସୁକାଉଛି। କଂଗ୍ରେସର ଏଭଳି ମନୋବୃତ୍ତିକୁ ସରକାର ନିନ୍ଦା କରୁଛନ୍ତି। ବିତର୍କ ବେଳେ ବିରୋଧୀ କଂଗ୍ରେସ, ଟିଏମ୍‌ସି ଏବଂ ଡିଏମ୍‌କେ ସଦସ୍ୟମାନେ କକ୍ଷତ୍ୟାଗ କରିଛନ୍ତି।

## ବିଭାଜନକାରୀ ଅସ୍ତ୍ର ସିଏବି: ପ୍ରଫୁଲ୍ଲ



ବିବାଦୀୟ ନାଗରିକତ୍ୱ ସଂଶୋଧନ ବିଲ୍ ଏକ ବିଭାଜନକାରୀ ଅସ୍ତ୍ର, ଯାହାକି ଉତ୍ତର-ପୂର୍ବର ଯୌଗିକ ସଂସ୍କୃତିକୁ ଧ୍ୱଂସ କରିଦେବ ବୋଲି ଆସୋମ ଗଣ ପରିଷଦ (ଏଜିପି) ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରଫୁଲ୍ଲ ମହନ୍ତ ସମାଲୋଚନା କରିଛନ୍ତି। ମୋଦି ସରକାର ଉତ୍ତର-ପୂର୍ବାଞ୍ଚଳ ସ୍ଥିତିର ଗମ୍ଭୀରତାକୁ ହୃଦୟଙ୍ଗମ କରି ସେଠାକାର ଲୋକଙ୍କ ଭାବାବେଗକୁ ସମ୍ମାନ ନ ଦେବା ଯାଏ ଆସାମରେ ନିଆଁ ଜଳୁଥିବ ବୋଲି ସେ ଚେତାଇଦେଇଛନ୍ତି। ଏଥିସହ ଏହି ବିବାଦୀୟ ବିଲ୍‌କୁ ତୁରନ୍ତ ପ୍ରତ୍ୟାହାର କରାଯିବା ଆବଶ୍ୟକ ବୋଲି ସେ ଦାବି କରିଛନ୍ତି।

# ସେନା ଶିବିରରେ ଆତଙ୍କବାଦୀ ଆକ୍ରମଣ: ୭୧ ନିହତ

**ନିଆମେ(ନାଇଜର),୧୨ା୧୨:** ପଶ୍ଚିମ ଆଫ୍ରିକୀୟ ଦେଶ ନାଇଜରସ୍ଥିତ ଏକ ସେନା ଶିବିରକୁ ଇସ୍‌ଲାମିଷ୍ଟ ଆତଙ୍କବାଦୀମାନେ ଟାର୍ଗେଟ କରିଛନ୍ତି। ଏଥିରେ ୭୧ ସୈନ୍ୟ ନିହତ ହୋଇଛନ୍ତି। ସେନାର ଜବାବୀ କାର୍ଯ୍ୟାନୁଷ୍ଠାନରେ ୫୭ ଆତଙ୍କବାଦୀ ନିପାତ ହୋଇଥିବା ସେଠାକାର ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।



ମାଲି ସୀମାରେ ଥିବା ନାଇଜର ପଶ୍ଚିମାଞ୍ଚଳର ଏକ ସେନା ଶିବିର ଉପରେ ଶତାଧିକ ସଶସ୍ତ୍ର ଆତଙ୍କବାଦୀ ମଙ୍ଗଳବାର ବିଳମ୍ବିତ ରାତିରେ ଅତର୍କିତ ଆକ୍ରମଣ କରିଥିଲେ। ତିନି ଘଣ୍ଟା ଧରି ଚାଲିଥିବା ଆକ୍ରମଣରେ ୭୧ ସୈନ୍ୟ ନିହତ ହେଇଛନ୍ତି। ଦେଶର ସେନା ଇତିହାସରେ ଏହାକୁ ସବୁଠୁ ବଡ଼ ଆକ୍ରମଣ ବୋଲି କୁହାଯାଉଛି। ନାଇଜର ରାଷ୍ଟ୍ରପତି ମାହାମାଡୋଉ ଇସୋଫୌଉ ବିଦେଶ ଯାତ୍ରା କାଟଛାଣ୍ଟ କରି ସ୍ୱଦେଶ ଫେରିଛନ୍ତି। ଏହାସହ ସେ ଜାତୀୟ ନିରାପତ୍ତା ବୈଠକରେ ଅଧ୍ୟକ୍ଷତା କରି ଆଫ୍ରିକାରେ ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍) ଏବଂ ଅଲ୍-କାଏଦା କ୍ରମଶଃ କାୟା ବିସ୍ତାର କରିବାରେ ଲାଗିଥିବା ନେଇ ଚିନ୍ତାବ୍ୟକ୍ତ କରିଛନ୍ତି।

# ଭାରତ ଗସ୍ତ ବାତିଲ କଲେ ବାଂଲାଦେଶର ଦୁଇ ମନ୍ତ୍ରୀ



ସ୍ୱରାଷ୍ଟ୍ରମନ୍ତ୍ରୀ ଅସାଦୁଜ୍ଜାମନ୍ ଖାନ୍



ବହିର୍ବ୍ୟାପାର ମନ୍ତ୍ରୀ ଏ.କେ. ଅବ୍ଦୁଲ ମୋମେନ୍

ନୂଆଦିଲ୍ଲୀ,୧୨ା୧୨

ନାଗରିକତ୍ୱ ସଂଶୋଧନ ବିଲ୍‌କୁ ନେଇ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକରେ ବିକ୍ଷୋଭ ଜାରି ରହିଥିବାବେଳେ ଏହାର ପ୍ରଭାବ ଭାରତର ବୈଦେଶିକ ସମ୍ପର୍କ କ୍ଷେତ୍ରରେ ମଧ୍ୟ ଦେଖିବାକୁ ମିଳିଛି। ବାଂଲାଦେଶର ଦୁଇଜଣ ବରିଷ୍ଠ ମନ୍ତ୍ରୀ ଭାରତ ଗସ୍ତ ବାତିଲ କରିଦେଇଛନ୍ତି। ବହିର୍ବ୍ୟାପାର ମନ୍ତ୍ରୀ ଏ.କେ. ଅବ୍ଦୁଲ ମୋମେନ୍ ଭାରତ ଗସ୍ତ ବାତିଲ କରିବା ପରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅସାଦୁଜ୍ଜାମନ୍ ଖାନ୍ ମଧ୍ୟ ଅନୁରୂପ ପଦକ୍ଷେପ ନେଇଛନ୍ତି। ଅସାଦୁଜ୍ଜାମନ୍ ଶୁକ୍ରବାର ଦୁଇଦିନିଆ ମେଘାଳୟ ଗସ୍ତରେ ଆସି ଏକ କାର୍ଯ୍ୟକ୍ରମରେ ଯୋଗଦେବାର ଥିଲା। ସେହିପରି ଅବ୍‌ଦୁଲ୍ ମୋମେନ୍ ଦିଲ୍ଲୀରେ ଆୟୋଜିତ ହେବାକୁ ଥିବା କେତେକ କାର୍ଯ୍ୟକ୍ରମରେ ଯୋଗଦେବାର ଥିଲା।

## ସିଏବି ଟୁଇଟ୍ ପାଇଁ ଟ୍ରୋଲ୍ ହେଲେ ଇମ୍ରାନ୍

ନୂଆଦିଲ୍ଲୀ,୧୨ା୧୨(ଆଇଏଏନ୍ଏସ୍)

ସିଏବି ଉପରେ ଟୁଇଟ୍ କରି ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ଟ୍ରୋଲ୍ ହୋଇଛନ୍ତି। ଅନ୍ତର୍ଜାତୀୟ ମାନବାଧିକାର ନିୟମ ଓ ପାକିସ୍ତାନ ସହ ଥିବା ଦ୍ୱିପାକ୍ଷିକ ରାଜିନାମାର ଉଲ୍ଲଂଘନ କରୁଥିବା ବିଧେୟକ ଲୋକ ସଭାରେ ଗୃହୀତ ହୋଇଥିବାରୁ ଇମ୍ରାନ୍ ଟୁଇଟ୍ କରି ଏହାର ନିନ୍ଦା କରିଥିଲେ। ଏହାକୁ ୧୦ ହଜାରରୁ ଊର୍ଦ୍ଧ୍ୱ ରିଟୁଇଟ୍ କରାଯାଇଛି। ଜଣେ ୟୁଜର ଲେଖିଛନ୍ତି, ମୁସଲମାନଙ୍କ ପାଇଁ ଯେହେତୁ ସ୍ୱତନ୍ତ୍ର ରାଷ୍ଟ୍ର ଗଠନ ହୋଇଛି, ଭାରତୀୟ ଉପମହାଦେଶରେ ବିଦ୍ୱେଷର ସମ୍ମୁଖୀନ ହେଉଥିବା ସବୁ ମୁସଲମାନଙ୍କୁ ଏହା ଶରଣ ଦେବା ଉଚିତ। ତୁମେ ତାହା କରିପାରିବ ବୋଲି ଭାରତକୁ ଦେଖାଇଦେବାକୁ ସେ ଲେଖିଛନ୍ତି। ସେହିପରି ଅନ୍ୟଜଣେ ଲେଖିଛନ୍ତି, ଦୟାକରି ମାନବାଧିକାର କଥା କୁହନ୍ତୁ ନାହିଁ, କାରଣ ଏହା ଆପଣଙ୍କ ପାଇଁ ଶୋଭା ପାଉନାହିଁ।

# ଝାଡ଼ଖଣ୍ଡରେ ୬୨% ମତଦାନ

ରାଞ୍ଚି,୧୨ା୧୨(ପି.ଟି.)

ଝାଡ଼ଖଣ୍ଡ ବିଧାନସଭା ଲାଗି ଗୁରୁବାର ଅନୁଷ୍ଠିତ ତୃତୀୟ ପର୍ଯ୍ୟାୟ ମତଦାନ ଶେଷ ହୋଇଥିବାବେଳେ ୬୨ ପ୍ରତିଶତ ଭୋଟଗ୍ରହଣ କରାଯାଇଥିବା ଜଣାପଡ଼ିଛି। ୮ ଜିଲାର ୧୭ଟି ଆସନରେ ଭୋଟ ଶାନ୍ତିପୂର୍ଣ୍ଣ ରହିଥିବା ପ୍ରକାଶ। ରାଜ୍ୟପାଳ ଦ୍ରୌପଦୀ ମୁର୍ମୁ ରାଞ୍ଚିରେ ଭୋଟ ଦେଇଥିବାବେଳେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ସୁବୋଧ କାନ୍ତ ସହାୟ ଖିଜ୍‌ରିରେ ମତଦାନ କରିଥିଲେ। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଯଶ୍ୱନ୍ତ ସିହ୍ନା, ଜୟନ୍ତ ସିହ୍ନା, ଟିମ୍ ଇଣ୍ଡିଆର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ପ୍ରମୁଖ ମତଦାନ କରିଥିଲେ। କେତେକ ସ୍ଥାନରେ ଇଭିଏମ୍ ତ୍ରୁଟି ଯୋଗୁ ଘଣ୍ଟାଏରୁ ଦେଢ଼ଘଣ୍ଟା

### ଇଭିଏମ୍ ତ୍ରୁଟିରୁ ଭୋଟ ବିଳମ୍ବ

ବିଳମ୍ବରେ ଭୋଟଗ୍ରହଣ କରାଯାଇଥିବା ସହାୟ ଅଭିଯୋଗ କରିଛନ୍ତି। ସକାଳ ୭ରୁ କଡ଼ା ସୁରକ୍ଷାବଳୟ ମଧ୍ୟରେ ଭୋଟଦାନ ପ୍ରକ୍ରିୟା ଆରମ୍ଭ ହୋଇ ସନ୍ଧ୍ୟା୫ଟା ପର୍ଯ୍ୟନ୍ତ ଚାଲିଥିଲା। ୩୨ ମହିଳାଙ୍କ ସହ ମୋଟ ୩୦୯ ପ୍ରାର୍ଥୀ ମଇଦାନରେ ଥିବାବେଳେ ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ବାବୁଲାଲ ମାରାଣ୍ଡି, ନୀରଜ୍ ଯାଦବ, ସି.ପି. ସିଂ, ସୁଦେଶ ମହାତୋ ପ୍ରମୁଖ ରହିଛନ୍ତି। ଡିସେମ୍ବର ୨୦ ସୁଦ୍ଧା ପାଞ୍ଚପର୍ଯ୍ୟାୟ ଝାଡ଼ଖଣ୍ଡ ଭୋଟ ଶେଷହେବା ପରେ ୨୩ରେ ଭୋଟଗଣତି କରାଯିବ।

## ଇତିହାସର ଆଇନାରେ

**ଡିସେମ୍ବର ୧୩ର ପ୍ରମୁଖ ଘଟଣା**

୧୯୮୨ ଡିସେମ୍ବର ୧୩ରେ ଦକ୍ଷିଣ ପଶ୍ଚିମ ୟେମେନରେ ଭୟଙ୍କର ଭୂକମ୍ପ ଅନୁଭୂତ ହୋଇଥିଲା। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୬.୦ ରହିଥିଲା। ଭୂକମ୍ପରେ ୨,୮୦୦ ଲୋକ ପ୍ରାଣ ହରାଇଥିବାବେଳେ ୧୫ ଶହରୁ ଅଧିକ ଆହତ ହୋଇଥିଲେ।

୨୦୦୧ ଡିସେମ୍ବର ୧୩ରେ ଭାରତର ପାର୍ଲାମେଣ୍ଟ ଉପରେ ପାକିସ୍ତାନର ଲସ୍କର-ଇ-ତୋଇବା ଓ ଜୈଶ-ଇ-ମହମ୍ମଦ ଆକ୍ରମଣ କରିଥିଲେ। ୫ ଆତଙ୍କବାଦୀଙ୍କୁ ମିଶାଇ ମୋଟ ୧୪ ଜଣ ଏଥିରେ ପ୍ରାଣ ହରାଇଥିଲେ।

# ଲୋକ ସଭା, ବିଧାନସଭାରେ ସ୍ଥାନ ସଂରକ୍ଷଣ ଅବଧି ୧୦ ବର୍ଷ ବଢ଼ିବ

ନୂଆଦିଲ୍ଲୀ,୧୨ା୧୨(ଆଇଏଏନ୍ଏସ୍)

**ପାର୍ଲାମେଣ୍ଟରେ ବିଲ୍ ପାସ୍**

ଲୋକ ସଭା ଓ ରାଜ୍ୟ ବିଧାନସଭାଗୁଡ଼ିକରେ ଏସ୍‌ସି ଏବଂ ଏସ୍‌ଟିଙ୍କ ଲାଗି ସ୍ଥାନ ସଂରକ୍ଷଣ ଅବଧି ଆଉ ୧୦ ବର୍ଷ ବଢ଼ିବ। ଏ ସମ୍ପର୍କିତ ସମ୍ବିଧାନ ସଂଶୋଧନ ବିଲ୍ ଗୁରୁବାର ରାଜ୍ୟ ସଭାର ଅନୁମୋଦନ ଲାଭ କରିଛି। ୧୦ ତାରିଖରେ ଏହା ଲୋକ ସଭାରେ ଗୃହୀତ ହୋଇଥିଲା। ଲୋକ ସଭା ଓ ବିଧାନସଭାଗୁଡିକରେ ଗତ ୭୦ ବର୍ଷ ହେଲା ଲାଗୁ ହୋଇଥିବା ଏହି ସଂରକ୍ଷଣ ବ୍ୟବସ୍ଥାର କାର୍ଯ୍ୟକାଳ ୨୦୨୦ ଜାନୁୟାରୀ ୨୫ରେ ଶେଷ ହେବାକୁ ଥିଲା। ଏହା କାର୍ଯ୍ୟକାରୀ ହେଲେ ସଂରକ୍ଷଣ ଅବଧି ୨୦୩୦ ଜାନୁୟାରୀ ୨୫ ପର୍ଯ୍ୟନ୍ତ ବଳବତ୍ତର ରହିବ। ରାଜ୍ୟ ସଭାରେ ଗୁରୁବାର ଜୋର୍‌ଦାର ବିତର୍କ ପରେ ସର୍ବସମ୍ମତି କ୍ରମେ ବିଲ୍ ପାସ୍ ହୋଇଥିଲା। ଆଇନ ମନ୍ତ୍ରୀ ରବିଶଙ୍କର ପ୍ରସାଦ ଉକ୍ତ ବିଲ୍‌କୁ ଉପସ୍ଥାପନ କରିଥିଲେ। ବିଲ୍‌କୁ ନେଇ ପ୍ରସାଦ ଓ ବିରୋଧୀ ଦଳ ନେତା ଗୁଲାମ ନବୀ ଆଜାଦଙ୍କ ମଧ୍ୟରେ କଥା କଟାକଟି ପରେ କଂଗ୍ରେସ ସଦସ୍ୟମାନେ କକ୍ଷତ୍ୟାଗ କରିଥିଲେ। ତେବେ ଭୋଟ ଦେବାବେଳକୁ ସେମାନେ ଗୃହକୁ ଫେରିଆସିଥିଲେ।

## ନିର୍ଭୟା ବଳାତ୍କାରୀଙ୍କୁ ଖୁବ୍‌ଶୀଘ୍ର ହୋଇପାରେ ଫାଶୀ

# ଘାତକ ଯୋଗାଇବ ୟୁପି ଜେଲ୍ ବିଭାଗ

ଲକ୍ଷ୍ନୌ,୧୨ା୧୨(ପି.ଟି.)

ଆବଶ୍ୟକ ମାତ୍ରେ ୨ ଜଣ ଘାତକ ଯୋଗାଇଦେବାକୁ ତିହାର ଜେଲ୍ କର୍ତ୍ତୃପକ୍ଷ ଉତ୍ତରପ୍ରଦେଶର ଜେଲ୍ ବିଭାଗକୁ ପତ୍ର ଲେଖିଥିବା ଜଣାପଡିବା ପରେ ନିର୍ଭୟା ବଳାତ୍କାର ଓ ହତ୍ୟା ମାମଲାର ୪ ଅପରାଧୀଙ୍କୁ ଖୁବ୍‌ଶୀଘ୍ର ଫାଶୀ ଦିଆଯାଇପାରେ ବୋଲି ଚର୍ଚ୍ଚା ଜୋରଧରିଛି। ଘାତକ ଯୋଗାଇଦେବାକୁ ୟୁପି ଜେଲ୍ ବିଭାଗ ପ୍ରସ୍ତୁତ ଥିବା ଅତିରିକ୍ତ ମହାନିର୍ଦ୍ଦେଶକ (ଜେଲ୍) ଆନନ୍ଦ କୁମାର ଗୁରୁବାର ଖବରଦାତାମାନଙ୍କୁ କହିଛନ୍ତି। ଦୁଇଦିନ ପୂର୍ବରୁ ବକ୍ସାର ଜେଲ୍ କର୍ତ୍ତୃପକ୍ଷଙ୍କୁ ଫାଶୀ ଦଉଡ଼ି ଯୋଗାଇଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ତିହାର ଜେଲ୍‌ରେ ଫାଶୀ ଦେବା ପାଇଁ କେହି ଘାତକ ନ ଥିବାରୁ ଉତ୍ତରପ୍ରଦେଶ ଜେଲ୍ ବିଭାଗ ଅଧୀନରେ ଥିବା ୨ ଘାତକଙ୍କୁ ଏହି କାର୍ଯ୍ୟରେ ନିୟୋଜିତ କରିବାକୁ କର୍ତ୍ତୃପକ୍ଷ ଚାହୁଁଛନ୍ତି। ଏଥିପାଇଁ ତିହାର ଜେଲ୍ କର୍ତ୍ତୃପକ୍ଷ ଗତ ୯ ତାରିଖରେ ଫ୍ୟାକ୍ସ ଯୋଗେ ଅନୁରୋଧ କରିଥିଲେ। କାହାକୁ ଫାଶୀ ଦିଆଯିବ ତାହା ଜେଲ୍ କର୍ତ୍ତୃପକ୍ଷ ସ୍ପଷ୍ଟ ନ କରି କେବଳ ଆବଶ୍ୟକ ରହିଥିବା ପତ୍ରରେ ଉଲ୍ଲେଖ କରିଛନ୍ତି। ୨୦୧୨ ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାରେ ୪ ଅଭିଯୁକ୍ତ ପୱନ ଗୁପ୍ତା, ଅକ୍ଷୟ ଠାକୁର, ମୁକେଶ ସିଂ ଏବଂ ବିନୟ ଶର୍ମା ଦୁଇବର୍ଷ ହେଲା ଦୋଷୀସାବ୍ୟସ୍ତ ହୋଇ ମୃତ୍ୟୁଦଣ୍ଡାଦେଶ ପାଇଥିବାରୁ ସେମାନଙ୍କୁ ଫାଶୀ ଦିଆଯାଇପାରେ ବୋଲି କଳ୍ପନାଜଳ୍ପନା ପ୍ରକାଶ ପାଇଛି। ଅପରାଧୀମାନଙ୍କୁ ମାଣ୍ଡୋଲି ଜେଲ୍‌ରୁ ତିହାରକୁ ସ୍ଥାନାନ୍ତର କରାଯାଇଥିବାରୁ ୧୬ ତାରିଖରେ ସେମାନଙ୍କୁ ଫାଶୀ ମିଳିପାରେ ବୋଲି କୁହାଯାଉଛି। ତେବେ ନ୍ୟାୟିକ ପ୍ରକ୍ରିୟା ଶେଷ ନ ହେବା ପର୍ଯ୍ୟନ୍ତ ଫାଶୀ ଦିଆଯାଇପାରିବ ନାହିଁ ବୋଲି ସେମାନଙ୍କ ଓକିଲ କହିଛନ୍ତି। ଅପରାଧୀ ଅକ୍ଷୟ ସିଂ ଦାଖଲ କରିଥିବା ରିଭ୍ୟୁ ପିଟିଶନ୍ ଶୁଣାଣି ୧୭ ତାରିଖକୁ ଧାର୍ଯ୍ୟ ହୋଇଛି। ବିନୟ ଶର୍ମା ତାଙ୍କ କ୍ଷମା ଆବେଦନ ପ୍ରତ୍ୟାହାର କରିନେଇଛନ୍ତି। କ୍ୟୁରେଟିଭ୍ ପିଟିଶନ ସମେତ କେତେକ ନ୍ୟାୟିକ ପ୍ରକ୍ରିୟା ବାକି ରହିଥିବା ଆଇନଜୀବୀ ଏ.ପି. ସିଂ କହିଛନ୍ତି।

# ଧରିତ୍ରୀ
DHARITRI

ସମ୍ବଲପୁର, ଶୁକ୍ରବାର, ଡିସେମ୍ବର ୧୩/୨୦୧୯ | Sambalpur, Friday, December 13 / 2019 | ପୃଷ୍ଠା-୧




**୬୯ ବର୍ଷରେ ସୁପରଷ୍ଟାର ରଜନୀକାନ୍ତ**

ତାମିଲ, ତେଲୁଗୁ, ମାଲୟାଲମ୍, ବେଙ୍ଗଲୀ, ହିନ୍ଦୀ ଆଦି ଭାଷାରେ ୧୬୦ରୁ ଊର୍ଦ୍ଧ୍ୱ ଫିଲ୍ମରେ ଅଭିନୟ କରିଥିବା ସୁପରଷ୍ଟାର ରଜନୀକାନ୍ତ ୬୯ ବର୍ଷରେ ପଦାର୍ପଣ କରିଛନ୍ତି।

୧୦ ୧୨

**ନୂଆ ଭୂମିକାରେ ରୋହିତ**

ଭାରତୀୟ ଓପନର ରୋହିତ ଶର୍ମା ସ୍ପାନିଶ୍ ଫୁଟବଲ ଲିଗ୍ ଲା ଲିଗାର ପ୍ରଥମ ଭାରତୀୟ ବ୍ରାଣ୍ଡ୍ ଆମ୍ବାସାଡର ନିଯୁକ୍ତ ହୋଇଛନ୍ତି।



## ଉତ୍ତର-ପୂର୍ବରେ ନାଗରିକତ୍ୱ ବିଲ୍ ନିଆଁ

# ପୋଲିସ ଗୁଳିରେ ୩ ମୃତ

**ଗୁଆହାଟୀ/ନୂଆଦିଲ୍ଲୀ,୧୨।୧୨ (ପି.ଟି./ଆଇଏଏନ୍ଏସ୍)**

ନାଗରିକତ୍ୱ ସଂଶୋଧନ ବିଲ୍ ପାର୍ଲାମେଣ୍ଟରେ ଗୃହୀତ ହେବା ପରେ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକରେ ଏହାକୁ ବିରୋଧ ଜାରି ରହିଛି। ଆସାମରେ ଗୁରୁବାର ସ୍ଥିତି ଅଣାୟତ୍ତ ହୋଇପଡ଼ିଛି। ବିକ୍ଷୋଭକାରୀମାନେ ଜଣେ ବିଧାୟକଙ୍କ ବାସଭବନ ସମେତ କେତେକ ଅଫିସ ଓ ଯାନବାହନରେ ନିଆଁ ଲଗାଇଦେବା ସହ ଆସୋମ ଗଣ ପରିଷଦ(ଏଜିପି) ଅଫିସରେ ଭଙ୍ଗାରୁଜା କରିଛନ୍ତି। ଗୁଆହାଟୀରେ ପୋଲିସ ଗୁଳିରେ ୩ଜଣ ବିକ୍ଷୋଭକାରୀଙ୍କ ମୃତ୍ୟୁ ଘଟିଛି। ମୋବାଇଲ, ଇଣ୍ଟରନେଟ ସେବା ଉପରେ ଜାରି କଟକଣା ବଳବତ୍ତର ରହିଛି। ସେହିପରି ଉତ୍ତେଜନାପୂର୍ଣ୍ଣ ସ୍ଥିତିକୁ ଦୃଷ୍ଟିରେ ରଖି ଟ୍ରେନ୍ ଓ ବିମାନ ଚଳାଚଳକୁ ବନ୍ଦ କରାଯାଇଛି। ଗୁଆହାଟୀ ପୋଲିସ କମିଶନରଙ୍କୁ ହଟାଇ ଦିଆଯାଇଥିବାବେଳେ ରାଜ୍ୟର ଅନେକ ବରିଷ୍ଠ ପୋଲିସ ଅଧିକାରୀଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ଅଣାୟତ୍ତ ସ୍ଥିତିକୁ ନିୟନ୍ତ୍ରଣକୁ ଆଣିବା ପାଇଁ ମୁତୟନ ହୋଇଥିବା ସେନା ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ଆସାମ ମୁଖ୍ୟମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ଓ ରାଜ୍ୟପାଳ ଜଗଦୀଶ ମୁଖୀ ରାଜ୍ୟବାସୀଙ୍କୁ ଅନୁରୋଧ କରିଛନ୍ତି। କୌଣସି ପ୍ରକାର ଉତ୍ତେଜନାମୂଳକ କାର୍ଯ୍ୟକ୍ରମ ପ୍ରସାରଣ ନ କରିବା ପାଇଁ ଟିଭି ଚ୍ୟାନେଲଗୁଡ଼ିକ ଉପରେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ କଟକଣା ଜାରି କରାଯାଇଛି। ଇତିମଧ୍ୟରେ ନାଗରିକତ୍ୱ ବିଲ୍‌କୁ ନେଇ ଆସାମବାସୀ ଚିନ୍ତା କରନ୍ତୁ ନାହିଁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଶ୍ୱାସନା ଦେଇଛନ୍ତି। ବିଲ୍ ବିରୋଧରେ ବାମପନ୍ଥୀ ଦଳଗୁଡ଼ିକ ଆସନ୍ତା ୧୯ରେ ଦେଶବ୍ୟାପୀ ଆନ୍ଦୋଳନ କରିବା ପାଇଁ ଘୋଷଣା କରିଛନ୍ତି। ବିକ୍ଷୋଭ ଓ ଆନ୍ଦୋଳନ ଚାଲିଥିବାବେଳେ ବାଂଲାଦେଶ ବହିର୍ବ୍ୟାପାର ମନ୍ତ୍ରୀ ଏ.କେ. ଅବ୍ଦୁଲ ମୋମେନ ତାଙ୍କର ☞ପୃଷ୍ଠା-୨



ନାଗରିକତ୍ୱ ସଂଶୋଧନ ବିଲ୍‌କୁ ବିରୋଧ କରି ଗୁଆହାଟୀରେ ଜଳାପୋଡ଼ା କରୁଛନ୍ତି ବିକ୍ଷୋଭକାରୀ।

**ଆସାମ ସ୍ଥିତି ଅଣାୟତ୍ତ**

- ବିଧାୟକଙ୍କ ଘର ଜାଳିଦେଲେ ବିକ୍ଷୋଭକାରୀ
- ଗୁଆହାଟୀରେ ବ୍ୟାପକ ଜଳାପୋଡ଼ା, ଭଙ୍ଗାରୁଜା
- ବରିଷ୍ଠ ପୋଲିସ ଅଧିକାରୀଙ୍କୁ ବଦଳି
- ଟ୍ରେନ୍, ବିମାନ ଚଳାଚଳ ବନ୍ଦ
- ସ୍ଥିତି ନିୟନ୍ତ୍ରଣ ପାଇଁ ସେନାର ଫ୍ଲାଗ୍‌ମାର୍ଚ୍ଚ
- ଶାନ୍ତିରକ୍ଷା ପାଇଁ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧ

## ଫସିଛନ୍ତି ଓଡ଼ିଶା ଜୁନିୟର କ୍ରିକେଟର

### ବିସିସିଆଇର ସହାୟତା ଲୋଡ଼ିଲା ଓସିଏ



**କଟକ ଅଫିସ,୧୨।୧୨**

ନାଗରିକତ୍ୱ ସଂଶୋଧନ ବିଲ୍(ସିଏବି)କୁ ବିରୋଧ କରି ଆସାମରେ ନିଆଁ ଜଳୁଥିବା ବେଳେ ଏଥିରେ ଫସିଛନ୍ତି ଓଡ଼ିଶାର ୧୯ ବର୍ଷରୁ କମ୍ ଜୁନିୟର ବାଳକ ଦଳର କ୍ରିକେଟ ଖେଳାଳି। ବୁଧବାର ରାତିରୁ ଗୁଆହାଟୀର ହୋଟେଲ ଭାର୍ଗବ ଗ୍ରାଣ୍ଡରେ ଖେଳାଳିମାନେ ଏକପ୍ରକାର ବନ୍ଦ ହୋଇ ରହିଛନ୍ତି। ଆସାମର ରାସ୍ତାଘାଟରେ ବିକ୍ଷୋଭ ହେବା ସହ କର୍ଫ୍ୟୁ ଜାରି ହୋଇଛି। ଇଣ୍ଟରନେଟ୍ ☞ପୃଷ୍ଠା-୨

## ପ୍ରତିଷ୍ଠା ହେବ ୪ ଫ୍ୟାମିଲି କୋର୍ଟ

**ଭୁବନେଶ୍ୱର,୧୨।୧୨(ବ୍ୟୁରୋ):** ରାଜ୍ୟ ସରକାର ଖୁବ୍‌ଶୀଘ୍ର ୪ଟି ଫ୍ୟାମିଲି କୋର୍ଟ ପ୍ରତିଷ୍ଠା କରିବାକୁ ଯାଉଛନ୍ତି। ଏହି କୋର୍ଟଗୁଡ଼ିକ ଅନୁଗୋଳ, ରାୟଗଡ଼ା, ବୌଦ୍ଧ ଏବଂ ଜଗତ୍‌ସିଂହପୁର ଜିଲାରେ ପ୍ରତିଷ୍ଠା ହେବ। ଚଳିତ ବର୍ଷ ଅର୍ଥାତ୍ ୨୦୧୯-୨୦ରେ ଏହି କୋର୍ଟଗୁଡ଼ିକ ପ୍ରତିଷ୍ଠା ହେବ ବୋଲି ଆଇନ ମନ୍ତ୍ରୀ ପ୍ରତାପ ଜେନା ଗୁରୁବାର ସୂଚନା ଦେଇଛନ୍ତି।

## ଏମ୍‌କେସିଜିରେ ଏମ୍‌ସିଆଇର ଟିମ୍

### ସିଟ୍ ବୃଦ୍ଧି ପରେ ଭିତ୍ତିଭୂମି ଅନୁଧ୍ୟାନ

**ବ୍ରହ୍ମପୁର ଅଫିସ୍,୧୨।୧୨:** ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟକୁ ଗୁରୁବାର ମେଡ଼ିକାଲ୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ(ଏମ୍‌ସିଆଇ)ର ୪ଜଣିଆ ଟିମ୍ ପରିଦର୍ଶନରେ ଆସିଥିଲେ। ମାଡ୍ରାସ୍ ମେଡ଼ିକାଲ୍ କଲେଜର ଡା. ରମେଶ, ନାଗପୁରରୁ ଡା. ସୁବାସ ବି ଠାକ୍ରେ, ମହାରାଷ୍ଟ୍ରରୁ ଡା. ଏସ୍. ଶ୍ରୀବାନୀ ଏବଂ ଡା. ସୁଷମା ଯାଦବଙ୍କ ନେତୃତ୍ୱରେ ଗଠିତ ୪ ଟିମ୍ ପରିଦର୍ଶନ କରିଥିଲେ। କଲେଜରେ ସିଟ୍ ସଂଖ୍ୟା ୧୫୦ରୁ ୨୫୦କୁ ବୃଦ୍ଧି କରାଯାଇଛି। ଏଣୁ ସିଟ୍ ବୃଦ୍ଧି ପରେ ଭିତ୍ତିଭୂମି ଅନୁଧ୍ୟାନ କରିବାକୁ ଏହି ଟିମ୍ ଆସିଥିବା ସୂଚନା ମିଳିଛି। ଏହା ହେଉଛି ଏମ୍‌ସିଆଇର ଶେଷ ପରିଦର୍ଶନ। ପରିଦର୍ଶନ ପରେ ଏହି ଟିମ୍ ରାଜ୍ୟ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବ। ଗୁରୁବାର ପୂର୍ବାହ୍ନରେ ଏହି ଟିମ୍ ଏମ୍‌କେସିଜିରେ ପହଞ୍ଚିବା ପରେ ପ୍ରଥମେ ଡିନ୍ ପ୍ରଫେସର ଡା. ରାଧାମାଧବ ତ୍ରିପାଠୀଙ୍କୁ ସହ ଆଲୋଚନା କରିଥିଲେ। ଏହା ପରେ ଟିମ୍‌ର ୪ଜଣ ସଦସ୍ୟଙ୍କୁ ନେଇ ୪ ଟିମ୍ ଗଠନ କରାଯାଇଥିଲା। ଆସୋସିଏଟ୍ ପ୍ରଫେସର ଗଣେଶ୍ୱର ସେଠୀ ଏବଂ ସୁନିଲ ଅଗ୍ରୱାଲାଙ୍କ ସହ ବରିଷ୍ଠ ଡାକ୍ତରମାନେ ଟିମ୍‌ରେ ରହିଥିଲେ। ସ୍ତ୍ରୀ ଓ ପ୍ରସୂତି ବିଭାଗ, ଯକ୍ଷ୍ମା, ରେଡ଼ିଓଲୋଜି, ବାହ୍ୟ ଚିକିତ୍ସା, ପାଥୋଲୋଜି ସହ ମୋଟ ୨୭ ବିଭାଗକୁ ଏହି ଟିମ୍ ଯାଇଥିଲା। ଭିତ୍ତିଭୂମି, ରୋଗୀ ସେବା, ବିଭିନ୍ନ ଚିକିତ୍ସା ଏବଂ ପରୀକ୍ଷାଗୁଡ଼ିକ ଠିକ୍ ଭାବେ ହେଉଛି ନା ନାହିଁ, ତାର ଯାଞ୍ଚ କରିଥିଲେ। ପରିଦର୍ଶନ ସମୟରେ ମେଡ଼ିକାଲ୍ କଲେଜ ଛାତ୍ରୀଛାତ୍ରଙ୍କ ସହ ମଧ୍ୟ କଥା ହୋଇଥିଲେ।

## ତେଲଙ୍ଗାନା ଏନ୍‌କାଉଣ୍ଟର

# ବିଚାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୧୨।୧୨(ପି.ଟି.)**

ତେଲଙ୍ଗାନାର ମହିଳା ପ୍ରାଣୀ ଚିକିତ୍ସକ ଗଣବଳାତ୍କାର ଓ ହତ୍ୟା ଘଟଣାରେ ୪ ଅଭିଯୁକ୍ତଙ୍କୁ କେଉଁ ପରିସ୍ଥିତିରେ ଏନ୍‌କାଉଣ୍ଟର କରିବାକୁ ପୋଲିସ ବାଧ୍ୟ ହେଲା, ତାହାର ବିଚାର ବିଭାଗୀୟ ତଦନ୍ତ ଲାଗି ଗୁରୁବାର ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ସର୍ବୋଚ୍ଚ ଅଦାଲତର ପୂର୍ବତନ ବିଚାରପତି ଭି.ଏସ୍. ସିରପୁର୍‌କରଙ୍କ ଅଧ୍ୟକ୍ଷତାରେ ୩ ଜଣିଆ ତଦନ୍ତ କମିଶନ ଗଠନ କରାଯାଇଛି। ଏଥିରେ ବମ୍ବେ ହାଇକୋର୍ଟର ପୂର୍ବତନ ବିଚାରପତି ରେଖା ସୋନ୍ଦୁର ବାଲଡୋଟା ଏବଂ ପୂର୍ବତନ ସିବିଆଇ ନିର୍ଦ୍ଦେଶକ ଡି.ଆର୍. କାର୍ତ୍ତିକେୟନ ସଦସ୍ୟ ରହିଛନ୍ତି। ୬ ମାସ ମଧ୍ୟରେ ସୁପ୍ରିମକୋର୍ଟରେ ତଦନ୍ତ ରିପୋର୍ଟ ଦାଖଲ କରିବା ଲାଗି କମିଶନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରଧାନ ବିଚାରପତି ଏସ୍.ଏ. ବୋବ୍‌ଡେଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ଏସ୍.ଏ. ନାଜିର ଏବଂ ସଞ୍ଜୀବ ଖାନ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାରେ ତେଲଙ୍ଗାନା ହାଇକୋର୍ଟଙ୍କ ଶୁଣାଣି ଓ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ର ତଦନ୍ତ ଉପରେ ସ୍ଥଗିତାଦେଶ ଜାରି କରିଛନ୍ତି। ମାମଲାର ଏସ୍‌ଆଇଟି ରିପୋର୍ଟ ଅଦାଲତ ମାଗିଛନ୍ତି। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ କମିଶନଙ୍କ ବିଚାରାଧୀନ ଥିବା ଉକ୍ତ ମାମଲା ଉପରେ ଅନ୍ୟ ☞ପୃଷ୍ଠା-୨

# 'ମୋ ସରକାର'ରେ ସାମିଲ ହେଲା କୃଷି ବିଭାଗ

**ଭୁବନେଶ୍ୱର,୧୨।୧୨(ବ୍ୟୁରୋ)**

- ଚାଷୀଙ୍କ ସହ ସିଧାସଳଖ କଥାହେବେ ମୁଖ୍ୟମନ୍ତ୍ରୀ
- ନିଷ୍ଠାର ସହ କାର୍ଯ୍ୟ କରିବାକୁ ଅଧିକାରୀଙ୍କୁ ଆହ୍ୱାନ
- ଜାରି ହେଲା ଟୋଲ୍ ଫ୍ରି ନଂ.
- ପୋଖରୀ ଖନନ ଉପରେ ଗୁରୁତ୍ୱ
- କୃଷି ଅଧିକାରୀଙ୍କ ସହ ଆଲୋଚନା କଲେ ୫-ଟି ସଚିବ

ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ 'ମୋ ସରକାର' କାର୍ଯ୍ୟକ୍ରମରେ ସାମିଲ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆନୁଷ୍ଠାନିକ ଭାବେ ଗୁରୁବାର ଲୋକସେବା ଭବନରେ ଏହାର ଶୁଭାରମ୍ଭ କରିଛନ୍ତି। କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରକୃତ ମାଲିକ ଚାଷୀ। ତେଣୁ ସେମାନଙ୍କ ପାଇଁ ପ୍ରଣୟନ କରାଯାଇଥିବା ଯୋଜନା ଠିକ୍ ଭାବେ ତାଙ୍କ କାର୍ଯ୍ୟରେ ଆସୁଛି ନା ନାହିଁ, ତାହାକୁ ପରଖିବା 'ମୋ ସରକାର' କାର୍ଯ୍ୟକ୍ରମର ମୁଖ୍ୟ ଦାୟିତ୍ୱ ହେବ। ସେମାନଙ୍କ ସମସ୍ୟା ତଥା ଅଭିଯୋଗକୁ ଗ୍ରହଣ କରି ତୁରନ୍ତ ପଦକ୍ଷେପ ନେବା ବିଭାଗର ପ୍ରାଥମିକତା ହେବ।

କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୧୯୯୯ ମହାବାତ୍ୟାରେ ପ୍ରଭାବିତ ଲୋକଙ୍କୁ ରିଲିଫ୍ ଯୋଗାଣ ପାଇଁ ଓଡ଼ିଶାକୁ ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଥିଲା। ହେଲେ ବର୍ତ୍ତମାନ ସ୍ଥିତିରେ ପରିବର୍ତ୍ତନ ଆସିଛି। ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଶସ୍ୟ ଯୋଗାଣ କ୍ଷେତ୍ରରେ ଓଡ଼ିଶା ସାରା ଦେଶରେ ତୃତୀୟ ସ୍ଥାନ ହାସଲ କରିଛି। ରାଜ୍ୟକୁ ୫ ଥର କୃଷି ☞ପୃଷ୍ଠା-୨

## ■ଛତିଶଗଡ଼ ପୋଲିସର ଦାଦାଗିରି

# କୋର୍ଟଙ୍କ ନିର୍ଦ୍ଦେଶ ପରେ ଅଟକ ଧାନ ବୋଝେଇ ଗାଡ଼ି ଛାଡ଼ିଲା

**ଲଖନପୁର, ୧୨।୧୨ (ଡି.ଏନ୍.ଏ)**



ଅଟକ ଧାନ ବୋଝେଇ ଗାଡ଼ି।

ଝାରସୁଗୁଡା ଜିଲା ଲଖନପୁର ବ୍ଲକ୍ ସୀମାନ୍ତବର୍ତ୍ତୀ କନକତୋରା ଅଞ୍ଚଳରୁ ଛତିଶଗଡ ପୋଲିସ ବଳପୂର୍ବକ ଧାନବୋଝେଇ ଗାଡି ସହ ଭାଗଚାଷୀ ମନୋଜ ମେହେରଙ୍କୁ ଥାନାକୁ ଉଠାଇ ନେଇଥିଲା। ପରେ ଭାଗଚାଷୀ ମେହେରଙ୍କୁ ପୋଲିସ ଛାଡି ଦେଇ ଧାନ ବୋଝେଇ ଗାଡିକୁ ଜବତ କରିଥିଲା। ଏନେଇ ପୋଲିସ ଛତିଶଗଡ ରାୟଗଡ ଝୁଟ୍‌ମିଲ୍ ଥାନାରେ ଏକ ମାମଲା ରୁଜୁ କରିଥିଲା। ଓଡିଶା ସୀମାନ୍ତରେ ଛତିଶଗଡ ପୋଲିସର ଦବଙ୍ଗଗିରିକୁ ନେଇ ସୀମାନ୍ତବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଏନେଇ ସୀମାନ୍ତବାସୀ ରାସ୍ତା ଅବରୋଧ କରି ଅଟକ ଧାନବୋଝେଇ ଗାଡି ନ ଛାଡିଲେ ଛତିଶଗଡର ଯାନବାହନକୁ ଓଡିଶାକୁ ପ୍ରବେଶ କରାଇଦେବେ ନାହିଁ ବୋଲି ଜିଦରେ ଅଟଳ ରହିଥିଲେ। ଏଥିରେ ଜିଲାପ୍ରଶାସନ ଓ ପୋଲିସ ହସ୍ତକ୍ଷେପ କରି ଛତିଶଗଡ ପ୍ରଶାସନ ସହିତ ଆଲୋଚନା କରିଥିଲେ। ତା'ପରେ ଏକତାଳ ପଞ୍ଚାୟତ ସରପଞ୍ଚ ଚନ୍ଦ୍ରଶେଖର ସିଦ୍ଦାରଙ୍କୁ ସାଙ୍ଗରେ ଧରି ରେଙ୍ଗାଲି ଥାନା ପୋଲିସ ରାୟଗଡ କୋର୍ଟରୁ ରିଲିଜ୍ ଅର୍ଡର କଲାପରେ ଝୁଟମିଲ୍ ଥାନା ପୋଲିସ ଗତ ବୁଧବାର ରାତିରେ ଅଟକ ଗାଡିକୁ ଛାଡିଛି। ରେଙ୍ଗାଲି ଥାନା ପୋଲିସ ଧାନବୋଝେଇ ଗାଡିକୁ ଭାଗଚାଷୀ ମେହେରଙ୍କୁ ହସ୍ତାନ୍ତର କରିଛି। ଧାନ ବୋଝେଇ ଗାଡିପାଇବା ପରେ ୫ଦିନ ଧରି ଚାଲିଥିବା ବାଦବିବାଦର ଅନ୍ତ ଘଟିଛି।

## ପାଣିରେ ବୁଡି ୨ ଶିଶୁ କନ୍ୟା ମୃତ

**ସୋନପୁର,୧୨।୧୨(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ସୋନପୁର ଥାନା ମଲ୍ଲିକମୁଣ୍ଡା ଗ୍ରାମ ପୁଟକି ବନ୍ଧରେ ବୁଡି ୨ ଶିଶୁ କନ୍ୟାଙ୍କ ମୃତ୍ୟୁ ଘଟିଛି। ଗୁରୁବାର ମଧ୍ୟାହ୍ନରେ ଏହି ଘଟଣା ଘଟିଛି। ସୂଚନା ପାଇ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଜଳାଶୟରୁ ଶିଶୁ କନ୍ୟାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ହେଲେ ଡାକ୍ତର ଶିଶୁଦ୍ୱୟଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଶିଶୁଦ୍ୱୟ ହେଲେ ଉଗ୍ରସେନ ମହାନନ୍ଦଙ୍କ ଝିଅ ପିଙ୍କି(୫) ଓ ନୃପରାଜ ଲୁହାଙ୍କ ଝିଅ ରାକ୍ଷୀ(୮)। ଅଙ୍ଗନୱାଡିରେ ପଢୁଥିବା ପିଙ୍କି ଓ ତୃତୀୟ ଶ୍ରେଣୀ ଛାତ୍ରୀ ରାକ୍ଷୀ ଘରେ କାହାରିକୁ ନ ଜଣାଇ ସ୍ଥାନୀୟ ବନ୍ଧକୁ ଗାଧୋଇବା ପାଇଁ ଚାଲି ଯାଇଥିଲେ। ଶିଶୁମାନେ ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ☞ପୃଷ୍ଠା-୨


Vencobb Fresh Chicken — Taste the difference!

12.12.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 84 | 137 | 147 |
| CTC | 84 | 137 | 147 |
| DKL | 85 | 139 | 149 |
| BDK | 79 | 131 | 141 |
| BLS | 79 | 131 | 141 |
| ANG | 85 | 139 | 149 |
| BHM | 85 | 139 | 149 |

*Conditions Apply

Issued in the Interest of Consumers







ଭଲ କାମଟିଏ କଲେ ବିଳମ୍ବରେ ହେଉ
ପଛକେ ନିଶ୍ଚୟ ପୁରସ୍କାର ମିଳେ।
- ଭଲଟାୟାର






# ଓଏସ୍ଏସ୍ସି ପରୀକ୍ଷା ସ୍ଥଗିତ

**ଭୁବନେଶ୍ୱର,୧୨।୧୨(ବ୍ୟୁରୋ)**

ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନ(ଓଏସ୍ଏସ୍ସି) ଦ୍ୱାରା ହେବାକୁ ଥିବା ପରୀକ୍ଷା ଏବଂ ନିଯୁକ୍ତି ପ୍ରକ୍ରିୟାକୁ ସ୍ଥଗିତ କରାଯାଇଛି। ଡିସେମ୍ବର ୧୮ରେ ହେବାକୁ ଥିବା ଡାଟା ଏଣ୍ଟ୍ରି ଅପରେଟର(ଏଚ୍ଓଡି)-୨୦୧୫ର ସାର୍ଟିଫିକେଶନ୍ ଭେରିଫିକେଶନକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖାଯାଇଛି। ସେହିଭଳି ଡିସେମ୍ବର ୨୨ରେ ଲାଇବ୍ରେରିଆନ୍/ଆସିଷ୍ଟାଣ୍ଟ ଲାଇବ୍ରେରିଆନ୍ ପଦ ପାଇଁ ହେବାକୁ ଥିବା ଲିଖିତ ପରୀକ୍ଷାକୁ ମଧ୍ୟ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖାଯାଇଛି। ଓଏସ୍ଏସ୍ସି ପକ୍ଷରୁ ଏଥିପାଇଁ କୌଣସି ନିର୍ଦ୍ଦିଷ୍ଟ କାରଣ ଦିଆଯାଇ ନ ଥିବାବେଳେ ଖୁବ୍ଶୀଘ୍ର ପରୀକ୍ଷା ସମ୍ପର୍କିତ ତାରିଖ ଏବଂ ସମୟ ପ୍ରକାଶ କରାଯିବ ବୋଲି କୁହାଯାଇଛି। ଏଥିପାଇଁ ପ୍ରାର୍ଥୀମାନଙ୍କୁ www.ossc.gov.in ୱେବ୍ସାଇଟ ଉପରେ ନଜର ରଖିବାକୁ କୁହାଯାଇଛି।

# ବାଳସୁଧାର ଗୃହକୁ ନେବା ବେଳେ ନାବାଳକ ଫେରାର

**କେନ୍ଦୁଝର/ରାଉରକେଲା ଅଫିସ/ଲହୁଣିପଡ଼ା,୧୨।୧୨(ସ୍ୱ.ପ୍ର./ଡି.ଏନ୍.ଏ.)**

କେନ୍ଦୁଝରରୁ ରାଉରକେଲାସ୍ଥିତ ଜୁଭେନାଇଲ ହୋମକୁ ପଠାଯାଉଥିବା ୯ନାବାଳକଙ୍କ ମଧ୍ୟରୁ ଜଣେ ବସ୍ରୁ ଅଧାରାସ୍ତାରେ ଫେରାର ହୋଇଯାଇଥିଲେ। କୋହଳ ସୁରକ୍ଷା ବ୍ୟବସ୍ଥାରେ ସେମାନଙ୍କୁ ନିଆଯାଉଥିବା ବେଳେ ଏଭଳି ଘଟଣା ଘଟିଛି। ତେବେ ଅପରାହ୍ଣରେ ପୋଲିସ ସଂପୃକ୍ତ ନାବାଳକଙ୍କୁ କେନ୍ଦୁଝରରୁ ଉଦ୍ଧାର କରିଛି। ସେମାନଙ୍କୁ ନେଇ ଯାଇଥିବା ବସ୍ରେ ସୁରକ୍ଷା ପାଇଁ ୮ ଜଣ ପୋଲିସ ରହିବାର ନିୟମ ଥିଲେ ମଧ୍ୟ ୪ ଜଣ ଥିଲେ। ଏହାର ଉଚ୍ଚସ୍ତରୀୟ ତଦନ୍ତ ହେଲେ ସତ୍ୟାସତ୍ୟ ଜଣାପଡିବ ବୋଲି ଦାବି କରାଯାଇଛି। ଏନେଇ

## କେନ୍ଦୁଝରରୁ ଉଦ୍ଧାର କଲା ପୋଲିସ

ରିଜର୍ଭ ପୋଲିସ ଇନ୍ସପେକ୍ଟର ବିମଳ କୁମାର ରାଉତଙ୍କୁ ପଚାରିବାରୁ ସେ ଏ ନେଇ କିଛି କହି ନ ଥିଲେ। କେନ୍ଦୁଝର ଏସ୍ପି ମିତ୍ରଭାନୁ ମହାପାତ୍ରଙ୍କୁ ପଚାରିବାରୁ ଫେରାର ହୋଇଯାଇଥିବା ଜଣେ ନାବାଳକଙ୍କୁ ଉଦ୍ଧାର କରାଯାଇଛି। ତାଙ୍କୁ ଆସନ୍ତା କାଲି ବାଳସୁଧାର ଗୃହକୁ ପଠାଯିବ। ସେ ହରିଚନ୍ଦନପୁର ଥାନା ଅଞ୍ଚଳର ଏକ ମାମଲାରେ ଧରାପଡ଼ିଥିଲେ। ରାଉରକେଲା ଅଞ୍ଚଳରେ ଘଟଣା ଘଟିଥିବାରୁ ସେଠାକାର ଥାନାରେ ରିପୋର୍ଟ ହୋଇଥିଲା ବୋଲି ପୋଲିସ କହିଛି।

# ମୋବାଇଲ ଦୋକାନରୁ ଚୋରି

**ପାଇକମାଳ, ୧୨।୧୨ (ଡି.ଏନ.ଏ)**

ପାଇକମାଳ ମୁଖ୍ୟଛକରେ ଥିବା ଏକ ମୋବାଇଲ ଦୋକାନରୁ ବୁଧବାର ରାତିରେ ସଟର ତାଡି ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହୋଇଛି । ଏ ନେଇ ଦୋକାନ ମାଲିକ ପରମାନନ୍ଦ ସୁନା ପାଇକମାଳ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୨୨୬/୧୯) ରୁଜୁ କରି ତଦନ୍ତ ଚଳାଇଛି ।




# ଲିଙ୍ଗରାଜ ମନ୍ଦିର ପାଇଁ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା

**ଭୁବନେଶ୍ୱର,୧୨।୧୨(ବ୍ୟୁରୋ)**




- ଏହି ଐତିହ୍ୟ ପାଇଁ ଆମକୁ କିଛି ତ୍ୟାଗ କରିବାକୁ ପଡ଼ିବ: ମୁଖ୍ୟମନ୍ତ୍ରୀ
- ୬୬ ଏକରରେ ଆରମ୍ଭ ହେବ ଏକାମ୍ର ଯୋଜନା
- କାର୍ଯ୍ୟକାରୀ ହେବ ୯ ପ୍ରକଳ୍ପ
- ଉଠା ଦୋକାନୀଙ୍କୁ ଦୁଇଟି କିସ୍ତିରେ ୩୦ ହଜାର
- ପକ୍କାଘର ଦୋକାନୀଙ୍କୁ ପ୍ରତି ମାସରେ ମିଳିବ ୧୦ ହଜାର
- ବିଏମ୍ସି, ପର୍ଯ୍ୟଟନ ବିଭାଗ ମାର୍କେଟ କମ୍ପ୍ଲେକ୍ସରେ ଦୋକାନୀ ହେବେ ଥଇଥାନ

ପୁରୀ ପରେ ରାଜ୍ୟ ସରକାର ଭୁବନେଶ୍ୱର ଏକାମ୍ର କ୍ଷେତ୍ରର ବିକାଶ ପାଇଁ ଅଣ୍ଟା ଭିଡିଛନ୍ତି। ଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱ ବିକାଶ କରିବା ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରିଛନ୍ତି। ଗୁରୁବାର ଲୋକସେବା ଭବନଠାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପର୍ଯ୍ୟଟନ ପ୍ୟାକେଜ ସମ୍ପର୍କରେ ସ୍ପଷ୍ଟ କରିଛନ୍ତି। ଏହି ବୈଠକରେ ଶ୍ରୀମନ୍ଦିର ଭଳି ଶ୍ରୀଲିଙ୍ଗରାଜଙ୍କ ମନ୍ଦିର ପାଇଁ ସ୍ୱତନ୍ତ୍ର ଆଇନ ପ୍ରଣୟନ କରିବାକୁ ନିଷ୍ପତ୍ତି ହୋଇଛି। ଲିଙ୍ଗରାଜ ମନ୍ଦିରର ଗୌରବମୟ ଐତିହ୍ୟର ସଂରକ୍ଷଣ ପାଇଁ ରାଜ୍ୟ ସରକାର ୬୬ ଏକର ପରିବ୍ୟାପ୍ତ ଏକାମ୍ର କ୍ଷେତ୍ର ଯୋଜନା ଆରମ୍ଭ କରିବାକୁ ଯାଉଛନ୍ତି। ଏହି ଯୋଜନା ଅଧୀନରେ ୯ଟି ପ୍ରକଳ୍ପକୁ କାର୍ଯ୍ୟକାରୀ କରାଯିବ। ସେହି ପ୍ରକଳ୍ପଗୁଡିକ ହେଲା ସୁଦୃଶ୍ୟ ପ୍ରବେଶ ପଥ, ବିନ୍ଦୁସାଗର ପୁନରୁଦ୍ଧାର ଯୋଜନାରେ ବିଭିନ୍ନ ଐତିହ୍ୟ ପୁଷ୍କରିଣୀଗୁଡିକର ପୁନରୁଦ୍ଧାର, ଅତ୍ୟାଧୁନିକ ପାର୍କିଂ, ଲିଙ୍ଗରାଜ ଐତିହ୍ୟ ପ୍ରକଳ୍ପ, କେଦାରଗୌରୀ ଓ ମୁକ୍ତେଶ୍ୱର ପରିସରର ବିକାଶ ଓ ବିଭିନ୍ନ ସୁବିଧାସୁଯୋଗ, ଇ-ଅଟୋ କାର୍ଯ୍ୟକ୍ରମ, ଐତିହ୍ୟ ବ୍ୟାଖ୍ୟାନ କେନ୍ଦ୍ର ଏବଂ ଥାଇଥାନ ।

ଏହି ଯୋଜନାରେ ଶ୍ରୀଲିଙ୍ଗରାଜ ଥାନା ଓ ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟବୋର୍ଡ ଅଫିସ ଅନ୍ୟତ୍ର ସ୍ଥାନାନ୍ତର କରାଯିବ। ଟ୍ରାଫିକ୍ ହ୍ରାସ ଓ ଯାତାୟାତର ସୁବିଧା ପାଇଁ ତାଳେଶ୍ୱର ଛକଠାରୁ ବଢେଇବାଙ୍କ ଛକ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରାଯିବ। ୪ଟି ସ୍ଥାନରେ ପାର୍କିଂ ବ୍ୟବସ୍ଥା ମଧ୍ୟ କରାଯିବ। ଲିଙ୍ଗରାଜ ମନ୍ଦିର ସମ୍ମୁଖରେ ଉଦ୍ୟାନ ନିର୍ମାଣ ସହିତ ଏହାର ସୌନ୍ଦର୍ଯ୍ୟକରଣ କରାଯିବ। ମନ୍ଦିର ଚାରିପାଖରେ ପରିକ୍ରମା ପଥ ନିର୍ମାଣ ହେବ। ମନ୍ଦିର ସମ୍ମୁଖ ରାସ୍ତାରେ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯିବ। ଶ୍ରୀଲିଙ୍ଗରାଜଙ୍କ ଐତିହ୍ୟ ପ୍ରକଳ୍ପ ଅଧୀନରେ ଭକ୍ତମାନେ ଯେପରି ସୁବିଧାରେ ଦର୍ଶନ କରିପାରିବେ ସେଥିପାଇଁ ସମସ୍ତ ବ୍ୟବସ୍ଥା କରାଯିବ। ପର୍ଯ୍ୟଟକମାନଙ୍କ ପାଇଁ ବିଭିନ୍ନ ପ୍ରକାର ସୁବିଧା ସୁଯୋଗର ବିକାଶ କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ବିନ୍ଦୁସାଗର ଜଳକୁ ପରିଷ୍କାର କରିବା ପାଇଁ ଅତ୍ୟାଧୁନିକ ପଦ୍ଧତି ଗ୍ରହଣ କରାଯିବ। ଏଥିସହିତ କେଦାରଗୌରୀ, ପାପନାଶିନୀ, ଗୋଦାବରୀ, କୋଟିତୀର୍ଥ, ଗଙ୍ଗାଯମୁନା ଏବଂ ଦେବୀ ପାଦହରା ଐତିହ୍ୟ ପୁଷ୍କରିଣୀର ପୁନରୁଦ୍ଧାର ଓ ସଂରକ୍ଷଣ କରାଯିବ। ଲିଙ୍ଗରାଜ ମନ୍ଦିରର ନିରାପତ୍ତାକୁ ଆହୁରି ସୁଦୃଢ କରାଯିବ।

ଏହି ଯୋଜନା ଦ୍ୱାରା ଜୀବିକା ହରାଉଥିବା ଉଠା ଦୋକାନୀମାନଙ୍କୁ ଦୁଇଟି କିସ୍ତିରେ ୩୦ ହଜାର ଟଙ୍କା ସହାୟତା ଦିଆଯିବ। ଭେଣ୍ଡିଂଜୋନ କରାଯାଇ ସେମାନଙ୍କୁ ଥଇଥାନ କରାଯିବ। ପକ୍କାଘରେ ଥିବା ଦୋକାନ ଘର ଉଚ୍ଛେଦ ନିମନ୍ତେ ବ୍ୟବସାୟୀଙ୍କୁ ୧୨ ମାସ ପାଇଁ ମାସିକ ୧୦ ହଜାର ଟଙ୍କା ଲେଖାଏ ୧ ଲକ୍ଷ ୨୦ ହଜାର ଟଙ୍କାର ସହାୟତା ପ୍ରଦାନ କରାଯିବ। ପରବର୍ତ୍ତୀ ସମୟରେ ବିଏମ୍ସି, ପର୍ଯ୍ୟଟନ ବିଭାଗ ଦ୍ୱାରା ନିର୍ମିତ ମାର୍କେଟରେ ଅଥବା ନୂତନ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯାଇ ସେମାନଙ୍କୁ ଥଇଥାନ କରାଯିବ। ସ୍ଥିତିବାନ ଆବାସିକ ଗୃହ/ ବ୍ୟବସାୟିକ ଗୃହ ଉଚ୍ଛେଦ କ୍ଷେତ୍ରରେ କ୍ଷତିଗ୍ରସ୍ତଙ୍କ ସହିତ ଆଲୋଚନା କରାଯାଇ ନିୟମ ଅନୁସାରେ କ୍ଷତିପୂରଣ ଦିଆଯିବ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏକାମ୍ରକ୍ଷେତ୍ର ସାରା ଦେଶରେ ଏକ ପ୍ରମୁଖ ଶୈବପୀଠ। ବିଭିନ୍ନ ପୁରାଣରେ ଭୁବନେଶ୍ୱରକୁ ଦ୍ୱିତୀୟ କାଶୀ ଭାବେ ବର୍ଣ୍ଣନା କରାଯାଇଛି । ମହାପ୍ରଭୁ ଲିଙ୍ଗରାଜଙ୍କ ଦର୍ଶନ ପାଇଁ ପ୍ରତିଦିନ ସମଗ୍ର ଦେଶରୁ ହଜାର ହଜାର ଭକ୍ତ ଏକାମ୍ର କ୍ଷେତ୍ରକୁ ଆସିଥାଆନ୍ତି। ମନ୍ଦିର ନଗରୀ ଭାବେ ଏକାମ୍ରକ୍ଷେତ୍ର ବହୁ ପୁରାତନ କୀର୍ତ୍ତିରାଜିରେ ସୁଶୋଭିତ। ଏକାଦଶ ଶତାବ୍ଦୀରେ କଳିଙ୍ଗ ଶୈଳୀରେ ନିର୍ମିତ ଲିଙ୍ଗରାଜ ମନ୍ଦିର ଉତ୍କଳୀୟ ଶିଳ୍ପ କଳାର ଅନ୍ୟତମ ଶ୍ରେଷ୍ଠ ନିଦର୍ଶନ ଏବଂ ଓଡିଆ ଜାତିର ଅମୂଲ୍ୟ ସମ୍ପଦ। ୧ ହଜାର ବର୍ଷର ପୁରୁଣା ଲିଙ୍ଗରାଜ ମନ୍ଦିର ଲକ୍ଷ ଲକ୍ଷ ଭକ୍ତମାନଙ୍କ ଶ୍ରଦ୍ଧା ଓ ବିଶ୍ୱାସର ପ୍ରତୀକ। ଏହି ଐତିହ୍ୟ ଆମ ଗୌରବ ଓ ଆମର ଶ୍ରେଷ୍ଠ ପରିଚୟ । ଏହାର ସୁରକ୍ଷା ସହିତ ଭବିଷ୍ୟତ ପିଢି ପାଇଁ ଏହାକୁ ଉପଯୁକ୍ତ ସଂରକ୍ଷଣ ନିମନ୍ତେ ଆମକୁ କିଛି ତ୍ୟାଗ କରିବାର ଆବଶ୍ୟକତା ମଧ୍ୟ ରହିଛି। ଏହି ତ୍ୟାଗକୁ ମହାପ୍ରଭୁ ଲିଙ୍ଗରାଜଙ୍କ ସେବା ଭାବେ ଗ୍ରହଣ କରି ସରକାରଙ୍କ ବିକାଶ କାମରେ ସହଯୋଗ କରିବା ପାଇଁ ଆପଣମାନଙ୍କ ସହଯୋଗ କାମନା କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ବୈଠକରେ ଆଇନ ମନ୍ତ୍ରୀ ପ୍ରତାପ ଜେନା, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ମୁଖ୍ୟ ଶାସନ ସଚିବ ଅସୀତ ତ୍ରିପାଠୀ, ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର, ପୂର୍ତ୍ତ ସଚିବ ଏବଂ ଭୁବନେଶ୍ୱର ମହାନଗର ନିଗମ କମିଶନର ପ୍ରମୁଖ ଯୋଗ ଦେଇଥିଲେ।




# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଆର୍ବିଆଇ ଗଭର୍ନର



ଆର୍ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ୍ କରୁଛନ୍ତି।

**ଭୁବନେଶ୍ୱର,୧୨।୧୨(ବ୍ୟୁରୋ)**

ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ(ଆର୍ବିଆଇ) ଗଭର୍ନର ଶକ୍ତିକାନ୍ତ ଦାସ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଶକ୍ତିକାନ୍ତ ଅପରାହ୍ଣ ୫ଟା ୩୦ରେ ଲୋକସେବା ଭବନ ଗସ୍ତ କରି ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ସହ ବିଭିନ୍ନ ପ୍ରସଙ୍ଗ ନେଇ ସୌଜନ୍ୟମୂଳକ ଆଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହ ଭେଟ ପରେ ଆର୍ବିଆଇ ଗଭର୍ନର କହିଥିଲେ ଯେ, ସାକ୍ଷାତ ବହୁତ ଭଲ ଥିଲା। ମୋଟାମୋଟି ଭାବେ ରାଜ୍ୟର ଆର୍ଥିକ ବ୍ୟବସ୍ଥାର ଉନ୍ନତୀକରଣ, ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାର ପ୍ରସାର, ଡିଜିଟାଲ ଦେଣନେଣ, କୃଷିଋଣ ପ୍ରଦାନରେ ସରଳୀକରଣ ନେଇ ଆଲୋଚନା ହୋଇଥିଲା। ସେହିପରି ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନାର ସହାୟତା ରାଶି ଇ-କୁବେର ଜରିଆରେ ସିଧାସଳଖ ହିତାଧିକାରୀଙ୍କ ଆକାଉଣ୍ଟକୁ ପଠାଯାଉଛି। ଏହି ବ୍ୟବସ୍ଥାକୁ କିପରି ଆହୁରି ସୁଦୃଢ଼ କରିହେବ, ସେନେଇ ଆଲୋଚନା ହୋଇଥିବା ଶକ୍ତିକାନ୍ତ କହିଥିଲେ। ସେହିପରି ଦେଶର ଆର୍ଥିକ ସ୍ଥିତି ନେଇ ପଦକ୍ଷେପ ନେବାକୁ ବ୍ୟାଙ୍କ୍ଗୁଡିକୁ ସତର୍କ କରାଯାଇଥିଲା କି ବୋଲି ଗଣମାଧ୍ୟମ ପ୍ରତିନିଧିମାନେ ରିଜର୍ଭ ବ୍ୟାଙ୍କ୍ ଗଭର୍ନରଙ୍କୁ ପ୍ରଶ୍ନ କରିଥିଲେ। ଏହାର ଉତ୍ତର ରଖି ସେ କହିଥିଲେ ଯେ, କୌଣସି ଆଲର୍ଟ କରାଯାଇ ନ ଥିଲା। ନିୟମିତ ବ୍ୟବଧାନରେ ବ୍ୟାଙ୍କ୍ଗୁଡ଼ିକ ସହ ବୈଠକ ହୋଇଥାଏ। କିଛି ଗଣମାଧ୍ୟମରେ ଆଲର୍ଟ ସମ୍ପର୍କିତ ଯେଉଁ ଖବର ଆସିଥିଲା, ସେପରି କିଛି ନ ଥିଲା ବୋଲି ଶକ୍ତିକାନ୍ତ କହିଛନ୍ତି। କେବଳ ସାମ୍ପ୍ରତିକ ସ୍ଥିତିରେ ନୁହେଁ, ସବୁ ସମୟରେ ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ନୂଆ ନୂଆ ଆହ୍ୱାନ ଆସିଥାଏ। ତେଣୁ ବ୍ୟାଙ୍କ୍ ସବୁ ସମୟରେ ପ୍ରସ୍ତୁତ ରହିବା ଉଚିତ ବୋଲି ଶକ୍ତିକାନ୍ତ କହିଥିଲେ।

ଉଲ୍ଲେଖଯୋଗ୍ୟ, ଆର୍ବିଆଇ କେନ୍ଦ୍ରୀୟ ବୋର୍ଡର ଏକ ବୈଠକ ଶୁକ୍ରବାର ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବାକୁ ଯାଉଛି। ଶେଷଥର ପାଇଁ ୨୦୧୨ରେ ଏହି ବୈଠକ ହୋଇଥିଲା। ଏଥିରେ ଯୋଗଦେବା ପାଇଁ ଶକ୍ତିକାନ୍ତ ଓଡ଼ିଶା ଗସ୍ତ କରିଥିବା ଜଣାପଡ଼ିଛି।



# ସୁଧ ଆହୁରି କମାଅ

ଚଳିତ ମାସ ପ୍ରାରମ୍ଭରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ବେଞ୍ଚମାର୍କ ସୁଧହାର ଅପରିବର୍ତ୍ତିତ ରଖିବାକୁ ନିଷ୍ପତ୍ତି ନେଲେ। ଆଶା କରାଯାଉଥିଲା, ଜିଡିପି ନମ୍ବର ହ୍ରାସ ପାଇଥିବାରୁ ବ୍ୟାଙ୍କ ରେପୋ ରେଟ୍ ୨୫ ବେସିସ୍ ପଏଣ୍ଟ ହ୍ରାସ କରିବ। କିନ୍ତୁ ତାହା ହେଲା ନାହିଁ। ପରେ ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ ଏକ ସମୀକ୍ଷା ବୈଠକରେ ଗଣମାଧ୍ୟମକୁ କହିଛନ୍ତି ଯେ, ଗତ ଫେବୃଆରୀରୁ ଅଦ୍ୟାବଧି ବ୍ୟାଙ୍କ ମୋଟ ୧୩୫ ବେସିସ୍ ପଏଣ୍ଟ ହ୍ରାସ କରିସାରିଲାଣି। ଅଥଚ ବ୍ୟାଙ୍କଗୁଡ଼ିକ ଖାଉଟିମାନଙ୍କୁ ଋଣସୁଧରେ ମାତ୍ର ୪୦ ବେସିସ୍ ପଏଣ୍ଟ ବା ମୋଟ ହ୍ରାସର ୩୦ ପ୍ରତିଶତ ହ୍ରାସ କରିଛନ୍ତି। ବର୍ତ୍ତମାନ ରେପୋ ରେଟ୍ ୫.୫ ପ୍ରତିଶତ ରହିଛି, ଯାହା ୯ ବର୍ଷ ଭିତରେ ସବୁଠାରୁ କମ୍। ତେଣୁ କେନ୍ଦ୍ରୀୟ ବ୍ୟାଙ୍କ ପରବର୍ତ୍ତୀ ହ୍ରାସ କରିବା ପୂର୍ବରୁ ବ୍ୟାଙ୍କଗୁଡ଼ିକ ଋଣ ସୁଧହାର ହ୍ରାସ କରିବା ପାଇଁ ଅପେକ୍ଷା କରିବ। ଏହି ସମୀକ୍ଷା ବୈଠକ ପରେ ପରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ) ଋଣ ସୁଧହାରରେ ୧୦ ବେସିସ୍ ପଏଣ୍ଟ ହ୍ରାସ କରିଛି। ଏହା ଅତି ସାମାନ୍ୟ ହେଲେ ମଧ୍ୟ ବୃହତ୍ତମ ବାଣିଜ୍ୟିକ ବ୍ୟାଙ୍କର ଏହି ପଦକ୍ଷେପ ଦେଶର ବ୍ୟାଙ୍କିଂ ପରିବେଶରେ ଏକ ଅନୁକୂଳ ବାତାବରଣ ସୃଷ୍ଟି କରିଛି। ଏହା ପରେ ପରେ ୟୁକୋ ବ୍ୟାଙ୍କ ମଧ୍ୟ ଅନୁରୂପଭାବେ ସୁଧହାର ହ୍ରାସ କରିଛି। ଏହି ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମଧ୍ୟ ବାର୍ଷିକ ଏମ୍‌ସିଏଲ୍‌ଆର୍ ଭିତ୍ତିକ ସୁଧହାର ବିଭିନ୍ନ ବର୍ଗର ଋଣୀମାନଙ୍କ ଲାଗି ୨୦ ବେସିସ୍ ପଏଣ୍ଟ ପର୍ଯ୍ୟନ୍ତ ହ୍ରାସ କରିଛି। ଉଭୟ ରାଷ୍ଟ୍ରାୟତ୍ତ ଓ ଘରୋଇ ବ୍ୟାଙ୍କଗୁଡ଼ିକ ସେମାନଙ୍କର ମାର୍ଜିନାଲ କଷ୍ଟ ଅଫ୍ ଲେଣ୍ଡିଂ ରେଟ୍ (ଏମ୍‌ସିଏଲ୍‌ଆର୍) ହ୍ରାସ କରିବା ସହ ବାର୍ଷିକ ଏମ୍‌ସିଏଲ୍‌ଆର୍ ଭିତ୍ତିକ ଋଣ ସୁଧହାର ବିଭିନ୍ନ ବର୍ଗର ଋଣୀମାନଙ୍କ ଲାଗି ୨୦ ବେସିସ୍ ପଏଣ୍ଟ ପର୍ଯ୍ୟନ୍ତ ହ୍ରାସ କରିବା ଲାଗି ଆଗେଇ ଆସିଛନ୍ତି। ବ୍ୟାଙ୍କ ଅଫ୍ ବରୋଦା ଆଜିଠାରୁ ବାର୍ଷିକ ଏମ୍‌ସିଏଲ୍‌ଆର୍ ୦.୦୫ ପ୍ରତିଶତ ପଏଣ୍ଟରୁ ୮.୨୫ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ କରିଛି। ଏହା ସମସ୍ତ ଏମ୍‌ସିଏଲ୍‌ଆର୍ ସଂଯୁକ୍ତ ଋଣକୁ ଅନୁରୂପ ପରିମାଣରେ ଶସ୍ତା କରିବ ବୋଲି ଆଶା କରାଯାଉଛି। ମଙ୍ଗଳବାର ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ ସମସ୍ତ ପ୍ରକାର ଋଣ ଉପରେ ୫ରୁ ୧୦ ପଏଣ୍ଟ ସୁଧହାର ହ୍ରାସ କରିଛି। ଏହା ପରେ ଏହି ବ୍ୟାଙ୍କ ସମସ୍ତ ବର୍ଗର ଋଣୀଙ୍କ ପାଇଁ ଏମ୍‌ସିଏଲ୍‌ଆର୍ ୫ରୁ ୧୦ ବେସିସ୍ ପଏଣ୍ଟ ହ୍ରାସ କରିଥିବା ଘୋଷଣା କରିଛି। ଘରୋଇ ବ୍ୟାଙ୍କଗୁଡ଼ିକ ମଧ୍ୟରେ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ସମସ୍ତ ବର୍ଗର ଋଣୀଙ୍କ ପାଇଁ ଏମ୍‌ସିଏଲ୍‌ଆର୍ ୧୫ ବେସିସ୍ ପଏଣ୍ଟ ହ୍ରାସ କରିଛି। ଏହି ବ୍ୟାଙ୍କ ୬ ମାସିଆ ଏମ୍‌ସିଏଲ୍‌ଆର୍ ୧୦ ବେସିସ୍ ପଏଣ୍ଟରୁ ୮ ପ୍ରତିଶତ ଏବଂ ବର୍ଷିକିଆ ହାର ୧୫ ବେସିସ୍ ପଏଣ୍ଟରୁ ୮.୧୫ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ କରିଛି। କେନ୍ଦ୍ରୀୟ ବ୍ୟାଙ୍କ ରେପୋ ରେଟ୍ ଅପରିବର୍ତ୍ତିତ ରଖିବା ପରେ ଏପର୍ଯ୍ୟନ୍ତ ଛଅଟି ବ୍ୟାଙ୍କ ସେମାନଙ୍କ ଋଣ ସୁଧହାର ହ୍ରାସ କରିସାରିଲେଣି।

## ଆଜିର ଅର୍ଥନୀତି

ଉଲ୍ଲେଖନୀୟ ଯେ, ଆର୍‌ବିଆଇ ବିଭିନ୍ନ ପର୍ଯ୍ୟାୟରେ ମୋଟ ୧୩୫ ବେସିସ୍ ପଏଣ୍ଟ ରେପୋ ରେଟ୍ ହ୍ରାସ କରିବା ସହ ବ୍ୟାଙ୍କଗୁଡ଼ିକୁ ଅନୁରୂପ ପଦକ୍ଷେପ ନେବାକୁ ବା ଗ୍ରାହକମାନଙ୍କୁ ସୁଧହାର ହ୍ରାସର ଲାଭ ଦେବା ପାଇଁ ତାଗିଦ କରି ଆସୁଥିଲେ ମଧ୍ୟ ବ୍ୟାଙ୍କଗୁଡ଼ିକ ଗ୍ରାହକଙ୍କ ଋଣ ସୁଧହାର ହ୍ରାସ କରିବା ଦିଗରେ ପ୍ରାୟତଃ କୌଣସି ପଦକ୍ଷେପ ନେଉ ନ ଥିଲେ। ଦାସ ପିଏସ୍‌ବି ମୁଖ୍ୟଙ୍କୁ ନିୟମିତ ସମୟାନ୍ତରରେ ସାକ୍ଷାତ୍ କରି ଋଣ ସୁଧହାର ହ୍ରାସ କରିବା ପାଇଁ କହି ଆସୁଥିଲେ, ଯାହାଫଳରେ ଲୋକମାନେ ଅଧିକ ଋଣ ନେଇ ଖର୍ଚ୍ଚ କରିପାରିବେ ଏବଂ ଜିଡିପି ଅଭିବୃଦ୍ଧିରେ ଉନ୍ନତି ଆସିପାରିବ। କିନ୍ତୁ ବ୍ୟାଙ୍କଗୁଡ଼ିକ କିଛି କରୁ ନ ଥିଲେ। ଏଥର ଲୋକମାନେ ଆଶା କରିବା ସତ୍ତ୍ୱେ ଆର୍‌ବିଆଇ ରେପୋ ରେଟ୍ ହ୍ରାସ କଲା ନାହିଁ, ଅଥଚ ବ୍ୟାଙ୍କଗୁଡ଼ିକ ଅପ୍ରତ୍ୟାଶିତ ଭାବେ ଋଣ ସୁଧହାର ହ୍ରାସ କଲେ। ଗୃହଋଣ ସମେତ ଅଧିକାଂଶ ଖୁଚୁରା ଋଣ ହେଉଛି ବାର୍ଷିକ ମାର୍ଜିନାଲ କଷ୍ଟ ଅଫ୍ ଫଣ୍ଡ୍‌ସ ଭିତ୍ତିକ ସୁଧହାର ବର୍ଗର।

ତେବେ ବ୍ୟାଙ୍କଗୁଡ଼ିକର ବ୍ୟବହାରରେ ଏହି ପରିବର୍ତ୍ତନ ଆସିବାର କାରଣ କ'ଣ? ସେମାନେ ଅନୁଭବ କଲେ ଯେ ସେମାନେ ରେପୋ ରେଟ୍ ହ୍ରାସର ଲାଭ ଖାଉଟିମାନଙ୍କୁ ଦେବାରେ କୁଣ୍ଠା ପ୍ରକାଶ କରୁଥିବାରୁ ଆର୍‌ବିଆଇ ଏଥର ସୁଧହାର ହ୍ରାସ କଲା ନାହିଁ। ରେପୋ ରେଟ୍ ଅପରିବର୍ତ୍ତିତ ରହିଲେ ତା'ଦ୍ୱାରା ଗ୍ରାହକମାନଙ୍କ ଅପେକ୍ଷା ବ୍ୟାଙ୍କଗୁଡ଼ିକ ହିଁ ଅଧିକ ପ୍ରଭାବିତ ହେବେ। ପିଆଜ ପରି କେତେକ କୃଷି ସାମଗ୍ରୀ ବ୍ୟତୀତ ଅନ୍ୟ ସାମଗ୍ରୀଗୁଡ଼ିକ କ୍ଷେତ୍ରରେ ଯୋଗାଣ ନୁହେଁ, ବରଂ ଚାହିଦାରେ ହ୍ରାସ ଯୋଗୁ ବର୍ତ୍ତମାନ ଅର୍ଥନୀତିରେ ମାନ୍ଦାବସ୍ଥା ଦେଖାଦେଇଛି। ଲୋକଙ୍କ ପାଖରେ ଅଧିକ ଟଙ୍କା ନ ରହିଲେ ସେମାନେ ଖର୍ଚ୍ଚ କରନ୍ତି ନାହିଁ। ସୁଧହାର କମିଲେ ଲୋକମାନେ ଋଣ କରି ଅଧିକ ଖର୍ଚ୍ଚ କରିବାକୁ ଉତ୍ସାହିତ ହୁଅନ୍ତି। ବିଳମ୍ବରେ ହେଲେ ବି ବ୍ୟାଙ୍କଗୁଡ଼ିକ ଠିକ୍ ପଦକ୍ଷେପ ନେଇଛନ୍ତି। ଆମେ ଏହାକୁ ସ୍ୱାଗତ କରୁଛୁ। କିନ୍ତୁ ସେତିକି ଯଥେଷ୍ଟ ନୁହେଁ। ୧୦ରୁ ୨୦ ବେସିସ୍ ପଏଣ୍ଟ ସୁଧହାର ହ୍ରାସ ଅତି ସାମାନ୍ୟ ଓ ବହୁ ବିଳମ୍ବରେ କରାଯାଇଛି। ବ୍ୟାଙ୍କଗୁଡ଼ିକ ଏଭଳି ଶିଶୁ ପଦକ୍ଷେପରୁ ଆଉ ଟିକେ ଆଗକୁ ଯାଇ ଅନ୍ତତଃ ୫୦ ବେସିସ୍ ପଏଣ୍ଟ ସୁଧହାର ହ୍ରାସ କରିବା ଆବଶ୍ୟକ।

## ୨୫ ବର୍ଷ ତଳର ଧରିତ୍ରୀ

**୧୩ ଡିସେମ୍ବର ୧୯୯୪**

- ପାକିସ୍ତାନର କରାଚୀ ସହରରେ ସୃଷ୍ଟି ହୋଇଥିବା ଜାତିଗତ ହିଂସାରେ ୮୦ ଜଣ ବ୍ୟକ୍ତିଙ୍କର ମୃତ୍ୟୁ।
- ତେଲୁଗୁଦେଶମ୍ ନେତା ନନ୍ଦମୁରୀ ତାରକା(ଏନ୍.ଟି.ରାମାରାଓ) ରାମାରାଓ ଆନ୍ଧ୍ରପ୍ରଦେଶର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 9 | | B | C | | | | | A | | 5 | | | |
| 6 | D | | | | | | 4 | | C | | | A | | |
| 4 | 7 | | 8 | 0 | | | | | 2 | 3 | | | 1 | |
| | | | | 5 | | 0 | | 2 | | | | B | E | 4 |
| | E | | 7 | | 2 | | | | | | | | | 3 |
| | 0 | | | 7 | D | | | 3 | | 5 | 6 | | | |
| | | E | | | | D | | B | | | | | 2 | |
| 1 | 2 | | 0 | | 4 | | | | E | | | | | |
| 9 | 6 | | 1 | | | | | 8 | | | 4 | | | B |
| | | | | | | | | C | 7 | | | 9 | 6 | 5 |
| | | 7 | E | | B | 3 | 5 | 6 | | A | | C | | 0 |
| D | | | | | | 2 | | | 5 | | | 6 | 8 | |
| | | | | | 8 | | | 1 | | 6 | D | | | E |
| | | A | | | 3 | 8 | | | | | | | 9 | D |
| | | | 9 | | | | A | | | | 8 | 5 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | 9 | 3 | 2 | B | 7 | 4 | 1 | 0 | C | 6 | E | 5 | D | 8 |
| D | 0 | C | 3 | E | A | 8 | 5 | 9 | B | 1 | 4 | 6 | 7 | 2 |
| 7 | 1 | 8 | 5 | 0 | 4 | B | 6 | E | A | 2 | D | 3 | C | 9 |
| 2 | 4 | 5 | 1 | D | 6 | C | 7 | 3 | 8 | 0 | 9 | A | E | B |
| E | B | 6 | C | 8 | 9 | A | D | 2 | 3 | 7 | 5 | 1 | 0 | 4 |
| 5 | E | 1 | 7 | 4 | 3 | 6 | 9 | C | D | B | 2 | 0 | 8 | A |
| C | 3 | B | E | A | 1 | 2 | 4 | 7 | 5 | 8 | 0 | D | 9 | 6 |
| 6 | A | 7 | D | 2 | 8 | 0 | 3 | 1 | 9 | 4 | C | B | 5 | E |
| 0 | 2 | 9 | B | 6 | 5 | D | 8 | A | 7 | E | 1 | 4 | 3 | C |
| 4 | 8 | D | 0 | 9 | C | E | B | 5 | 6 | A | 3 | 7 | 2 | 1 |
| 1 | D | A | 6 | 7 | E | 3 | 2 | 8 | 0 | C | B | 9 | 4 | 5 |
| 8 | 5 | 0 | 9 | C | 2 | 1 | A | D | 4 | 3 | 6 | E | B | 7 |
| 3 | 7 | E | 4 | 1 | 0 | 9 | C | B | 2 | 5 | A | 8 | 6 | D |
| B | C | 4 | A | 5 | D | 7 | 0 | 6 | E | 9 | 8 | 2 | 1 | 3 |
| 9 | 6 | 2 | 8 | 3 | B | 5 | E | 4 | 1 | D | 7 | C | A | 0 |

ଗତକାଲିର ଉତ୍ତର



ତୁଷାରକାନ୍ତ

# ଗରିବଙ୍କ ଦ୍ୱାରା ଧନୀଙ୍କୁ ଭୋଟ୍

ଧରିତ୍ରୀ(୪।୧୧)ରେ ପ୍ରକାଶିତ ମୋ ପ୍ରବନ୍ଧ 'ମୋ ସରକାର: ଗାନ୍ଧୀରୁ ନବୀନ' ପଢ଼ି ମୋ ଭଳି ୭୦ ବର୍ଷରୁ ଅଧିକ ବୟସର କେତେଜଣ ଲୋକ ଫୋନ୍ ଯୋଗେ ପଚାରିଥିଲେ- ତେବେ ବାଟ କ'ଣ? ପ୍ରଥମ ଫୋନ୍ ପାଇବା ପରେ ମୁଁ ବିଶିଷ୍ଟ ଲେଖକ ଚିତ୍ତରଞ୍ଜନ ଦାସଙ୍କ 'ବିଦ୍ୟାବନ୍ତେ ଶୂନ' ପୁସ୍ତକରେ ଥିବା 'ଯିଏ ଯେଝା ପାଇଁ ଲାଗିଲେ' ପ୍ରବନ୍ଧଟିକୁ ଦାଗ ଦେଇ ରଖିଥିଲି ଓ ଫୋନ୍ ପାଇଲେ ସେ ପ୍ରବନ୍ଧଟିର ଶେଷ ପାରାଗ୍ରାଫ୍‌କୁ ସେମାନଙ୍କୁ ଶୁଣାଇଦେଇ, 'ଆଉ କିଛି ହେବାର ନାହିଁ' ବୋଲି କହୁଥିଲି। ସେହି ପାରାଗ୍ରାଫ୍‌ରେ ଲେଖା ଥିଲା-

''ଯିଏ ତ ଯେଝା ପାଇଁ ଲାଗିଲେ, ଯେଝା ନିଶକୁ ଦର୍ପଣ ଭିତରେ ଦେଖି ଫୁଲେଇ ହେଲେ। ତେବେ ଦେଶ ପାଇଁ, ମଣିଷ ପାଇଁ କିମ୍ବା ନ୍ୟାୟ ପାଇଁ କଥା କହିବାକୁ ଆଉ ବାକି କେଉଁମାନେ ରହିଲେ? ମାତ୍ର ଅଧିକରୁ ଅଧିକ ମଣିଷ ତଥାପି ଦେଶ ବିଷୟରେ ବକ୍ତୃତା ଦେଲେ। ଆଦର୍ଶ ବିଷୟରେ ପିଲାମାନଙ୍କୁ ତ୍ୟାଗର ଉଦ୍‌ବୋଧନ ଦେଲେ। ଏଣିକି ଚରିତ୍ର ବିଷୟରେ ଅଧିକ କଥା କୁହାଗଲା, ଧର୍ମସଭାରେ ଧର୍ମକଥାର ଉଦ୍‌ଗାର ହେଲା। ଶ୍ରଦ୍ଧାଳୁ ଶ୍ରୋତାମାନେ ରାତି ଅନିଦ୍ରା ହୋଇ ସେଇ ଶୁଣିଲେ, କୃତକୃତ୍ୟ ହେଲେ, ମର ଜୀବନକୁ ଧନ୍ୟ କଲେ, ପରଜୀବନ ପାଇଁ ପୁଣ୍ୟ କିଣି ରଖିଲେ। କିଏ କୋଉଠୁ ଛତରା ପିଲାଟିଏ ଯଦି ଏହିସବୁ ଆଖଡ଼ା ଭିତରେ ପଶିଯାଆନ୍ତା ଓ କେବଳ ଆପଣା ପାଇଁ ଲାଗିଥିବା ଏହି ମହାମଣିଷଙ୍କର ପିତ୍ତ ଭିତରେ ରହିଥିବା କଥାଟାକୁ ଖୋଲି କହିଦିଅନ୍ତା, ତେବେ ସତକୁ ସତ କେଡ଼େ ବଢ଼ିଆ କଥାଟିଏ ହୁଅନ୍ତା!''

ସେ ଯେଉଁ ଛତରାପିଲାଟି କଥା ଉଲ୍ଲେଖ କରିଥିଲେ, ସେଭଳି କିଛି ଛତରାପିଲା ମଝିରେ ବାହାରିଥିଲେ। କିନ୍ତୁ ସେମାନେ ତା' ପୂର୍ବରୁ ଗାନ୍ଧିଜୀ ଓ ଜୟପ୍ରକାଶଜୀଙ୍କ ଅନୁଗତଗଣ ଗାନ୍ଧିଜୀ ଓ ଜୟପ୍ରକାଶଙ୍କ ଆଦର୍ଶକୁ ଦଳିଚକଟି ଦେଇଥିଲା ଭଳି ନିଜ ଆଦର୍ଶକୁ ଦଳିଦେଇ ଗାନ୍ଧିଜୀ ଓ ଜୟପ୍ରକାଶଙ୍କ ଅନୁଗତମାନଙ୍କ ଭଳି ହୋଇଗଲେ। ଅତଏବ ଠିକ୍ ରାଜନୈତିକ ଦିଗ ନିର୍ଦ୍ଦେଶ ପାଇଁ ଆଉ କେହି ଦିଶୁ ନ ଥିବାରୁ ଫୋନ୍ କରୁଥିବା ବରିଷ୍ଠ ନାଗରିକମାନଙ୍କୁ କ'ଣ ବା ଉତ୍ତର ଦେଇଥାନ୍ତି! ଏଇ ହାଲିରେ ମହାରାଷ୍ଟ୍ରରେ ଯେଉଁ ପାଲା, ସେଥିରୁ ପ୍ରମାଣିତ ହେଲା ଯେ, 'ଅର୍ଥ, କ୍ଷମତା ଓ ସରକାରୀ କଳ ଥିଲେ ହାତରେ, କିବା ଅସମ୍ଭବ ଭାରତରେ।'

ରାଜନୀତି ଭଳି ପୁଣ୍ୟ କାମକୁ ଏମିତି କଳୁଷିତ ଓ ଅର୍ଥସର୍ବସ୍ୱ କରି ଦିଆଯାଉଛି ଯେ, ଏବେ ଅର୍ଥ ଓ ତଜ୍ଜନିତ ଗୁଣ୍ଡା ଓ ଖଣ୍ଡାବଳ ଆଗରେ ଚାଲିଲେ, ରାଜନୀତି ପଛରେ ଚାଲିଛି। ଯେଉଁ ଦଳର ଯେତେ ଅଧିକ ରୋଜଗାର, ସେ ଦଳର ସେତେ ଅଧିକ ଗୁଣ୍ଡା, ଖଣ୍ଡା ଓ ସେ ଜରିଆରେ ସେତେ ଅଧିକ ଭୋଟ୍। ଅଧିକ ଅର୍ଥ ପାଇଁ ଅନୀତିକୁ ନୀତି କରିଦିଆଯାଉଛି, ଯାହାର ପ୍ରମୁଖ ଉଦାହରଣ ହେଉଛି 'ଇଲେକ୍ଟୋରାଲ ବଣ୍ଡ୍'ର ପ୍ରଚଳନ ଓ 'ବିଦେଶୀ କମ୍ପାନୀରୁ ଚାନ୍ଦା ଗ୍ରହଣ କରା ନ ଯିବା' ଆଇନକୁ ବଦଳେଇ ଦିଆଯିବା।

'ଇଲେକ୍ଟୋରାଲ ବଣ୍ଡ୍' ଉପରେ ଗତମାସରେ ଧରିତ୍ରୀରେ ପ୍ରକାଶିତ ନୀତୀନ୍ ସେଠୀଙ୍କ ପ୍ରବନ୍ଧଗୁଡ଼ିକ ପାଠକେ ଅବଶ୍ୟ ପଢ଼ିଥିବେ। ତା'ସାଙ୍ଗକୁ ଅନ୍ୟ ଗୋଟିଏ ଭୟଙ୍କର ପଦକ୍ଷେପ ବି ନିଆଯାଇଛି, ସେଗୁଡ଼ିକର ବିବରଣୀ ନିମ୍ନରେ-

(କ) ଇଲେକ୍ଟୋରାଲ ବଣ୍ଡ ଆଇନ ଏକ କଳା ଆଇନ, ଯେଉଁଥିରେ କେଉଁ ରାଜନୈତିକ ଦଳକୁ କେଉଁ ଲୋକ ବା କମ୍ପାନୀ କେତେ ଚାନ୍ଦା ଦେଲେ, ତାହା କେବଳ ବ୍ୟାଙ୍କ ତଥା କେନ୍ଦ୍ର ସରକାର ଜାଣିବେ ଓ ଭୋଟରମାନେ କିଛି ଜାଣି ପାରିବେନି। ଏହା କେନ୍ଦ୍ର ସରକାରଙ୍କଠାରୁ ଫାଇଦା ପାଇବା ପାଇଁ ଲାଞ୍ଚ ଦିଆଯିବାର ଗୋଟିଏ ଅଭିନବ ଉପାୟ। ପୂର୍ବରୁ ନିୟମ ଥିଲା ଯେ କୌଣସି କମ୍ପାନୀ ଏହାର ଲାଭର ୭%ରୁ ଅଧିକ ଚାନ୍ଦା ଦେଇପାରିବ ନାହିଁ ଏବଂ ୩ ବର୍ଷରୁ କମ୍ ଅବଧିର କମ୍ପାନୀ ଚାନ୍ଦା ଦେଇପାରିବ ନାହିଁ। ଏହି ଦୁଇଟି ନିୟମକୁ ବି ଉଠେଇ ଦିଆଯାଇଛି, ଯାହାଦ୍ୱାରା ଯେତିକି ଟଙ୍କାର କାମ ପାଇବାକୁ ଇଚ୍ଛା, ସେଇ ଅନୁପାତରେ ଇଲେକ୍ଟୋରାଲ ବଣ୍ଡ୍ କିଣି ଶାସନରେ ଥିବା ଦଳକୁ ଦେବାକୁ ବାଟ ଖୋଲିଯାଇଛି। ବିମୁଦ୍ରୀକରଣର ମୂଳ ଉଦ୍ଦେଶ୍ୟ 'କଳାଟଙ୍କା ବିଲୋପ' ବୁଲିବୁଲି 'ଡିଜିଟାଲ ଇଣ୍ଡିଆ'ରେ ପହଞ୍ଚିଲା ଅଥଚ ଭାଜପା ଡିଜିଟାଲ ପ୍ରଣାଳୀରେ ଚାନ୍ଦା ନ ନେଇ ଦାତାଙ୍କ ନାମ ଲୁଚେଇବାକୁ ଏପରି ବାଟ କାଢ଼ିଛି। ଏ ବାବଦରେ ରିଜର୍ଭ ବ୍ୟାଙ୍କ ଓ ନିର୍ବାଚନ କମିଶନଙ୍କ ସୁପାରିସକୁ ମଧ୍ୟ ଅଣଦେଖା କରାଯାଇଛି। ୨୦୧୮ ଏପ୍ରିଲରେ ପ୍ରଥମ ବଣ୍ଡ ବିକ୍ରି କରାଯିବାର ଥିଲେ ମଧ୍ୟ ତା' ପୂର୍ବ ମାର୍ଚ୍ଚ ମାସରେ ଏହା ବିକ୍ରି କରାଯାଇଛି। ଏ ଜରିଆରେ ଚାନ୍ଦାର ୯୫% ଅର୍ଥ ଭାଜପା ପାଇଛି।

(ଖ) ୧୯୭୬ ଅଗଷ୍ଟ ୫ରେ ରାଜନୈତିକ ଦଳଗୁଡ଼ିକୁ ବିଦେଶରେ ରେଜିଷ୍ଟ୍ରିଭୁକ୍ତ କମ୍ପାନୀରୁ ଚାନ୍ଦା ଗ୍ରହଣ କରିବାକୁ ବାରଣ କରାଯାଇଥିଲା। ଏହି ନିୟମକୁ ଅଣଦେଖା କରି ଭାଜପା ଓ କଂଗ୍ରେସ ଦଳ ବିଦେଶରେ ପଞ୍ଜୀକୃତ କମ୍ପାନୀରୁ ୨୦୧୨ ମସିହାରେ ଚାନ୍ଦା ନେଇଥିଲେ। ଏହି ବେନିୟମ କାମ ବିରୋଧରେ Association for Democratic Rights (ADR) ନାମକ ସଂସ୍ଥା ଦିଲ୍ଲୀ ହାଇକୋର୍ଟରେ ମକଦ୍ଦମା କରିଥିଲା। ମକଦ୍ଦମାର ବିଚାରକରି ଦୁଇଜଣ ବିଚାରପତି କହିଥିଲେ ଯେ, 'ଦୁଇଟିଯାକ ଦଳ ଭୁଲ୍ କରିଛନ୍ତି' ଓ କେନ୍ଦ୍ର ସ୍ୱରାଷ୍ଟ୍ର ବିଭାଗ ତଥା ନିର୍ବାଚନ କମିଶନଙ୍କୁ ଦୁଇଟି ଯାକ ଦଳ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

ନିର୍ବାଚନ କମିଶନ ତଥା ସାମ୍ବିଧାନିକ ସଂସ୍ଥାଗୁଡ଼ିକ ଆପାତତଃ କେନ୍ଦ୍ରରେ ଥିବା ସରକାରଙ୍କ ହାତବାରିସି ହୋଇଯାଇଥିବାରୁ ତଥା ଏହାର ପ୍ରମୁଖମାନେ ଅବସର ପରେ ପୁଣି ଲୋଭନୀୟ ପଦବୀରେ ଅଧିଷ୍ଠିତ ହେବାକୁ ଲାଳାୟିତ ଥିବାରୁ ନିର୍ବାଚନ କମିଶନଙ୍କ ତରଫରୁ ଏଭଳି ନିର୍ଦ୍ଦେଶ ବିରୋଧରେ କିଛି କରାଗଲା ନାହିଁ। ସ୍ୱରାଷ୍ଟ୍ର ବିଭାଗର ମନ୍ତ୍ରୀ ଥିଲେ ଭାଜପାର ରାଜନାଥ ସିଂ, ଯିଏ ନିଜ ଦଳର ସ୍ୱାର୍ଥ ବିରୋଧରେ ଯାଇ କିଛି ପଦକ୍ଷେପ ଗ୍ରହଣ କରିବାର ନ ଥିଲା। କିନ୍ତୁ ବିଚାରାଳୟର ରାୟକୁ କାର୍ଯ୍ୟକାରୀ ନ କରେଇଲେ ଅସୁବିଧା ହୁଏ ବୋଲି ଦୁଇଟି ଯାକ ଦଳ ସୁପ୍ରିମ୍‌କୋର୍ଟର ଆଶ୍ରୟ ନେଇଥିଲେ। ସୁପ୍ରିମ୍‌କୋର୍ଟ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟର ରାୟକୁ ଖାରଜ କରିବା ସମ୍ଭାବନା ନ ଥିବାରୁ ୨୦୧୭ ମସିହା କେନ୍ଦ୍ର ବଜେଟ ଅଧିବେଶନରେ ୧୯୭୬ ମସିହାର ନିୟମକୁ ପିଛିଲା ୨୦୧୦ ମସିହାରୁ ବଦଳାଇ ଦିଆଯାଇଥିଲା ଓ ସୁପ୍ରିମ୍‌କୋର୍ଟରୁ କେସ୍ ପ୍ରତ୍ୟାହାର କରାଯାଇଥିଲା। କିନ୍ତୁ ଯେତେବେଳେ ଜଣାପଡ଼ିଲା ଯେ ୨୦୧୦ ମସିହାରେ ବଦଳାଯାଇଥିବା ନିୟମ ବି କାମ କରିବ ନାହିଁ, ୨୦୧୮ ମସିହା ବଜେଟ ଅଧିବେଶନରେ କଂଗ୍ରେସ ଦଳ ସହାୟତାରେ ସେହି ନିୟମକୁ ୪୨ ବର୍ଷ ପୂର୍ବରୁ ତା୫।୮।୧୯୭୬ରିଖରୁ ବଦଳେଇ ଦିଆଗଲା, ଅର୍ଥାତ୍ 'କଂଗ୍ରେସମୁକ୍ତ ଭାରତ' ଡାକରା ଦେଉଥିବା ମୋଦିଜୀ ଓ 'ଚୌକିଦାର ଚୋର୍ ହେ' ଚିଲାଉଥିବା ରାହୁଲ ଗାନ୍ଧୀ 'ଦୋଷ ଓ ଦଣ୍ଡମୁକ୍ତ' ହେବାକୁ ଏକାଠି ହୋଇଗଲେ।

ଚାନ୍ଦା ଦେଇଥିବା କମ୍ପାନୀର ଗୋଟିଏ କାରଖାନା ପାଇଁ ଡ. ମନମୋହନ ସିଂହଙ୍କ ସରକାର ଜନଶୁଣାଣି ନ କରି ଅନୁମତି ଦେଇଥିଲେ। ୨୦୧୪ ଡିସେମ୍ବରରେ ମୋଦିଜୀଙ୍କ ସରକାର ବି ସେହି ଚାନ୍ଦାଦାତା କମ୍ପାନୀକୁ ଏ ଦିଗରେ ସାହାଯ୍ୟ କରିଥିଲେ।

ଆଜିର ରାଜନୀତି ପାଇଁ 'ଅର୍ଥ' ଯେ ଏକମାତ୍ର ଅସ୍ତ୍ର, ତାହାର ପ୍ରମାଣ ହେଉଛି- (୧) ଅନ୍ୟ ସମୟରେ ଲୋକଙ୍କ ହାତରେ ଯେତିକି ଅର୍ଥ ଥାଏ, ଭୋଟ୍ ପୂର୍ବରୁ ସେଥିରେ ବୃଦ୍ଧି ଘଟିଥାଏ। (୨) ୨୦୧୯ ନିର୍ବାଚନବେଳେ ପୂର୍ବବର୍ଷ ଅପେକ୍ଷା ୧୭.୩% ଅଧିକ ଅର୍ଥର ପ୍ରଚଳନ ଥିଲା। (୩) ବିଗତ ସାତଟି ସଂସଦୀୟ ନିର୍ବାଚନ ତୁଳନାରେ ୨୦୧୯ରେ ସର୍ବାଧିକ ଅର୍ଥ ପ୍ରଚଳନ ହୋଇଥିଲା। (୪) Cost of Democracy ବହିରେ, ଏହାର ରଚୟିତା ମିଲନ ବୈଷ୍ଣବ ଓ ଦେବେଶ କପୁର ୨୦୧୯ ସଂସଦୀୟ ନିର୍ବାଚନ ପୂର୍ବରୁ ଲେଖିଥିଲେ, ''ଏଥର ନିର୍ବାଚନରେ ପ୍ରାୟ ୭୦,୦୦୦ କୋଟି ଟଙ୍କା ଖର୍ଚ୍ଚ ହେବ, ଯାହା ୨୦୧୬ ମସିହାରେ ଆମେରିକାର ରାଷ୍ଟ୍ରପତି ନିର୍ବାଚନ ଖର୍ଚ୍ଚରୁ ଅଧିକ।'' (୫) ଯେଉଁଠି ଦେଶର ୧୩୦ କୋଟିରୁ ଅଧିକ ଲୋକଙ୍କ ଭିତରୁ ମାତ୍ର ୮୧ ହଜାର କୋଟିପତି ବୋଲି ଟିକସ ଦାଖଲ ଜରିଆରେ ଜଣାନ୍ତି, ସେଠି ସଂସଦର ସଭ୍ୟମାନଙ୍କ ଭିତରୁ ୮୦%ରୁ ଅଧିକ କୋଟିପତି ଥିବା ପ୍ରମାଣ କରେ ଯେ, 'ଅର୍ଥ ଥିଲେ ହିଁ ନିର୍ବାଚନ ଲଢ଼ିହେବ'। (୬) ସାଧାରଣତଃ ଗରିବ ଲୋକମାନେ ଭୋଟଦାନ କରୁଥିବାରୁ ଆମ ନିର୍ବାଚନ ପ୍ରକ୍ରିୟାକୁ 'ଗରିବଙ୍କ ଦ୍ୱାରା ଧନୀଙ୍କୁ ଭୋଟ୍‌ଦାନ' ବୋଲି କୁହାଯାଇପାରେ। (୭) ବଡ଼ ବଡ଼ ଦୁର୍ନୀତିକୁ ନେଇ ରଡ଼ି ଛାଡୁଥିବା ଗଣମାଧ୍ୟମକୁ ଆମ ନିର୍ବାଚନ ପ୍ରକ୍ରିୟାରେ ଗୁରୁତ୍ୱ ଦିଆଯାଏ ନାହିଁ। ଭୋଟ୍‌ଗଣତି ପରେ ଭୋଟ୍ ଖର୍ଚ୍ଚ ଉପରେ ଆଉ ଆଲୋଚନା ହୁଏନାହିଁ। ତେଣୁ ବୟସ୍କମାନଙ୍କ ପ୍ରଶ୍ନର ଉତ୍ତର ମୋ ପାଖରେ ନାହିଁ। ରକ୍ଷା ହୋଇଛି ଯେ, ଯୁବକମାନେ ଏ ପ୍ରକାର ପ୍ରଶ୍ନ ପଚାରୁ ନାହାନ୍ତି।

tusar1950kanta@gmail.com



ଉପେନ୍ଦ୍ର ବିଶ୍ୱାଳ

# ବହିର ବୁନିଆଦି ଓ ପୁସ୍ତକମେଳା

ପ୍ରଖ୍ୟାତ ନାଟ୍ୟକାର ଡ. ଗିରୀଶ ଚନ୍ଦ୍ର ଘୋଷ ଥିଲେ ବଙ୍ଗ ନାଟ୍ୟ ଜଗତର ଜନକ। ଏକଦା ସାଂସାରିକ ମୋହ-ମାୟା ପ୍ରତି ତାଙ୍କର ବୀତସ୍ପୃହ ଭାବ ଆସିଛି। ତପସ୍ୟା ପାଇଁ ବାହାରିଲେ ହିମାଳୟ ଯାତ୍ରାରେ। ତା' ପୂର୍ବରୁ ମା' ସାରଦା ଦେବୀ ଓ ଠାକୁରଙ୍କୁ ଭେଟି ଅନ୍ତରର ଅଭିଳାଷ ବାଢ଼ିଲେ। ସେଇଠୁ ଅତି ବ୍ୟତିବ୍ୟସ୍ତ ହୋଇ ମା' କହିଲେ, ତୁମ ନାଟକ ଦ୍ୱାରା ତ ହଜାର ହଜାର ଲୋକ ଉଦ୍‌ବୁଦ୍ଧ ଓ ଅନୁପ୍ରାଣିତ। ସାମାଜିକ ଜାଗରଣ ଓ ସଚେତନତା ସୃଷ୍ଟି କରିବାରେ ବେଶ୍ ସହାୟକ ହେଉଛି ତୁମ ନାଟକ। ହିମାଳୟରେ ସାଧନା ଦ୍ୱାରା ତୁମେ ହୁଏ ତ ଆତ୍ମସିଦ୍ଧି ଲାଭ କରିବ, ମାତ୍ର ସମାଜର ଏହାଦ୍ୱାରା କି ଲାଭ ହେବ? ସମାଜ ଯେତେବେଳେ ଯାବତୀୟ ଯନ୍ତ୍ରଣାରେ ଶଢ଼ୁଛି, ସେତେବେଳେ ତା'ର ଉପଶମ ପାଇଁ ତୁମ କଲମର ଯଥେଷ୍ଟ ଗୁରୁଦାୟିତ୍ୱ ରହିଛି। ସମାଜକୁ ଦଗ୍‌ଦର୍ଶନ ଦେବାକୁ ଭଗବାନ ତୁମକୁ କଲମ ଧରାଇଛନ୍ତି। ଦାୟିତ୍ୱକୁ ଅଣଦେଖା କରି କଲମ ଛାଡ଼ି ହିମାଳୟ ଯିବାଟା ଈଶ୍ୱରଙ୍କ ପ୍ରତି ଏକପ୍ରକାର ଅସମ୍ମାନ ନୁହଁ କି? ବାଧ ଶିଶୁସମ ମା'ଙ୍କ ନିର୍ଦ୍ଦେଶକୁ ମାନି ନେଇଥିଲେ ସେଦିନ ସେ। ଆଉ ଏକ ସୁନ୍ଦର କଥାଟିଏ ସେହି ସାହିତ୍ୟକୁ ନେଇ।

ପ୍ରାକ୍‌ସ୍ୱାଧୀନତା କାଳରେ ବଙ୍ଗଭୂମିର ବିଖ୍ୟାତ ବାରିଷ୍ଟର କୁମୁଦ ସେନ୍‌ଙ୍କ କନ୍ୟା ଥିଲେ ମାଳତୀ ଦେବୀ। ନବକୃଷ୍ଣ ଚୌଧୁରୀଙ୍କ ସହିତ ବିବାହ କଥା ପଡ଼ିଥାଏ। ପିତୃହୀନା କନ୍ୟାଟିର ସମ୍ପୂର୍ଣ୍ଣ ଦାୟିତ୍ୱ ତୁଲାଉଥାନ୍ତି ମାତା ସ୍ନେହଲତା ଦେବୀ। ଅତି ବିଶ୍ୱସ୍ତ ଜଣେ ଦୂତଙ୍କୁ ଚତୁରତାର ସହିତ ପଠାଇଲେ ନବକୃଷ୍ଣ ବାବୁଙ୍କ ଘରକୁ ସତ୍ ସାହିତ୍ୟ ସହିତ ବହିର ଗନ୍ତାଘରଟିଏ ଅଛି କି ନାହିଁ ଜାଣିବାକୁ ଇଚ୍ଛାକରି। ଦୂତ ଜଣକ ସକାରାତ୍ମକ ମତ ଦେବା ପରେ ସମ୍ପନ୍ନ ହୋଇଥିଲା ବିବାହ। ଅର୍ଥାତ୍ ସତ୍ ସାହିତ୍ୟ ହିଁ ଥିଲା ଚୌଧୁରୀ ପରିବାରର ପରିଚୟପତ୍ର। ବହି ବତାଇଥିଲା ବଂଶ ବୁନିୟାଦିର ବିଚାରବୋଧକୁ। ଏହିପରି ବହିଟିଏ ହେଉଛି ଦୁନିଆ ସମ୍ପର୍କରେ ଏକ ଦୃଷ୍ଟିକୋଣ। ସାହିତ୍ୟ ହେଉଛି ସାମାଜିକ ସଚେତନତାର ସୂତ୍ରଧର। ସାହିତ୍ୟ ସମୃଦ୍ଧ କରେ ଚେତନାର ସ୍ତରକୁ, ପରିଷ୍କୃତ ଓ ପରିସ୍ଫୁଟ କରେ ବ୍ୟକ୍ତିତ୍ୱକୁ। ଗ୍ରନ୍ଥରେ ଗୁମ୍ଫା ଗରିମାର ଗାଥା।

ସାହିତ୍ୟମନସ୍କ ମାଟି ଓ ପଠନପ୍ରିୟ ଜାତି ହିଁ ଜାଜ୍ୱଲ୍ୟମାନ କରେ ଭୂମିକୁ। ଚାରି ଲକ୍ଷରୁ କମ୍ ଲୋକସଂଖ୍ୟା ବିଶିଷ୍ଟ ଅତି ଛୋଟିଆ ଭୂଖଣ୍ଡଟିଏ ଆଇସ୍‌ଲାଣ୍ଡ। ସୁଖୀ ଓ ସମୃଦ୍ଧ ଦେଶ ଭାବେ ସେ ଆଜି ବନ୍ଦିତ। ପଠନ ପ୍ରତି ରୁଚି ହିଁ ଋଦ୍ଧିମନ୍ତ କରିଛି ସେ ଭୂମିକୁ। ସାହିତ୍ୟରେ ସେ ଦେଶରୁ ଜଣେ ନୋବେଲ ପୁରସ୍କାର ପାଇବା ଗୌରବର ବିଷୟ ନୁହଁ କି? ସେମିତି ବି ୫୫ଲକ୍ଷ ଲୋକସଂଖ୍ୟାର ଦେଶ ଫିନ୍‌ଲାଣ୍ଡ। ସମୃଦ୍ଧି ସହିତ ସର୍ବାଧିକ ସୁଖୀ ଓ ଶାନ୍ତିର ଦେଶ ଭାବେ ସେ ସମ୍ମାନିତ। ସାହିତ୍ୟ ପ୍ରତି ଅନୁରକ୍ତ, ପଠନ ଓ ଗବେଷଣା ପ୍ରତି ପ୍ରଚଣ୍ଡ ଲାଳସା ଯୋଗୁ ସେ ମାଟି ଆଜି ମର୍ଯ୍ୟାଦାର ମୁଲକଟିଏ। ସାହିତ୍ୟ ସମେତ ୫ଟି କ୍ଷେତ୍ରରେ ନୋବେଲ ପୁରସ୍କାର ପାଇ ସେ ମାଟି ମହିମାନ୍ୱିତ। ଯେ ଯେତେ ପଢ଼େ, ସେ ସେତେ ଆଗକୁ ବଢ଼େ। ସନ୍ତାନମାନଙ୍କ ପଠନ ଓ ଗବେଷଣା ପ୍ରତି ପାଗଳପଣ ଯୋଗୁ ଜାପାନ ଓ ଆମେରିକା ତ ବେଶ୍ ପ୍ରସିଦ୍ଧ, ଯେଉଁଥିପାଇଁ କି ସେ ଦେଶ ଦୁଇଟିର କୃତି ଓ କୀର୍ତ୍ତି ଅଜସ୍ର। ବିଶ୍ୱର ସର୍ବାଧିକ ନୋବେଲ ପୁରସ୍କାର (୩୩୬) ଆମେରିକା ଖାତାରେ ଆଜି। ଦିନକୁ ଦିନ ଏହା ଆହୁରି ବଢ଼ି ବଢ଼ି ଚାଲିଛି। ପ୍ରତି ଛୋଟ ବଡ଼ ସହରରେ ଏକାଧିକ ଗ୍ରନ୍ଥାଗାର। ହଜାର ହଜାର, ଲକ୍ଷ ଲକ୍ଷ ସଂଖ୍ୟାରେ ବହିର ସମ୍ଭାର। ଓଡ଼ିଶାଠାରୁ ଛୋଟିଆ ଭୂମିଟିଏ ହୋଇ ବି ଜାପାନ ହାତେଇଛି ୨୭ରୁ ଅଧିକ ନୋବେଲ ପୁରସ୍କାର। ଟିକେ ସମୟ ପାଇଲେ ମନ ଦିଅନ୍ତି ବହିରେ ସେମାନେ। ଏପରିକି ପ୍ରତିଟି ଲିଫ୍ଟ ଅପରେଟର ହାତରେ ବହିଟିଏ ଥିବ ହିଁ ଥିବ। ସନ୍ଥ ରାମତୀର୍ଥ ତ ଏକଦା ଚକିତ ହୋଇଗଲେ ରେଳ ସହଯାତ୍ରୀ ଥିବା ଅଶୀତିପର ଜଣେ ବୃଦ୍ଧଙ୍କର ପଢ଼ା ପ୍ରତି ଗଭୀର ମନୋନିବେଶ ଦେଖି। ଗବେଷଣାତ୍ମକ ପୁସ୍ତକ ସହିତ ସତ୍ ସାହିତ୍ୟରେ ସମୃଦ୍ଧ ସେ ଦେଶ। ସତ୍ ସାହିତ୍ୟ ପ୍ରତି ଯେ ଯେତିକି ଅନୁରକ୍ତ, ତା' ଚେତନାଶକ୍ତି ସେତିକି ଉଚ୍ଚ ଓ ଉନ୍ନତ।

ବିଗତ କିଛି ବର୍ଷ ଧରି ବିଜ୍ଞଜନମାନଙ୍କୁ ବିଚଳିତ କରିଚାଲିଛି ଗୋଟିଏ କଥା- ଦ୍ରୁତ ଗତିରେ ହ୍ରାସ ପାଇଚାଲିଛି ପାଠକମାନଙ୍କ ସଂଖ୍ୟା। ଚିନ୍ତା ଘାରୁଛି ବହି ବିକ୍ରି ହ୍ରାସ ପାଉଥିବା ଯୋଗୁ। ଅବଶ୍ୟ ଅଜସ୍ର ସଂଖ୍ୟାରେ ପ୍ରକାଶ ପାଇ ଚାଲିଛି ବହି। ବଢ଼ି ବଢ଼ି ଚାଲିଛି ପୁସ୍ତକ ମେଳା। ତଥାପି ସଂକଟରେ ସାହିତ୍ୟ ଓ ତଜ୍ଜନିତ ସମାଜ। ଏବେ ଅଣ୍ଟା ଭିଡ଼ିଛନ୍ତି ଓଡ଼ିଶା ସରକାର। ସମସ୍ତଙ୍କୁ ସାଥିରେ ନେଇ ସଂସ୍କୃତି ବିଭାଗ ଆୟୋଜିତ କରୁଛି ୨ୟ ରାଜ୍ୟସ୍ତରୀୟ ପୁସ୍ତକମେଳା ରାଜଧାନୀ ପ୍ରଦର୍ଶନୀ ପଡ଼ିଆରେ ୧୫ ତାରିଖ ପର୍ଯ୍ୟନ୍ତ। ଏଠାରେ ଏକ ଅୟୁତର ପ୍ରଶ୍ନ। ତଥାପି କାହିଁକି କମୁଛି ପାଠକସଂଖ୍ୟା। ପାଠକ ସମାଜକୁ ଆମେ ଆକର୍ଷିତ କରିପାରୁଛୁ କି? ତାଙ୍କ ଆଗ୍ରହକୁ ସମ୍ମାନ ଓ ସ୍ୱୀକୃତି ଦେଉଛୁ କି? ଦେଖିବାକୁ ଗଲେ ପ୍ରକୃତରେ ପଢ଼ନ୍ତି କେଉଁମାନେ? ସଚେତନ, ସୁସ୍ଥ ମସ୍ତିଷ୍କର ମଣିଷମାନେ ହିଁ ରୁଚି ରଖନ୍ତି ପଢ଼ା ପ୍ରତି। ସେମାନେ କିନ୍ତୁ ପସନ୍ଦ କରନ୍ତି ସତ୍ ସାହିତ୍ୟ, ପ୍ରେରଣାଦାୟୀ ବିଷୟ ପ୍ରତି। ମାତ୍ର ଏଗୁଡ଼ିକର ସଂଖ୍ୟା ସ୍ୱଳ୍ପାତିସ୍ୱଳ୍ପ। ଏଣୁ ପାଠକମାନଙ୍କ ସଂଖ୍ୟା ବଢ଼େଇବାକୁ ହେଲେ ଆନ୍ତରିକ ଉଦ୍ୟମ ଜରୁରୀ। ସତ୍ ସାହିତ୍ୟରେ ଆମକୁ ସମୃଦ୍ଧ କରିବାକୁ ହେବ ସାହିତ୍ୟଜଗତକୁ।

ପ୍ରତିଟି ପ୍ରାଣର ପଣ ହେଉ ଜନ୍ମଦିନ, ବ୍ରତଘର ଅବା ବିବାହ ଆଦିରେ କେବଳ ବହି ହିଁ ଉପହାର ଦେବା। ପୁସ୍ତକଠାରୁ ଶ୍ରେଷ୍ଠ ଉପହାର ଆଉ କ'ଣ ବା ଅଛି ଏ ଦୁନିଆରେ। ଗୋଟିଏ ଭଲ ବହି ଶହେ ଜଣ ଭଲ ବନ୍ଧୁଙ୍କଠାରୁ ବି ମହତ୍ତର। ଗୋଟିଏ ଭଲ ବହି ନ ପଢ଼ିବା ହେଉଛି ବହି ପୋଡ଼ିବାଠାରୁ ବି ଭୟଙ୍କର। ଜ୍ଞାନ ଆମକୁ ଆକାଶକୁ ଉଡ଼ିଯିବାକୁ ସମର୍ଥ କରେ। ଅର୍ଥାତ୍ ଯେ ଯେତିକି ପଢ଼ିବ, ସେ ସେତିକି ଉପରକୁ ଉଠିବ।

ମୋ- ୯୪୩୭୪୩୬୦୭୩, ଇ-ମେଲ : unbiswal05@gmail.com

## ଏଇ ଭାରତରେ

ଉଚ୍ଚଶିକ୍ଷା ପ୍ରାପ୍ତ କରି ଭଲ ଚାକିରି କରିବାର ସ୍ୱପ୍ନ ଦେଖିଥାନ୍ତି ପ୍ରତ୍ୟେକ ଯୁବକ। କିନ୍ତୁ ଉତ୍ତରାଖଣ୍ଡର ପବନ ପାଠକ ଏ କ୍ଷେତ୍ରରେ ସମ୍ପୂର୍ଣ୍ଣ ଭିନ୍ନ। ସେ ବିଦେଶ ଚାକିରି ଛାଡି ପାର୍ବତ୍ୟାଞ୍ଚଳର ସଂରକ୍ଷଣରେ ଲାଗିଛନ୍ତି। ଡେରାଡୁନର ଇନ୍ଦିରାନଗର ନିବାସୀ ପବନଙ୍କୁ ବର୍ତ୍ତମାନ ୩୫ ବର୍ଷ। ସେ ଜର୍ମାନୀରେ ଚାକିରି କରିଥିଲେ। ବର୍ଷକୁ ଦରମା ପାଉଥିଲେ ୪୦ ଲକ୍ଷ ଟଙ୍କା। ପାହାଡିଆ ଅଞ୍ଚଳରୁ ପଳାୟନ ରୋକିବା ତଥା ଶୁଷ୍କ ଜମିକୁ ଚାଷୋପଯୋଗୀ କରିବାରେ ଲାଗିଛନ୍ତି। ପାହାଡିଆ ଅଞ୍ଚଳରେ ପୁରୁଣା ଘରକୁ ଇକୋ କନ୍‌ଷ୍ଟ୍ରକ୍‌ସନ ମାଧ୍ୟମରେ ନୂଆ ଜୀବନ ଦେଉଛନ୍ତି। ତାଙ୍କର ଏହି ଅଭିଯାନରେ ବିଦେଶୀ ଛାତ୍ରମାନେ ବି ସାମିଲ ହୋଇଛନ୍ତି। ପବନ ମେକାନିକାଲ ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରିବା ପରେ ଜର୍ମାନୀରେ ଫାର୍ମା ମଡେଲିଂରେ ଏମ୍‌ବିଏ କରିଛନ୍ତି। ପରେ ସେ ଜର୍ମାନୀରେ ଏକ କମ୍ପାନୀରେ ମାସିକ ୩.୫ ଲକ୍ଷ ଟଙ୍କା ପ୍ୟାକେଜରେ ଚାକିରି କରିଥିଲେ। କିନ୍ତୁ କିଛି ନୂଆ କରିବାର ଇଚ୍ଛା ତାଙ୍କୁ ଚାକିରିରେ ରହିବାକୁ ଦେଇ ନ ଥିଲା। ସେ ଫେରିଆସିଲେ ଭାରତ। ୨୦୧୮ରୁ ଡେରାଡୁନ୍‌ର ସେତାମତା ନିକଟ ତୁକ୍ ଗାଁରେ ଫାର୍ମ ମଡେଲିଂ କାର୍ଯ୍ୟରେ ଲାଗିଛନ୍ତି। ପାହାଡିଆ ଅଞ୍ଚଳରେ ଜୀର୍ଣ୍ଣ ଘରଗୁଡ଼ିକୁ ଉଦ୍ଧାର କରିବା ସହ ଜୈବିକ ଚାଷକୁ ବଞ୍ଚାଇ ରଖିବା ଲାଗି ଚେଷ୍ଟା କରୁଛନ୍ତି। ଫାର୍ମରୁ ଉତ୍ପାଦିତ ଜୈବିକ ସେଓ ବିକ୍ରି କରି ଏହି ବର୍ଷ ପାଇଛନ୍ତି ୨ ଲକ୍ଷ ଟଙ୍କା। ଏହା ବାଦ୍ ସେ ଫାର୍ମରେ ରାଜ୍‌ମା, ଆଳୁ, ଡାଲି, ମକ୍କା, ଗହମ ଆଦି ଚାଷ କରୁଛନ୍ତି। ପବନଙ୍କ ଏହି ଅଭିଯାନରେ ଆଇଆଇଟି ରୁର୍‌କୀରେ ପିଏଚ୍‌ଡି କରୁଥିବା ନେଦରଲ୍ୟାଣ୍ଡର ଛାତ୍ରୀ ମାରଲୁସ୍ ମଧ୍ୟ ଯୋଗ ହୋଇଛନ୍ତି। ଡେରାଡୁନର ମେକାନିକାଲ ଇଞ୍ଜିନିୟର ଅଙ୍କିତ ଆରୋରା ସମେତ ତୁକ୍ ଗ୍ରାମବାସୀ ସହଯୋଗ କରୁଛନ୍ତି। ଦୁଇବର୍ଷ ମଧ୍ୟରେ ପବନ ଯେତେ ଜୈବିକ ଶସ୍ୟ ଉତ୍ପାଦନ କରିଛନ୍ତି ତାହାକୁ ସେ ଡେରାଡୁନର ମଣ୍ଡିରେ ବିକ୍ରି କରିଛନ୍ତି। ୨୦୧୮ରେ ଜୈବିକ ଚାଷ ଲାଗି ୨ ଏକର ଜମି କିଣିଥିଲେ ଓ ଗ୍ରାମବାସୀ ତାଙ୍କୁ ବହୁବର୍ଷ ଧରି ଶୁଖିଲା ପଡିଥିବା ୧ହେକ୍ଟର ଜମି ବି ଦେଇଥିଲେ।

## ଚିରନ୍ତନୀ

ଆସ ଭାରତର ପ୍ରାଚୀନପନ୍ଥୀ ଧର୍ମଧ୍ୱଜୀ
ଧର୍ମ ତୁମର ଦିଲ୍ଲୀ ଧୂଳିରେ ଗଲାଣି ହଜି।
ଯେଉଁ ଧୂଳି ପରେ ଲୋଟାଇଲ ଦେହ ଅସ୍ଥିସାର
ଭାରତ ବକ୍ଷେ ଝରାଇଲ ଚିର ରକ୍ତଧାର।
(ରକ୍ତ-ସ୍ରୋତ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଠାକୁରଙ୍କ ସମ୍ପତ୍ତି ଫେରାଅ

ମହାଶୟ,

ଜଗତର ନାଥ ଜଗନ୍ନାଥଙ୍କୁ ଲୋକେ ଭାବୁଛନ୍ତି କାଠପିତୁଳା। ତାଙ୍କର ହଜାର ହଜାର ଏକର ସମ୍ପତ୍ତିକୁ ବେଆଇନଭାବେ ଦଖଲ କରି ନିଜ ନାମରେ ପଟ୍ଟା କରିସାରିଲେଣି। ଠାକୁରଙ୍କୁ କିଛି ଅଜଣା ନାହିଁ। ବ୍ରହ୍ମସ୍ୱ (ବ୍ରାହ୍ମଣଙ୍କ ସମ୍ପତ୍ତି), ଦେବସ୍ୱ (ଠାକୁରଙ୍କ ସମ୍ପତ୍ତି) ଓ ରାଜସ୍ୱ (ସରକାରୀ ଟିକସ ବା ସମ୍ପତ୍ତି) ହଡପ କରିଥିବା ବ୍ୟକ୍ତିବିଶେଷଙ୍କର ନିସ୍ତାର ନାହିଁ। ଯେଉଁ ବାବୁମାନେ ଲୋଭରେ ଠାକୁରଙ୍କ ସମ୍ପତ୍ତି ମାଡି ବାସିଛନ୍ତି, ତୁରନ୍ତ ଫେରାଇଦିଅନ୍ତୁ। ଧର୍ମଦ୍ରୋହୀ ନ ହୁଅନ୍ତୁ। ଠାକୁରଙ୍କୁ ଯାଚିକି ଫେରାଇଦେଲେ ମଙ୍ଗଳ ହେବ। ଖୁବ୍‌ଶୀଘ୍ର ରାଜ୍ୟ ସରକାର ବଡ଼ ପଦକ୍ଷେପ ନେବେ।

ଆଦିକନ୍ଦ ସାହୁ, ସାନ୍ତସାଇ, ଦୁର୍ଗା ନର୍ସିଂହୋମ୍, କେନ୍ଦ୍ରାପଡ଼ା

### ଅଧିକ ପରିବହନ କାର୍ଯ୍ୟାଳୟ ଖୋଲାଯାଉ

ପରିବହନ ନିୟମ କଡାକଡି ହେବା ପରେ ଲୋକମାନେ ଯଥାସମ୍ଭବ ଗାଡିର କାଗଜପତ୍ର ଠିକ୍ କରିବା ପାଇଁ ଚେଷ୍ଟା କରୁଛନ୍ତି। କିନ୍ତୁ ଦୁଃଖର ବିଷୟ ଆର୍‌ଟିଓ ଅଫିସରେ ଭିଡ ପାଇଁ ଜନସାଧାରଣଙ୍କର ଠିକ୍ ସମୟରେ କାମ ହେଇପାରୁନାହିଁ। ଏପରି ପରିସ୍ଥିତିରେ ସରକାର ପୁନର୍ବାର ତିନିମାସ ମହଲତ ଦେଇଛନ୍ତି। ପ୍ରତି ବ୍ଲକରେ ଅସ୍ଥାୟୀ କ୍ୟାମ୍ପ କରି ଲୋକଙ୍କୁ ସେବା ଦେବା ପାଇଁ ନିୟମ କଲେ, କିନ୍ତୁ ସେ କ୍ୟାମ୍ପ କେବେ କେଉଁଠି ହେଲା ଲୋକଙ୍କୁ ଜଣା ନାହିଁ। ଏବେ ଲୋକସଂଖ୍ୟା ଏବଂ ଗାଡି ସଂଖ୍ୟା ଯେତେ ବଢିଲାଣି ସେହି ଅନୁଯାୟୀ ପରିବହନ କାର୍ଯ୍ୟାଳୟ ପର୍ଯ୍ୟାପ୍ତ ନୁହେଁ। ଏଣୁ ସରକାର ପ୍ରତି ବ୍ଲକରେ ପରିବହନ କାର୍ଯ୍ୟାଳୟ, ଅସ୍ଥାୟୀ ଭାବେ ହେଉ ପଛେ, ଖୋଲି ଓ ଅଧିକ କର୍ମଚାରୀ ନିଯୁକ୍ତ କରି ସମସ୍ୟାର ସମାଧାନ କରନ୍ତୁ।

ଶିବରାମ ନାୟକ, ଉଲୁଣ୍ଡା, ସୁବର୍ଣ୍ଣପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଦଳବଦଳ ନିରୋଧୀ ଆଇନ ଗଣତନ୍ତ୍ର ବିରୋଧୀ: ତଥାଗତ

**ନୂଆଦିଲ୍ଲୀ,୧୨।୧୨**

ଦଳବଦଳ ନିରୋଧୀ ଆଇନକୁ ପୂର୍ବତନ ଏମ୍‌ପି ତଥାଗତ ସତପଥୀ କଡ଼ା ସମାଲୋଚନା କରିଛନ୍ତି। ଗୁରୁବାର ପିଆର୍‌ଏସ୍ ଲେଜିସ୍‌ଲେଟିଭ୍ ପକ୍ଷରୁ ଏଠାରେ ଆୟୋଜିତ ଦଳବଦଳ ନିରୋଧୀ ଆଇନ ଓ ହୁଇପ୍ ବ୍ୟବସ୍ଥା ସମ୍ପର୍କିତ ଆଲୋଚନାରେ ଭାଗନେଇ ତଥାଗତ କହିଛନ୍ତି, କୌଣସି ପ୍ରସଙ୍ଗରେ ଜଣେ ଏମ୍‌ପି କିମ୍ବା ବିଧାୟକ ନିଜର ମତାମତ ରଖିବା ଉପରେ ଏହି ଆଇନ ପ୍ରତିବନ୍ଧକ ସୃଷ୍ଟି କରୁଥିବାରୁ ଏହା ଗଣତନ୍ତ୍ର ବିରୋଧୀ। ଅର୍ଥାତ୍ ଏଭଳି ଆଇନ ଗଣତନ୍ତ୍ରକୁ ଭିତରୁ ଘଉଡାଇଦେଇଛି। ସଦସ୍ୟମାନେ ନିର୍ଦ୍ଦିଷ୍ଟ ଶୈଳୀରେ ପ୍ରତିକ୍ରିୟା ରଖିବାକୁ ବାଧ୍ୟ ହେଉଛନ୍ତି, ଯାହା ଭାରତ ଭଳି ଏକ ପରିପକ୍ୱ ଗଣତନ୍ତ୍ରରେ ଘଟିବା ଉଚିତ ନୁହେଁ ବୋଲି ତଥାଗତ ମତ ରଖିଥିଲେ।

ଦଳୀୟ ନେତୃତ୍ୱ ଏବଂ ଏମ୍‌ପି ବା ବିଧାୟକମାନଙ୍କ ମଧ୍ୟରେ ଅବିଶ୍ୱାସରୁ ଦଳବଦଳ ନିରୋଧୀ ଆଇନ ଅଣାଯାଇଥିଲା। ଅବିଶ୍ୱାସ କାରଣରୁ ଦଳୀୟ ନେତୃତ୍ୱ ହୁଇପ୍ ଜାରି କରୁଛି। ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ଆଭ୍ୟନ୍ତରୀଣ ଗଣତନ୍ତ୍ର ଥିଲେ ଏଭଳି ଘଟନ୍ତା ନାହିଁ। ତାଙ୍କୁ ଭୋଟ ଦେଇଥିବା ବିଭିନ୍ନ ମତଦାତାଙ୍କ ପ୍ରତିନିଧିତ୍ୱ କରିବା ଜଣେ ଏମ୍‌ପି ବା ବିଧାୟକଙ୍କ ଦାୟିତ୍ୱ। ଦଳର ନେତାମାନେ ସେମାନଙ୍କ ସଦସ୍ୟମାନଙ୍କୁ ବିଶ୍ୱାସ କରୁନାହାନ୍ତି ଓ ହୁଇପ୍ ମାଧ୍ୟମରେ ସେମାନଙ୍କୁ ଗୃହରେ ନିୟନ୍ତ୍ରଣ କରିବାକୁ ଉଦ୍ୟମ କରୁଛନ୍ତି ବୋଲି ତଥାଗତ କହିଛନ୍ତି। ଏହାସହ ଅନ୍ୟମାନଙ୍କ ଅପେକ୍ଷା ଜଣେ ବିଧାୟକ ବା ଏମ୍‌ପି ଜନସାଧାରଣଙ୍କ ନିକଟରେ ଉତ୍ତରଦାୟୀ ରହିବା ଆବଶ୍ୟକ ବୋଲି ସେ ମତ ଦେଇଛନ୍ତି।



ଦିଲ୍ଲୀର ଏକ ଆଲୋଚନାଚକ୍ରରେ ପିଆର୍‌ଏସ୍ ଅଧ୍ୟକ୍ଷ ଏମ୍.ଆର୍. ମାଧବନ୍, କଂଗ୍ରେସ ଏମ୍‌ପି ମନୀଷ୍ ତିୱାରୀ, ବିହାର ବିଧାନସଭା ବାଚସ୍ପତି ବିଜୟ କୁମାର ଚୌଧୁରୀ, ପୂର୍ବତନ ଏମ୍‌ପି ତଥାଗତ ସତପଥୀ, କଂଗ୍ରେସ ଏମ୍‌ପି ଶଶୀ ଥରୁର ଏବଂ ଏଆଇଏମ୍‌ଆଇଏମ୍ ଅଧ୍ୟକ୍ଷ ତଥା ଏମ୍‌ପି ଆସାଦୁଦ୍ଦିନ ଓୱାଇସି।

ଆମକୁ ଏଭଳି ବ୍ୟବସ୍ଥା ପ୍ରସ୍ତୁତ କରିବାକୁ ହେବ, ଯେଉଁଠି ଆମର ବିଧାୟକ ବା ଏମ୍‌ପିମାନଙ୍କ ଉପରେ ବିଶ୍ୱାସ ରହିଥିବ, ପ୍ରଥମତଃ ସେମାନେ ଜନସାଧାରଣଙ୍କ ପାଖରେ ଉତ୍ତରଦାୟୀ ହେଉଥିବେ। ତା ପରେ ରାଷ୍ଟ୍ର, ଦଳ ଓ ଶେଷରେ ନେତୃତ୍ୱ ନିକଟରେ ଉତ୍ତରଦାୟୀ ବୋଲି ତଥାଗତ କହିଥିଲେ। ଏହି ଆଲୋଚନାରେ ଅନ୍ୟମାନଙ୍କ ମଧ୍ୟରେ ଲୋକ ସଭା ସଦସ୍ୟ ମନୀଷ୍ ତିୱାରୀ, କଂଗ୍ରେସ ଏମ୍‌ପି ଶଶୀ ଥରୁର, ଏଆଇଏମ୍‌ଆଇଏମ୍ ଅଧ୍ୟକ୍ଷ ତଥା ଏମ୍‌ପି ଆସାଦୁଦ୍ଦିନ ଓୱାଇସି ଏବଂ ବିହାର ବିଧାନସଭା ବାଚସ୍ପତି ବିଜୟ କୁମାର ଚୌଧୁରୀ ଅଂଶଗ୍ରହଣ କରିଥିଲେ। ସୂଚନାଯୋଗ୍ୟ, ଦଳବଦଳ ଆଇନ ଏଭଳି ପ୍ରକ୍ରିୟା ସୃଷ୍ଟି କରିଛି, ଯେଉଁଥିରେ ଜଣେ ସଦସ୍ୟ ସ୍ୱେଚ୍ଛାକୃତ ଭାବେ ନିଜ ଦଳର ସଦସ୍ୟତା ତ୍ୟାଗଗଲେ କିମ୍ବା ଭୋଟ ବେଳେ ଦଳୀୟ ନେତୃତ୍ୱଙ୍କ ନିର୍ଦ୍ଦେଶର ଅବମାନନା କଲେ ସେ ଅଯୋଗ୍ୟ ଘୋଷିତ ହେବାର ବ୍ୟବସ୍ଥା ରହିଛି।

ପୋଖରୀରୁ ମାଛ ଚୋରିକୁ ନେଇ ବିବାଦ

# ଗୁଳିମାଡ଼, ଆକ୍ରମଣରେ ୨ ଭାଇ ଗୁରୁତର

**ଗୋପାଳପୁର,୧୨।୧୨**

ବ୍ରହ୍ମପୁର ପୋଲିସ ଜିଲା ଗୋଳନ୍ଥରା ଥାନା ଅଞ୍ଚଳରେ ପୋଖରୀରୁ ମାଛ ଚୋରିକୁ ନେଇ ବୁଧବାର ରାତିରେ ଗଣ୍ଡଗୋଳ ହୋଇଛି। ଜଣେ ଜେଲ ଫେରନ୍ତାଙ୍କ ଗୁଳି ମାଡ ଓ ଆକ୍ରମଣରେ ୨ ଭାଇ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଗୋଳନ୍ଥରା ଥାନା ମେଦିନିପୁର ଗ୍ରାମର ପ୍ରଶାନ୍ତ ବେହେରା ଓ ଭାଇ ପ୍ରଦୀପ।

ପ୍ରକାଶ ଯେ, ପ୍ରଶାନ୍ତ ବେହେରା ଓ ପ୍ରଦୀପ ବେହେରା ୫ବର୍ଷ ହେଲା ନିସ୍କାବନ୍ଧରେ ମାଛ ଚାଷ କରୁଥିଲେ। ନିକଟସ୍ଥ ଟାମଣା ଗ୍ରାମର କୁନା ବେହେରା ଅନ୍ୟ ଏକ ପୋଖରୀରେ ମାଛ ଚାଷ କରୁଥିଲେ। ବିଭିନ୍ନ ସମୟରେ କୁନାଙ୍କ ପୋଖରୀରୁ ମାଛ ଚୋରି ହେଉଥିଲା। ଏନେଇ ପ୍ରଶାନ୍ତଙ୍କ ସହ ତାଙ୍କର ବିବାଦ ଲାଗି ରହିଥିଲା। ବୁଧବାର ରାତିରେ ୩ ଭାଇ ପ୍ରଶାନ୍ତ, ପ୍ରଦୀପ ଓ ସୁଶାନ୍ତ ନିସ୍କାବନ୍ଧରୁ କାମସାରି ଘରକୁ ଫେରୁଥିବାବେଳେ ଟାମଣା ରାସ୍ତା କାଳୁଆମନ୍ଦିର ନିକଟରେ ପୂର୍ବରୁ ଛପି ରହିଥିବା କୁନା ଓ ତାଙ୍କ ସହଯୋଗୀ ସେମାନଙ୍କୁ ଅଟକାଇଥିଲେ। ପରେ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା। କୁନା ଅନ୍ୟ ୨ଯୁବକଙ୍କୁ ଫୋନ୍ କରି ସେଠାକୁ ଡ଼ାକିଥିଲେ। ଏହାପରେ ସେ ରଖିଥିବା ଦେଶୀ ବନ୍ଧୁକରୁ ପ୍ରଶାନ୍ତଙ୍କ ଉପରକୁ ଗୁଳି ଚଳାଇବା ସହ କାତିରେ ପ୍ରଦୀପଙ୍କୁ ଆକ୍ରମଣ କରିଥିବା ପ୍ରଦୀପଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ସ୍ଥାନୀୟ ଲୋକେ ପ୍ରଶାନ୍ତ ଓ ପ୍ରଦୀପଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। ପ୍ରଶାନ୍ତଙ୍କ ୨ ଗୋଡ଼ରେ ଗୁଳି ବାଜିଛି। ଗୋଳନ୍ଥରା ଥାନାଧିକାରୀ ବାବୁଲି ନାୟକ ସଦଳବଳ ପହଞ୍ଚି ତଦନ୍ତ ଚଳାଇଛନ୍ତି। ଗୁରୁବାର ପୂର୍ବାହ୍ନରେ ପ୍ରଶାନ୍ତଙ୍କ ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ ହୋଇଛି। ନଂ.୩୧୭/୧୯ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। କୁନାଙ୍କୁ ଧରିବା ପାଇଁ ପୋଲିସ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଥିବା ସଦର ଏସ୍‌ଡିପିଓ ଜୟନ୍ତ ମହାପାତ୍ର ସୂଚନା ଦେଇଛନ୍ତି।

ସୂଚନାଥାଉକି, କୁନାଙ୍କ ନାମରେ ଗୋଳନ୍ଥରା ଓ ବ୍ରହ୍ମପୁର ପୋଲିସ ଜିଲାର ବିଭିନ୍ନ ଥାନାରେ ବହୁ ମାମଲା ରହିଛି। ୪ ଜୁଲାଇ ୨୦୧୮ରେ ଏକ ୱାରେଣ୍ଟ ବଳରେ ପୂର୍ବତନ ଗୋଳନ୍ଥରା ଥାନାଧିକାରୀ ଡ଼. ଆଲୋକ କୁମାର ଜେନା କୁନାଙ୍କୁ ଧରିବାକୁ ଯିବାବେଳେ ସେ ପୋଲିସ ଉପରକୁ ଦୁଇ ରାଉଣ୍ଡ ଗୁଳି ଚଳାଇଥିଲେ। ପରେ ଥାନାଧିକାରୀଙ୍କ ପାଲଟା ଗୁଳିମାଡ଼ରେ କୁନା ଆହତ ହୋଇଥିଲେ।

## ଜିଲା ଟିଠି
## ନୂଆପଡ଼ା



### ମିଲର୍ସ ରାଜ୍

**ଚା**ଷ ଓ ଚାଷୀଙ୍କ ସ୍ୱାର୍ଥରକ୍ଷା ପାଇଁ ସରକାର ସବୁବେଳେ ତତ୍ପର ବୋଲି ପ୍ରଚାର କରାଯାଉଛି। ଏଥିପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି। ଚାଷୀଙ୍କ ବ୍ୟାଙ୍କ ଖାତାକୁ କିପରି ସିଧାସଳଖ ସହାୟତା ଓ ଅନ୍ୟାନ୍ୟ ଦେୟ ଯିବ ସେଥିପାଇଁ ପ୍ରୟାସ କରାଯାଇଛି। ତଥାପି ଚାଷୀ କାହିଁକି ସୁଫଳ ପାଇପାରୁନାହିଁ ତାକୁ ପର୍ଯ୍ୟାଲୋଚନା କରିବାର ବେଳ ଆସିଛି। ଏଠାରେ ନୂଆପଡ଼ା ଜିଲାରେ ଚାଲିଥିବା ଧାନ କିଣାକୁ ଉଦାହରଣ ଭାବେ ନିଆଯାଇପାରେ। ଚାଷୀଙ୍କ ସୁବିଧା ପାଇଁ ଏଫ୍‌ଏକ୍ୟୁ/ନନ୍‌ଏଫ୍‌ଏକ୍ୟୁ ମାନର ଧାନ ଦର ସରକାର ଘୋଷଣା କରିଛନ୍ତି। ଏଥିରେ ସ୍ୱଚ୍ଛତା ଆଣିବାକୁ ସିଧା ରାଜଧାନୀରୁ ଟୋକନ ଇସ୍ୟୁ କରାଯାଉଛି। ତଥାପି ଚାଷୀଙ୍କୁ ଶୋଷଣ କରିବାକୁ ଅନ୍ୟ ରାସ୍ତା ଫିଟାଇଛନ୍ତି ତଥାକଥିତ ଅଧିକାରୀମାନେ। ନିୟମ ଅଛି ମଣ୍ଡିରେ ଧାନକିଣା ସକାଶେ ସମସ୍ତ ପ୍ରକାର ବ୍ୟବସ୍ଥା ନିୟନ୍ତ୍ରିତ ବଜାର କମିଟି କରିବ। ପ୍ୟାକ୍ସ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ଧାନ କିଣି ମିଲର୍ସଙ୍କୁ ହସ୍ତାନ୍ତର କରିବ। ଜିଲାରେ ୨୬ଟି ପ୍ୟାକ୍ସରେ ୫୬ଟି ମଣ୍ଡି ଏବଂ ୧୩ଟି ସ୍ୱୟଂ ସହାୟକ ଗୋଷ୍ଠୀ ମିଶି ୬୯ଜାଗାରେ ଧାନ କିଣୁଛନ୍ତି। ହେଲେ ସବୁ ବ୍ୟବସ୍ଥା ସତେଯେମିତି ମିଲର୍ସଙ୍କ ଅଙ୍ଗୁଳି ନିର୍ଦ୍ଦେଶରେ ଚାଲିଛି। ମିଲର୍ସଙ୍କ ଲୋକେ ମଣ୍ଡିକୁ ଆସି ଧାନକୁ ଧରି ବିଭିନ୍ନ ବାହାନା କରୁଛନ୍ତି। ସମସ୍ତଙ୍କ ସାମ୍ନାରେ ଚାଷୀଙ୍କୁ ନାଲି ଆଖି ଦେଖାଇ କଟନି କଥା ଫାଇନାଲ କରୁଛନ୍ତି। ଚାଷୀ ଧାନ ବିକିବାକୁ ଆଣିଥିବାରୁ ସବୁକୁ ମଥାପାତି ସହୁଛି। ଧାନକିଣା ସଂସ୍ଥା କେବଳ ଏହି ଜୁଲମକୁ ଜଳକା ପରି ଦେଖି ଚୁପ୍ ରହୁଛି। ଧାନକିଣାରେ ନିୟୋଜିତ କର୍ମଚାରୀମାନଙ୍କୁ ପଚାରିଲେ କ'ଣ କରିବୁ ଏହା ବଡବଡିଆ ଅଧିକାରୀଙ୍କ ନୀତି ବୋଲି କାନରେ ଚୁପକିନା କହୁଛନ୍ତି। ଚାଷୀମାନେ ଯୋଗାଣ ବିଭାଗ, ସମବାୟ ସମିତି କାର୍ଯ୍ୟାଳୟକୁ ଅଭିଯୋଗ କରିବାକୁ ଆସି ନିରାଶ ହେଉଛନ୍ତି। ମିଲର୍ସଙ୍କ ଟ୍ରକ କି ମୁନସୀ ଆସୁନାହାନ୍ତି। ଚାଷୀମାନେ ଖୋଲା ଆକାଶ ତଳେ ନିଜ ଧାନକୁ ରାତି ଦିନ ଜଗି ରହୁଛନ୍ତି। ଶେଷରେ ହତାଶ ହୋଇ ଚାଷୀ ନିଜ ଧାନକୁ ଶାଗମାଛ ଦରରେ ଖୋଲା ବଜାରରେ ବିକ୍ରି କରିବାକୁ ବାଧ୍ୟ ହେଉଛି। ଏହାର ପ୍ରତିବାଦ କଲେ ଦିନେ ଦୁଇଦିନ ଠିକ୍ ଚାଲୁଛି। ପରେ ଯଥା ପୂର୍ବଂ ତଥା ପର। ମଣ୍ଡିରେ ଧାନକିଣା ସଂସ୍ଥା କେବଳ କ୍ୱାଲିଟି ଯାଞ୍ଚ କରିବାକୁ ମେଶିନ ଧରି ବସିଛନ୍ତି। କୁଇଣ୍ଟାଲ ପିଛା ୪ରୁ୫ କେଜି କଟନି ହେଲେ ସବୁ ଧାନ ପାସ ହୋଇଯାଉଛି। ଏପରି ପରିସ୍ଥିତିରେ ବି ସମବାୟ ବିଭାଗ ଓ ଯୋଗାଣ ବିଭାଗର କେତେଜଣ ଅଧିକାରୀ ଚୌକି ଛାଡୁ ନାହାନ୍ତି। ସେମାନଙ୍କୁ ପଚାରିଲେ ଆମେ ଧାନ କିଣୁ ନାହୁଁ ବୋଲି ସ୍ପଷ୍ଟ ଭାବେ ଉତ୍ତର ଦେଉଛନ୍ତି। ଏଭଳି ବ୍ୟବସ୍ଥା ଅଭାବୀ ବିକ୍ରିକୁ ପ୍ରୋତ୍ସାହିତ କରୁଥିବା ସୂଚନା ଦେଉଛି।

- ଘନଶ୍ୟାମ ଭୋଇ

ମହିଳା କର୍ମଚାରୀଙ୍କୁ ଅସଦାଚରଣ ଘଟଣା

# ଜେଲରୁ ମୁକୁଳିଲେ ପ୍ରମୋଦ

**କେନ୍ଦ୍ରାପଡା ଅଫିସ, ୧୨।୧୨**

କେନ୍ଦ୍ରାପଡା କ୍ରେଡିଟ କୋ ଅପରେଟିଭ ସୋସାଇଟିର ପୂର୍ବତନ ସଭାପତି ପ୍ରମୋଦ ସାହୁଙ୍କୁ କେନ୍ଦ୍ରାପଡା ଏସ୍‌ଡିଜେଏମ୍‌ଙ୍କ କୋର୍ଟରୁ ଗୁରୁବାର ଜାମିନ ମିଳିଛି। ଜାମିନ ବଳରେ ବାରିମୂଳସ୍ଥ ଉପକାରାଗାରରୁ ସେ ସନ୍ଧ୍ୟାରେ ମୁକୁଳିଛନ୍ତି। ପ୍ରମୋଦଙ୍କ ବିରୋଧରେ ସୋସାଇଟିର ଜଣେ ମହିଳା କର୍ମଚାରୀ ଅସଦାଚରଣ କରିଥିବାର ଅଭିଯୋଗ ଆଣିଥିଲେ। ଏହି ଅଭିଯୋଗକୁ ଭିତ୍ତିକରି ଟାଉନ ପୋଲିସ ନଭେମ୍ବର ୪ ତାରିଖରେ ତାଙ୍କୁ ଗିରଫ କରିଥିଲା। ପରେ ଜାମିନ ପାଇଁ କେନ୍ଦ୍ରାପଡା ଏସ୍‌ଡିଜେଏମ୍‌ଙ୍କ କୋର୍ଟ ଓ ଜିଲା ଦୌରାଜଜ୍‌ଙ୍କ ନିକଟରେ ଆବେଦନ କରିଥିଲେ। ଏହି ଜାମିନ ଆବେଦନ ଉଭୟ କୋର୍ଟରେ ନାମଞ୍ଜୁର ପରେ ସେ ଉଚ୍ଚ ନ୍ୟାୟାଳୟରେ ଆବେଦନ କରିଥିଲେ। ବୁଧବାର ଉଚ୍ଚ ନ୍ୟାୟାଳୟ ଏହି ମାମଲାର ଶୁଣାଣି କରି ଜାମିନ ଆବେଦନକୁ ମଞ୍ଜୁର କରିବା ସହିତ ନିମ୍ନ ଅଦାଲତକୁ ପଠାଇଥିଲେ। ପୂର୍ବାହ୍ନରେ ଆଇନଜୀବୀ ଦେବକିଶୋର କର କେନ୍ଦ୍ରାପଡା ଏସଡିଜେଏମ ଦିଗବିଜୟ ଦାଶଙ୍କ କୋର୍ଟରେ ପ୍ରମୋଦ ଜେଲରୁ ମୁକୁଳିବା ପାଇଁ ଆବେଦନ କରିଥିଲେ। ଏ ନେଇ ଏସଡିଜେଏମ ଦାଶ ଶୁଣାଣି କରି ତାଙ୍କୁ ଜାମିନ ମଞ୍ଜୁର କରିଛନ୍ତି।

# ଉଚ୍ଚଶିକ୍ଷା ବିଭାଗରେ ୫-ଟି କଡ଼ାକଡ଼ି

**ଭୁବନେଶ୍ୱର,୧୨।୧୨(ବ୍ୟୁରୋ)**

ଉଚ୍ଚଶିକ୍ଷା ବିଭାଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୫-ଟି କାର୍ଯ୍ୟକ୍ରମକୁ କଡ଼ାକଡ଼ି ଲାଗୁ କରାଯିବ। ଅଧ୍ୟାପକ ଏବଂ ଛାତ୍ରୀଛାତ୍ରଙ୍କ ଉପସ୍ଥାନକୁ ଗୁରୁତ୍ୱ ଦିଆଯିବ। ଅଧ୍ୟାପକ ଉପସ୍ଥାନ ରେକର୍ଡ ପାଇଁ ବାୟୋମେଟ୍ରିକ୍ ପଦ୍ଧତି ବ୍ୟବହାର କରାଯିବ। ସେହିପରି କାର୍ଯ୍ୟଦିବସରେ ଶିକ୍ଷାନୁଷ୍ଠାନରେ ୭ ଘଣ୍ଟା ସମୟ ଦେବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ସମସ୍ତ କଲେଜର ଉନ୍ନତୀକରଣ ପାଇଁ ପୁରାତନ ଛାତ୍ରୀଛାତ୍ରଙ୍କ ସହଯୋଗରେ 'ମୋ କଲେଜ' କ୍ୟାମ୍ପେନ୍ କରାଯିବ। ମେଧାବୀ ଛାତ୍ରୀଛାତ୍ରଙ୍କୁ ଲାପ୍‌ଟପ୍ ବଣ୍ଟନ, ମେଧାବୃତ୍ତି ପ୍ରଦାନ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ। ସର୍ବୋପରି ଗୁଣାତ୍ମକ ଶିକ୍ଷା ପ୍ରଦାନକୁ ଯଥେଷ୍ଟ ଗୁରୁତ୍ୱ ଦିଆଯିବ। ନିକଟରେ ବିଭିନ୍ନ ସଂସ୍କାର ନେଇ ଉଚ୍ଚସ୍ତରୀୟ ଆଲୋଚନା ହୋଇଛି। ଠିକ୍ ସମୟରେ ପରୀକ୍ଷା ଏବଂ ଫଳାଫଳ ପ୍ରକାଶ ଉପରେ ଗୁରୁତ୍ୱ ଦିଆଯାଇଛି। ମେଧାବୃତ୍ତି ପ୍ରଦାନରେ ସ୍ୱଚ୍ଛତା ଏବଂ ପୂର୍ବାପେକ୍ଷା ଅଧିକ ସୁବ୍ୟବସ୍ଥିତ କରିବା ପାଇଁ ସ୍ୱତନ୍ତ୍ର ପରିଷଦ ଗଠନର ମଧ୍ୟ ପ୍ରସ୍ତାବ ରହିଛି। ଏତଦ୍ ବ୍ୟତୀତ ବିଶ୍ୱବିଦ୍ୟାଳୟଗୁଡ଼ିକରେ କ୍ୟାରିୟର କାଉନ୍‌ସେଲିଂ ନେଇ ମଧ୍ୟ ଚିନ୍ତା କରାଯାଉଛି। ଖୁବ୍‌ଶୀଘ୍ର ଆନୁଷ୍ଠାନିକ ଭାବେ ଉଚ୍ଚଶିକ୍ଷା ବିଭାଗ ମୋ ସରକାର କାର୍ଯ୍ୟକ୍ରମ ଅଧୀନସ୍ଥ ହେବ ବୋଲି ଜଣାପଡ଼ିଛି।

■ ଏରସମା ଫାଶୀ ଦଣ୍ଡାଦେଶ ମାମଲା

# ଜାନୁୟାରୀ ୯ରେ ପରବର୍ତ୍ତୀ ଶୁଣାଣି

**କଟକ ଅଫିସ,୧୨।୧୨**

୨୦୧୮ ମାର୍ଚ୍ଚ ୨୦ରେ ଜଗତ୍‌ସିଂହପୁର ଜିଲା ଏରସମା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିଲା। ଏହି ଘଟଣାରେ ଗିରଫ ହୋଇଥିବା ଅଭିଯୁକ୍ତ କାଳିଆ ମାନାଙ୍କୁ ଜଗତ୍‌ସିଂହପୁର ପୋକ୍‌ସୋ କୋର୍ଟ ଗତ ସେପ୍ଟେମ୍ବର ୧୦ରେ ଫାଶୀ ଦଣ୍ଡାଦେଶ ଦେଇଥିଲେ। ତଳ କୋର୍ଟର ଫାଶୀ ଦଣ୍ଡାଦେଶର ଶୁଣାଣି ଗୁରୁବାର ହାଇକୋର୍ଟରେ ହୋଇଥିଲା। ଉକ୍ତ ମାମଲାର ପୂର୍ବ ଶୁଣାଣିରେ ହାଇକୋର୍ଟ ସରକାରଙ୍କୁ ରିପୋର୍ଟ ତଲବ କରିଥିଲେ। ଏହି ଅନୁଯାୟୀ ସରକାର ହାଇକୋର୍ଟରେ ରିପୋର୍ଟ ଦାଖଲ କରିଛନ୍ତି। ଏହି ରିପୋର୍ଟ ଦାଖଲ ପରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ହାଇକୋର୍ଟ ଜାନୁୟାରୀ ୯ ତାରିଖକୁ ଦିନଧାର୍ଯ୍ୟ କରିଛନ୍ତି। ବିଚାରପତି ଜଷ୍ଟିସ ଏସ୍.କେ. ମିଶ୍ର ଓ ବିଚାରପତି ଜଷ୍ଟିସ ବିଭୂ ପ୍ରସାଦ ରାଉତରାୟଙ୍କୁନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରୁଛନ୍ତି। ସୂଚନାଥାଉ କି, ନାବାଳିକା ଜଣକ ନିଜ ଘର ପାଖରେ ଖେଳୁଥିବାବେଳେ କାଳିଆ ତାଙ୍କୁ ଚକୋଲେଟ ଲୋଭ ଦେଖାଇ ନିକଟରେ ଥିବା କାଜୁ ଜଙ୍ଗଲ ଭିତରକୁ ନେଇ ଯାଇଥିଲେ। ସେଠାରେ ତାଙ୍କୁ ବଳାତ୍କାର କରିବା ପରେ କାଳେ ସେ କାହା ଆଗରେ କହିଦେବେ ଭାବି ତଣ୍ଟିଚିପି ହତ୍ୟା କରିଥିଲେ। ପରେ କାଳିଆ ନାବାଳିକାଙ୍କ ମୃତଦେହକୁ ଲୁଚାଇ ଦେଇଥିଲେ। ପୋଲିସ ଏହାର ତଦନ୍ତ କରି ଘଟଣାର ପରଦିନ କାଳିଆଙ୍କୁ ଗିରଫ କରିଥିଲା। ଉକ୍ତ ମାମଲାରେ ୨୫ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ପୋକ୍‌ସୋ କୋର୍ଟ କାଳିଆଙ୍କୁ ଫାଶୀ ଦଣ୍ଡାଦେଶ ଦେଇଥିଲେ।

"ମାତୃଭୂମି ମାତୃଭାଷା ଉଭୟେ ଜନନୀ
ସେବି ତାଙ୍କୁ ଭକ୍ତିଭରେ ଦିବସ ରଜନୀ"
-ଭକ୍ତକବି ମଧୁସୂଦନ ରାଓ

ମାଆ, ମାତୃଭୂମି ଓ ମାତୃଭାଷା ସ୍ୱର୍ଗଠାରୁ ଗରିୟସୀ।
ଆମ ମାତୃଭାଷା ଓଡ଼ିଆ ଅସାଧାରଣ ଓ ଅନନ୍ୟ।

ସବୁ କ୍ଷେତ୍ରରେ ଗର୍ବର ସହ ଆମ ମାତୃଭାଷା ବ୍ୟବହାର କରିବା।

ଓଡ଼ିଆ ଭାଷା ପ୍ରତିଷ୍ଠାନଦ୍ୱାରା ପ୍ରକାଶିତ ପୁସ୍ତକ

| | | |
|---|---|---|
| ୧. | ସାଧାରଣ ଓଡ଼ିଆ ବନାନ ଶୁଦ୍ଧି | : ୫୦/- |
| ୨. | କାର୍ଯ୍ୟାଳୟ ନଥି | : ୧୪୦/- |
| ୩. | ଓଡ଼ିଶା ପ୍ରଦେଶ ଗଠନର ଇତିହାସ | : ୫୦/- |
| ୪. | ପ୍ରଶାସନ ଶବ୍ଦକୋଷ | : ୨୦୦/- |
| ୫. | ଓଡ଼ିଆ ଭାଷାର ଇତିବୃତ୍ତ | : ୨୦୦/- |
| ୬. | କଥିତ ଓଡ଼ିଆ ଶବ୍ଦକୋଷ | : ୫୦୦/- |
| ୭. | ବର୍ଣ୍ଣମାଳା ଆଲୋଚନା | : ୧୦୦/- |
| ୮. | ଓଡ଼ିଆ ଭାଷା ଦୀପିକା | : ୧୨୦/- |

ଓଡ଼ିଆ ଭାଷା ପ୍ରତିଷ୍ଠାନ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର
ସଂସ୍କୃତି ଭବନ, ଭୁବନେଶ୍ୱର-୭୫୧୦୧୪,
ଇମେଲ୍ : odiabhasa@nic.in

**BEFORE THE DEBTS RECOVERY TRIBUNAL, CUTTACK, ORISSA**
**C-71, SECTOR-7, CDA, CUTTACK, ODISHA**
**O.A. NO. 757/2019**

**Bank of India, Attabira Branch, Dist.: Bargarh ...Applicant**
**-Versus-**
**Prabhudatta Panda and others ...Defendants**

**To,**
**D-5. Jangyaseni Panda,** D/o: Baikunthanath Panda, At/P.O.: Burda, Dist.: Bargarh

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted as **O.A. No. 757/2019** in the Court of Debts of Recovery Tribunal, Cuttack for recovery of **Rs.14,61,173/-** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorized agent, in support of their defence to show cause within **30 days** from the date of publication or on **18.01.2020 at 10.30 am** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this **07 days Dec 2019.**

**Sd/- REGISTRAR, DRT, CUTTACK**
**(Manoj Kumar Patnaik)**

**FORM-13**
**BEFORE THE DEBTS RECOVERY TRIBUNAL, CUTTACK, ORISSA**
**C-71, SECTOR-7, CDA, CUTTACK, ODISHA**
**O.A. No. 408 of 2019**

**Branch Manager, Union Bank of India, Dhenkanal Branch ...Applicant**
Versus
**M/s Cell Planet & Others ...Defendant(s)**

To
1) **M/s Cell Planet, Prop: Sri Santosh Kumar Mishra**, At: Tarini Nagar, P.O.: Station Bazar, Dist: Dhenkanal-759001.
2) **Sri Santosh Kumar Mishra (Proprietor)**, S/o: Sri Bauribandhu Mishra, At: Tarini Nagar, P.O.: Station Bazar, Dist: Dhenkanal.
3) **Smt. Gitarani Mishra**, W/o: Sri Santosh Kumar Mishra, At: Tarini Nagar, P.O.: Station Bazar, Dist: Dhenkanal.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No. 408 of 2019** in the Court of the Debts of Recovery Tribunal, Cuttack for recovery of **Rs.58,62,761.56** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **31.01.2020 at 10.30 AM** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand and seal of this Tribunal on this 09th day of Dec 2019.

Sd/- Manoj Kumar Patnaik
**REGISTRAR**

**BEFORE THE DEBTS RECOVERY TRIBUNAL, CUTTACK, ORISSA**
**C-71, SECTOR-7, CDA, CUTTACK, ODISHA**
**O.A. NO. 546/2019**

**Bank of India, Jharsuguda Branch, Jharsuguda ...Applicant**
**-Versus-**
**M/s. Fun Leela Water Park & Others ...Defendant(s)**

**To,**
**D-1. M/s. Fun Leela Water Park, Partnership Firm, Represented through its partner Mr. Vinay Kumar Patel,** At/P.O.: Lahandabud, H. Katapali, Dist.: Jharsuguda-768202
2. **Mr. Vinay Kumar Patel, (Partner of M/s. Fun Leela Water Park),** At: Mangal Bazar Road, P.O./Dist.: Jharsuguda-768201
3. **Mrs. Nisha Ben V Patel, (Partner of M/s. Fun Leela Water Park),** At: Mangal Bazar Road, P.O./Dist.: Jharsuguda-768201
4. **Mrs. Ranjana Ben Patel, (Partner of M/s. Fun Leela Water Park),** At: Mangal Bazar Road, P.O./Dist.: Jharsuguda-768201
5. **Mr. Prabin Bhai Mathur Patel, (Partner of M/s. Fun Leela Water Park),** At: Mangal Bazar Road, P.O./Dist.: Jharsuguda-768201

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted as **O.A. No. 546/2019** in the Court of Debts of Recovery Tribunal, Cuttack for recovery of **Rs.2,82,09,659.10** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorized agent, in support of their defence to show cause within **30 days** from the date of publication or on **17.01.2020 at 10.30 am** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this **07 days Dec 2019.**

**Sd/- REGISTRAR, DRT, CUTTACK**
**(Manoj Kumar Patnaik)**

**FORM-13**
**BEFORE THE DEBTS RECOVERY TRIBUNAL, CUTTACK, ORISSA**
**C-71, SECTOR-7, CDA, CUTTACK, ODISHA**
**O.A. No. 407 of 2019**

**Branch Manager, Union Bank of India, Dhenkanal Branch ...Applicant**
Versus
**M/s Laxmi Traders & Others ...Defendant(s)**

To
1) **M/s Laxmi Traders, Proprietor: Mrs. Sasmita Jena,** D/o: Sri Bidyadhar Jena, At: Korean Bye pass chowk, Near Pain & Gain Gym, Dist: Dhenkanal-759013.
2) **Mrs. Sasmita Jena (Proprietor),** At: Korean Bye pass chowk, Near Pain & Gain Gym, Dist: Dhenkanal.
3) **Pravat Sahoo (Guarantor),** S/o: Jay Kishore Sahoo, At: Korean Bye pass chowk, Near Pain & Gain Gym, Dist: Dhenkanal.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No. 407 of 2019** in the Court of the Debts of Recovery Tribunal, Cuttack for recovery of **Rs.57,84,881.09** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **31.01.2020 at 10.30 AM** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand and seal of this Tribunal on this 09th day of Dec 2019.

Sd/- Manoj Kumar Patnaik
**REGISTRAR**

**FORM-13**
**BEFORE THE DEBTS RECOVERY TRIBUNAL, CUTTACK, ORISSA**
**C-71, SECTOR-7, CDA, CUTTACK, ODISHA**
**O.A. No. 499 of 2019**

**Branch Manager, Union Bank of India, Dhenkanal Branch ...Applicant**
Versus
**M/s Body Fitness World & Others ...Defendant(s)**

To
1) **M/s Body Fitness World, Proprietor: Sri Pankaj Kumar Agarwalla,** At: Ganesh Bazar, P.O.: Dhenkanal, Dist: Dhenkanal.
2) **Sri Pankaj Kumar Agarwalla,** S/o: Sri Omprakash Agarwalla, At: Ward No. 11, Gandhi Mandir Road, P.O.: Dhenkanal, Dist: Dhenkanal, Pin-759001.
3) **Kamalini Padhi (Guarantor),** W/o: Late Chaitanya Charan Padhi, At: Kanchan Bazar, Kumbhar Sahi, P.O.: Dhenkanal, Dist: Dhenkanal.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No. 499 of 2019** in the Court of the Debts of Recovery Tribunal, Cuttack for recovery of **Rs.52,04,003.09** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **31.01.2020 at 10.30 AM** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand and seal of this Tribunal on this 09th day of Dec 2019.

Sd/- Manoj Kumar Patnaik
**REGISTRAR**

**OFFICE OF THE PRINCIPAL, DADHIBAMAN DEGREE COLLEGE, BHATLI**

**WALK-IN-INTERVIEW**

A Walk-in-Interview will be held on dt.21.12.2019 (Day) at 11.00 A.M. in the College premises for selection of Lecturer in Education. Interested candidates with at least 55% of marks at P.G. level and above are to attend the Walk-in-Interview with their original certificates and photocopies of their qualification along with Bio-Data in support of their claim.

**Sd./- Principal**
**DadhiBaman Degree College, Bhatli**

National Skill Training Institute, Bhubaneswar
Ministry of Skill Development and Entrepreneurship, Government. of India
Directorate General of Training
Centurion UNIVERSITY

In Partnership With

Centurion University of Technology and Management, Odisha
NAAC A Grade Accredited | Govt. of Odisha notified Skills University
MSDE notified Center of Excellence | DGT affiliated Institute of Training of Trainers

ସେଞ୍ଚୁରିୟନ୍ ୟୁନିଭର୍ସିଟି ଏକ ସ୍କିଲ୍ ୟୁନିଭର୍ସିଟି ଅଟେ, ଯାହାକି ନ୍ୟାଶନାଲ୍ ତଥା ମଲ୍ଟିନ୍ୟାଶନାଲ୍ କମ୍ପାନୀମାନଙ୍କ ସହିତ ସଂଯୋଗ ହୋଇ ବିଭିନ୍ନ ପ୍ରକାର ରୋଜଗାର ଭିତ୍ତିକ ପ୍ରଶିକ୍ଷଣ ପ୍ରଦାନ କରେ। ବର୍ତ୍ତମାନ, ଏହା ITI ସହିତ 12th ପାସ କରିଥିବା ଛାତ୍ର ଛାତ୍ରୀମାନଙ୍କ ପାଇଁ ରୋଜଗାର ଭିତ୍ତିକ ବିଭିନ୍ନ ବ୍ୟାଚଲର୍ ଡିଗ୍ରୀ କୋର୍ସ ପାଇଁ ଆବେଦନ ପତ୍ର ଗ୍ରହଣ କରୁଛି। ଟ୍ରେନିଙ୍ଗ୍ ସମୟରେ ବା ପରେ ଛାତ୍ର-ଛାତ୍ରୀଙ୍କୁ ମଝିରେ ମଝିରେ କମ୍ପାନୀକୁ ଅନୁଭବ ପାଇଁ ଯିବାର ଏକ ସୁବର୍ଣ୍ଣ ସୁଯୋଗ ଦିଆଯାଉଛି।

Applications Invited for Bachelor of Vocation

SPECIALIZATION:
• Precision Manufacturing Technology (40 seats)
• Automotive Technology (40 seats)

ELIGIBILITY: ITI with 12th Passed
DURATION: 3 Yrs

CONTACT: 93705 19569 7682901542

How to Apply
Download Application Form at https://cutm.ac.in/admissions/HTML/images/bvociap.pdf and email the scanned copy of filled in application form to sovet.admissions@cutm.ac.in
For more details, Visit https://cutm.ac.in/admissions/HTML/images/bvocihand.pdf

Important Deadlines
Last Date of Application: 31st Dec 2019
Interview Date: 4th-5th Jan. 2020
Publication of Results: 7th Jan 2020
Reporting for Admission: 12th Jan 2020

NSTI Address: 5th Floor, Dharmapada Bhavan, IDCP Plot No.: 6 IDCO Industrial Area, Bhubaneswar, Odisha-751010
Centurion University Address: Ramchandrapur Jatni, Khordha, Odisha-752050



କୌଣସି ଲୋକ ଦୀର୍ଘକାଳ ଧରି କ୍ଷମତାର ଅପବ୍ୟବହାର କରିପାରେ ନାହିଁ କି ପାରିବ ନାହିଁ।
- ସେନେକା



## ସଂକ୍ଷେପରେ

### ନିଖୋଜ ଯୁବକଙ୍କ ମୃତଦେହ ମିଳିଲା

**ନୂଆପଡା ଅଫିସ,୧୨।୧୨**
ନୂଆପଡା ଜିଲା ଧରମବନ୍ଧା ଥାନା ଅନ୍ତର୍ଗତ କେନ୍ଦୁବାହାରା ଗାଁର କୁମାର ରାଉତ (୨୧) ନାମକ ଜଣେ ଯୁବକ ଗତ ସୋମବାର ଘରୁ କୁଆଡେ ଚାଲିଯାଇଥିଲେ। ବହୁ ଖୋଜାଖୋଜି କରିବା ପରେ ମଧ୍ୟ ମିଳି ନ ଥିଲେ। ଗାଁର ଏକ ପୋଖରୀରେ ମୃତଦେହ ଭାସୁଥିବା ଖବର ପାଇ ପୋଲିସ ଟିମ ଘଟଣାସ୍ଥଳରେ ପହଞ୍ଚି ଜବତ କରିଥିଲା। ସେହି ମୃତଦେହ ନିଖୋଜ ଯୁବକଙ୍କ ବୋଲି ଜଣାପଡ଼ିଥିଲା। ପୋଲିସ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଥାନାଧିକାରୀ ଦିଲୀପ କୁମାର ଲାକ୍ରା ସୂଚନା ଦେଇଛନ୍ତି ।

### ପୂର୍ବତନ ସମିତିସଭ୍ୟଙ୍କ ପରଲୋକ

**ଜୁନାଗଡ,,୧୨।୧୨(ଡି.ଏନ.ଏ.)**
କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚିଚୈଗୁଡା ଗ୍ରାମର ପୂର୍ବତନ ସମିତିସଭ୍ୟ ଶ୍ରୀମୁଖ ମେହେର(୫୦)ଙ୍କ ବୁଧବାର ରାତିରେ ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଗତ କିଛି ମାସ ହେବ ସେ ମସ୍ତିଷ ରୋଗ ଜନିତ କାରଣରୁ ଭୁବନେଶ୍ୱରର ଏକ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ତାଙ୍କ ମୃତ୍ୟୁ ଖବର ଶୁଣି ଚିଚୈଗୁଡା ସରପଞ୍ଚ ସୁଧିରା ମେହେର ଶୋକ ପ୍ରକାଶ କରିଛନ୍ତି। ଶେଷ ଦର୍ଶନ ସମୟରେ ଗ୍ରାମର ଅନେକ ଲୋକ ସମାଗମ ହୋଇଥିଲା।

### ନାବାଳିକା ଅପହରଣ ଘଟଣା: କଳାହାଣ୍ଡିରୁ ୩ ଯୁବକ ଗିରଫ

**ଭବାନୀପାଟଣା,୧୨।୧୨(ଡି.ଏନ.ଏ.)**
ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ ଘଟଣାରେ ସମ୍ପୃକ୍ତିରେ ଥିବା ୩ ଜଣ ଯୁବକଙ୍କୁ କଳାହାଣ୍ଡି ଜିଲା ଭବାନୀପାଟଣାରୁ ଉମରକୋଟ ପୋଲିସ ଗିରଫ କରିଛି। ଗିରଫ ଯୁବକମାନେ ହେଲେ ଭବାନୀପାଟଣା ଆଇଟିଆଇ କଲୋନୀର ମହମ୍ମଦ ରିଆଜ ଓରଫ ପପୁ (୨୦), ସଦର ଥାନା ଅଞ୍ଚଳର ରାଘବ ମାଝି (୧୯) ଓ ଟାଉନ ଥାନା ଅଞ୍ଚଳର ଗଣେଶ ମାଝି (୨୦)। ଗତ ବୁଧବାର ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଚନ୍ଦାହାଣ୍ଡି ଥାନା ଆଇଆଇସି ଅଭୟ ବେହେରା ସୂଚନା ଦେଇଥିଲେ। ପୋଲିସ ସୂଚନା ସୂଚନା ଅନୁସାରେ ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଗତ ନଭେମ୍ବର ୧୬ ତାରିଖ ରାତିରେ ଗାଁର ଜଣେ ନାବାଳକ ଓ ତାଙ୍କ ସହଯୋଗୀମାନେ ଘରୁ ବଳପୂର୍ବକ ଅପହରଣ କରି ନେଇଥିଲେ। ଏ ନେଇ ନାବାଳିକାଙ୍କ ପରିବାର ପକ୍ଷରୁ ଗତ ୨୦ ତାରିଖରେ ଥାନାରେ ଏତଲା ଦିଆଯାଇଥିଲା। ଉମରକୋଟ ଏସ୍‌ଡିପିଓ ହେମନ୍ତ କୁମାର ପାଢୀଙ୍କ ନିର୍ଦ୍ଦେଶକ୍ରମେ ଆଇଆଇସି ଅଭୟ ବେହେରା ଘଟଣାକୁ ଗୁରୁତ୍ୱର ସହ ନେଇ ତଦନ୍ତ ଚଳାଇଥିଲେ। ନାବାଳିକା ଜଣଙ୍କ ଭବାନୀପାଟଣାରେ ରହୁଥିବା ଜାଣି ପୋଲିସର ଏକ ଟିମ୍ ସେଠାରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲା। ଏଥିସହ ନାବାଳକଙ୍କୁ ଥାନାକୁ ଆଣି ପଚାରାଉଚରା ଚଳାଇଥିଲା। ଉଭୟଙ୍କ ଡାକ୍ତରୀ ମାଇନା ପରେ ନାବାଳିକାଙ୍କୁ ଜୁବେନାଇଲ ଜଷ୍ଟିସ ହୋମ୍‌କୁ ପଠାଯାଇଥିଲା। ପଚରାଉଚରା ବେଳେ ଏହି ଘଟଣାରେ ଭବାନୀପାଟଣା ଉପରୋକ୍ତ ୩ ଜଣଙ୍କ ସମ୍ପୃକ୍ତି ଥିବା ସ୍ୱୀକାର କରିଥିଲେ। ସେମାନେ ସେହିଦିନଠାରୁ ଫେରାର୍ ଥିଲେ । କୌଣସି ସୂତ୍ରରୁ ଖବର ପାଇ ପୋଲିସ ବୁଧବାର ସେଠାରେ ଚଢାଉ କରି ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

### ଅତାବିରାରେ ବଢୁଛି ସଟ୍ଟାଖେଳ

**ଜାମଟିକ୍ରା, ୧୨।୧୨ (ଡି.ଏନ.ଏ)**
ଅତାବିରା ଅଞ୍ଚଳ ଏବେ ସଟ୍ଟା ଖେଳର ପେଣ୍ଠସ୍ଥଳୀ ପାଲଟିଛି। ଦିବାଲୋକରେ ଏହି ଖେଳ ରାସ୍ତା କଡରେ ଚାଲିଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନି। ଲୋକେ ରାତାରାତି ଧନୀ ହେବା ନିଶାରେ ସଟ୍ଟା ଜାଲରେ ପଡି ସର୍ବସ୍ୱାନ୍ତ ହେଉଥିବା ନଜିର ରହିଛି। ଅତାବିରା ବ୍ଲକର ରେଙ୍ଗାଲି କ୍ୟାମ୍ପ ଛକରେ ସଟ୍ଟା ଖେଳିବା ପାଇଁ ସବୁଠାରୁ ବେଶୀ ଲୋକଙ୍କ ଗହଳି ଲାଗେ। ଅତାବିରା, ଗୋଡଭଗା, ଚକୁଳିଫାର୍ମ, ଲାଦରପାଲି ଛକ, ପତ୍ରାପାଲି ଛକ ଆଦି ସ୍ଥାନରେ ଏହି ଖେଳ ଜୋରସୋର ଚାଲିଛି।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅଧିକାରୀଙ୍କ ଗହଣରେ ସମସ୍ତ ହିତାଧିକାରୀ।



ଉପଜିଲାପାଳଙ୍କଠାରୁ ଜଣେ ଭୂମିହୀନ ପଟ୍ଟା ଗ୍ରହଣ କରୁଛନ୍ତି ।

■ ମୋ ଗାଁ ମୋ ତହସିଲ କାର୍ଯ୍ୟକ୍ରମ

# ଏଣିକି ଲୋକଙ୍କୁ ଦ୍ୱାର ମୁହଁରେ ଇ- ରାଜସ୍ୱ ସେବା ଦିଆଯିବ

**ନୂଆପଡା ଅଫିସ/କୋମନା, ୧୨।୧୨(ଡି.ଏନ.ଏ.)**

ସବୁକ୍ଷେତ୍ରରେ ସରକାର ବୈଷୟିକ ଜ୍ଞାନକୌଶଳର ଉପଯୋଗ କରିବାକୁ ଯୋଜନା କରିଛନ୍ତି। ବର୍ତ୍ତମାନ ବିଶେଷ କରି ରାଜସ୍ୱ ସେବା ପାଇଁ ଲୋକଙ୍କୁ ଇ-ସେବା ଯୋଗାଇ ଦେବାକୁ ସରକାର ବ୍ୟବସ୍ଥା କରୁଛନ୍ତି। ଏଣିକି ଲୋକଙ୍କୁ ଦ୍ୱାର ମୁହଁରେ ଇ-ସେବା ଯୋଗାଇ ଦିଆଯିବ ବୋଲି କୁହାଯାଇଛି । ଗୁରୁବାର ସ୍ଥାନୀୟ କୁଲିହାବନ୍ଧା ଗାଁରେ ଜିଲା ରାଜସ୍ୱ ବିଭାଗ ପକ୍ଷରୁ ଆୟୋଜିତ ମୋ ଗାଁ ମୋ ତହସିଲ କାର୍ଯ୍ୟକ୍ରମ ଓ ଇ-ଅଧିକାର କର୍ମଶାଳାରେ ଅତିଥିମାନେ ଯୋଗଦେଇ ଏହା କହିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ସୀତାରାମ ପଟେଲ ସଭାପତିତ୍ୱ କରିଥିବାବେଳେ ଡେପୁଟି କଲେକ୍ଟର ମନମଥ ନାଏକ, ଡିଷ୍ଟ୍ରିକ୍ଟ ଇନଫର୍ମେଟିକ୍ସ ଅଫିସର ସୀମାଞ୍ଚଳ ସେଠି, ଡିଷ୍ଟ୍ରିକ୍ଟ ଇ-ଗଭର୍ନାନ୍ସ ମ୍ୟାନେଜର ବୀରେନ୍ଦ୍ର ଦଣ୍ଡସେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ଜମି ପଟ୍ଟା, ଇ-ପାଉଟି, ଅନଲାଇନ ଖଜଣା, ବସୁନ୍ଧରା ଯୋଜନାଗୁଡିକୁ କିପରି ଅନଲାଇନରେ କରାଯାଇ ପାରିବ ସେ ଉପରେ ଅତିଥିମାନେ ଗୋଟି ଗୋଟି କରି ବୁଝାଇଥିଲେ। ଏହି ଅବସରରେ ଅନଲାଇନରେ ଖଜଣା ପୈଠ କରାଯାଇଥିଲା। ହିତାଧିକାରୀମାନଙ୍କୁ ସାର୍ଟିଫିକେଟ ସବୁ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ନୂଆପଡା ବ୍ଲକ ସମସ୍ତ ରାଜସ୍ୱ ସର୍କଲ ଅଞ୍ଚଳରୁ ଶତାଧିକ ହିତାଧିକାରୀମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସରପଞ୍ଚ ପ୍ରତିନିଧି ମହେଶ କୁମାର ଗୌଡ, ସମିତି ସଭ୍ୟ ହୀରାଧର ପଟେଲ ପ୍ରମୁଖ ସହଯୋଗ କରିଥିଲେ। ସେହିପରି କୋମନା ବ୍ଲକ ଶିଆଳଟି ଗ୍ରାମପଞ୍ଚାୟତସ୍ଥିତ ସଦଭାବନା ଗୃହରେ ତରବୋଡ ରାଜସ୍ୱ ମଣ୍ଡଳୀର ରାଜସ୍ୱ ମେଳା ମୋ ଗାଁରେ ମୋ ତହସିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୋମନା ତହସିଲଦାର ଶ୍ୟାମଲ କୁମାର ରୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଉପଜିଲାପାଳ ତରଣୀସେନ ନାଏକ ଯୋଗଦେଇ ମୋ ଗାଁ ମୋ ତହସିଲ ବିଷୟରେ ଲୋକଙ୍କୁ ଅବଗତ କରିଥିଲେ। ଏହାପରେ ଭୂମିହୀନ ଓ ଦଖଲ ଖାରଜ ମାମଲାରେ ୫୦ ଜଣଙ୍କୁ ଉପଜିଲାପାଳ ଜମିପଟ୍ଟା ପ୍ରଦାନ କରିଥିଲେ। ବିବିଧ ପ୍ରମାଣପତ୍ର ପାଇଁ ୬୦ ଜଣଙ୍କଠାରୁ ଦରଖାସ୍ତ ଗ୍ରହଣ କରି ତୁରନ୍ତ ସାର୍ଟିଫିକେଟ ପ୍ରଦାନ କରାଯାଇ ଥିବା ବେଳେ ୨୦ ଜଣଙ୍କଠାରୁ ଡିମାରକେଶନ ଦରଖାସ୍ତ ଗ୍ରହଣ କରି ତୁରନ୍ତ ଶୁଣାଣି କରିଥିଲେ। ଏହାପରେ ଭୂମିହୀନମାନଙ୍କୁ ଘରଡିହ ଦେବା ପାଇଁ ୨୨ ଜଣଠାରୁ ଦରଖାସ୍ତ ଗ୍ରହଣ କରାଗଲା । କାର୍ଯ୍ୟକ୍ରମରେ ଅତିରିକ୍ତ କୋମନା ତହସିଲଦାର ସତ୍ୟନାରାୟଣ ତାଣ୍ଡି, ରାଜସ୍ୱ ପରିଦର୍ଶକ ଅରବିନ୍ଦ ଯୋଷୀ, ରାଜସ୍ୱ ନିରୀକ୍ଷକ ସୁକରାମ ସାହୁ, ରେକର୍ଡ କିପର ତ୍ରିଭୁବନ ଖମାରୀ, ଅମୀନ ନେତ୍ରଭାନୁ ବିଶି ପ୍ରମୁଖ ଉପସ୍ଥିତ ଥିଲେ।

### ବିଦ୍ୟାଳୟ ପରିଚାଳନା କମିଟି ତାଲିମ କାର୍ଯ୍ୟକ୍ରମ

**ନୂଆପଡା ଅଫିସ, ୧୨।୧୨**

ନୂଆପଡ଼ା ଜିଲା କୋମନା ବ୍ଲକ ଲଖନା କ୍ଲଷ୍ଟରସ୍ତରୀୟ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟସଦସ୍ୟାମାନଙ୍କୁ ତାଲିମ ପ୍ରଦାନ କରାଯାଇଛି। ଲଖନା ନୋଡାଲ ଉଚ୍ଚବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ଟିପୁଚନ ମାଝି ସଭାପତିତ୍ୱ କରିଥିବାବେଳେ ସିଆରସିସି ସୁବଳଶ୍ୟାମ ପଣ୍ଡା, ବିଶ୍ୱଦେବ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ସାଧନ କର୍ମୀ ସୁଜନ ସୁନାନୀ, ମନୋହର ସୁନାନୀ, ନାରାୟଣ ସାହୁ ପ୍ରମୁଖ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ଏଥିରେ ୧୪ଟି କ୍ଲଷ୍ଟର ୧୬୨ଜଣ ପରିଚାଳନା କମିଟି ସଦସ୍ୟା ସଦସ୍ୟମାନେ ଯୋଗଦେଇଥିଲେ। ପରିଚାଳନା କମିଟିର ପରିଚାଳନା, ଡ୍ରପ ଆଉଟ ଏବଂ ବହୁ ଦିନ ଧରି ସ୍କୁଲ ଆସୁ ନ ଥିବା ପିଲାଙ୍କୁ ସ୍କୁଲକୁ ଆଣିବାକୁ କିପରି ପ୍ରୟାସ କରାଯିବ ସେ ଉପରେ ତାଲିମ ପ୍ରଦାନ କରାଯାଇଥିଲା। ପିଲାଙ୍କୁ ପ୍ରତ୍ୟହ ସ୍କୁଲ କିପରି ଅଣାଯିବ ସେ ଉପରେ ତାଲିମ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ନୋଡାଲ ସ୍କୁଲ ଶିକ୍ଷୟିତ୍ରୀଶିକ୍ଷକ, କର୍ମଚାରୀ ସହଯୋଗ କରିଥିଲେ। ପ୍ରଧାନଶିକ୍ଷକ ଟିପୁଚନ ମାଝି ଧନ୍ୟବାଦ ଜ୍ଞାପନ କରିଥିଲେ।

# ପୂର୍ଣ୍ଣିମା ତିଥିରେ ଆସ ସ୍କୁଲ ଯିବା ଅଭିଯାନ

■ ବ୍ଲକର ୨ ଶହ ବିଦ୍ୟାଳୟରେ କାର୍ଯ୍ୟକ୍ରମ

**ନୂଆପଡା ଅଫିସ,୧୨।୧୨**

ଗୁରୁବାର ପୂର୍ଣ୍ଣିମା ତିଥି ଅବସରରେ ନୂଆପଡ଼ା ଜିଲା ସଦର ବ୍ଲକରେ ଅଭିନବ କାର୍ଯ୍ୟକ୍ରମ କରାଯାଇଛି। ବ୍ଲକର ୨ଶହ ବିଦ୍ୟାଳୟରେ ଏକାଦିକ୍ରମରେ ଆସ ସ୍କୁଲ ଯିବା ଅଭିଯାନ କାର୍ଯ୍ୟକ୍ରମ କରାଯାଇଥିଲା। ଏହିକ୍ରମରେ ସମସ୍ତ ବିଦ୍ୟାଳୟରେ ବିଦ୍ୟାଳୟ ପରିଚାଳନା କମିଟି ବୈଠକ ବସିଥିଲା। ଏଥିରେ ବିଦ୍ୟାଳୟ ବାହାରେ ଥିବା ୬ରୁ ୧୪ ବର୍ଷରୁ ଶିଶୁ, ଅଧାରୁ ପାଠ ପଢା ଛାଡିଥିବା ଛାତ୍ରୀଛାତ୍ରମାନଙ୍କୁ ସ୍କୁଲରେ ନିୟମିତ କରିବାକୁ ବିଶେଷ ଆଲୋଚନା



ଆସ ସ୍କୁଲ ଯିବା କାର୍ଯ୍ୟକ୍ରମରେ ଯୋଗଦେଇଥିବା କର୍ମକର୍ତ୍ତା।

କରାଯାଇଥିଲା। ବିଦ୍ୟାଳୟଗୁଡିକରେ ଅଧାରୁ ପାଠପଢା ଛାଡିଥିବା ପିଲାଙ୍କୁ ଉପସ୍ଥିତି, ତାଙ୍କର ପାଠ୍ୟକ୍ରମର ଅଗ୍ରଗତି, ବହିଖାତା, କଲମ, ସ୍କୁଲ ଡ୍ରେସ, ଜୋତା ଇତ୍ୟାଦି ଉପରେ ସମୀକ୍ଷା କରାଯାଇଥିଲା। ଏଥିରେ ପ୍ରାକ ମୂଲ୍ୟାୟନ ହୋଇଥିବା ଫଳାଫଳ କମିଟି ସମ୍ମୁଖରେ ଉପସ୍ଥାପନ କରାଯାଇଥିଲା। ପରିଚାଳନା କମିଟି ସଦସ୍ୟାସଦସ୍ୟ ଛାତ୍ରୀଛାତ୍ରମାନଙ୍କ ଅନୁଭୂତି ପଚାରି ବୁଝିଥିଲେ। ଏହି ସବୁ ବୈଠକରେ ବ୍ଲକ ଶିକ୍ଷାଧିକାରୀ ଡ.ରେଶମଲାଲ ନାଏକ ସମସ୍ତ ସାଧନ କେନ୍ଦ୍ର ସଂଯୋଜକମାନଙ୍କ ଜରିଆରେ ପ୍ରାରମ୍ଭ କରିଥିଲେ। ପ୍ରତ୍ୟେକ ସ୍କୁଲର ଆମ ସ୍କୁଲ ଯିବା କାର୍ଯ୍ୟକ୍ରମକୁ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ରାଧେଶ୍ୟାମ ମେହେର, ଚୈତରାମ ନାଏକ ତଦାରଖ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟଗୁଡିକର ପ୍ରଧାନଶିକ୍ଷକ, ସହକାରୀ ଶିକ୍ଷକ, ପଞ୍ଚାୟତିରାଜ ପ୍ରତିନିଧି, ଛାତ୍ରୀଛାତ୍ର, ଅଭିଭାବକମାନେ ଯୋଗଦେଇଥିଲେ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କାହାକୁ ନ ରୁଚେ ଖଣ୍ଡ କ୍ଷୀରୀସା**
**କିଏ ପାଉନାହିଁ ପଣସ ଖୋସା ।**

ଭୋଗ ବିଳାସରେ ବୁଡ଼ିରହୁଥିବା ବ୍ୟକ୍ତି ଖାଇବା ପାଇଁ ଅରୁଚି ପ୍ରକାଶ କରୁଥିବା ବେଳେ ଦୁଃଖୀ ରଙ୍କି ବ୍ୟକ୍ତି ସାମାନ୍ୟ ଆହାର ମୁଠାଏ ପାଇଁ ଡହଳବିକଳ ହେବା ପରିତାପର ବିଷୟ। ମଣିଷ କାଳ ଓ ଭାଗ୍ୟର ଅଧୀନ। କେଉଁଠି କିଏ ରାଜଭୋଗ କରୁଥିବା ବେଳେ ଆଉ କେଉଁଠି କେହି ଦାରୁଣ ଦୁଃଖକଷ୍ଟରେ ପଡ଼ି ଜୀବନ ବିତାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କଉଡ଼ି,**
**ଶତ୍ରୁକୁ ଦିଏ ଘଉଡ଼ି ।**

ଆଜିର ଅର୍ଥ ସର୍ବସ୍ୱ ଦୁନିଆଁରେ ଅର୍ଥ ହିଁ ସବୁ କିଛି। ଅର୍ଥ ବଳରେ ମଣିଷ ସବୁକିଛି ଅନାୟାସରେ ହାସଲ କରିପାରେ। ପାଖରେ ଅର୍ଥ ଥିଲେ ଶତ୍ରୁ ବି ଆପଣାର ହୋଇଯାଏ। ଅର୍ଥ ଦ୍ୱାରା ଶତ୍ରୁ ମଧ ବଶୀଭୂତ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ଖର୍ଚ୍ଚ ଋଣରୁ କଟିବ
MAHALAXMI FINANCE
1 ଲକ୍ଷରୁ ୨0 ଲକ୍ଷ ପର୍ଯ୍ୟନ୍ତ ଋଣ ପାଆନ୍ତୁ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ।
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ
1% ସୁଧ |40% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
9518852216, 9548270863
ADDRESS: T-51, GAUTAMPURI, DELHI

ASTROLOGY ASTROLOGY

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

FINANCE FINANCE

ନବବର୍ଷ ଧମାକା
ଗୋଟିଏ କଲ୍‌ରେ ଋଣ ପାଆନ୍ତୁ
ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର
ASF FINANCE
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ ଆଧାରକାର୍ଡ, ବ୍ୟବସାୟ ସବୁ ପ୍ରକାର ଋଣ
1% ସୁଧ 25% ଛାଡ଼
ଘରେ ବସି ପାଆନ୍ତୁ ଅନ୍‌ଲାଇନ୍ ସୁବିଧା ଉପଲବ୍ଧ।
94634-86078
Email : financeabirami32@gmail.com
Airport Road, Gandhi Nagar, Bhopal (MP)

LOAN
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ମୁଦ୍ରା ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
ଗୃହ ଋଣ, ପର୍ସନାଲ, ଆଧାରକାର୍ଡ, ମାର୍କଶିଟ୍, ପଶୁପାଳନ, ବ୍ୟବସାୟ, ପ୍ରପର୍ଟି, ଏଗ୍ରିକଲ୍ଚର, ଦୁଇ ଚକିଆ, ଗ୍ରୁପ୍ ଋଣ ସବୁ ପ୍ରକାର ଋଣ
2% ସୁଧ -40% ଛାଡ଼ରେ
ସହଜ କିସ୍ତିରେ ଘରେ ବସି ପାଆନ୍ତୁ
ମହିଳା ତଥା କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ଗଣପତି ଫାଇନାନ୍ସ
8929119958
7289935297
M.P. Nagar, Zone-1, Bhopal, Madhya Pradesh.

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail :- ridhifinanceonlinem.p@gmail.com
9911473748
Add : - 41/14, Sec-1 Pushp Vihar, Delhi

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋଡାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋଡାଧନ, ସଟ୍ଟା, ଜୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
9599320079

BUSINESS BUSINESS

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1984ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

ନବବର୍ଷର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
ଗ୍ଲୋବାଲ ଫାଇନାନ୍ସ ଲିଃ ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9415725066
H.No. 12, Sohana Distt. Mohali

ଋଣ...ଋଣ...ଋଣ...
1 ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ଛାଡ଼
!! ନମୋ ନମୋ ଫାଇନାନ୍ସ !!
E-mail :- namonamoonlinem.p@gmail.com
9911321841
Add : - 41/14, Sec-1 Pushp Vihar, Delhi

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9479667248

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

SEE COLOR DISPLAY CLASSIFIED
ON EVERY TUESDAY & FRIDAY

ଗୋଖାଦ୍ୟ ଦୁର୍ନୀତି ମାମଲା
**ରାଜ୍ୟ ସରକାର, ସିବିଆଇକୁ ଜବାବ ମାଗିଲେ ହାଇକୋର୍ଟ**

ରାଜ୍ୟରେ ହୋଇଥିବା ଗୋଖାଦ୍ୟ ଦୁର୍ନୀତି ମାମଲାରେ ହାଇକୋର୍ଟ ରାଜ୍ୟ ସରକାର ଓ ସିବିଆଇକୁ ଜବାବ ମାଗିଛନ୍ତି। ରାଜ୍ୟ ମିଲ୍କ ଫେଡେରେଶନର ଗୋଖାଦ୍ୟରେ ବ୍ୟାପକ ଆର୍ଥିକ ଅନିୟମିତତା ହୋଇଥିବା ନେଇ ସନ୍ତୋଷ କୁମାର ସାମଲ ନାମକ ଜଣେ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଉକ୍ତ ଅନିୟମିତତାରେ ଉଚ୍ଚ ପଦସ୍ଥ ଅଧିକାରୀମାନଙ୍କ ସମ୍ପୃକ୍ତି ରହିଥିବା ସେ ପିଟିଶନରେ ଦର୍ଶାଇଥିଲେ।




ସୋମ ପଣ୍ଡାଙ୍କ ସଂଗୀତ ପରିବେଷଣ।


ପମି ମିଶ୍ରଙ୍କ ସଂଗୀତ ପରିବେଷଣ।


ଗୁରୁବାର ଅଇଁଠାପାଲି ପିଏଚ୍‌ଡି ପଡ଼ିଆଠାରେ ଅନୁଷ୍ଠିତ ସମ୍ବଲପୁର ମହୋତ୍ସବ ମଞ୍ଚରେ କୁନି ପିଲାଙ୍କ ଫ୍ୟାଶନ ଶୋ ।


ସମ୍ବଲପୁର ମହୋତ୍ସବ ମଞ୍ଚରେ ସମ୍ବଲପୁରୀ ସାଂସ୍କୃତିକ ଅନୁଷ୍ଠାନ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

**ସମ୍ବଲପୁର ମହୋତ୍ସବ ପଞ୍ଚମ ରଜନୀ**

# ଏ ଜନ୍ ଟିକେ ଶୁନି ଯା

**ସମ୍ବଲପୁର,୧୨।୧୨(ବ୍ୟୁରୋ)**

ସମ୍ବଲପୁର ମହୋତ୍ସବ ପଞ୍ଚମ ରଜନୀରେ ଏଜନ୍ ଟିକେ ଶୁନି ଯା...ଗୀତରେ ଦର୍ଶକ ବିମୋହିତ ହୋଇଥିଲେ । ଗୁରୁବାର ଅଇଁଠାପାଲି ପିଏଚ୍‌ଡି ପଡ଼ିଆ ମଞ୍ଚଠାରେ ଯୁବ କଣ୍ଠଶିଳ୍ପୀ ସୋମ ପଣ୍ଡାଙ୍କ କଣ୍ଠରୁ ଏହି ଆଧୁନିକ ସମ୍ବଲପୁରୀ ଗୀତ ଝରି ପଡିଥିଲା । ସେହିପରି ଖ୍ୟାତନାମା ଗାୟିକା ପମି ମିଶ୍ରଙ୍କ ସଂଗୀତ କାର୍ଯ୍ୟକ୍ରମ ମହୋତ୍ସବ ସ୍ଥଳିକୁ ଝଙ୍କୃତ କରିଥିଲା। ଏଥିସହ ସମ୍ବଲପୁରୀ ସାଂସ୍କୃତିକ ଅନୁଷ୍ଠାନ କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ। ସୂର୍ଯ୍ୟ ଗୁରୁଙ୍କ ନିର୍ଦ୍ଦେଶନାରେ ସମ୍ବଲପୁରୀ ପୋଷାକ ଫେଶନ ଶୋ ହୋଇଥିଲା । ଏଥିରେ କୁନି ଝିଅ, ପୁଅମାନେ ଭାଗନେଇ ଦର୍ଶକଙ୍କୁ ଚମକାଇ ଦେଇଥିଲେ। ସମ୍ବଲପୁର ଜିଲା ଓକିଲ ସଂଘ ସଭାପତି ବିଜିତେନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଓ ନାଟ୍ୟଶ୍ରୀ ଡ. ପଞ୍ଚାନନ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ମଞ୍ଚରେ ପଶ୍ଚିମ ଓଡ଼ିଶାର ପାରମ୍ପାରିକ ଖାଦ୍ୟ ପ୍ରଦର୍ଶିତ ହୋଇଥିଲା ।

# ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗିତା: ମଞ୍ଚସ୍ଥ ହେବ ୧୫ ନାଟକ

**ସମ୍ବଲପୁର,୧୨।୧୨(ବ୍ୟୁରୋ)**

ବୀରସୁରେନ୍ଦ୍ର ସାଏ ତ୍ରୟୋବିଂଶତିତମ ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗିତା ଚଳିତ ମାସ ୨୪ରୁ ୨୯ ତାରିଖ ପର୍ଯ୍ୟନ୍ତ ଝାଡୁଆପଡ଼ା ଆରଣ୍ୟକ ମଞ୍ଚଠାରେ ହେବ । ୫ଦିନ ହେବାକୁ ଥିବା ନାଟକ ପ୍ରତିଯୋଗିତାରେ ୧୫ଟି ନାଟକ ମଞ୍ଚସ୍ଥ ହେବ। ଏନେଇ ପାଣ୍ଡୁଲିପି ଚୟନ ହେବା ସହ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଗୁରୁବାର ଏକ ପ୍ରେସ ବିବୃତିରେ ଆୟୋଜକ ସମ୍ପାଦକ ଡ. ସିଦ୍ଧାର୍ଥ ପଣ୍ଡା ଏହି ସୂଚନା ଦେଇଛନ୍ତି । ସେ ଆହୁରି କହିଥିଲେ ଯେ, ଏହି ପ୍ରତିଯୋଗିତାରେ ବରଗଡ଼, ଝାରସୁଗଡ଼ା, କଳାହାଣ୍ଡି, ବଲାଙ୍ଗୀର, ବୌଦ୍ଧ ଓ ସୁବର୍ଣ୍ଣପୁର ଜିଲାରୁ ଶନିବାର ୨୧ଟି ପାଣ୍ଡୁଲିପି ଆସିଥିଲା। ସେଥିମଧ୍ୟରୁ ୧୫ଟି ନାଟ୍ୟ ଦଳକୁ ମନୋନୀତ କରାଯାଇଛି । ଉଦ୍‌ଘାଟନୀ ଅବସରରେ ବରଗଡ଼ କଣ୍ଟାପାଲି ସ୍ପେସ୍ ଥିଏଟର୍ ନାଟକ କିଛି ଗୁଟେ, ହୀରାକୁଦର ଶବ୍ଦ ସାଂସ୍କୃତିକ ଅନୁଷ୍ଠାନର ଶେଫାଲି, ଝାରସୁଗୁଡ଼ା ସୃଜନୀ କଳାପରିଷଦର ମିଷ୍ଟର୍ ଗ୍ୟାବରିଡନ୍ ମଞ୍ଚସ୍ଥ ହେବ। ସେହିପରି ୨୫ରେ ବେଲପାହାଡ଼ ମିରର ଥିଏଟର୍‌ର ସ୍ମାଇଲ ପ୍ଲିଜ୍, ସମ୍ବଲପୁର ପଣ୍ଡିତ ଲକ୍ଷ୍ମୀନାରାୟଣ ସାଂସ୍କୃତିକ ସଂସଦର ଭାଗ, ସ୍ୱର ଅନୁଷ୍ଠାନର ଶକୁନୀ, ୨୬ରେ ସୁବର୍ଣ୍ଣପୁର ଜିଲା ବଡକର୍ଲେ ବୀଣାପାଣୀ ସାହିତ୍ୟ କଳା ସଂସଦର ଥ୍ରୀଡି ଚୋର, ପଦ୍ମପୁର ଅବନିଗୁଣା ନାଟ୍ୟ ସଂସଦ ଗୁଟେ ଚିଠିର କଥା, ସମ୍ବଲପୁର ଆର୍ଟିଷ୍ଟ ଆସୋସିଏଶନ ପରିଚୟର ବାଗଡି, ୨୭ରେ ଭବନୀପାଟଣା ଜୟଭୈରବ ନାଟ୍ୟ ସଂସଦର ନାଟୁଆ, ପଦ୍ମପୁର ଲୁ ଅନୁଷ୍ଠାନର ଗାନ୍ଧୀ ଛକ, ବରଗଡ଼ ସମର୍ପଣ ପକ୍ଷରୁ ଭଉଁରି, ୨୮ରେ ସୋହେଲା ଡ୍ରମା ଚେତନାର ରଘୁପତି ରାଘବ ରାଜାରାମ୍, ସମ୍ବଲପୁର ମଞ୍ଚ ନାୟକର ଭାର ଓ ସମ୍ବଲପୁର ଅଦୃଶ୍ୟ ନାଟ୍ୟ ଆଶ୍ରମ ପକ୍ଷରୁ ତାର ଶେଷ ଇଚ୍ଛା ନାଟକ ମଞ୍ଚସ୍ଥ ହେବ । ୨୯ ତାରିଖ ପୁରସ୍କାର ବିତରଣୀ ଉତ୍ସବରେ ଝାରଖଣ୍ଡ ସାଂସ୍କୃତିକ ମଞ୍ଚ କଳାକାରମାନେ ହିନ୍ଦୀ ଭାଷାର ନାଟକ ସମ୍ବୋଧନ ମଞ୍ଚସ୍ଥ କରିବେ ବୋଲି ସୂଚନା ଦିଆଯାଇଛି।

# ସମ୍ବଲପୁର ଲୋକମହୋତ୍ସବ ପ୍ରସ୍ତୁତି ବୈଠକ, ଆଜି କର୍ମକର୍ତ୍ତା ଚୟନ

**ସମ୍ବଲପୁର,୧୨।୧୨(ବ୍ୟୁରୋ)**

ସମ୍ବଲପୁର ଲୋକମହୋତ୍ସବ ଦ୍ୱିତୀୟ ପ୍ରସ୍ତୁତି ବୈଠକ ଗୁରୁବାର ଡିଆରଡିଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଦ୍ୱିତୀୟ ଦିନ ମଧ୍ୟ କର୍ମକର୍ତ୍ତା ଚୟନ ହୋଇପାରି ନାହିଁ। ସଂଯୋଜକ ଓ ବିଭିନ୍ନ ଉପସମିତି ଆବାହକଙ୍କ ନିମନ୍ତେ ନାମ ଗ୍ରହଣ କରାଯାଇଛି । ଶୁକ୍ରବାର ଜିଲାପାଳ ବିଭିନ୍ନ ଦିଗ ଉପରେ ଆଲୋଚନା କରି ସଂଯୋଜକ ଓ ଉପସମିତି ଆବାହକ ଚୟନ କରିବେ ବୋଲି ବୈଠକରେ ମତ ପ୍ରକାଶ ପାଇଛି । ବୈଠକରେ ସହରର ବିଭିନ୍ନ ଅଞ୍ଚଳର ସାମାଜିକ କର୍ମୀ, କଳାକାର, ଲୋକ ମହୋତ୍ସବର ପୂର୍ବତନ ସଂଯୋଜକ ପ୍ରମୁଖ ଯୋଗଦେଇଥିଲେ। ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ସୁକାନ୍ତ କୁମାର ତ୍ରିପାଠୀ, ଉପଜିଲାପାଳ ଅନିରୁଦ୍ଧ ପ୍ରଧାନ, ମହାନଗର ନିଗମ ଡେପୁଟି କମିଶନର ଦେବେନ୍ଦ୍ର ନନ୍ଦ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ପ୍ରଧାନ, ଏସ୍‌ଡିପିଓ ତପନ ମହାନ୍ତି ଯୋଗଦେଇ ଲୋକମହୋତ୍ସବ ବିଷୟରେ ଆଲୋଚନା କରିଥିଲେ। ସୂଚନାଯୋଗ୍ୟ, ସମ୍ବଲପୁର ଲୋକ ମହୋତ୍ସବ ରାଜ୍ୟରେ ଏକ ମହୋତ୍ସବର ଆନ୍ଦୋଳନ ସୃଷ୍ଟି କରିଥିଲା। ଫଳରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଜିଲା ପ୍ରଶାସନ ଓ ଜନସାଧାରଣ ମହୋତ୍ସବର ଆୟୋଜନ କରିଥିଲେ। ଏପରି କି ଏହି ମହୋତ୍ସବ ଶୀର୍ଷ ସ୍ଥାନରେ ପହଞ୍ଚିଥିଲା । କିନ୍ତୁ ପରବର୍ତ୍ତି ସମୟରେ ଏହା କୌଣସି କାରଣରୁ ତଳକୁ ଖସିଥିବା କଳାକାରମାନେ ମତପୋଷଣ କରିଛନ୍ତି। ଜିଲାରେ ସମସ୍ତ ପ୍ରକାର କାର୍ଯ୍ୟକ୍ରମ ଠିକ୍ ଭାବେ ହୋଇଛି । ଅଥଚ ଲୋକମହୋତ୍ସବ ସମୟ ଆସିଲେ ଜିଲା ପ୍ରଶାସନର ଅଧିକାରୀ ହୁଅନ୍ତୁ କିମ୍ବା କଳାକାର ଓ ସାମାଜିକ କର୍ମୀମାନେ ଚଞ୍ଚଳତା ଦେଖାଉ ନାହାନ୍ତି । ଶେଷ ପର୍ଯ୍ୟାୟରେ ମହୋତ୍ସବ ଲାଗି ଅଣ୍ଟା ବାନ୍ଧିଥିବା ଦେଖାଯାଉଛି । ଗତ ବର୍ଷ ଛକାପଞ୍ଝା ସ୍ଥିତିରେ ଲୋକମହୋତ୍ସବ ଆୟୋଜନ ହୋଇପାରି ନ ଥିଲା । ଏନେଇ କଳାକାର ଓ ଜନସାଧାରଣମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। କିନ୍ତୁ ଚଳିତ ବର୍ଷ ପୂର୍ବ ନିର୍ଦ୍ଧାରିତ ଜାନୁୟାରୀ ୪ରୁ ୬ ତାରିଖ ପର୍ଯ୍ୟନ୍ତ ମହୋତ୍ସବ ହେବାକୁ ଦାବି ହେଉଛି ।

# ମା' ତାରିଣୀଙ୍କ ୨୨ତମ ବାର୍ଷିକ ଉତ୍ସବ

**ରେଢ଼ାଖୋଲ,୧୨।୧୨(ଡି.ଏନ୍.ଏ.)**

ରେଢ଼ାଖୋଲ ଏଲ୍‌ଆଇସି କଲୋନୀସ୍ଥିତ ମା'ତାରିଣୀଙ୍କ ୨୨ତମ ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ମାର୍ଗଶିର ପୂର୍ଣ୍ଣିମାରେ ପାଳିତ ହେଉଥିବା ମା'ଙ୍କ ବାର୍ଷିକ ଉତ୍ସବରେ ଗୁରୁବାର ପୂର୍ବାହ୍ନ ୧୧ଟାରେ କଳସ ବୁଡା ଉତ୍ସବ ହୋଇଥିଲା। ଘଣ୍ଟ, ଦୁଲଦୁଲି ବାଜା, ସଂର୍କୀର୍ତ୍ତନରେ ଅନୁଷ୍ଠିତ କଳସ ଶୋଭାଯାତ୍ରାରେ ଶତାଧିକ ମହିଳା, ପୁରୁଷ ଯୋଗ ଦେଇଥିଲେ। ସ୍ଥାନୀୟ ଶିବ ମନ୍ଦିର ନିକଟରୁ ଜଳ ଆଣି ଶୋଭାଯାତ୍ରା ମା'ଙ୍କ ମନ୍ଦିରରେ ପହଞ୍ଚି ଥିଲା। ପରେ ମନ୍ଦିରରେ ଘଟପୂଜା ହୋଇଥିଲା। ଯଜ୍ଞରେ ସିଦ୍ଧାର୍ଥ ଶଙ୍କର ପ୍ରଧାନ ଏବଂ ତାଙ୍କ ସ୍ତ୍ରୀ କର୍ତ୍ତା ଦାୟିତ୍ୱ ତୁଲାଇ ଥିଲେ। ପଣ୍ଡିତ ସୁଦାମ ପଣ୍ଡା, ସୁବଳ ପଣ୍ଡା ପୂଜାର୍ଚ୍ଚନା କରିଥିଲେ। ଯଜ୍ଞରେ କଲୋନୀ ସମେତ ସହରର ଶତାଧିକ ଭକ୍ତ ଯୋଗଦେଇ ମା'ଙ୍କ ଆଶିସ ଲାଭ କରିବା ସହିତ ପ୍ରସାଦ ସେବନ କରିଥିଲେ। ବାର୍ଷିକ ଉତ୍ସବ କମିଟି ସଭାପତି ଜ୍ଞାନ ରଞ୍ଜନ ପ୍ରଧାନ, ସମ୍ପାଦକ ସନ୍ଦିପ କୁମାର ଦେହୁରୀ, କୋଷାଧ୍ୟକ୍ଷ ନରେଶ କୁମାର ଦାସ, ପୂଜକ ଶିଶିର ଚନ୍ଦ୍ର ମହାପାତ୍ର, ଖଗେଶ୍ୱର ପ୍ରଧାନ, ବୁବୁ ରାଉତ, ସୁଦିନ ରାଏ, ଅନାଦି ସାହୁ, ଜୟନ୍ତ ପ୍ରଧାନ, ବଳରାମ ଧଳ, ସନ୍ତୋଷ ସାହୁ, ସଚ୍ଚିଦାନନ୍ଦ ସାହୁ, ଧବଳ ପ୍ରଧାନ, ବିକ୍ରମ ଦେହୁରୀଙ୍କ ସମେତ ସମସ୍ତ ସଭ୍ୟ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ସନ୍ଧ୍ୟାରେ ଭୁବନେଶ୍ୱରରୁ ଆସିଥିବା ସାଇସାଗର ଦଳର କଣ୍ଠ ଶିଳ୍ପି ସନ୍ତୋଷ କୁମାର, ମୋନାଲିସା, ମାମୁନ ପ୍ରମୁଖ ଭଜନ ସନ୍ଧ୍ୟା ପରିବେଷଣ କରିଥିଲେ।


ମା' ତାରିଣୀଙ୍କ ବାର୍ଷିକ ଉତ୍ସବରେ ବାହାରିଥିବା ଶୋଭାଯାତ୍ରା।

## ବାଇକ୍ ଦୁର୍ଘଟଣା: ଯୁବକ ଗୁରୁତର

**ରେଢାଖୋଲ,୧୨।୧୨(ଡି.ଏନ.ଏ.)**

ରେଢାଖୋଲ ସହର ଝରାପରା ଛକରେ ଗୁରୁବାର ସନ୍ଧ୍ୟାରେ ଏକ ବାଇକ୍ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ଫଳରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ବୁର୍ଡା ଗ୍ରାମର ଲକ୍ଷ୍ମଣ ପୁରୋହିତ(୩୫) ବୋଲି ଜଣାପଡିଛି। ଅଗ୍ନିଶମ ବିଭାଗ କର୍ମଚାରୀ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ରେଢାଖୋଲ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

## ଦୁର୍ଘଟଣାରେ ବୃଦ୍ଧଙ୍କ ମୃତ୍ୟୁ

**ଜୁନାଗଡ଼,୧୨।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ମେରିଆବନ୍ଧଲି ଛକ ୨୬ ନଂ. ଜାତୀୟ ରାଜପଥ ଉପରେ ବୁଧବାର ବିଳମ୍ବିତ ରାତିରେ ଅଜଣା ଗାଡି ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତ ବୃଦ୍ଧ ଜଣକ ହେଲେ ମେରିଆବନ୍ଧଲି ଗ୍ରାମର ଅଖିଲ ନାଏକ (୫୫) । ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଅଖିଲ ବୁଧବାର ରାତି ୧୦ଟାରେ ଜୁନାଗଡରୁ କାମ ସାରି ସାଇକେଲରେ ଘରକୁ ଫେରୁଥିବାବେଳେ ବାଟରେ ମେରିଆବନ୍ଧଲି ଛକଠାରେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା।

# ରେଳ ସୁରକ୍ଷା ବଳ ପକ୍ଷରୁ ସଚେତନତା ଶିବିର

**ରେଢାଖୋଲ୧୨।୧୨(ଡି.ଏନ୍.ଏ.)**

ରେଢାଖୋଲ ରେଳ ସୁରକ୍ଷା ବଳ ପକ୍ଷରୁ ସୋମବାର ବଂଶାଜାଲ ପ୍ରାଥମିକ ବିଦ୍ୟାଳୟରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଗ୍ରାମବାସୀ, ମହିଳା, ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ରେଳ ସୁରକ୍ଷା ବଳ ସବ୍‌ଇନ୍ସପେକ୍ଟର ଅଜୟ ସ୍ୱାଇଁ, ଏଏସ୍ଆଇ ପି.ତ୍ରିପାଠୀ, ଚାଇଲ୍ଡ ଲାଇନର ସଂଯୋଜକ ସଞ୍ଜୟ ସାଗର, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିମଳ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ରେଳଯାତ୍ରା ସମୟରେ କିଭଳି ସାବଧାନ ଅବଲମ୍ବନ କରାଯିବ ସେନେଇ ସଚେତନତା କରାଯାଇଥିଲା। ଏପରି କି ଯାତ୍ରା ସମୟରେ ଅପରିଚିତ ଲୋକଙ୍କଠାରୁ ଖାଦ୍ୟ, ପାନୀୟ ଗ୍ରହନ ନ କରିବା, ରେଲ ଲାଇନ ଅତିକ୍ରମ ନ କରି ଫୁଟ ବ୍ରିଜ ଦେଇ ଯାତାୟତ କରିବା, ମହିଳା, ଶିଶୁମାନଙ୍କ ସୁରକ୍ଷିତ ଯାତ୍ରା ଉପରେ ସଚେତନ କରାଯାଇଥିଲା।


ସଚେତନତା ଶିବିରରେ ମଞ୍ଚାସୀନ ଅତିଥିବୃନ୍ଦ।

# ୧୬ରେ କୃଷି ଅଫିସ୍ ଘେରିବେ ଚାଷୀ

**ମନମୁଣ୍ଡା, ୧୨।୧୨ (ଡି.ଏନ.ଏ)**

କାଳିଆ ଯୋଜନା ଏବଂ ପ୍ରଧାନମନ୍ତ୍ରୀ କିଶାନ ଯୋଜନାରୁ ଯୋଗ୍ୟ ଚାଷୀ ବାଦ୍ ପଡିବା ପ୍ରତିବାଦରେ ଆସନ୍ତା ୧୬ ତାରିଖରେ ବୌଦ୍ଧ ଜିଲା ମନମୁଣ୍ଡାରେ ଏକ ବିଶାଳ ଚାଷୀ ବିକ୍ଷୋଭ ସମାବେଶ ହେବ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ଆରଆଇଙ୍କ ଜରିଆରେ ଏକ ସ୍ମାରକପତ୍ର ପ୍ରଦାନ କରାଯିବ ବୋଲି ଏହାର ନେତୃତ୍ୱ ନେଉଥିବା ଚାଷୀ ନେତା ନିରଞ୍ଜନ କର୍ଣ୍ଣ କହିଛନ୍ତି। ଏହି ବିକ୍ଷୋଭରେ ମନମୁଣ୍ଡା, ଗୁଡଭେଲିପଦର, ବିଳାସପୁର, ବରଗୋଛା, ଶୁଣ୍ଠିପଦର, ଯୋଗୀନ୍ଦ୍ରପୁର, ଖଟଖଟିଆ, ଦପଲା, ଘିକୁଣ୍ଡି, ଶିମିଳିପଦର, ପଲସାଗୋରା, ଗୁଣ୍ଡିମହୁଲ ଆଦି ୧୨ଟି ପଞ୍ଚାୟତର ଚାଷୀ ଯୋଗଦେବେ ବୋଲି କର୍ଣ୍ଣ ଜଣାଇଛନ୍ତି। ସେହିପରି ଚାଷ ଓ ଚାଷୀଙ୍କ ପ୍ରତି ଅବହେଳା, ଚାଷୀମାନଙ୍କ ନିକଟରେ ସରକାରୀ ଯୋଜନା ନ ପହଞ୍ଚିବା, କାଗଜ କଲମରେ କାମ କରି ଚାଷୀମାନଙ୍କୁ ଅନ୍ଧାରରେ ରଖିବା, ଯୋଜନା ଗୁଡିକରେ ଅନିୟମିତତା ଆଦି ୧୧ଦଫା ଦାବିକୁ ନେଇ ସେହିଦିନ ମନମୁଣ୍ଡା କାର୍ଯ୍ୟାଳୟ ଘେରାଉ ସହ ବିକ୍ଷୋଭ ପ୍ରଦର୍ଶନ କରାଯିବା ପାଇଁ ସ୍ଥିର କରାଯାଇଛି। ଉକ୍ତ ଦାବି ପୂରଣ ପାଇଁ ଜିଲା କୃଷି ଅଧିକାରୀଙ୍କ ଉଦ୍ଦେଶ୍ୟରେ ଏଏଓଙ୍କ ମାଧ୍ୟମରେ ଏକ ଦାବିପତ୍ର ପ୍ରଦାନ କରାଯିବ ବୋଲି କର୍ଣ୍ଣ କହିଛନ୍ତି ।

# ତହସିଲଦାରଙ୍କ ନୋଟିସ୍‌କୁ ବିରୋଧ କରି ଧାରଣା

**ବଲାଙ୍ଗୀର ଅଫିସ,୧୨।୧୨**

ତହସିଲଦାରଙ୍କ ନୋଟିସ୍‌କୁ ବିରୋଧ କରି ଲୋଇସିଂହା ତହସିଲ ଅନ୍ତର୍ଗତ ଯୋଗୀସର୍ଡା ଗ୍ରାମର ଚନ୍ଦ୍ରକାନ୍ତି ନାଗ ନାମକ ଜଣେ ମହିଳା ତାଙ୍କ ସନ୍ତାନ ସନ୍ତତି ଓ ସମ୍ପର୍କୀୟଙ୍କ ସହ ବଲାଙ୍ଗୀର ଉପଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଧିଷ୍ଟକାଳୀନ ଧାରଣାରେ ବସିଛନ୍ତି। ଧାରଣାରେ ବସିଥିବା ଚନ୍ଦ୍ରକାନ୍ତିଙ୍କ ସ୍ୱାମୀ ସୁନୀଲ କୁମାର ନାଗ ଦାଦନ ଶ୍ରମିକ ଭାବେ ତାମିଲନାଡୁକୁ କାମ କରିବାକୁ ଯାଇଛନ୍ତି । ଗତ ନଭେମ୍ବର ୧୪ ତାରିଖ ଦିନ ଲୋଇସିଂହା ତହସିଲ ଅଫିସରୁ ଯୋଗୀସର୍ଡାରେ ଘର କରିଥିବା ଜମିକୁ ତୁରନ୍ତ ଖାଲି କରିବା ପାଇଁ ଚନ୍ଦ୍ରକାନ୍ତିଙ୍କୁ ତହସିଲଦାର ନୋଟିସ ଦେଇଛନ୍ତି। ଏହାକୁ ବିରୋଧ କରି ଚନ୍ଦ୍ରକାନ୍ତି ଓ ପରିବାର ଲୋକେ ଧାରଣାରେ ବସିଛନ୍ତି । ଦୀର୍ଘ ୩୦ ବର୍ଷ ହେଲା ଚନ୍ଦ୍ରକାନ୍ତିଙ୍କ ପରିବାର ଉକ୍ତ ଜମିରେ ଘର କରି ରହୁଥିବା ସୂଚନା ଦେଇଛନ୍ତି । ଉକ୍ତ ଜମିକୁ ସରକାରୀ ଜମି ଦର୍ଶାଇ ନୋଟିସର ୩୦ ଦିନ ମଧ୍ୟରେ ଛାଡିଦେବା ପାଇଁ ନୋଟିସରେ ଉଲ୍ଲେଖ କରାଯାଇଛି। ତୁରନ୍ତ ତାଙ୍କୁ ନ୍ୟାୟ ପ୍ରଦାନ କରି ତାଙ୍କ ଉକ୍ତ ଜମିରେ ସ୍ଥାୟୀ ଭାବେ ଥଇଥାନ କରିବାକୁ ସେ ଦାବି ଜଣାଇଛନ୍ତି। ତାଙ୍କ ନାଁରେ ୨୦୧୫ରେ ଜବରଦଖଲ ମାମଲା ରୁଜୁ ହୋଇଥିବା ସେ ସୂଚନା ଦେଇଛନ୍ତି । ଗୁରୁବାର ସନ୍ଧ୍ୟାରେ ଚନ୍ଦ୍ରକାନ୍ତି ଘରକୁ ଫେରିବା ସହ ଶୁକ୍ରବାର ସକାଳୁ ପୁଣି ଥରେ ଉପଜିଲାପାଳ ଅଫିସ ସମ୍ମୁଖରେ ଧାରଣାରେ ବସିବେ ବୋଲି କହିଛନ୍ତି । ଏହି ଧାରଣାକୁ ସମର୍ଥନ ଜଣାଇ ଭିଲେଜର୍ସ ଇଣ୍ଡିଆ ପାର୍ଟି ସଭାପତି ଡ ବିପିନ୍ କୁଶଲିଆ ମଧ୍ୟ ସେଠାରେ ବସିଥିଲେ।

# ସ୍ପେଶାଲ ଅଲିମ୍ପିକ୍ ଭାରତ-ଓଡ଼ିଶା ଏଫ୍‌ସି ବୁଝାମଣା


ଗ୍ରାସ୍ ରୁଟ୍ ପ୍ରୋଗ୍ରାମ୍ ଅବସରରେ ଖେଳାଳିଙ୍କ ସହ ସ୍ପେଶାଲ ଅଲିମ୍ପିକ୍ ଭାରତ ଓ ଓଡ଼ିଶା ଏଫ୍‌ସି କର୍ମକର୍ତ୍ତାମାନେ।

**ଭୁବନେଶ୍ୱର,୧୨।୧୨(ସ୍ପୋର୍ଟ୍ସ ବ୍ୟୁରୋ)**

ତୃଣମୂଳସ୍ତରରେ ଫୁଟବଲର ବିକାଶ ପାଇଁ ଓଡ଼ିଶା ଏଫ୍‌ସି ସ୍ପେଶାଲ ଅଲିମ୍ପିକ୍ ଭାରତ (ଏସ୍‌ଓବି) ସହିତ ଏକ ବୁଝାମଣା ପତ୍ରରେ ସ୍ୱାକ୍ଷର କରିଛି। ପୂର୍ବରୁ ଓଡ଼ିଶା ଏଫ୍‌ସି ଦିଲ୍ଲୀ ଡାଇନାମୋସ ଦଳ ଥିଲା। ସେବେଠାରୁ କ୍ଲବ ସ୍ପେଶାଲ ଅଲିମ୍ପିକ୍ ଭାରତ ସହିତ ଜଡିତ ରହିଆସିଛି। ଓଡ଼ିଶା ଏଫ୍‌ସି ମଧ୍ୟ ସ୍ପେଶାଲ ଅଲିମ୍ପିକ୍ ଭାରତର ଏକ କୋଚ୍ ଏଜୁକେଶନ ପ୍ରୋଗ୍ରାମ ଆୟୋଜନ କରିଥିଲା। ଏଥିରେ ୨୨ଜଣ କୋଚ୍ ଅଂଶଗ୍ରହଣ କରିଥିଲେ। କୋଚ୍‌ମାନଙ୍କ ପାଇଁ ଉଭୟ ଥିଓରି ଓ ପ୍ରାକ୍ଟିକାଲ ସେସନର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କ୍ଲବର ହେଡ୍ ଅଫ୍ ଦି ଫୁଟବଲ ଡେଭଲପ୍‌ମେଣ୍ଟ ଆକାଶ ନରୁଲା, ଗ୍ରାସରୁଟ ମ୍ୟାନେଜର ସାୟାନ୍ତନ ଗାଙ୍ଗୁଲି ଓ ଆସିଷ୍ଟାଣ୍ଟ ମ୍ୟାନେଜର ଶୁଭମ ଦାସ ଯୋଗଦେଇଥିଲେ। ଦୁଇଜଣ ନୂଆ କୋଚ୍ ମହାବୀର ନାଥ ଓ ସୌରଭ ବିର୍ଡି ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା ପ୍ରଦାନ କରିଥିଲେ। ଏସ୍‌ଓବି ସହିତ ମିଳିତ ଭାବେ କାର୍ଯ୍ୟକରି ଆମେ ବହୁତ ଖୁସି। ଏହାଦ୍ୱାରା ରାଜ୍ୟରେ ଫୁଟବଲର ବିକାଶ ହୋଇପାରିବ ବୋଲି ନରୁଲା କହିଛନ୍ତି।



ପ୍ରତ୍ୟେକ ଅପରାଧ ପାଇଁ ମାନବ ଚଳିତ ଦଣ୍ଡବିଧାନ ରହିଥାଏ, କିନ୍ତୁ ପ୍ରତ୍ୟେକ ପାପ ପାଇଁ ଭଗବାନ ହିଁ ଦଣ୍ଡ ଦେଇଥାନ୍ତି କିମ୍ବା ନିଜର ବିବେକ ଦଣ୍ଡିଦିଏ।
-ସ୍ୱାମୀ ଚିଦାନନ୍ଦ ସରସ୍ୱତୀ



## ସଂକ୍ଷେପରେ



### ଜମନକିରା ତହସିଲ ପକ୍ଷରୁ ପଟ୍ଟା ବଣ୍ଟନ

**ଜମନକିରା,୧୨। ୧୨(ଡି.ଏନ୍.ଏ.):** ସମ୍ବଲପୁର ଜିଲା ଜମନକିରା ବ୍ଲକ ଖର୍ସନମାଲ ପଞ୍ଚାୟତରେ 'ମୋ' ଗାଁରେ ତହସିଲ ସେବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ତହସିଲଦାର ସଞ୍ଜୀବ କୁଲୁ ଉପସ୍ଥିତ ରହି ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଇଥିଲେ। ସରକାରଙ୍କ ବସୁନ୍ଧରା ଯୋଜନାରେ ୨୬ଜଣ ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟ ବିପିନ କିଶୋର ଖାଖା, ଖର୍ସନମାଲ ସରପଞ୍ଚ ରାଇଟର ଝାଙ୍କର, କୁଲୁଣ୍ଡି ସମିତିସଭ୍ୟ ରମେଶ ଭୋଇ, ମୁଣ୍ଡେନପାଲି ସମିତିସଭ୍ୟ ମନୋଜ ନାଏକ, ରାଜସ୍ୱ ସୁପରଭାଇଜର ଅଶୋକ କୁମାର ନାୟକ, ବରିଷ୍ଠ କିରାଣି ବସନ୍ତ ନାୟକ, ତରୁଣକାନ୍ତ ପଧାନ, ଆଦର୍ଶ ମୋହନ ଦୋରା, କନିଷ୍ଠ କିରାଣି ମହେଶ୍ୱର ମୁଣ୍ଡା, ରାଜସ୍ୱ ନିରୀକ୍ଷକ ପ୍ରଶାନ୍ତ ମିର୍ଧା, ଭାଗୀରଥି ସାହୁ, ସତ୍ୟନାରାୟଣ ଦାସ, ନନ୍ଦିନୀ କିଷାନ, ଅମିତ ତୁଲସା ପଧାନ, ହୀରାଲାଲ ପଧାନ, ସନତ କୁମାରଙ୍କ ସମେତ ଅନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

### ଦୈନିକ ପରିବା ବଜାରରେ ଲକ୍ଷ୍ମୀପୂଜା ପାଳିତ

**କୁଚିଣ୍ଡା,୧୨।୧୨(ଡି.ଏନ.ଏ.):** କୁଚିଣ୍ଡା ୱାର୍ଡ ନଂ.୪ସ୍ଥିତ ଦୈନିକ ପରିବା ବଜାରରେ ମା' ଲକ୍ଷ୍ମୀଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ବୁଧବାର ଅପରାହ୍ନରେ କଳସ ଶୋଭାଯାତ୍ରା ସହ ରାତ୍ରିରେ ମନୋରଞ୍ଜନ ପାଇଁ ରସମନ୍ଦାର ଗୁରୁପାଲି, ବରଗଡ଼ର ମହିଳା ଦଣ୍ଡନୃତ୍ୟ ପରିବେଷଣ କରାଯାଇଥିଲା। ଗୁରୁବାର ସକାଳେ ମା' ଲକ୍ଷ୍ମୀଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା କରାଯିବା ସହ ମଧ୍ୟାହ୍ନରେ ଅନ୍ନଭୋଗ ଏବଂ ଅପରାହ୍ନରେ ମଡର୍ନ କୃଷ୍ଣଗୁରୁ ବଲବସପୁର, ସମ୍ବଲପୁରର କୃଷ୍ଣଗୁରୁ ଦଳ କଳା ପ୍ରଦର୍ଶନ କରିଥିଲେ। ସନ୍ଧ୍ୟାରେ ଏମ୍‌ଏସ୍ ମେଲୋଡି ପକ୍ଷରୁ ଭଜନ ପରିବେଷଣ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଦେଖିବାକୁ ଜନସମାବେଶ ହୋଇଥିଲା। ଲକ୍ଷ୍ମୀପୂଜା କମିଟିର ଉଦ୍ୟମରେ ଅନ୍ୟ ବର୍ଷ ତୁଳନାରେ ଚଳିତ ବର୍ଷ ପୂଜା ଅଧିକ ଆକର୍ଷଣୀୟ ହୋଇଥିଲା। ପୂଜାରେ କର୍ତ୍ତାଭାବେ କ୍ଷୀରୋଦ ଛଚ୍ଛାନ ଏବଂ ତାଙ୍କ ସ୍ତ୍ରୀ ସୁକାନ୍ତି ଛଚ୍ଛାନ ଦାୟିତ୍ୱ ତୁଲାଉଥିବା ବେଳେ ପୂଜକ ଲକ୍ଷ୍ମୀ ପ୍ରସାଦ ପାଣିଗ୍ରାହୀ ପୂଜା କାର୍ଯ୍ୟ ପାଠ ସମ୍ପାଦନା କରିଥିଲେ । ପୂଜା କମିଟି ସଭାପତି ନିରଞ୍ଜନ ବନଛୋରଙ୍କ ସମେତ କମିଟିର ସମସ୍ତ ସଭ୍ୟାସଭ୍ୟଙ୍କ ସହାୟତାରେ ପୂଜା କାର୍ଯ୍ୟ ସମ୍ପାଦନା ହୋଇଥିଲା । ଶୁକ୍ରବାର ମା' ଲକ୍ଷ୍ମୀଙ୍କ ଭସାଣୀ ଉତ୍ସବ ପାଳନ କରାଯିବ ବୋଲି କମିଟି ପକ୍ଷରୁ କୁହାଯାଇଛି।

## ସମ୍ବଲପୁର ଜିଲାରେ ଧାନ କିଣାରେ ସମସ୍ୟା

# ଚାଷୀଙ୍କ ସହ ଖେଳୁଛି ପ୍ରଶାସନ

**ସମ୍ବଲପୁର,୧୨।୧୨(ବ୍ୟୁରୋ)**

ସମ୍ବଲପୁର ଜିଲାର ପ୍ରାୟ ସମସ୍ତ ମାର୍କେଟ ସହ କ୍ରୟ କେନ୍ଦ୍ରଗୁଡିକରେ ଧାନ କିଣାରେ ବିଭିନ୍ନ ସମସ୍ୟା ଲାଗି ରହିଛି। ଏନେଇ ପ୍ରତିଦିନ ଚାଷୀଙ୍କ ଅଭିଯୋଗ ପରେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଏନେଇ ଚାଷୀ ଅସନ୍ତୋଷ ଲାଗି ରହୁଛି। ଏପରି କି ଯୋଗାଣ ଏବଂ ସମବାୟ ବିଭାଗର କାମ ଠିକ୍ ଭାବେ ହେଉ ନ ଥିବା ଜଣାପଡିଛି।

ଅନ୍ୟପକ୍ଷେ ସମସ୍ତେ ମିଳିମିଶି ଚାଷୀଙ୍କୁ ଶୋଷଣ କରୁଥିବା ଅଭିଯୋଗ ହେଉଛି। ଏପରି କି ମିଲର୍ସଙ୍କୁ କଟନିଛଟନି ପାଇଁ ସମ୍ପୂର୍ଣ୍ଣ ଛାଡି ଦିଆଯାଇଥିବା ଚାଷୀମାନେ କହିଛନ୍ତି। ଏଥିରେ ମିଲର୍ସଙ୍କ ସହିତ ମୋଟା ଅଙ୍କ ଡିଲ୍ ହେଉଥିବା ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ଆବାହକ ଅଶୋକ ପ୍ରଧାନ ଅଭିଯୋଗ କରିଛନ୍ତି । ସେ ଆହୁରି କହିଛନ୍ତି ଯେ, ଜିଲାପ୍ରଶାସନ ସବୁ ଜାଣି ଏଥିପ୍ରତି କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ। ଏପରି କି ସମବାୟ ବିଭାଗ ଧାନ କିଣାର ଏଜେନ୍ସି ଭାବେ କାମ କରୁଛି। ଅନ୍ୟପକ୍ଷେ ଯୋଗାଣ ବିଭାଗ ଏବଂ ଆର୍‌ଏମ୍‌ସିର ଧାନକିଣାର ମୁଖ୍ୟ ଦାୟିତ୍ୱ ରହିଛି। ହେଲେ ସମବାୟ ବିଭାଗ ହାତରେ ଧାନ ସଂଗ୍ରହ ବ୍ୟବସ୍ଥା ପ୍ରଶାସନ ପକ୍ଷରୁ ଟେକି ଦିଆଯାଇଛି । ଏଥିରେ କୋଟିଏ ଟଙ୍କାର ଦୁର୍ନୀତି ହେବାର ଗନ୍ଧ ବାରି ହେଉଛି । କାହା ସ୍ୱାର୍ଥରେ ନିୟମ ବିରୋଧରେ ସମବାୟ ବିଭାଗକୁ ଏତେ ବଡ ଦାୟିତ୍ୱ ଦିଆଯାଇଛି ବୋଲି ସେ ପ୍ରଶ୍ନ କରିଛନ୍ତି । ସମବାୟ ବିଭାଗ ପକ୍ଷରୁ ମିଲର୍ସଙ୍କ ପ୍ରତିନିଧି ନ ରହିଲେ କୁଚିଣ୍ଡାରେ ଧାନ କିଣାବିକା ନ କରିବାକୁ ପ୍ୟାକ୍ସ ଓ ଲ୍ୟାମ୍ପ୍ସ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଭଳିସ୍ଥିତିରେ କୁଚିଣ୍ଡା ଉପଖଣ୍ଡର ପ୍ରାୟ ମାର୍କେଟଗୁଡିକରେ ମିଲର୍ସଙ୍କ ପ୍ରତିନିଧି ଭାବେ ସ୍ଥାନୀୟ ବେପାରୀ ନିୟୋଜିତ ହେଉଛନ୍ତି । ଚାଷୀଙ୍କଠାରୁ ସେମାନେ ମାର୍କେଟରେ ଧାନର କଟନିଛଟନି ସ୍ଥିର କରୁଛନ୍ତି । କୁଇଣ୍ଟାଲ ପିଛା ୪ କି.ଗ୍ରାରୁ ଆରମ୍ଭ କରି ୧୦ କି.ଗ୍ରା ପର୍ଯ୍ୟନ୍ତ ଧାନ କଟାଯାଉଛି। ଏଥିରେ ଚାଷୀ କୌଣସି ଉପାୟ ନ ପାରି ରାଜି ହେଲେ ଧାନ କିଣାଯାଉଛି ନ ହେଲେ ମଣ୍ଡିରେ ଧାନ ପଡିରହୁଛି । ମିଳିଥିବା ତଥ୍ୟ ମୁତାବକ, ଗୁରୁବାର ସୁଦ୍ଧା କୁଚିଣ୍ଡା ଉପଖଣ୍ଡର ବିଭିନ୍ନ ମାର୍କେଟରେ ୬୫ ହଜାର ବସ୍ତା ଧାନ ପଡିରହିଛି । ଫଳରେ ଚାଷୀ ଖୋଲା ଆକାଶ ତଳେ ଶୀତ କାକରରେ ଧାନକୁ ଜଗି ରହିଛି। ତୁରନ୍ତ ଧାନ କିଣା ନେଇ ଚାଷୀମାନେ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କୁ ଜଣାଇଲେ ମଧ୍ୟ ସନ୍ତୋଷଜନକ ଉତ୍ତର ମିଳିପାରୁ ନାହିଁ। ଟୋକନ ବ୍ୟବସ୍ଥା ଚାଷୀଙ୍କ ମୁଖ୍ୟ ସମସ୍ୟା ହୋଇଥିଲେ ମଧ୍ୟ କୁଚିଣ୍ଡା ଉପଖଣ୍ଡରେ ଧାନ ବିକ୍ରି ନେଇ ଚାଷୀ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଚାଷୀ ଧାନ ଅମଳ କରି ମାର୍କେଟ ଓ ଖଳାରେ ରଖିଛି ହେଲେ ଟୋକନ ମିଳୁ ନାହିଁ। ଡିସେମ୍ବର ୧ ତାରିଖରୁ ଟୋକନ ଆସିବା ଏକ ପ୍ରକାର ବନ୍ଦ ହୋଇଯାଇଛି । ଅଭିଯୋଗ ପରେ ସମବାୟ ବିଭାଗ କିଛି କହିପାରୁ ନାହିଁ। ଏଭଳିସ୍ଥିତିରେ ଚାଷୀମାନେ ଯମଦଣ୍ଡ ଭୋଗୁଥିବା କହୁଛନ୍ତି। ଏନେଇ ଜିଲା ଯୋଗାଣ ଅଧିକାରୀ ରଞ୍ଜନ ସେଠଙ୍କୁ ପଚାରିବାକୁ ସମସ୍ୟା ରହିଛି ହେଲେ ପ୍ରତିଦିନ ଚାଷୀଙ୍କ ଧାନ କିଣା ଯାଉଥିବା କହିଥିଲେ। ଏନେଇ ସମବାୟ ବିଭାଗ ଡିଆର୍‌ସିଏସ୍ ଲିଙ୍ଗରାଜ ନାଏକଙ୍କୁ ପଚାରିବାରୁ ୧୫ ଦିନ ବ୍ୟବଧାନରେ ଧାନ କିଣା ନେଇ ଟୋକନ ଜେନେରେଟ କରାଯିବାର ବ୍ୟବସ୍ଥା ରହିଛି। ତେଣୁ ଡିସେମ୍ବର ପହିଲାରୁ ଟୋକନ ଜେନେରେଟ କରାଯାଇଥିଲା। ବର୍ତ୍ତମାନ ବନ୍ଦ ରହିଛି। ଡିସେମ୍ବର ୧୫ତାରିଖ ପରେ ପୁଣି ଟୋକନ ଜେନେରେଟ କରାଯାଇ ତୁରନ୍ତ ଚାଷଙ୍କ ସମସ୍ୟାର ସମାଧାନ କରାଯିବ ବୋଲି କହିଥିଲେ।



ସମ୍ବଲପୁର ଜିଲା କୁଚିଣ୍ଡା ଉପଖଣ୍ଡ ଏକ ମାର୍କେଟରେ ଖୋଲା ଆକାଶରେ ଧାନ ପଡିରହିଛି ।

## ହାତୀ ଆକ୍ରମଣରେ ବୃଦ୍ଧଙ୍କ ମୃତ୍ୟୁ ଘଟଣା

# ଆର୍ଥିକ ସହାୟତା ଦେଲା ବନ ବିଭାଗ

**ସମ୍ବଲପୁର,୧୨।୧୨(ବ୍ୟୁରୋ)**

ହାତୀ ଆକ୍ରମଣରେ ସମ୍ବଲପୁର ବନଖଣ୍ଡ ଅଧୀନ ଇଚ୍ଛାପାଳ ଗ୍ରାମର ନିରଞ୍ଜନ ଭୋଇ(୬୧)ଙ୍କ ବୁଧବାର ମୃତ୍ୟୁ ଘଟିଥିଲା । ଗୁରୁବାର ବନ ବିଭାଗ ପକ୍ଷରୁ ମୃତ ନିରଞ୍ଜନଙ୍କ ସ୍ତ୍ରୀ କୁମୁଦିନୀଙ୍କୁ ୪୦ ହଜାର ଟଙ୍କାର ଏକ ଚେକ୍ ପ୍ରଦାନ କରାଯାଇଛି। ଏହି ଅବସରରେ ବୀରସିଂଗଡ଼ ସରପଞ୍ଚ ରୀଫାରାଣୀ ବେହେରା, ସଦର ରେଞ୍ଜର ଗୌରୀ ଦାସ, ଫରେଷ୍ଟର ସୁନୀଲ ମହାପାତ୍ର, ଗାର୍ଡ ସୁନୀଲ ମିର୍ଦ୍ଧା ପ୍ରମୁଖ ଉପସ୍ଥିତ ରହିଥିଲେ। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ଅନ୍ୟାନ୍ୟ ସହାୟତା ପ୍ରଦାନ କରାଯିବ ବୋଲି ରେଞ୍ଜର ଦାସ କହିଛନ୍ତି। ସୂଚନା ଯୋଗ୍ୟ, ନିରଞ୍ଜନ ବୁଧବାର ଗାଈ ଖୋଜିବାକୁ ସ୍ଥାନୀୟ ଜଙ୍ଗଲକୁ ଯାଇଥିଲେ। ସେତିକିବେଳେ ସେ ଏକ ହାତୀ ହାବୁଡରେ ପଡିଯାଇଥିଲେ। ହାତୀ ତାଙ୍କୁ ଆକ୍ରମଣ କରି ଦଳି ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ସେହିପରି ବଦୁପାଲି ପଞ୍ଚାୟତ ଝାଙ୍କରବାହାଲି ଗ୍ରାମର ରାହି ସାହା(୫୫) ନାମକ ବୃଦ୍ଧା ଗୁରୁତର ଆହତ ହୋଇଥିଲେ । ସେ ଜିଲା ସଦର ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ହେଉଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି।



ବନ ବିଭାଗ ଅଧିକାରୀମାନେ ସମ୍ବଲପୁର ଜିଲା ଯୁଯୁମୁରା ଇଚ୍ଛାପାଳ ଗ୍ରାମର ମୃତ ନିରଞ୍ଜନଙ୍କ ସ୍ତ୍ରୀ କୁମୁଦିନୀଙ୍କୁ ଚେକ୍ ପ୍ରଦାଦ କରୁଛନ୍ତି।

## ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ ଯୋଜନା

# ଅସ୍ତ୍ରୋପଚାର ପାଇଁ ୮ ଶିଶୁ ଗଲେ ଅହମ୍ମଦାବାଦ

**ସମ୍ବଲପୁର, ୧୨।୧୨ (ବ୍ୟୁରୋ)**

ସମ୍ବଲପୁର ଜିଲା ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ (ଆରବିଏସ୍‌କେ) ଯୋଜନାରେ ୮ଜଣ ଶିଶୁଙ୍କୁ ମାଗଣାରେ ହୃଦ୍‌ରୋଗ ଚିକିତ୍ସା ସହ ଅସ୍ତ୍ରୋପଚାର କରାଯିବ। ଗୁରୁବାର ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଶଶିଭୂଷଣ ପଟେଲଙ୍କ ନିର୍ଦ୍ଦେଶକ୍ରମେ ଅହମ୍‌ଦାବାଦସ୍ଥିତ (ସତ୍ୟସାଇ) ମେଡିକାଲକୁ ପଠାଯାଇଛି। ସୂଚନାଯୋଗ୍ୟ, ମାନେଶ୍ୱର ବ୍ଲକର ୪ଜଣ, ରେଙ୍ଗାଲି ବ୍ଲକର ୨ଜଣ ଓ ନାକଟିଦେଉଳର ୧ଜଣ, ରେଢ଼ାଖୋଲ ବ୍ଲକର ୧ଜଣ ହୃଦ୍‌ରୋଗୀ ଶିଶୁ ରହିଛନ୍ତି। ଆର୍‌ବିଏସ୍‌କେ ବିଭାଗ ଅଧିକାରୀ କହିଛନ୍ତି ଯେ, ଜନ୍ମଗତ ହୃଦ୍‌ରୋଗ ଏକ ଜଟିଳ ସମସ୍ୟା । ହେଲେ ଏହାର ନିରାକରଣ ବ୍ୟବସ୍ଥା ରହିଛି । ରାଜ୍ୟର ବିଭିନ୍ନ ମେଡିକାଲରେ ମାଗଣାରେ ଏହି ଚିକିତ୍ସା କରାଯାଉଛି । ରୋଗ ଚିହ୍ନଟ କରି ରୋଗୀ ଓ ପରିବାରଙ୍କ ସମସ୍ତ ଖର୍ଚ୍ଚ ସରକାର ପକ୍ଷରୁ ବହନ କରାଯାଉଛି। ଏହି ଯୋଜନାର ଲାଭ ନେବାକୁ ସେ କହିଛନ୍ତି। ଅତିରିକ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡା. କୁବେର ଚନ୍ଦ୍ର ମହନ୍ତ ଶିଶୁମାନଙ୍କୁ ଫଳ ବଣ୍ଟନ କରିଥିଲେ। ଏହି ଅବସରରେ ଏନ୍‌ଏଚ୍‌ଏମ୍ ସମ୍ବଲପୁର ଡିଡିଏମ୍ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀଙ୍କ ସମେତ ଆର୍‌ବିଏସ୍‌କେର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହିଥିଲେ। ଡା. ବିଷ୍ଣୁପ୍ରସାଦ ମହନ୍ତ ଓ ଜନ୍ମଜୟ ଲହରିଆ ଶିଶୁମାନଙ୍କ ସହ ଅହମ୍ମଦାବାଦ ଗସ୍ତ କରିଛନ୍ତି ।




ଗୁରୁବାର ସମ୍ବଲପୁର ସିଟି ଷ୍ଟେଶନଠାରେ ହୃଦ୍‌ରୋଗୀ ଶିଶୁ ଓ ପରିବାର ।

## ରେଳୱେ ଷ୍ଟେଶନ ଫୁଟ ଓଭର ବ୍ରିଜ

# ଲୁହା ତାରଜାଲି ପଡ଼ି ମହିଳା ଗୁରୁତର

**ବାମରା,୧୨।୧୨(ଡି.ଏନ୍.ଏ.)**

ବାମରା ରେଳୱେ ଷ୍ଟେଶନ ଫୁଟ ଓଭର ବ୍ରିଜରେ ଲାଗିଥିବା ଲୁହା ତାରଜାଲି ପଡି ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ବାମରା ବ୍ଲକ ବାଉଁଶଲଗା ପଞ୍ଚାୟତ ଅଧୀନ ବିଲେଇଘାଟି ଗ୍ରାମର କପିଳେନ୍ଦ୍ର ମାଝିଙ୍କ ସ୍ତ୍ରୀ ପ୍ରମିଳା(୨୫)। ମିଳିଥିବା ସୂଚନା ମୁତାବକ, ଗୁରୁବାର କପିଳେନ୍ଦ୍ର ନିଜ ସ୍ତ୍ରୀଙ୍କ ସହ ପିଲାଛୁଆଙ୍କୁ ଧରି ୨ନମ୍ବର ପ୍ଲାଟଫର୍ମରୁ ଫୁଟ ଓଭର ବ୍ରିଜ ଅତିକ୍ରମ କରି ସାଇଡିଂକୁ ଆସୁଥିଲେ। ସେତିକିବେଳେ ଓଭର ବ୍ରିଜରେ ଲାଗିଥିବା ଏକ ଲୁହ ଜାଲି ଖସିପଡି ପ୍ରମିଳାଙ୍କ ମୁଣ୍ଡରେ ପଡିଥିଲା । ଫଳରେ ପ୍ରମିଳାଙ୍କ ମୁଣ୍ଡ ଫାଟି ରକ୍ତସ୍ରାବ ହୋଇଥିଲା। ଏପରି କି ତାଙ୍କ ସହ ଥିବା ୧ ବର୍ଷର ଝିଅ ସାମାନ୍ୟ ଆହତ ହୋଇଥିବା ବେଳେ କପିଳେନ୍ଦ୍ର ଅଳ୍ପକେ ବର୍ତ୍ତି ଯାଇଥିଲେ। ସେଠାରେ ଉପସ୍ଥିତ ଥିବା ମୋଟର ଚାଳକ ସଂଘ ସଭାପତି ତନବୀର ହାସନ, ମନୋଜ ସାହୁ ତାଙ୍କୁ ତୁରନ୍ତ ଉଦ୍ଧାର କରି ଗୋବିନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ସୁନ୍ଦରଗଡ଼ ସଦର ଡାକ୍ତରଖାନାକୁ ପଠାଯାଇଥିଲା।

## ଫସଲ ବୀମା ପ୍ରଦାନ ଦାବି

# ପଞ୍ଚାୟତରେ ତାଲା ପକାଇଲେ ଚାଷୀ

**ଜମନକିରା,୧୨।୧୨ (ଡି.ଏନ୍.ଏ.)**

ସମ୍ବଲପୁର ଜିଲା ଜମନକିରା ବ୍ଲକର ମିଳିତ ଚାଷୀ ସଂଗଠନର ନିଷ୍ପତ୍ତି କ୍ରମେ ଫସଲ ବୀମା ପ୍ରଦାନ ଦାବିରେ ବୁଧବାର ମହଦା ଓ କେନାଢ଼ିପା ପଞ୍ଚାୟତର ଚାଷୀମାନେ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇ ଆନ୍ଦୋଳନ କରିଥିଲେ। ସେହିପରି ଗୁରୁବାର ଧୁଡ଼ିପାଲି ପଞ୍ଚାୟତର ଚାଷୀମାନେ ଏକତ୍ରିତ ହୋଇ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇଥିଲେ। ବୀମା ରାଶି ପ୍ରଦାନ ନ ହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପାଇଁ ପଞ୍ଚାୟତ କାର୍ଯ୍ୟାଳୟ ବନ୍ଦ କରାଯିବ ବୋଲି ଚାଷୀ ସଂଗଠନ ପକ୍ଷରୁ କୁହାଯାଇଛି।

ସୂଚନା ଯୋଗ୍ୟ, କୃଷି ଆର୍ଥିକ ବର୍ଷ ୨୦୧୮-୧୯ରେ ଜମନକିରା ତଥା କୁଚିଣ୍ଡା ଉପଖଣ୍ଡର ଚାଷୀ ବର୍ଷା ଅଭାବରୁ ମରୁଡ଼ିର ଶିକାର ହୋଇଥିଲେ। ହେଲେ ସରକାରଙ୍କ ପକ୍ଷରୁ ୨୦୧୮-୧୯ ବୀମାରାଶି ପ୍ରଦାନ କରାଯାଇନାହିଁ। ଏନେଇ ଗ୍ରାମବାସୀ ରାଜ୍ୟ ସରକାରଙ୍କ ସହ ପ୍ରଶାସନିକ ଅଧିକାରୀଙ୍କୁ ବାରମ୍ବାର ଜଣାଇଛନ୍ତି। ହେଲେ ବୀମା ସହାୟତା ପ୍ରଦାନ କରାଯାଉ ନାହିଁ। ଏନେଇ କିଛି ଦିନ ତଳେ କୁଚିଣ୍ଡା ଉପଖଣ୍ଡର ଚାଷୀ ମିଳିତ ହୋଇ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୩୩ ଦିନ ଧରି ଧାରଣାରେ ବସିଥିଲେ। ହେଲେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନ ନେବାରୁ ଅକ୍ଟୋବର ୧୧ ତାରିଖରେ ମହାବନ୍ଦ କରାଯାଇଥିଲା। ହେଲେ ବର୍ତ୍ତମାନ ସୁଦ୍ଧା କୌଣସି ସୁଫଳ ମିଳିପାରି ନାହିଁ। ଏନେଇ ଚାଷୀ ସଂଗଠନ ବାଧ ହୋଇ କେନାଢ଼ିପା, ମହଦା ଏବଂ ଜମନକିରା ବ୍ଲକ୍ ଧୁଡ଼ିପାଲି ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇ ଆଲୋଳନ କରୁଛନ୍ତି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ କୁଚିଣ୍ଡା ଉପଖଣ୍ଡର ସମସ୍ତ ପଞ୍ଚାୟତରେ ତାଲା ପକାଇ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ କରାଯିବ ବୋଲି କୁଚିଣ୍ଡା ଉପଖଣ୍ଡସ୍ତରୀୟ ଚାଷୀ ସଂଗଠନର ଆବାହକ କୁଶଧ୍ୱଜ ଚୌଧୁରୀ ପ୍ରକାଶ କରିଛନ୍ତି। ଆନ୍ଦୋଳନରେ ଶତାଧିକ ଚାଷୀ ସାମିଲ ହୋଇଥିଲେ।



ଚାଷୀମାନେ ଧୁଡ଼ିପାଲି ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଉଛନ୍ତି।

## ଡେପୁଟେସନ ନିର୍ଦ୍ଦେଶ ବାତିଲ ଦାବି

# ଶିକ୍ଷୟିତ୍ରୀଙ୍କ ଯୋଗଦାନ ପରେ ତାଲା ଖୋଲିଲା

**ପଡିଆବାହାଲ,୧୨।୧୨(ଡି.ଏନ.ଏ.)**

ସମ୍ବଲପୁର ଜିଲା କୁଲୁଣ୍ଡି ବିଶ୍ୱ ସେବା ହାଇସ୍କୁଲରେ ଗୁରୁବାର ଜଣେ ଶିକ୍ଷୟିତ୍ରୀଙ୍କ ଯୋଗଦାନ ପରେ ସ୍କୁଲରେ ତାଲା ଖୋଲାଯିବା ସହ ପାଠପଢା ସ୍ୱାଭାବିକ ହୋଇଥିଲା। ଅନ୍ୟପକ୍ଷେ ସ୍କୁଲର ଇଂଲିଶ ଶିକ୍ଷକଙ୍କୁ ସପ୍ତାହରେ ୩ ଦିନ ଅନ୍ୟସ୍କୁଲକୁ ଡେପୁଟେସନରେ ପଠାଯାଉଛି। ଏହି ନିର୍ଦ୍ଦେଶକୁ ବାତିଲ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଦାବି ପୂରଣ ନ ହେଲେ ଡିସେମ୍ବର ୧୬ତାରିଖରେ ରାସ୍ତାରୋକୋ କରାଯିବ ବୋଲି ଅଭିଭାବକ ଓ ପରିଚାଳନା କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି। ସୂଚନା ଯୋଗ୍ୟ, କୁଲୁଣ୍ଡି ବିଶ୍ୱ ସେବା ହାଇସ୍କୁଲରେ ଶିକ୍ଷକ ଅଭାବ ରହିଛି। ହେଲେ ସ୍କୁଲରୁ ଶିକ୍ଷକଙ୍କୁ ବଦଳି କରାଯିବା ସହ ଅନ୍ୟ ସ୍କୁଲଗୁଡିକୁ ଡେପୁଟେସନରେ ପଠାଯାଉଛି । ଏହାକୁ ବିରୋଧ କରି ଅଭିଭାବକ ଓ ପରିଚାଳନା କମିଟି ପକ୍ଷରୁ ୩ ଦିନ ହେଲା ସ୍କୁଲରେ ତାଲା ପକାଇ ଆନ୍ଦୋଳନ କରାଯାଉଥିଲା।

## ସମ୍ବଲପୁରରେ ବଢି ଚାଲିଛି ସଟ୍ଟା ଖେଳ

# ୫ ମୁଖ୍ୟଙ୍କ ସହ ୧୧ ଗିରଫ

**ସମ୍ବଲପୁର,୧୨।୧୨ (ବ୍ୟୁରୋ)**

ସମ୍ବଲପୁର ଜିଲାରେ ସଟ୍ଟା ଖେଳ ସାମ୍ରାଜ୍ୟ ବିସ୍ତାର କରିବାରେ ଲାଗିଛି। ଅନ୍‌ଲାଇନ ସହ ବିଭିନ୍ନ ଦୋକାନଗୁଡିକରେ ଅବାଧରେ ସଟ୍ଟା ଖେଳାଯାଉଛି । ଏ ନେଇ ସମ୍ବଲପୁର ଏସ୍‌ପି କନୱର ବିଶାଳ ସିଂଙ୍କ ନିର୍ଦ୍ଦେଶ କ୍ରମେ ପୋଲିସ ଟିମ୍ ବିଭିନ୍ନ ଥାନା ଅଞ୍ଚଳରେ ଚଢ଼ାଉ କରିଥିଲା। ଚଢାଉ ବେଳେ ପୋଲିସ ଅଧିକାରୀମାନେ ୫ଜଣ ସଟ୍ଟା ଖେଳାଉଥିବା ମୁଖ୍ୟଙ୍କ ସହ ୧୧ଜଣଙ୍କୁ ଗିରଫ କରିଥିଲେ। ମୁଖ୍ୟ ଅଭିଯୁକ୍ତମାନେ ହେଲେ ସମ୍ବଲପୁର ଟାଉନଥାନା ଅଞ୍ଚଳର ଅଜିତ ପୁରୋହିତ, ଅଇଁଠାପାଲି ଥାନା ଅଞ୍ଚଳର ରାକେଶ ନିକ୍ରିରାଜ, ଖେତରାଜପୁର ଥାନା ଅଞ୍ଚଳର ବିଜୟ ଗୁପ୍ତା, ହୀରାକୁଦ ଥାନା ଅଞ୍ଚଳର ସୁରେଶ ଚନ୍ଦ୍ର ବେହେରା ଓ ଧନଞ୍ଜୟ ଅରୋରା। ସେହିପରି ପୋଲିସ ଗୋବିନ୍ଦ ଓରାମ, ଜୟପ୍ରକାଶ ସା, ନେପାଳ ମେହେର, ମଣ୍ଟୁ ଜାଲ, ଅନିରୁଦ୍ଧ ସାହୁ, ଗୋବର୍ଦ୍ଧନ ବାରିକ, ପ୍ରମୋଦ ଗର୍ଡିଆ, ନିନ ପ୍ରଧାନ, ଅମୂଲ୍ୟ କୁମାର ଦୀପ, ଜାହିର ଖାନ୍, ବିଜୟ ବେହେରାଙ୍କୁ ଗିରଫ କରିଛି। ତାଙ୍କ ନାମରେ ବିଭିନ୍ନ ଥାନାରେ ପୃଥକ ମାମଲା ରୁଜୁ ହୋଇଛି । ପୋଲିସ ସେମାନଙ୍କୁ ନିକଟରୁ ନଗଦ ୫୩ ହଜାର ୬୭୦ ଟଙ୍କା ସହ ସଟ୍ଟା ସାମଗ୍ରୀ ଜବତ କରିଛି। ସୂଚନାଯୋଗ୍ୟ, ସମ୍ବଲପୁର ସହରରେ ସଟ୍ଟା ଖେଳକୁ ନେଇ ବିଭିନ୍ନ ସମୟରେ ଅଭିଯୋଗ ହେଉଥିଲା। ଏ ନେଇ ଜିଲା ପୋଲିସ ପକ୍ଷରୁ ଚଢ଼ାଉ କରାଯାଇଥିଲା।

# ମାନେଶ୍ୱର ବ୍ଲକର ୨ ସ୍କୁଲରେ ତାଲା

■ ଗେଟ୍ ସମ୍ମୁଖରେ ଧାରଣା

**ସମ୍ବଲପୁର,୧୨।୧୨ (ବ୍ୟୁରୋ)**

ବାର୍ଷିକ ପରୀକ୍ଷା ହେବାକୁ ମାତ୍ର ୨ ମାସ ରହିଲା । ପାଠ ପଢ଼ା ଠିକ୍ ଭାବେ ଚାଲୁଥିବା ବେଳେ ହଠାତ୍ ସ୍କୁଲରେ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ବଦଳି କରାଯାଉଛି । କାହା ସ୍ୱାର୍ଥରେ ଏଭଳି କାର୍ଯ୍ୟ କରାଯିବା ସହ ପିଲାଙ୍କ ଭବିଷ୍ୟତ ସହ ଖେଳାଯାଉଥିବା ଅଭିଯୋଗ କରି ମାନେଶ୍ୱର ବ୍ଲକର ୨ଟି ସ୍କୁଲରେ ଅଭିଭାବକ ଓ ଛାତ୍ରୀଛାତ୍ରମାନେ ତାଲା ପକାଇଛନ୍ତି। ଏପରି କି ଗେଟ ସମ୍ମୁଖରେ ଧାରଣା ଦେଇ ଶିକ୍ଷକ ବଦଳି ବାତିଲ ଦାବି କରିଛନ୍ତି। ଗୁରୁବାର ସକାଳେ ତାଳପାଲି ଗ୍ରାମ ଉଚ୍ଚ ପ୍ରାଥମିକ ସ୍କୁଲରେ ଅଭିଭାବକ ଏବଂ ଛାତ୍ରୀଛାତ୍ରମାନେ ତାଲା ପକାଇ ଆନ୍ଦୋଳନ କରିଥିଲେ। ଏପରି କି ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ସ୍କୁଲ ଭିତରକୁ ଯିବାକୁ ମନା କରିଥିଲେ। ଏନେଇ ଘଟଣାସ୍ଥଳରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ଖବର ପାଇ ସଦର ଥାନା ପୋଲିସ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲା। ହେଲେ ଆନ୍ଦୋଳନକାରୀମାନେ ଶିକ୍ଷକ ବଦଳି ବାତିଲ ଦାବି କରି ନିଜ ଜିଦରେ ଅଡି ବସିଥିଲେ। ଅନ୍ୟପକ୍ଷେ ସନ୍ଧ୍ୟା ପର୍ଯ୍ୟନ୍ତ ସ୍କୁଲରେ ତାଲା ପଡିରହିଥିଲା। ହେଲେ କୌଣସି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ନ ଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି ।




ସମ୍ବଲପୁର ମାନେଶ୍ୱର ବ୍ଲକ ତାଲପାଲି ଗ୍ରାମ ଉ.ପ୍ରା. ସ୍କୁଲରେ ଅଭିଭାବକ ଓ ଛାତ୍ରୀଛାତ୍ରମାନେ ତାଲା ପକାଇ ବିକ୍ଷୋଭ କରୁଛନ୍ତି।

### ଶିକ୍ଷକ ବଦଳି ପ୍ରତିବାଦ

ସେହିପରି ଡକରା ପଞ୍ଚାୟତ ସିତିଲେନପାଲି ପ୍ରାଥମିକ ସ୍କୁଲରେ ଅଭିଭାବକମାନେ ଗୁରୁବାର ତାଲା ପକାଇବା ଘଟଣା ଦ୍ୱିତୀୟ ଦିନରେ ପହଞ୍ଚିଛି । ଅଭିଭାବକମାନେ ଅଭିଯୋଗ କରିଛନ୍ତି ଯେ, ସ୍କୁଲରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନାହାନ୍ତି। ୨ଜଣ ଶିକ୍ଷକଙ୍କୁ ନେଇ ପାଠପଢା ଚାଲିଛି। ଏଭଳିସ୍ଥିତିରେ ଜଣେ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ଫଳରେ ସ୍କୁଲରେ ପାଠପଢ଼ା ବ୍ୟାଘାତ ହେବା ଅଭିଯୋଗ କରି ଶିକ୍ଷକଙ୍କ ବଦଳି ବାତିଲ ଦାବି କରାଯାଇଛି। ଦାବି ପୂରଣ ନ ହେଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସ୍କୁଲରେ ତାଲା ଝୁଲିବ ବୋଲି ଅଭିଭାବକମାନେ ଚେତାବନୀ ଦେଇଛନ୍ତି।



“ମୁଁ କେବଳ ରାନୁ ମଣ୍ଡଳଙ୍କୁ ବ୍ରେକ୍ ଦେଇନି, ଅନେକେ ଏଥିରେ ସାମିଲ ହୋଇଛନ୍ତି। ମୋତେ ରାନୁଙ୍କ ମ୍ୟାନେଜର ଭାବି ପ୍ରଶ୍ନ କରିବା ବନ୍ଦ କରନ୍ତୁ।
-ହିମେଶ୍ ରେଶମିୟା,
ବଲିଉଡ୍ ସଙ୍ଗୀତ ନିର୍ଦ୍ଦେଶକ



# ୬୯ ବର୍ଷରେ ପାଦ ଥାପିଲେ ରଜନୀକାନ୍ତ

**ବେଙ୍ଗାଲୁରୁ:** ତାମିଲ, ତେଲୁଗୁ, ମାଲାୟଲମ୍, ବେଙ୍ଗଲୀ, ହିନ୍ଦୀ ଆଦି ଭାଷାରେ ୧୬୦ରୁ ଊର୍ଦ୍ଧ୍ୱ ଫିଲ୍ମରେ ଅଭିନୟ କରିଥିବା ସୁପରଷ୍ଟାର ରଜନୀକାନ୍ତ ୬୯ ବର୍ଷରେ ପଦାର୍ପଣ କରିଛନ୍ତି। ସେ ୧୯୫୦ ଡିସେମ୍ବର ୧୨ରେ ବେଙ୍ଗାଲୁରୁଠାରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପ୍ରକୃତ ନାମ ଶିବାଜୀ ରାଓ ଗାଏକ୍ୱାଡ୍। ତାଙ୍କୁ ଲୋକେ ସ୍ନେହରେ ଥାଲାଇବା ବୋଲି ଡାକିଥାନ୍ତି। ଫ୍ୟାମିଲିକୁ ଅଧିକ ଗୁରୁତ୍ୱ ଦେଉଥିବା ରଜନୀକାନ୍ତଙ୍କର ପୋର୍ନ ଅଭିନେତ୍ରୀ ସିଲ୍କ ସ୍ମିତାଙ୍କ ସହିତ ଆଫେୟାର୍ସ ନେଇ ୮୦ ଦଶକରେ ବେଶ୍ ଚର୍ଚ୍ଚା ହୋଇଥିଲା। ଉଭୟ ବହୁ ଫିଲ୍ମରେ ଏକାଠି କାମ କରିଛନ୍ତି। ଏହି ଆଫେୟାର୍ସ ଅନେକ ଦିନ ଧରି ଚାଲିଥିଲା ବୋଲି କେତେକ କୁହନ୍ତି। ରଜନୀକାନ୍ତ ସିଲ୍କ ସ୍ମିତାଙ୍କ ଶରୀରରେ ସିଗାରେଟ ଚେଙ୍କ ଦେଇଥିବା ନେଇ ମଧ୍ୟ ଚର୍ଚ୍ଚା ହୋଇଥିଲା। ୧୯୯୬ରେ ସିଲ୍କ ସ୍ମିତା ମାନସିକ ସ୍ଥିତି ହରାଇ ବସି ଆତ୍ମହତ୍ୟା କରିଥିଲେ। ପରେ ୨୦୧୧ରେ ତାଙ୍କ ଜୀବନୀ ଉପରେ ଡାର୍ଟି ପିକଚର ନିର୍ମିତ ହୋଇଥିଲା।

# ଭାବପ୍ରବଣତା ନଷ୍ଟ କରୁଛି ମୋବାଇଲ



**ନୂଆଦିଲ୍ଲୀ:** ସହଜ ଓ ଆରାମଦାୟକ ଜୀବନ ପାଇଁ ନୂଆ ଟେକ୍ନୋଲୋଜିମାନ ଉଦ୍ଭାବନ ହେବାରେ ଲାଗିଛି। ଏହି ଜ୍ଞାନକୌଶଳକୁ ଅତି ସୁବିଧାରେ ଆମେ ସ୍ମାର୍ଟଫୋନ ଜରିଆରେ ହାତପାହାନ୍ତାରେ ପାଇପାରୁଛୁ। ତେଣୁ ମୋବାଇଲ ଫୋନ ଆମ ସମସ୍ତଙ୍କ ଅତି ଜରୁରୀ ତଥା ପ୍ରିୟ ସାମଗ୍ରୀରେ ପରିଣତ ହୋଇଛି। ହେଲେ ଏହି ମୋବାଇଲ ଫୋନ ପ୍ରତି ମାତ୍ରାଧିକ ଦୁର୍ବଳତା ଯୁବପିଢିଙ୍କୁ ଗ୍ରାସ କରି ରଖିଥିବା ଏବଂ ବିଶେଷ କରି ସେମାନଙ୍କ ମାନସିକ ସ୍ଥିତି ଏଥିଯୋଗୁ ପ୍ରଭାବିତ ହେଉଥିବା ନିକଟରେ ଏକ ଅଧ୍ୟୟନରୁ ଜାଣିବାକୁ ମିଳିଛି। ରିସର୍ଚ୍ଚରଙ୍କ କହିବା ମୁତାବକ, ଫୋନରେ ଆଜିର ଯୁବପିଢି ଏତେ ହଜି ଯାଉଛନ୍ତି ଯେ, ସେମାନେ ନିଜ ପରିବାର କିମ୍ବା ପ୍ରିୟଜନଙ୍କ ନିକଟରେ ଥାଇ ମଧ୍ୟ ନ ଥିଲା ପରି ମନେହେଉଛି। ଏହା ଦ୍ୱାରା ସେମାନଙ୍କ ମଧ୍ୟରେ ଭାବପ୍ରବଣତା ଏକ ପ୍ରକାର ନଷ୍ଟ ହେବାରେ ଲାଗିଛି। ଏହା ପ୍ରିୟଜନଙ୍କ ସହ ସମ୍ପର୍କ ମଧ୍ୟ ଦୁର୍ବଳ ହେବାର ମଧ୍ୟ କାରଣ ସାଜୁଛି। ଅଫିସ୍‌ର କାମ ଆଉ ଅଫିସ୍ ଭିତରେ ସୀମିତ ନ ରହୁନାହିଁ। ଫୋନ, ମେସେଜ, ଚାଟ ଜରିଆରେ ଲୋକେ ଘରେ କିମ୍ବା ବାହାରେ ଥାଇ ମଧ୍ୟ ଅଫିସ ସହ ଯୋଡି ହୋଇରହୁଛନ୍ତି। ଫଳରେ ନିଜ ଲୋକ କିମ୍ବା ବନ୍ଧୁଙ୍କ ସହ ଗୁଣାତ୍ମକ ସମୟ ବିତାଇବା ଅନେକଙ୍କ ପାଇଁ ସମ୍ଭବ ହୋଇପାରୁନାହିଁ। ଏଥିଯୋଗୁ ଅନେକେ ଏକୁଟିଆପଣର ଶିକାର ହେଉଥିବାରୁ ସେମାନଙ୍କ ମଧ୍ୟରେ ଚିଡିଚିଡାପଣ ସ୍ୱଭାବ ଜନ୍ମ ନେଉଛି। ଏକ ବେସରକାରୀ ସଂସ୍ଥା ଦ୍ୱାରା କରାଯାଇଥିବା ଏବ ସର୍ବେକ୍ଷଣ ମୁତାବକ, ଅନ୍ୟ ବିକାଶଶୀଳ ଦେଶଗୁଡିକ ତୁଳନାରେ ଭାରତରେ ୮୨ ପ୍ରତିଶତ ଯୁବପିଢି ଏକୁଟିଆପଣ, ଚିଡିଚିଡା ସ୍ୱଭାବ, ଭାବପ୍ରବଣତା ଅଭାବ, ମାନସିକ ଅଶାନ୍ତି ସହ ବିଭିନ୍ନ ପ୍ରକାରର ଶାରୀରିକ ଅସୁସ୍ଥତାର ଶିକାର। ଏପରିକି ସର୍ବେକ୍ଷଣରେ ସାମିଲ ହୋଇଥିବା ବ୍ୟକ୍ତିଙ୍କ ମଧ୍ୟରୁ ୬୩ ପ୍ରତିଶତ ଲୋକଙ୍କ କହିବା ମୁତାବକ, ଛୋଟ ଛୋଟ କଥାରେ ଯେପରି ଫୋନ ଚାର୍ଜ ହେଉଥିବାବେଳେ କେହି ଏହାକୁ କାଢିଦେଲେ କିମ୍ବା ୱାଇଫାଇ ବନ୍ଦ ହୋଇଗଲେ ଅନେକେ ମାତ୍ରାଧିକ ବିରକ୍ତ ତଥା କ୍ରୋଧାନ୍ୱିତ ହେଉଥିବା ଦେଖାଯାଉଛି। ଏଥିଯୋଗୁ ବେଳେବେଳ ମାର୍‌ପିଟ୍ ଗଣ୍ଡଗୋଳ ଭଳି ପରିସ୍ଥିତି ଉପୁଜୁଛି। ଯଦି ଦିନରେ କିଛି ସମୟ ଶାରୀରିକ ପରିଶ୍ରମ କରି ମୋବାଇଲରୁ ଧ୍ୟାନ ହଟାଯାଇପାରନ୍ତା ତେବେ ଅନେକେ ଏପରି ଅସୁବିଧାରୁ ମୁକୁଳିପାରନ୍ତେ ବୋଲି ମନସ୍ତତ୍ତ୍ୱବିତ୍‌ମାନେ ମତ ରଖିଛନ୍ତି।

# ଭାରତରେ ବାଦାମ ବିକୁଛନ୍ତି ପାକ୍‌ର ପୂର୍ବତନ ଏମ୍‌ପି



**ଫତେହାବାଦ:** ଭାରତର ହରିୟାଣାରେ ବାଦାମ ଓ ଆଇସକ୍ରିମ୍ ବିକ୍ରି କରୁଛନ୍ତି ପାକିସ୍ତାନର ପୂର୍ବତନ ଏମ୍‌ପି। ଏହି ଏମ୍‌ପି ଜଣକ ହେଉଛନ୍ତି ଦୱାୟାରାମ। ପାକିସ୍ତାନରୁ ବିତାଡ଼ିତ ହୋଇ ସେ ଏବେ ଫତେହାବାଦ୍‌ର ରତନଗଡ଼ରେ ବାସ କରୁଛନ୍ତି। ସେ ପାକିସ୍ତାନ ପୂର୍ବତନ ପ୍ରଧାନମନ୍ତ୍ରୀ ବେନଜୀର ଭୁଟ୍ଟୋଙ୍କ ସମୟରେ ଏମ୍‌ପି ଥିଲେ। ତେବେ ଏମ୍‌ପି ହେବାର ୧୫ ଦିନ ପରେ କିଛିଲୋକ ତାଙ୍କ ପରିବାରର ଜଣେ ଝିଅଙ୍କୁ ଅପହରଣ କରି ନେଇଥିଲେ। ତାଙ୍କୁ ସଂରକ୍ଷିତ ଏମ୍‌ପି ପଦରୁ ଇସ୍ତଫା ଦେବାକୁ କୁହାଯାଇଥିଲା। ଏହାପରେ ଦୱାୟାରାମ କୋର୍ଟରେ ଏକ ଆବେଦନ କରିଥିଲେ। କୋର୍ଟ ଏହାର ବିଚାର କରି ଆପୋଷ ବୁଝାମଣା କରିବାକୁ ପରାମର୍ଶ ଦେଇଥିଲେ। ନିର୍ଯାତିତ ହୋଇ ସେ ଶରଣାର୍ଥୀ ଭାବେ ଭାରତକୁ ଆସିଥିଲେ। ଏବେ ଭାରତର ନାଗରିକ ହୋଇଥିବାରୁ ସେ ବିଭିନ୍ନ ସରକାରୀ ଯୋଜନାର ଲାଭ ନେବାକୁ ଆଶା କରିଛନ୍ତି।

# ଗଛଲତାଙ୍କୁ ବି ହୋଇଥାଏ କଷ୍ଟ

**ତେଲ୍ ଆଭିଭ୍:** ମଣିଷକୁ ଆଘାତ ଲାଗିଲେ କଷ୍ଟ ହୋଇଥାଏ। ଅନୁରୂପ ଭାବେ ଛୋଟ ବଡ଼ ସମସ୍ତ ପ୍ରାଣୀଙ୍କୁ ମଧ୍ୟ ଏଭଳି ଅନୁଭୂତ ହୋଇଥାଏ। ତେବେ ଗଛଲତାକୁ କାଟିଲେ ଅବା ପତ୍ର ଛିଣ୍ଡାଇଲେ କଷ୍ଟ ହୋଇଥାଏ। ଏନେଇ ଇସ୍ରାଏଲ୍ ତେଲ୍ ଆଭିଭ୍ ବିଶ୍ୱବିଦ୍ୟାଳୟରେ ଗବେଷକଙ୍କ ଦ୍ୱାରା ହୋଇଥିବା ଏକ ଗବେଷଣା ରିପୋର୍ଟରେ ପ୍ରକାଶ ପାଇଛି। ଗବେଷକ ଟମାଟୋ ଏବଂ ତମାଖୁ ଗଛ ଉପରେ ଅଧ୍ୟୟନ କରି ଏହା ଜାଣିପାରିଛନ୍ତି।



ଅନୁପଯୁକ୍ତ ପରିବେଶ ଏବଂ ଚାପଗ୍ରସ୍ତ ହେଲେ ଗଛଲତାଙ୍କୁ କଷ୍ଟ ହୋଇଥାଏ। ସେମାନେ ଏକ ପ୍ରକାର ଶବ୍ଦ ସୃଷ୍ଟି କରନ୍ତି। ଗବେଷକ ଏହି ଶବ୍ଦକୁ ମାଇକ୍ରୋଫୋନ ଦ୍ୱାରା ରେକର୍ଡ କରିଥିବା ଦାବି କରିଛନ୍ତି। ପତ୍ର ତୋଳିବା ସମୟରେ ଗଛଲତା ଯନ୍ତ୍ରଣାରେ ଶିହିରି ଯାଇଥାନ୍ତି। ଫଳରେ ୨୦ କିଲୋହର୍ଜରୁ ୧୦୦ କିଲୋହର୍ଜ ଫ୍ରିକ୍ୱେନ୍ସି ପର୍ଯ୍ୟନ୍ତ ଶବ୍ଦ ସୃଷ୍ଟି ହୋଇଥାଏ। ୩୫ ପ୍ରକାର ବିଭିନ୍ନ ମେସିନ୍ ଲଗାଯାଇ ଗବେଷକ ଟମାଟୋ ଏବଂ ତମାଖୁ ଗଛରେ ସୃଷ୍ଟି ହେଉଥିବା ତରଙ୍ଗକୁ ରେକର୍ଡ କରି ଏହା ଜାଣି ପାରିଥିବା ରିପୋର୍ଟରେ ଦର୍ଶାଯାଇଛି।

# ଆଇ ଫୋନ୍ ବଦଳାଇଲା ଲୋଗୋ



ପିଆଜ ଦର ଏବେବି ଅନେକ ରାଜ୍ୟରେ କିଲୋ ପିଛା ୧୦୦ ଟଙ୍କାରୁ ଊର୍ଦ୍ଧ୍ୱ ରହିଛି। ଫଳରେ ଏହା ଏବେ ମୂଲ୍ୟବାନ୍ ଜିନିଷ ହୋଇଛି। ଏଭଳି ପରିସ୍ଥିତିରେ ପିଆଜକୁ ନେଇ ବିଭିନ୍ନ ରୋଚକ ଖବର ଆସୁଛି। ତେବେ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା, ପିଆଜର ଚଢ଼ାଦର ସମୟରେ ଆର୍‌ପିଜି ଗ୍ରୁପ୍ ଚେୟାର୍‌ମ୍ୟାନ୍ ହର୍ଷ ଗୋଏଙ୍କା ଆଇ ଫୋନ୍ ଲୋଗୋରେ କଟା ସେଓ(ଆପଲ୍) ସ୍ଥାନରେ ପିଆଜ(ଓନିଅନ୍) ଥିବା ଫଟୋକୁ ଟୁଇଟ୍ କରିଛନ୍ତି। ଏଥିରେ ସେ ଲେଖିଛନ୍ତି ଯେ, ପ୍ରିମିୟମ୍ ଲୋଗୋ ପାଇଁ ଆଇ ଫୋନ୍ ଏହାର ଲୋଗୋ ବଦଳାଇ ଦେଇଛି। ଏଠାରେ କହିରଖୁଛୁ ଯେ, ପିଆଜର ମୂଲ୍ୟ ବଢ଼ିବାପରେ ନିକଟରେ ଜଣେ ଚାଷୀଙ୍କ ଖେତରୁ ପିଆଜ ଚୋରି ହୋଇଥିବା ଖବର ସାମ୍ନାକୁ ଆସିଥିଲା। ସେହିପରି ଏକ ବିବାହ ଉତ୍ସବରେ ନବଦମ୍ପତିଙ୍କୁ ପିଆଜ ଉପହାର ଦିଆଯାଇଥିବାବେଳେ ତାମିଲ୍‌ନାଡୁରେ ଜଣେ ସ୍ମାର୍ଟଫୋନ୍ ଦୋକାନୀ ଗ୍ରାହକଙ୍କ ପାଇଁ ସ୍ମାର୍ଟଫୋନ୍ ସହ କିଲେ ପିଆଜ ଫ୍ରି ଭଳି ଆକର୍ଷଣୀୟ ଅଫର୍ ମଧ୍ୟ ରଖିଥିବା ଖବର ନଜରକୁ ଆସିଛି। ହେଲେ ଆଇ ଫୋନ୍ ନିଜ ଲୋଗୋ ବଦଳାଇବା ଘଟଣା ଏବେ ଦେଶରେ ଚର୍ଚ୍ଚାର ବିଷୟ ହୋଇଛି।

## କଟା ଆପଲ ସ୍ଥାନରେ ଓନିଅନ୍

# ଶ୍ୱାସ ଦୂରକରେ ଶଙ୍ଖ ବାଦନ

**ନୂଆଦିଲ୍ଲୀ:** କେତେକଙ୍କଠାରେ ଶ୍ୱାସ ସମସ୍ୟା ଦେଖାଦେଇଥାଏ। ବିଶେଷକରି ଶୀତଦିନେ ଏହାର ପ୍ରଭାବ ଅଧିକ ଦେଖାଦେଇଥାଏ। ଏଥିପାଇଁ କେତେକ ଡାକ୍ତରଙ୍କ ପରାମର୍ଶ ନେବା ସହିତ ଔଷଧ ସେବନ କରିଥାନ୍ତି। ତେବେ କେତେକ ଘରୋଇ ଉପଚାର ଦ୍ୱାରା ଏହି ସମସ୍ୟା ସହଜରେ ଦୂର ହୋଇଥାଏ। ସକାଳେ ସନ୍ଧ୍ୟାରେ ଅଭ୍ୟାସ କରି ଶଙ୍ଖ ବାଦନ କଲେ ଶ୍ୱାସ ସମସ୍ୟା ସହଜରେ ଦୂର ହୋଇଥାଏ ବୋଲି ଶଙ୍ଖ ବିଶେଷଜ୍ଞ ପରାମର୍ଶ ଦେଇଥାନ୍ତି। ଏହାଦ୍ୱାରା ହାର୍ଟ ସମସ୍ୟା ମଧ୍ୟ ଦୂର ହୋଇଥାଏ। ଏହାଦ୍ୱାରା ରକ୍ତ ସଞ୍ଚାଳନ ସ୍ୱାଭାବିକ ହୁଏ। ଶଙ୍ଖ ବାଦନ ଦ୍ୱାରା ମୁଖମଣ୍ଡଳର ମାଂସପେଶୀ ସୁଦୃଢ଼ ହୁଏ। ଏହାଦ୍ୱାରା ମୁଖମଣ୍ଡଳ ଉଜ୍ଜ୍ୱଳତା ମଧ୍ୟ ବୃଦ୍ଧି ପାଏ। ଏହାଦ୍ୱାରା ବିଭିନ୍ନ ତଳିପେଟ ସମସ୍ୟା ଦୂର ହୋଇଥାଏ। ନିୟମିତ ଶଙ୍ଖ ବାଦନ କଲେ ମୁତ୍ରାଶୟ ସମସ୍ୟା ହୋଇ ନ ଥାଏ।



# ‘ଅନ୍ଦାଜ୍ ଅପ୍‌ନା ଅପ୍‌ନା-୨’ରେ ଦୁଇ ରଣବୀର



ରଣବୀର ସିଂ



ରଣବୀର କପୁର

**ମୁମ୍ବାଇ:** ୧୯୯୪ରେ ରିଲିଜ୍ ସଲ୍‌ମାନ ଖାନ୍ ଏବଂ ଆମୀର୍ ଖାନ୍ ଅଭିନୀତ ସୁପରହିଟ୍ ବଲିଉଡ୍ ଫିଲ୍ମ ‘ଅନ୍ଦାଜ୍ ଅପ୍‌ନା ଅପ୍‌ନା’ର ସିକ୍ୱେଲ୍ ପ୍ରସ୍ତୁତ ହେଉଛି। ଆଜି ବି ୯୦ ଦଶକର ଫିଲ୍ମ ବାବଦରେ ଚର୍ଚ୍ଚା ଉଠିଲେ, ‘ଅନ୍ଦାଜ୍ ଅପ୍‌ନା ଅପ୍‌ନା’ ଢେର ପ୍ରଶଂସା ସାଉଁଟିଥାଏ। ତେବେ ଏପରି କିଛି ଘଟଣା ମଧ୍ୟ ରହିଛି, ଯାହା ଆଜି ଯାଏଁ ଫିଲ୍ମକୁ ଚର୍ଚ୍ଚାରେ ରଖିଛି। ଫିଲ୍ମକୁ ନେଇ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା, ଫିଲ୍ମର ସମସ୍ତ ଆକ୍ଟର ମତଭେଦ କାରଣରୁ କେହି କାହା ସହ କଥାବାର୍ତ୍ତା କରୁ ନ ଥିଲେ। ହେଲେ ଏହି ମତଭେଦ ସେମାନଙ୍କ ଅଭିନୟ ଉପରେ କୌଣସି ପ୍ରଭାବ ପକାଇ ନ ଥିଲା। ଦୀର୍ଘଦିନ ହେଲା ୯୦ ଦଶକର ଏହି ଲୋକପ୍ରିୟ ଫିଲ୍ମର ସିକ୍ୱେଲ ଆସିବା ନେଇ ଆଲୋଚନା ହେଉଛି। ଏକ ଜାତୀୟ ଗଣମାଧ୍ୟମ ଅନୁସାରେ, ନିର୍ଦ୍ଦେଶକ ରାଜକୁମାର ସନ୍ତୋଷୀ ନିଜ ଫିଲ୍ମର ସିକ୍ୱେଲ ନିର୍ମାଣ ପାଇଁ ଯୋଜନା ଚଳାଇଛନ୍ତି। ଏହାସହ ୨୦୨୦ରେ ଫିଲ୍ମର ସିକ୍ୱେଲ ‘ଅନ୍ଦାଜ୍ ଅପ୍‌ନା ଅପ୍‌ନା-୨’ ରିଲିଜ୍ ହେବ ବୋଲି ମଧ୍ୟ ଜଣାପଡ଼ିଛି। ତେବେ ସବୁଠାରୁ ବଡ଼ କଥା ହେଲା, ଫିଲ୍ମର ମୁଖ୍ୟ ଭୂମିକାରେ ରଣବୀର କପୁର ଏବଂ ରଣବୀର ସିଂଙ୍କୁ ନେବାକୁ ନିର୍ଦ୍ଦେଶକ ଯୋଜନା କରିଛନ୍ତି। ଏନେଇ ଉଭୟଙ୍କ ସହ ସନ୍ତୋଷୀ ଆଲୋଚନା କରିଛନ୍ତି। ଯଦି ଆଲୋଚନା ସଫଳ ହୁଏ, ତା’ହେଲେ ପ୍ରଥମ ଥର ପାଇଁ ଦୁଇ ଅଭିନେତାଙ୍କୁ ଗୋଟିଏ ସ୍କ୍ରିନ୍‌ରେ ଦର୍ଶକ ଦେଖିବାର ସୁଯୋଗ ପାଇବେ। ତେବେ ଦୁଇ ହିରୋଙ୍କ ଦୁଇ ହିରୋଇନ୍ କିଏ ହେବେ, ତାହାରି ଉପରେ ସମସ୍ତଙ୍କ ନଜର ଅଟକିଛି।



ପ୍ରତ୍ୟେକ ଅପରାଧ ପାଇଁ ମାନବ ଚାଳିତ ଦଣ୍ଡବିଧାନ ରହିଥାଏ, କିନ୍ତୁ ପ୍ରତ୍ୟେକ ପାପ ପାଇଁ ଭଗବାନ ହିଁ ଦଣ୍ଡ ଦେଇଥାନ୍ତି କିମ୍ବା ନିଜର ବିବେକ ଦଣ୍ଡିଦିଏ।
-ସ୍ୱାମୀ ଚିଦାନନ୍ଦ ସରସ୍ୱତୀ



# ଆଞ୍ଚଳିକ କୁଲତା ସମାଜ ବିଡିଓଙ୍କ ଦ୍ୱାରସ୍ଥ

ଲୋଇସିଂହା, ୧୨।୧୨ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଦୁଦଲା ପଞ୍ଚାୟତ ବାବୁପାଲି ବରପଦରଠାରେ ରାଣେଶ୍ୱର ରାମଚଣ୍ଡୀ ମନ୍ଦିର ମଣ୍ଡପ ପାଇଁ ପଶ୍ଚିମ ଓଡିଶା ବିକାଶ ପରିଷଦ ପାଣ୍ଠିରୁ ୫ଲକ୍ଷ ଟଙ୍କା ଅନୁଦାନ ମିଳିଛି। ହେଲେ ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ ଉକ୍ତ ଅନୁଦାନକୁ ଅନ୍ୟତ୍ର ସ୍ଥାନାନ୍ତର କରିଥିବା ଅଭିଯୋଗ ନେଇ କୁଲତା ସମାଜ ସଭାପତି ଅଲେଖ ସାହୁଙ୍କ ସମେତ କେତେକ କର୍ମକର୍ତ୍ତା ବୁଧବାର ବିଡିଓଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗମତେ, ୨୨ ଖଣ୍ଡ ମୌଜା କୁଲତା ସମାଜ ପକ୍ଷରୁ ବରପଦରଠାରେ ଦୀର୍ଘବର୍ଷ ହେଲା ରାଣେଶ୍ୱର ରାମଚଣ୍ଡୀଙ୍କ ମନ୍ଦିର ନିର୍ମାଣ କାମ ଚାଲିଛି। ଅନୁଦାନ ଅଭାବରୁ ତାହା ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡି ରହିଛି। ବିଗତ ବର୍ଷରେ କୁଲତା ସମାଜର ନୂଆଁଖାଇ ଭେଟଘାଟ ଉତ୍ସବରେ ପଶ୍ଚିମ ଓଡିଶା ବିକାଶ ପରିଷଦ ସଭ୍ୟ ନାରାୟଣ ସାହୁ ଅତିଥି ଭାବେ ଯୋଗଦେଇଥିଲେ। ସମାଜର ଅନୁରୋଧ କ୍ରମେ ମନ୍ଦିର ନିର୍ମାଣ କାମ ସମ୍ପୂର୍ଣ୍ଣ କରିବା ପାଇଁ ପଶ୍ଚିମ ଓଡିଶା ବିକାଶ ପରିଷଦ ପାଣ୍ଠିରୁ ଚଳିତବର୍ଷ ୫ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ। ହେଲେ ବିଡମ୍ବନାର ବିଷୟ ବର୍ତ୍ତମାନର ବିଧାୟକ ଉକ୍ତ ଅନୁଦାନକୁ ପରିବର୍ତ୍ତନ କରିଛନ୍ତି। ଏହା ଜାଣିବା ପରେ ୨୨ ଖଣ୍ଡ ମୌଜା କୁଲତା ସମାଜ ପକ୍ଷରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ସାହୁଙ୍କ ଅନୁମୋଦନକ୍ରମେ ମଞ୍ଜୁର ଅନୁଦାନରେ କାର୍ଯ୍ୟ କରିବାକୁ ଅନୁମତି ଦେବାକୁ ବିଡିଓଙ୍କ ଦ୍ୱାରସ୍ଥ ହୋଇ ଲିଖିତ ଭାବେ ଫେରାଦ ହୋଇଛନ୍ତି। ସମାଜ ସଭାପତି ସମେତ ହୃଷିକେଶ ପଧାନ, ପାନୁ ସାହୁ, ପାନୁ ପଧାନ, ଝଗଡୁ ଗଡତ୍ୟା, ଗାନ୍ଧୀ ଗଡତ୍ୟା ସାର୍ତ୍ତିକ ପଧାନ ପ୍ରମୁଖ ଦାବିପତ୍ର ପ୍ରଦାନ ସମୟର ଉପସ୍ଥିତ ଥିଲେ।




ବିଡିଓଙ୍କୁ ଦାବିପତ୍ର ଦେବାକୁ ଆସିଛନ୍ତି କୁଲତା ସମାଜ କର୍ମକର୍ତ୍ତା।



ଉଭୟ ଦଳର ଖେଳାଳିଙ୍କ ସହ ଉପସ୍ଥିତ ଅତିଥି।

## ଅଲ ଓଡ଼ିଶା ଫୁଟବଲ ଟୁର୍ନାମେଣ୍ଟ

# ଦାମନଜୋଡିକୁ ହରାଇଲା ବରପାଲି

ଭବାନୀପାଟଣା, ୧୨।୧୨ (ଡି.ଏନ.ଏ.)

ଭବାନୀପାଟଣା ସହରସ୍ଥିତ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ୍‌ଠାରେ ମର୍ନିଂ ପ୍ରାକ୍‌ଟିସ୍ କ୍ଲବ ପକ୍ଷରୁ ଚାଲିଥିବା ଚତୁର୍ଥ ଅଲ ଓଡିଶା ଫୁଟବଲ ଟୁର୍ନାମେଣ୍ଟର ଗୁରୁବାର ଥିଲା ୫ମ ଦିବସ। ଏହି ଦିବସରେ ଏନ୍‌ୱାଇଏସ୍ ବରପାଲି (ବରଗଡ) ବନାମ ଦାମନଜୋଡି (କୋରାପୁଟ) ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଏନୱାଇଏସ ବରପାଲି ଦଳ ୩-୦ ଗୋଲରେ ବିଜୟୀ ହୋଇଥିଲା। ବିଦ୍ମ ପ୍ରଧାନ ମ୍ୟାଚ୍‌ରେ ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇଥିଲେ। ସନ୍ତୋଷ କୁମାର ପ୍ରଧାନ, ଉପେନ୍ଦ୍ର ଶବର, ଟୁକୁନା ସିଂ ଓ ହର ପଟେଲ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ମ୍ୟାଚ୍‌ରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ ବିଧାୟକ ପ୍ରଦୀପ ଦିଶାରୀ, ଅନ୍ୟତମ ଅତିଥି ଭାବେ ଭବାନୀପାଟଣା ବ୍ଲକ ଉପାଧ୍ୟକ୍ଷ ସଚ୍ଚିଦାନନ୍ଦ ମହାକୁଡ ଓ ପୂର୍ବତନ ସନ୍ତୋଷଟ୍ରଫି ଖେଳାଳି ଅର୍ଜୁନ ନାଏକ ଯୋଗଦେଇଥିଲେ। ମର୍ନିଂ ପ୍ରାକ୍‌ଟିସ୍ କ୍ଲବ ସଭାପତି ସନ୍ତୋଷ ପ୍ରଧାନ, ଉପସଭାପତି ବସନ୍ତ ଶବର, ପିଭି ରାଓ, ସୀମାଞ୍ଚଳ ବିହାରୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶୁକ୍ରବାର ଏନ୍‌ଏଫ୍‌ଏ ନବରଙ୍ଗପୁର ବନାମ ଏନ୍‌ୱାଇଏସ୍ ବରପାଲି ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ।

## ନିଆଁ ଲାଗି ଧାନଖରି ଭସ୍ମୀଭୂତ

ଟିକ୍ରାପଡା, ୧୨।୧୨ (ଡି.ଏନ.ଏ.): ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଯୁରାବନ୍ଧ ପଞ୍ଚାୟତ ଅଧୀନ ପଟନିପିଟା ଗ୍ରାମରେ ବୈଶାଖୁ କାଲସାଏଙ୍କ ଖଳାରେ ବୁଧବାର ରାତିରେ ନିଆଁଲାଗି ଧାନ ଖରି ଜଳି ଯାଇଛି। ମୁରିବାହାଲରୁ ଦମକଳ ଆସି ନିଆଁକୁ ଆୟତ୍ତ କରିଥିଲା। ପ୍ରାୟ ୭୦ କୁଇଣ୍ଟାଲ ଧାନ ଏଥିଯୋଗୁ ନଷ୍ଟ ହୋଇଯାଇଥିବା ବୈଶାଖୁ ଟିକ୍ରାପଡା ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ନଷ୍ଟ ହୋଇଥିବା ଧାନର ମୂଲ୍ୟ ପ୍ରାୟ ୧ ଲକ୍ଷ ୧୫ ହଜାର ଅନୁମାନ କରାଯାଇଛି। ଘଟଣାର ଅନୁସନ୍ଧାନ ଚାଲୁ ରହିଥିବା ଟିକ୍ରାପଡା ଫାଣ୍ଡି ଅଧିକାରୀ ଆଦିତ୍ୟ ପ୍ରକାଶ ସାହୁ ପ୍ରକାଶ କରିଛନ୍ତି। ବୈଶାଖୁଙ୍କ ପରିବାରରେ ଦଶ ଜଣ ସଦସ୍ୟ ରହିଥିବା ବେଳେ ସେମାନଙ୍କୁ କିଭଳି ଆହାର ଯୋଗାଇବେ ସେହି ଚିନ୍ତାରେ ବୈଶାଖୁ ପଡି ଯାଇଛନ୍ତି।

# ପ୍ରଗତି ଶିକ୍ଷାନୁଷ୍ଠାନରେ ନୋବେଲ ପୁରସ୍କାର ଦିବସ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ।

ଭବାନୀପାଟଣା,,୧୨।୧୨(ଡି.ଏନ.ଏ.)

ଭବାନୀପାଟଣା ସହର ନିକଟବର୍ତ୍ତୀ ରାଇସିଂପୁରରେ ଥିବା ପ୍ରଗତି ଶିକ୍ଷାନୁଷ୍ଠାନରେ ଗୁରୁବାର ନୋବେଲ ପୁରସ୍କାର ଦିବସ ପାଳନ କରାଯାଇଛି। ଶିକ୍ଷାନୁଷ୍ଠାନ ମୁଖ୍ୟ ଅଜୟ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରଫେସର ଗୋପବନ୍ଧୁ ବେହେରା, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ସନ୍ତୋଷ କୁମାର କର, ପ୍ରଫେସର ଜତିନ କୁମାର ମୁଣ୍ଡ, ପ୍ରଗତି ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଜଗନ୍ନାଥ ତ୍ରିପାଠୀ ଓ ଉପାଧ୍ୟକ୍ଷ ଡ. ଦେବାଶିଷ ସେନ୍ ପ୍ରମୁଖ ଯୋଗଦାନ କରିଥିଲେ। ସମାଜର ବିକାଶରେ ବିଜ୍ଞାନର ବୈପ୍ଳବିକ ପରିବର୍ତ୍ତନ କିପରି କରାଯାଇ ପାରିବ ସେ ସମ୍ପର୍କରେ ଅତିଥିମାନେ ଉଦ୍‌ବୋଧନ ଦେଇଥିଲେ। ଏଥିସହ କଳାହାଣ୍ଡି ଜିଲାରେ ବିଜ୍ଞାନର ବିକାଶ ଦିଗରେ କିପରି ଉନ୍ନତି ଅଣାଯାଇ ପାରିବ ସେ ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ପ୍ରୋତ୍ସାହିତ କରିଥିଲେ। କଳାହାଣ୍ଡିର ବିକାଶ କ୍ଷେତ୍ରରେ ପ୍ରଗତି ଶିକ୍ଷାନୁଷ୍ଠାନ ସର୍ବଦା ପ୍ରୟାସ ଜାରି ରଖିଛି ବୋଲି ଅନୁଷ୍ଠାନ ମୁଖ୍ୟ ଅଜୟ କୁମାର ପଣ୍ଡା ମତବ୍ୟକ୍ତ କରିଥିଲେ। ଏହି ଅବସରରେ ପ୍ରଗତୀ ଡିଗ୍ରୀ ମହାବିଦ୍ୟାଳୟରେ ଏକ ସାଇନ୍ସ କ୍ଲବ ହୋଇଛି। ଏଥିରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା। ସନ୍ତୋଷ କୁମାର ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।


## GANGADHAR MEHER UNIVERSITY
Amruta Vihar, Sambalpur - 768004

### NOTICE

No.: 6617/GMU Date: 12.12.19

### TENDER CALL NOTICE

Gangadhar Meher University, Sambalpur invites sealed tenders in two-bid system (Technical and Financial Bid) Books Suppliers/Vendors/Distributors/ Subscription Agencies/Publishers for supply of **Books** to the Library of G.M. University **under RUSA Grant**. The interested firms may submit their sealed tenders superscribing **"Tender for supply of Books to the Library of G.M. University, Sambalpur under RUSA Grant", addressed to The Registrar, G.M. University, Amruta Vihar, Sambalpur - 768004 by Speed Post/ Registered Post only on or before 4.00 P.M. of 26.12.2019 positively.** The authority reserves the right to accept or reject any or all the tenders without assigning any reason thereof. Any changes to this tender call notice will only be notified in the University website. For more details please visit the university website **www.gmuniversity.ac.in**.

**Sd./- REGISTRAR**



## ଜିଲ୍ଲା ଅବକାରୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ, କଟକ

### ବିଜ୍ଞାପନ

ପତ୍ର ସଂ.୩୨୮୩ ତା.୧୨।୧୨।୨୦୧୯

ଶ୍ରୀ ବିଭୁଦେନ୍ଦ୍ର ଜେନା, ପିତା-ସ୍ୱର୍ଗତଃ ନରହରି ଜେନା, ସା:ରାଣୀହାଟ, ଶଗଡିଆସାହି, ଥାନା-ମଙ୍ଗଳାବାଗ, କଟକ ତାଙ୍କ ନାମରେ ଥିବା ବଜ୍ରକବାଟି ରୋଡରେ ବିଦେଶୀ ମଦ ଦୋକାନର ମାଲିକାନା ପାଇଁ ଶ୍ରୀ ଶୁଭେନ୍ଦୁ କୁମାର ଜେନା, ପିତା-ସ୍ୱର୍ଗତଃ ନରହରି ଜେନା, ଦାବି କରୁଅଛନ୍ତି। ଏଣୁ ଏହି ନୋଟିସ ଜରିଆରେ ଜଣାଇ ଦିଆଯାଉଛିକି ଶ୍ରୀ ବିଭୁଦେନ୍ଦ୍ର ଜେନାଙ୍କର କେହି ଦାବୀଦାର ଥିଲେ, ଏହି କାର୍ଯ୍ୟାଳୟକୁ ସାତଦିନ ମଧ୍ୟରେ ଜଣାଇବେ। ଉକ୍ତ ତାରିଖ ପରେ କୌଣସି ଦାବିପତ୍ର ଗ୍ରହଣ କରାଯିବ ନାହିଁ।

ସ୍ୱା./-
**ଅବକାରୀ ଅଧୀକ୍ଷକ, କଟକ**



## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସୁନ୍ଦରଗଡ଼

### (ଭୂ-ଅର୍ଜନ ଉପବିଭାଗ)

ବିଜ୍ଞପ୍ତି ସଂଖ୍ୟା- ୧୨୧୮, ତାରିଖ: ୧୫।୧୧।୨୦୧୯, ସୁନ୍ଦରଗଡ଼

**No.: VII-27:-** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଯେ, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ମେଗା ଲିଫ୍ଟ ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ ମୌଜା- ଅବନକେଲା, ଥାନା- ଭଷ୍ମା, ତହସିଲ- ଟାଙ୍ଗରପାଲି, ଜିଲ୍ଲା- ସୁନ୍ଦରଗଡ଼ରେ ନିମ୍ନ ତଫସିଲମତେ ପ୍ରାୟ ୦.୭୬ ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ - ମେଗା ଲିଫ୍ଟ ଜଳସେଚନ ପ୍ରକଳ୍ପ ନିର୍ମାଣ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ - ଗୋଷ୍ଠୀ ନିର୍ବାହୀ ଯନ୍ତ୍ରୀ, ଝାରସୁଗୁଡ଼ା/ କେନ୍ଦୁଝର।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ - ପ୍ରଯୁଜ୍ୟ ନୁହେଁ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ - ଏଥିସହିତ ସଂଲଗ୍ନ କରାଗଲା।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ - ଉପ-ଜିଲ୍ଲାପାଳ, ସୁନ୍ଦରଗଡ଼
୬. ଜମିର ବିବରଣୀ -

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା (ଏକରରେ) | ରୟତଙ୍କ ନାମ |
|---|---|---|---|---|---|---|---|---|
| ସୁନ୍ଦରଗଡ଼ | ଟାଙ୍ଗରପାଲି | ଅବନକେଲା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ୦.୭୬ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- (ନିଖିଲ ପବନ କଲ୍ୟାଣ) ଜିଲ୍ଲାପାଳ, ସୁନ୍ଦରଗଡ଼

### ଖତିୟାନ କପି

ମୌଜା- ଅବନକେଲା, ତହସିଲ- ଟାଙ୍ଗରପାଲି, ଜିଲ୍ଲା- ସୁନ୍ଦରଗଡ଼

| କ୍ର. ନଂ. | ଖାତା ନଂ. | ପ୍ଲଟ୍ ନଂ. | କିସମ | ମୋଟ ରକବା (ଏକରରେ) | ଅର୍ଜନ ରକବା (ଏକରରେ) | ରୟତଙ୍କ ନାମ, ପିତାଙ୍କ ନାମ, ଜାତି ଓ ବାସସ୍ଥାନ |
|---|---|---|---|---|---|---|
| ୧ | ୪୮ | ୯୭୭ | ମା.ସା. | ୦.୭୬ | ୦.୭୬ | ଛିନୁ ନାଏକ, ପିତା- ଗରଗଡ଼ ନାଏକ, ଜାତି- ଭୂୟାଁ, ବା- ନିଜଗାଁ |
| ମୋଟ | | | | | ୦.୭୬ | |

24160/14/0027/1920



## ବିଜ୍ଞାପନ — ପଞ୍ଚାୟତ ସମିତି, ଚମ୍ପୁଆ

**ଡିଏମ୍‌ଏଫ୍ ଓ ଜିଲ୍ଲା ପ୍ରଶାସନ, କେନ୍ଦୁଝର ଦ୍ୱାରା ନିଯୁକ୍ତି ଭିତ୍ତିକ ବ୍ଲକସ୍ତରୀୟ ପରାମର୍ଶ ଶିବିର**

ତା୧୭।୧୨।୨୦୧୯ରିଖ, ସମୟ - ଦିବା ୮ଘଟିକା, ସ୍ଥାନ: ବ୍ଲକ ପରିସର, ଚମ୍ପୁଆ, ବୟସ - ୧୮ବର୍ଷରୁ ୩୨ବର୍ଷ ଭିତରେ। ବିଭାଗ - ଡିଗ୍ରୀ, ଡିପ୍ଲୋମା ଇନ୍ ହୋଟେଲ ମ୍ୟାନେଜମେଣ୍ଟ ଏବଂ ବିଭିନ୍ନ ଟେକ୍‌ନିକାଲ ବିଭାଗରେ ତାଲିମ, ଶିକ୍ଷାଗତ ଯୋଗ୍ୟତା - ଦଶମ ପାସ୍‌ରୁ ତଦୂର୍ଦ୍ଧ୍ୱ ଏବଂ ଡିପ୍ଲୋମା, ଡିଗ୍ରୀ ଇନ୍ ଇଞ୍ଜିନିୟରିଂ। ତାଲିମ ସମାପ୍ତି ପରେ ନିଯୁକ୍ତିର ବ୍ୟବସ୍ଥା ଅଛି। ଆବଶ୍ୟକୀୟ ପ୍ରମାଣପତ୍ର - ଫଟୋ, ଆଧାର କାର୍ଡ଼ ଏବଂ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର।

**ବହୁ ସଂଖ୍ୟାରେ ଉକ୍ତ ଶିବିରରେ ଯୋଗଦାନ ପାଇଁ ଅନୁରୋଧ କରାଯାଉଛି।**

**BDO, Champua**



## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସୁନ୍ଦରଗଡ଼

ବିଜ୍ଞପ୍ତି ସଂଖ୍ୟା.୧୨୦୮ **(ଭୂ-ଅର୍ଜନ ଉପବିଭାଗ)** ତାରିଖ:୧୫।୧୧।୨୦୧୯ ସୁନ୍ଦରଗଡ଼

No.VII-34 :-ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତିତ ହେଉଅଛି କି ଯେ, ଏକ ସାର୍ବଜନୀନ ଉଦ୍ଦ୍ୟେରେ ଅର୍ଥାତ ମେଗା ଲିଫ୍ଟ ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ ମୌଜା-ଜବାଘାଟ, ଥାନା-ବଣ୍ଡମୁଣ୍ଡା, ତହସିଲ-ବିଶ୍ରା, ଜିଲ୍ଲା-ସୁନ୍ଦରଗଡ଼ରେ ନିମ୍ନ ତଫସିଲମତେ ପ୍ରାୟ ୦.୨୩ ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି। ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ-୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

୧- ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ - ମେଗା ଲିଫ୍ଟ ଜଳସେଚନ ପ୍ରକଳ୍ପ ନିର୍ମାଣ
୨ - ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ - ଗୋଷ୍ଠୀ ନିର୍ବାହୀ ଯନ୍ତ୍ରୀ, ଝାରସୁଗୁଡା/କେନ୍ଦୁଝର
୩ - କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ - ପ୍ରଯୁଜ୍ୟ ନୁହେଁ
୪ - ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ ଏଥିସହିତ ସଂଲଗ୍ନ କରାଗଲା
୫ - ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ - ଉପ-ଜିଲ୍ଲାପାଳ, ସୁନ୍ଦରଗଡ଼
୬ - ଜମିର ବିବରଣୀ

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା (ଏକରରେ) | ରୟତଙ୍କ ନାମ |
|---|---|---|---|---|---|---|---|---|
| ସୁନ୍ଦରଗଡ଼ | ବିଶ୍ରା | ଜବାଘାଟ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ୦.୨୩ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ। ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ। ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମିମାଲିକ ଭୂମି ଅଧିଗ୍ରହଣ ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./- ନିଖିଳ ପବନ କଲ୍ୟାଣ**
**ଜିଲ୍ଲାପାଳ, ସୁନ୍ଦରଗଡ଼**

### ଖତିୟାନ କପି

**ମୌଜା-ଜବାଘାଟ** **ତହସିଲ-ବିଶ୍ରା** **ଜିଲ୍ଲା-ସୁନ୍ଦରଗଡ଼**

| କ୍ର. ନଂ. | ଖାତା ନଂ. | ପ୍ଲଟ ନଂ. | କିସମ | ମୋଟ ରକବା (ଏକରରେ) | ଅର୍ଜନ ରକବା (ଏକରରେ) | ରୟତଙ୍କ ନାମ, ପିତାଙ୍କ ନାମ, ଜାତି, ଓ ବାସସ୍ଥାନ |
|---|---|---|---|---|---|---|
| ୧ | ୧୦ | ୩୦ | ଗୋଡା-୨ | ୧.୬୦ | ୦.୧୮ | ଜାନକି ମୁଣ୍ଡାରୀ, ସ୍ୱା-ମଙ୍ଗଲ ମୁଣ୍ଡାରୀ, ଲକ୍ଷ୍ମୀ ମୁଣ୍ଡାରୀ, ଫୁଲମଣି ମୁଣ୍ଡାରୀ, ପିତା-ମଙ୍ଗଲ ମୁଣ୍ଡାରୀ, ଜାତି-ମୁଣ୍ଡାରୀ, ବା-ନିଜଗାଁ, ପଡାଗାଁ-ମଝାପଡା |
| ୨ | ୧୭ | ୨୪ | ଗୋଡା-୨ | ୧.୧୦ | ୦.୦୫ | ଝିର୍ଗା ଓରାମ, ପିତା-ଘାସିଆ ଓରାମ, ଜାତି-ଓରାମ, ବା-ନିଜଗାଁ, ପଡାଗାଁ-ଭାଟିପଡା |
| ମୋଟ | | | | | ୦.୨୩ | |

24160/14/0034/1920



GOVERNMENT OF ODISHA
SWACHH ODISHA SUSTHA ODISHA

## HOUSING & URBAN DEVELOPMENT DEPARTMENT
## OFFICE OF THE MUNICIPAL COUNCIL, PARADEEP

No.: 9687 Dt.10.12.2019

### e-Procurement Notice
**Paradeep Municipality, Paradeep**

| | | |
|---|---|---|
| Tender Call Notice No. | : | No. 9646/Dt.10.12.2019 |
| Bid Identification No. | : | EO/PDPM/W/02/2019-20 |
| Tender ID | : | 2019_ORULB_58006 |
| Nature of Works | : | Civil Works |
| Number of Works | : | 27 (Twenty Seven) Nos. |
| Tender Value | : | 02.22 Lakhs - 17.80 Lakhs |
| Available Period | : | Dt.13.12.2019 from 17.00 hours to Dt.23.12.2019 by 17.00 hours |
| Tender Opening Date | : | Dt.26.12.2019 at 11.00 hours |

Bidders are requested to read the NIT & DTCN and Participate with their Class-II DSC before closing date at **www.tendersodisha.gov.in**.

**Sd./- Executive Officer**
**Paradeep Municipality**



## DISTRICT PROJECT OFFICE, S.S., KEONJHAR

No.: 3324/CIVIL/19 Dated: 12.12.19

### SHORT QUOTATION CALL NOTICE

Sealed quotations are invited from the registered/approved Soil Testing Lab/Institutions etc. for Soil Test for construction of 10 Nos. upgraded KGBV hostel buildings (100 seated) at Dhakotha Nodal UPS of Anandapur, Harichandanpur Govt. UPS of Harichandanpur, Rutisila UPS of Ghatagaon, Billa UPS of Saharapada, Padampur UPS of Sadar, Khajurimundi UGUPS of Banspal, Sirigida UGUPS of Telkoi, Bhaluka UGUPS of Jhumpura, Champua UGUPS of Champua and Kamarjoda UGUPS of Joda Block under Keonjhar District. The details of the advertisement, specification, terms & conditions can be downloaded from the website **www.osepa.in & www.keonjhar.nic.in**. The applicant must apply only in the prescribed format and through Speed Post/Regd. Post only **latest by 24.12.2019 upto 01.00 P.M.** & the tender paper is to be **opened at 04.00 P.M. of the same day**. The authority reserves the right to cancel any or all quotations without assigning any reason thereof.

**Sd./- District Project Co-ordinator**
**Samagra Shiksha, Keonjhar**



## DISTRICT PROJECT OFFICE
## SAMAGRA SHIKSHA {S.S.}
MALKANGIRI-764048
(06861)-230481

**E-mail : dpcmalkanssa.opepa@nic.in, stcmalkangiri@gmail.com**

Letter No.4332 / Civil / 19 Date:12.12.2019

### TENDER CALL NOTICE

Sealed tenders in the prescribed form to be eventually drawn-up in PWD Form P-1 (Percentage Rate Bids) in conformity with detailed Tender Call Notice are invited by the District Project Coordinator, RTE-SSA, Malkangiri, on behalf of Government of Odisha for tenders for construction of Building works as mentioned below from eligible Contractors registered with the State Governement and contractor of equivalent grade/class registered with Central Government/MES/Railways. having registration for Civil works on production of definite proof from the appropriate authority. The detailed of the works are available in the website www.malkangiri.nic.in and Office Notice Board.

| | | |
|---|---|---|
| Name of Work | : | Construction of Additional Class Room Building in different area of Malkangiri District under SCA 2019-20. |
| No. of Works | : | 09 Nos. (Nine) Nos. |
| Estimated Cost | : | As laid down in the DTCN |
| Amount put to Tender | : | As laid down in the DTCN |
| Tender Paper Cost | : | As laid down in the DTCN |
| E.M.D. Amount Required | : | 1% of the Amount put to tender (As laid down in the DTCN) |
| Period of completion | : | As laid down in the DTCN for each work |
| Date of sale of tender papers | : | The Bid documents can be downloaded from the Govt. website www.malkangiri.nic.in only from 13.12.2019 to 26.12.2019 up to 5.00 P.M. |
| Date of receipt of tender paper | : | From 13.12.2019 to 26.12.2019 up to 5.00 P.M. (in working days) through Registered Post / Speed Post only. No tender paper will be received by hand or Courier services. |
| Date of opening of tender papers | : | At 10.00 A.M. on 27.12.2019 in the Office Chamber of Collector, Malkangiri in presence of tender finalisation Committee member, tenderer or their authorised representatives. |

**N.B :** If the last date of receipt of tender paper turns out be a holiday, it will automatically be extended to next working day.

**By order of Collector**
**Sd./-**
**District Project Coordinator**
**SS, Malkangiri**

ଟି୨୦ରେ ଅତୀତରେ ଆମେ ବଡ଼ ସ୍କୋର ଚେଜ୍ କରିଛୁ। ରଣନୀତି କାର୍ଯ୍ୟକାରୀ କରି ନ ପାରିବା ଏବଂ ଇଭିନ ଲୁଇସ୍‌ଙ୍କ ଉଇକେଟ ପତନ ଆମ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଥିଲା।

–କିରନ ପୋଲାର୍ଡ, ୱେଷ୍ଟଇଣ୍ଡିଜ ଅଧିନାୟକ



ୱେଷ୍ଟଇଣ୍ଡିଜ ବିପକ୍ଷ ତୃତୀୟ ଟି୨୦ରେ ପ୍ରଭାବୀ ବ୍ୟାଟିଂ ପରେ ଭାରତୀୟ ଦଳରେ ମୋ ସ୍ଥାନ ନେଇ ମୁଁ ଆଉ ଚିନ୍ତିତ ନୁହେଁ।

–ଲୋକେଶ ରାହୁଲ, ଭାରତୀୟ ଓପନିଂ ବ୍ୟାଟ୍ସମ୍ୟାନ



## ସଂକ୍ଷେପରେ

### ସ୍ୱତନ୍ତ୍ର କ୍ଲବରେ କୋହଲି

ମୁମ୍ବାଇ,୧୨।୧୨- ଏଠାରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଖେଳାଯାଇଥିବା ୩ୟ ଟି୨୦ ମ୍ୟାଚ୍‌ରେ ଭାରତୀୟ ଅଧିନାୟକ ବିରାଟ କୋହଲି ବିସ୍ଫୋରକ ୭୦ ରନ୍‌ର ଇନିଂସ ଖେଳି ଏକ ସ୍ୱତନ୍ତ୍ର କ୍ଲବରେ ସାମିଲ ହୋଇଛନ୍ତି। ସେ ପ୍ରଥମ ଭାରତୀୟ ଭାବେ ଟି୨୦ କ୍ରିକେଟ୍‌ରେ ଘରୋଇ ମାଟିରେ ଏକ ହଜାର ରନ୍ ପୂରଣ କରିଛନ୍ତି। ଏଭଳି ସଫଳତା ପାଇବାରେ ସେ ବିଶ୍ୱର ୩ୟ କ୍ରିକେଟର। କୋହଲି ଏପର୍ଯ୍ୟନ୍ତ ଦେଶରେ ଖେଳାଯାଇଥିବା ଟି୨୦ ମ୍ୟାଚ୍‌ରେ ୧୦୬୪ ରନ୍ କରିସାରିଛନ୍ତି। ନିକଟ ଭବିଷ୍ୟତରେ ରୋହିତ ଶର୍ମା (୯୨୮) ଏହି କ୍ଲବରେ ସାମିଲ ହୋଇପାରନ୍ତି। ନିଜ ଦେଶରେ ଖେଳାଯାଇଥିବା ଅନ୍ତର୍ଜାତୀୟ ଟି୨୦ରେ ଏକ ହଜାରରୁ ଅଧିକ ରନ୍ କରିଥିବା ବ୍ୟାଟ୍ସମ୍ୟାନଙ୍କ ତାଲିକାରେ କୋହଲିଙ୍କ ଛଡ଼ା ନ୍ୟୁଜିଲାଣ୍ଡ ଓପନର ମାର୍ଟିନ ଗୁପ୍ଟିଲ (୧୪୩୦ ରନ) ଓ କଲିନ୍ ମୁନ୍‌ରୋ (୧୦୦୦) ରହିଛନ୍ତି।

### ଯୁଗ୍ମ ଶୀର୍ଷରେ କୋହଲି, ରୋହିତ

ମୁମ୍ବାଇ,୧୨।୧୨- ଟି୨୦ ଫର୍ମାଟରେ ସର୍ବାଧିକ ରନ୍ କରିଥିବା ବ୍ୟାଟ୍ସମ୍ୟାନଙ୍କ ତାଲିକାରେ ବିରାଟ କୋହଲି ଓ ରୋହିତ ଶର୍ମା ମିଳିତ ଭାବେ ଶୀର୍ଷରେ ରହିଛନ୍ତି। ଦୁହେଁ ଏପର୍ଯ୍ୟନ୍ତ ୨୬୩୩ ରନ୍ କରିଛନ୍ତି। ଉଭୟ ଭାରତୀୟ ବ୍ୟାଟ୍ସମ୍ୟାନ ଶୀର୍ଷରେ ରହି ଚଳିତବର୍ଷ ଶେଷ କରିବା ନେଇ ସ୍ପଷ୍ଟ ହୋଇଛି। ୱେଷ୍ଟଇଣ୍ଡିଜ ବିପକ୍ଷ ଅନ୍ତିମ ମ୍ୟାଚ୍ ପୂର୍ବରୁ କୋହଲିଙ୍କଠାରୁ ରୋହିତ ମାତ୍ର ଏକ ରନ୍ ପଛରେ ଥିଲେ। ମ୍ୟାଚ୍‌ରେ ରୋହିତ ୭୧ ଓ କୋହଲି ୭୦ ରନ୍ କରିଥିଲେ।

### ‘ପାଣ୍ଡ୍ୟା, ରାହୁଲ ଫୁଟବଲରଙ୍କ ହେୟାର ଷ୍ଟାଇଲ ଆପଣାଇଛନ୍ତି’

ମୁମ୍ବାଇ,୧୨।୧୨(ପି.ଟି.)- ଏବେ କ୍ରିକେଟରମାନେ ତାରକା ଫୁଟବଲରଙ୍କ ଶୈଳୀରେ କେଶ ବିନ୍ୟାସ କରୁଛନ୍ତି ବୋଲି ଲା ଲିଗାର ନୂଆ ବ୍ରାଣ୍ଡ ଆମ୍ବାସାଡର ରୋହିତ ଶର୍ମା କହିଛନ୍ତି। ଲା ଲିଗାର ଅଗ୍ରଣୀ ଫ୍ରାଞ୍ଚାଇଜ୍ ରିୟଲ ମାଡ୍ରିଡ୍ ବ୍ରାଣ୍ଡ ଆମ୍ବାସାଡର ନିଯୁକ୍ତ ହେବା ପରେ ରୋହିତ ତାଙ୍କ ଫେଭରାଇଟ୍ ଫୁଟବଲର, ଦଳ ଓ କ୍ଲବ ସମ୍ପର୍କରେ ମତ ରଖିଥିଲେ। ଭାରତୀୟ ଦଳରେ ସାମିଲ ହୋଇଥିବା ଶ୍ରେୟାସ ଆୟାର, ଲୋକେଶ ରାହୁଲ, ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଭଳି ଯୁବ ଖେଳାଳି ଫୁଟବଲରମାନଙ୍କୁ ଅନୁସରଣ କରିଥାନ୍ତି ଓ ସେମାନଙ୍କ ଭଳି କେଶ ବିନ୍ୟାସ ମଧ କରିଥାନ୍ତି ବୋଲି ରାହୁଲ କହିଛନ୍ତି। ରିୟଲ ମାଡ୍ରିଡ ହେଉଛି ମୋର ଫେଭରାଇଟ କ୍ଲବ ଓ ଜିଡାନ ହେଉଛନ୍ତି ମୋର ପ୍ରିୟ ଫୁଟବଲର ବୋଲି ରୋହିତ କହିଛନ୍ତି। ତେବେ ରିୟଲ ମାଡ୍ରିଡ ଚାମ୍ପିୟନ୍ସ ଲିଗ୍ ଟାଇଟଲ ହାସଲ କରୁ ବୋଲି ସେ ଚାହାନ୍ତି। ତେବେ ଫିଫା ବିଶ୍ୱକପ୍‌ରେ ସ୍ପେନ ତାଙ୍କର ଫେଭରାଇଟ ଦଳ ବୋଲି ସେ କୁହନ୍ତି। ଜିଡାନ, ରିୟଲ ମାଡ୍ରିଡ ଓ ସ୍ପେନ୍ ଯେଉଁଭଳି କ୍ରୀଡ଼ା ନୈପୁଣ୍ୟ ପ୍ରଦର୍ଶନ କରିଥାନ୍ତି ତାହା ପ୍ରଶଂସନୀୟ। ଭାରତୀୟ କ୍ରିକେଟ ଦଳରେ ମହେନ୍ଦ୍ର ସିଂ ଧୋନୀ ଓ ଇଶାନ୍ତ ଶର୍ମା ଭଲ ଫୁଟବଲ ଖେଳିଥାନ୍ତି। ଗତ କିଛି ବର୍ଷରେ ଭାରତୀୟ ଫୁଟବଲ୍‌ରେ ବହୁତ ଉନ୍ନତି ହୋଇଛି। ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) ଆରମ୍ଭ ହେବାଠାରୁ ଭାରତୀୟ ଫୁଟବଲ୍ ବେଶ୍ କମ୍ପିଟେଟିଭ ହୋଇପାରିଛି ବୋଲି ସେ କହିଛନ୍ତି।





ବାରବାଟୀ ଷ୍ଟାଡିୟମ ପଡ଼ିଆର ଘାସକୁ ଅଧିକ ରଙ୍ଗିନ କରିବା ପାଇଁ କେମିକାଲ ସ୍ପ୍ରେ କରାଯାଉଛି। ଖେଳାଳିମାନଙ୍କ ଅଭ୍ୟାସ ପାଇଁ ପ୍ରସ୍ତୁତ ନେଟ୍ସ।

# ଲାବୁସେନଙ୍କ ଶତକ: ଅଷ୍ଟ୍ରେଲିଆ ୨୪୮ /୪

**ପର୍ଥ, ୧୨।୧୨**

ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ପ୍ରଥମ ଦିବାରାତ୍ର କ୍ରିକେଟ ଟେଷ୍ଟ ଗୁରୁବାର ସ୍ଥାନୀୟ ପର୍ଥ କ୍ରିକେଟ ଷ୍ଟାଡିୟମରେ ଆରମ୍ଭ ହୋଇଛି। ମାର୍ନୁସ ଲାବୁସେନଙ୍କ ଅପରାଜିତ ଶତକ ସହାୟତାରେ ଅଷ୍ଟ୍ରେଲିଆ ପ୍ରଥମ ଦିନ ଖେଳ ଶେଷସୁଦ୍ଧା ପ୍ରଥମ ଇନିଂସରେ ୪ ଉଇକେଟ ହରାଇ ୨୪୮ ରନ ସଂଗ୍ରହ କରିଛି। ପୂରା ୯୦ ଓଭର ଖେଳ ସମ୍ଭବ ହୋଇଥିଲେ ହେଁ ନ୍ୟୁଜିଲାଣ୍ଡ ବୋଲରମାନେ ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନଙ୍କୁ ବାନ୍ଧିରଖିବାରେ ସକ୍ଷମ ହେବାରୁ ସ୍କୋର ୨୫୦ ସ୍ପର୍ଶ କରି ପାରିନାହିଁ। ଆକ୍ରମଣାତ୍ମକ ବ୍ୟାଟିଂ ପାଇଁ ପରିଚିତ ଅଷ୍ଟ୍ରେଲିଆ ପ୍ରଥମ ଦିବସରେ ମାତ୍ର ୨.୭୫ ହାରରେ ରନ ସଂଗ୍ରହ କରିଛି। ଲାବୁସେନ ୧୧୦ ରନରେ ଅପରାଜିତ ରହି ଅଷ୍ଟ୍ରେଲିଆର ବ୍ୟାଟିଂ ମେରୁଦଣ୍ଡ ସାଜିଛନ୍ତି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା ଅଷ୍ଟ୍ରେଲିଆ। ଜୋ ବର୍ନ୍ସଙ୍କୁ ମାତ୍ର ୯ ରନରେ ଆଉଟ କରି ନ୍ୟୁଜିଲାଣ୍ଡକୁ ପ୍ରଥମ ସଫଳତା ଦେଇଥିଲେ କଲିନ ଡି ଗ୍ରାଣ୍ଡହୋମ୍। ନିକଟରେ ପାକିସ୍ତାନ ବିପକ୍ଷରେ ତ୍ରିଶତକ ହାସଲ କରିଥିବା ଡେଭିଡ ୱାର୍ନର ଏଠାରେ ମଧ୍ୟ ସ୍ୱାଭାବିକ ଭଙ୍ଗୀରେ ଖେଳିବା ଆରମ୍ଭ କରିଥିଲେ। ମାତ୍ର ସେ ୪୩ ରନ କରି ନେଲ ୱାଗନରଙ୍କ ବଲ୍‌ରେ କଟ୍ ଆଣ୍ଡ ବୋଲ୍ଡ ହୋଇ ଯାଇଥିଲେ। ୭୪ଟି ବଲ୍‌ର ସମ୍ମୁଖୀନ ହୋଇଥିବା ୱାର୍ନର ନିଜ ଇନିଂସ ମଧ୍ୟରେ ୪ ଚୌକା ମାରିଥିଲେ। ୭୫ ରନରେ ଅଷ୍ଟ୍ରେଲିଆ ଦ୍ୱିତୀୟ ଉଇକେଟ ହରାଇଥିଲା। ଲାବୁସେନଙ୍କ ସହିତ କ୍ରିଜରେ ଯୋଗଦେଇ ଷ୍ଟିଭ୍ ସ୍ମିଥ ଇନିଂସ ସମ୍ଭାଳିଥିଲେ। ଏହି ଦୁଇ ବ୍ୟାଟ୍ସମ୍ୟାନ ଅପେକ୍ଷାକୃତ ଧୀମା ଖେଳି ନ୍ୟୁଜିଲାଣ୍ଡ ବୋଲରଙ୍କ ପରୀକ୍ଷା ନେଇଥିଲେ। ତୃତୀୟ ଉଇକେଟରେ ୧୩୨ ରନର ଭାଗୀଦାରି ହେବାପରେ ଯୋଡ଼ି ଭାଙ୍ଗିଥିଲା। ସ୍ମିଥ୍‌ଙ୍କୁ ଟିମ୍ ସୌଦୀଙ୍କ ହାତରେ କ୍ୟାଚ କରାଇ ନ୍ୟୁଜିଲାଣ୍ଡକୁ ପ୍ରତୀକ୍ଷିତ ବ୍ରେକ୍ ଥ୍ରୁ ଦେଇଥିଲେ ୱାଗନର। ୪ ଚୌକା ସହ ୪୩ ରନ କରିଥିବା ସ୍ମିଥ ଏଥିପାଇଁ ୧୬୪ଟି ବଲ୍ ଖେଳିଥିଲେ। ଚା’ ବିରତି ପରେ ଶତକ ପୂରଣ କରିଥିଲେ ଲାବୁସେନ। ଏହାଥିଲା ତାଙ୍କ କ୍ୟାରିୟରର ୩ୟ ଟେଷ୍ଟ ଶତକ। ୧୬୬ ବଲ୍ ଖେଳି ୧୪ ଚୌକା ଓ ୧ ଛକା ସହାୟତାରେ ତିନିଅଙ୍କ ସ୍ପର୍ଶ କରିଥିଲେ ଏହି ଟପ୍ ଅର୍ଡର ବ୍ୟାଟ୍ସମ୍ୟାନ। ୫ମ ବ୍ୟାଟ୍ସମ୍ୟାନଭାବେ କ୍ରିଜକୁ ଆସିଥିବା ମାଥ୍ୟୁ ୱାଡେ କିନ୍ତୁ ଅଧିକ ସମୟ ତିଷ୍ଠିପାରି ନ ଥିଲେ। ସେ ୨୬ ବଲ୍‌ରୁ ମାତ୍ର ୧୨ ରନ କରିଥିବାବେଳେ ସୌଦୀଙ୍କ ବଲ୍‌ରେ କ୍ଲିନ୍ ବୋଲ୍ଡ ହୋଇ ଯାଇଥିଲେ। ଷ୍ଟମ୍ପ ପ୍ରତ୍ୟାହୃତ ହେବା ବେଳକୁ ଲାବୁସେନ ୧୧୦(୨୦୨ ବଲ) ଓ ଟ୍ରାଭିସ ହେଡ୍ ୨୦(୩୪ ବଲ, ୪ ଚୌକା) ରନରେ ଅପରାଜିତ ରହିଥିଲେ। ଅସମାପ୍ତ ୫ମ ଉଇକେଟରେ ଏ ଦୁହେଁ ୨୩ ରନର ଭାଗୀଦାରି ଗଢ଼ି ଦଳପାଇଁ ସମ୍ମାନଜନକ ସ୍କୋରର ସମ୍ଭାବନା ସୃଷ୍ଟି କରିଛନ୍ତି। ନ୍ୟୁଜିଲାଣ୍ଡ ପକ୍ଷରୁ ୱାଗନର ୨ଟି ଏବଂ ସୌଦୀ ଓ ଗ୍ରାଣ୍ଡହୋମ ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।





ଶତକ ହାସଲ ପରେ ମାର୍ନୁସ ଲାବୁସେନ। ଷ୍ଟିଭେନ ସ୍ମିଥଙ୍କ ଉଇକେଟ ହାସଲ ପରେ ଉଲ୍ଲସିତ ନ୍ୟୁଜିଲାଣ୍ଡର ନେଲ ୱାଗନର।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୨୪୮/୪(ଲାବୁସେନ–୧୧୦*, ସ୍ମିଥ–୪୩, ୱାର୍ନର–୪୩, ହେଡ୍–୨୦*, ୱାଗନର–୨/୫୨, ସୌଦୀ–୧/୫୩, ଗ୍ରାଣ୍ଡହୋମ–୧/୨୪)।

### ଏଲଆର୍‌କୁ ହରାଇ ଫାଇନାଲରେ ସିଡ଼ିଏ ଡିଏଭି

**କଟକ ଅଫିସ,୧୨।୧୨**

ବୋଷ ଗ୍ରାଉଣ୍ଡରେ ଚାଲିଥିବା ୧୪ତମ ପିଭିଆର ମୂର୍ତ୍ତି ସ୍ମାରକୀ ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟରେ ସିଡ଼ିଏ ଡିଏଭି ସ୍କୁଲ ଫାଇନାଲରେ ପ୍ରବେଶ କରିଛି। ଉକ୍ତ ଟୁର୍ନାମେଣ୍ଟରେ ଲଗାତର ଭାବେ ଏହି ସ୍କୁଲ ଫାଇନାଲରେ ପହଞ୍ଚିଛି। ଗୁରୁବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ସିଡିଏ ଡିଏଭି ୫ ଉଇକେଟରେ ଏଲଆର ଡିଏଭିକୁ ହରାଇଥିଲା। ଶୁକ୍ରବାର ଦ୍ୱିତୀୟ ସେମିଫାଇନାଲରେ କିସ୍ ଓ ଯୋବ୍ରା ମ୍ୟୁନିସିପାଲ ହାଇସ୍କୁଲ ମଧ୍ୟରେ ମୁକାବିଲା ହେବ। ଏଲଆର ଡିଏଭି ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ଦଳ ୭୦ ରନରେ ଅଲଆଉଟ ହୋଇଥିଲା। ମହମ୍ମଦ ନଦିମ ଖାନ୍ ସର୍ବାଧିକ ୧୩ ରନ କରିଥିଲେ। ସିଡ଼ିଏ ଡିଏଭି ପକ୍ଷରୁ ଅରବିନ୍ଦ ମହାପାତ୍ର ସର୍ବାଧିକ ୩ଟି ଉଇକେଟ ଅକ୍ତିଆର କରିଥିଲେ। ଅରବିନ୍ଦଙ୍କ ୪୩ ରନର ଅପରାଜିତ ଇନିଂସ ବଳରେ ସିଡ଼ିଏ ଡିଏଭି ୫ ଉଇକେଟ ବିନିମୟରେ ବିଜୟୀ ହୋଇଥିଲା। ଏଲଆର ଡିଏଭି ପକ୍ଷରୁ ମହମ୍ମଦ ନଦିମ ଖାନ ଓ ସ୍ନେହାଶିଷ ମହାନ୍ତିଙ୍କୁ ୨ଟି ଲେଖାଏ ଉଇକେଟ ମିଳିଛି। ଅଲରାଉଣ୍ଡର ପ୍ରଦର୍ଶନ ଯୋଗୁ ଅରବିନ୍ଦଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଛି।

## ପିଚ୍ ପ୍ରସ୍ତୁତ, ଆଉଟ୍‌ଫିଲ୍ଡ କାମ ଆରମ୍ଭ

**ବାରବାଟୀ ଦିନିକିଆ ଆଉ ୯ ଦିନ**

**କଟକ ଅଫିସ,୧୨।୧୨**

ଭାରତ–ୱେଷ୍ଟଇଣ୍ଡିଜ ଏକଦିବସୀୟ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ୍ ନିମନ୍ତେ ବାରବାଟୀ ଷ୍ଟାଡିୟମରେ ପ୍ରସ୍ତୁତି ଜୋରଦାର ଚାଲିଛି। ଷ୍ଟାଡିୟମକୁ ରଙ୍ଗିନ କରାଯିବା ସହ ଗ୍ୟାଲେରିର ସିଟ୍ ନମ୍ବର ଲେଖା ସରିଲାଣି। ଦିନକୁ ଦିନ ବାରବାଟୀ ସଜେଇ ହେବାରେ ଲାଗିଛି। ଏବେ ପିଚ୍ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇସାରିଲାଣି ବୋଲି ପିଚ୍ ଦାୟିତ୍ୱରେ ଥିବା କର୍ମଚାରୀ ଜଣଙ୍କ କହିଛନ୍ତି। କେବଳ ପିଚ୍‌ରୁ ଘାସ କଟାଯିବ। ଆଉଟ୍‌ଫିଲ୍ଡରେ ନିୟମିତ ପାଣି ଓ ରାସାୟନିକ ସାର ଦିଆଯାଉଛି। ଘାସର ଘନତ୍ୱ ବଢ଼ାଯିବା ପରେ ଏହାକୁ କଟାଯିବ ବୋଲି କୁହାଯାଇଛି। ଆଉଟଫିଲ୍ଡରେ ଘାସ ୫ମିମିର ରହିବ ବୋଲି ଜଣେ କର୍ମଚାରୀ କହିଥିଲେ। ତେବେ ଉଭୟ ଦଳର ବ୍ୟାଟିଂ ଦମ୍‌ଦାର ରହିଥିବାରୁ ଏଠାରେ ଦର୍ଶକ ଏକ ହାଇସ୍କୋରିଂ ମ୍ୟାଚ୍‌ର ଆଶା ରଖିଛନ୍ତି। ହେଲେ ୨୨ତାରିଖରେ ବାରବାଟୀ ପିଚ୍‌ର ପ୍ରକୃତି କିଭଳି ରହିବ ତାହା ସ୍ପଷ୍ଟ ହୋଇନି।

## ମଞ୍ଜୁଳାମଣି ସ୍ମାରକୀ ବ୍ଲିଜ୍ ଚେସ୍‌ରେ ସ୍ୱୟମ୍ଭ ଭାଗନେବେ

**ଭୁବନେଶ୍ୱର, ୧୨।୧୨(କ୍ରୀଡ଼ା ପ୍ରତିନିଧି)**

ସ୍ଥାନୀୟ ଜାଭିୟର ଛକସ୍ଥିତ ଗୁରୁ କେଲୁଚରଣ ମହାପାତ୍ର ଓଡ଼ିଶୀ ରିସର୍ଚ୍ଚ ସେଣ୍ଟରରେ ଆସନ୍ତା ୧୫ରେ ରାଜ୍ୟସ୍ତରୀୟ ମଞ୍ଜୁଳାମଣି ମିଶ୍ର ସ୍ମାରକୀ ରାଜ୍ୟ ବ୍ଲିଜ୍ ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏସଆର ଚେସ୍ ସେଣ୍ଟର ଓ ଆମ ପରିବାରର ମିଳିତ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଯାଉଥିବା ଏହି ପ୍ରତିଯୋଗିତାରେ ଏପର୍ଯ୍ୟନ୍ତ ୧୦୦ ପ୍ରତିଯୋଗୀ ନାମ ପଞ୍ଜୀକୃତ କରି ସାରିଛନ୍ତି। ଓଡ଼ିଶାର ଦ୍ୱିତୀୟ ଗ୍ରାଣ୍ଡମାଷ୍ଟର ସ୍ୱୟମ୍ଭ ମିଶ୍ର ଆକର୍ଷଣର କେନ୍ଦ୍ରରେ ରହିବେ ବୋଲି ଗୁରୁବାର ଆୟୋଜକଙ୍କ ପକ୍ଷରୁ ପ୍ରକାଶ କରାଯାଇଛି। ପ୍ରତିଯୋଗିତା ୮ ରାଉଣ୍ଡ ବିଶିଷ୍ଟ ହେବ। ଆୟୋଜକଙ୍କ ପକ୍ଷରୁ ଅନ୍ତର୍ଜାତୀୟ ମାନର ଚେସ୍ ବୋର୍ଡ ଓ ଘଣ୍ଟା ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ଚାମ୍ପିୟନ ପ୍ରତିଯୋଗୀଙ୍କୁ ଟ୍ରଫି, ପଦକ ଓ ମୁକୁଟ ସହ ୫୦୦୦ ଟଙ୍କା ସମେତ ଶ୍ରେଷ୍ଠ ୧୦ ଜଣଙ୍କୁ ୧୫,୦୦୦ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି ପ୍ରକାଶ କରାଯାଇଛି। ଏହା ବ୍ୟତୀତ ୭, ୮, ୧୧ ଓ ୧୩ ବର୍ଷରୁ କମ୍ ଉଭୟ ବାଳିକା ଓ ବାଳକ ଏବଂ ଶ୍ରେଷ୍ଠ ୩ ଜଣ ମହିଳା, ଭେଟେରାନ(୫୦ ବର୍ଷରୁ ଊର୍ଦ୍ଧ୍ୱ) ଓ ଦିବ୍ୟାଙ୍ଗ ପ୍ରତିଯୋଗୀଙ୍କୁ ଆକର୍ଷଣୀୟ ଟ୍ରଫି ପ୍ରଦାନ କରାଯିବ। ପ୍ରତିଯୋଗିତା ପାଇଁ ୩୦୦ ଟଙ୍କାର ଏଣ୍ଟ୍ରି ଫି ଧାର୍ଯ୍ୟ କରାଯାଇଛି। ପୂର୍ବରୁ ୧୨ ତାରିଖ ଏଣ୍ଟ୍ରିର ଶେଷ ତାରିଖ ରଖାଯାଇଥିଲା। ମାତ୍ର ଏବେ ଏହାକୁ ୧୩ ତାରିଖ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି। ସ୍ୱୟମ୍ଭଙ୍କ ବ୍ୟତୀତ ଏଥିରେ ଭାଗ ନେବାକୁ ଯାଉଥିବା ଅନ୍ୟ ଦକ୍ଷ ଖେଳାଳିମାନେ ହେଲେ ରାଜ୍ୟଗୋଷ୍ଠୀ ଚେସ୍ ପଦକ ବିଜେତା ନିଲ୍ସୁ ପଟ୍ଟନାୟକ, ଶ୍ରୀୟମ ଶୁଭମ୍ ପଟ୍ଟନାୟକ, ଅଙ୍କିତା ସାହୁ, ପି. ସାଇରୂପା, ସଞ୍ଜୀବନ ନାୟକ, ସୌମ୍ୟରଞ୍ଜନ ସାହୁ, ରବୀନ୍ଦ୍ର ଓଝା, ଆଦିତ୍ୟ ପଟ୍ଟନାୟକ। ପ୍ରତିଯୋଗିତାକୁ ଅନ୍ତର୍ଜାତୀୟ ଆର୍ବିଟର ତାପସ ମହାନ୍ତି ଓ ଜ୍ୟୋତି ପ୍ରକାଶ ନନ୍ଦ ପରିଚାଳନା କରିବେ। ପ୍ରତିଯୋଗିତା ପରେ ସଙ୍ଗୀତ କାର୍ଯ୍ୟକ୍ରମ ଆଶା ଭୋସଲେ ନାଇଟ ଅନୁଷ୍ଠିତ ହେବ ବୋଲି ଏସଆର ଚେସ୍ ସେଣ୍ଟରର ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ ପ୍ରକାଶ କରିଛନ୍ତି।

## ରାୱଲପିଣ୍ଡି ଟେଷ୍ଟରେ ବର୍ଷା ବାଧା

**ରାୱଲପିଣ୍ଡି, ୧୨।୧୨**

ଦଶନ୍ଧି ପରେ ପାକିସ୍ତାନକୁ ଫେରିଥିବା ଟେଷ୍ଟ କ୍ରିକେଟ ବର୍ଷାଦ୍ୱାରା ବାଧାପ୍ରାପ୍ତ ହୋଇଛି। ପ୍ରଥମ ଦିବସରେ ୬୮.୧ ଓଭର ଖେଳ ହୋଇଥିବାବେଳେ ଗୁରୁବାର ଦ୍ୱିତୀୟ ଦିବସରେ ମାତ୍ର ୧୮.୨ ଓଭର ଖେଳ ସମ୍ଭବ ହୋଇଛି। ଦ୍ୱିତୀୟ ଦିବସ ଷ୍ଟମ୍ପ ପ୍ରତ୍ୟାହୃତ ହେବା ବେଳକୁ ଶ୍ରୀଲଙ୍କା ପ୍ରଥମ ଇନିଂସରେ ୬ ଉଇକେଟ ହରାଇ ୨୬୩ ରନ ସଂଗ୍ରହ କରିଛି।

ବୁଧବାର ପ୍ରଥମ ଦିବସ ଶେଷ ବେଳକୁ ଶ୍ରୀଲଙ୍କା ୫ ଉଇକେଟ ହରାଇ ୨୦୨ ରନ କରିଥିଲା। ଅର୍ଥାତ୍ ଦ୍ୱିତୀୟ ଦିବସରେ ଦଳ ଆଉ ୬୧ ରନ ଯୋଗ କରି ଗୋଟିଏ ଉଇକେଟ ହରାଇଛି। ପୂର୍ବଦିନ ୧୧ ରନରେ ଅପରାଜିତ ଥିବା ନିରୋଶାନ ଡିକ୍‌ୱେଲା ଦ୍ୱିତୀୟ ଦିବସରେ ଆଉ ୨୨ ରନ ଯୋଗକରି ଆଉଟ ହୋଇଛନ୍ତି। ସେ ୬୩ ବଲ୍‌ରୁ ୪ ଚୌକା ସହାୟତାରେ ୩୩ ରନ କରିଥିବାବେଳେ ଶାହିନ ଆଫ୍ରିଦୀଙ୍କ ବଲ୍‌ରେ ବାବର ଆଜମ୍‌ଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଛନ୍ତି। ଡିକ୍‌ୱେଲା ଆଉଟ ହେବାପରେ ଆଉ ମାତ୍ର ୨ ଓଭର ଖେଳ ସମ୍ଭବ ହୋଇଥିଲା। ସେତେବେଳକୁ ଧନଞ୍ଜୟ ଡି’ସିଲ୍‌ଭା କ୍ୟାରିୟରର ୬ଷ୍ଠ ଅର୍ଦ୍ଧଶତକ ହାସଲ କରି ଅପରାଜିତ ରହିଥିଲେ। ବର୍ଷା ଯୋଗୁ ଖେଳ ବନ୍ଦ ରହିବା ବେଳକୁ ଧନଞ୍ଜୟ ୭୨(୧୩୧ ବଲ, ୭ ଚୌକା) ଓ ଦିଲରୁୱାନ ପେରେରା ୨ ରନ କରିଥିଲେ।

ଶ୍ରୀଲଙ୍କା ପ୍ରଥମ ଇନିଂସ: ୨୬୩/୬ (ଧନଞ୍ଜୟ–୭୨*, ଦିମୁଥ କରୁଣାରତ୍ନେ–୫୯, ଓଶାଡା ଫର୍ନାଣ୍ଡୋ–୪୦, ଡିକ୍‌ୱେଲା–୩୩, ଆଞ୍ଜେଲୋ ମାଥ୍ୟୁସ–୩୧, ଶାହିନ ଆଫ୍ରିଦୀ–୨/୪୭, ନସିମ ଶାହ–୨/୭୫, ଉସମାନ ଶିନ୍‌ୱାରି–୧/୫୪, ମହମ୍ମଦ ଆବାସ–୧/୫୬)।



ବର୍ଷା ଯୋଗୁ ପିଚ୍‌କୁ ଘୋଡ଼ାଇ ରଖାଯାଇଛି।

### ହାତ ମିଳାଇବାକୁ ମନା କଲେ ସ୍ନୁକର ଷ୍ଟାର ଓସୁଲିଭାନ

**ଲଣ୍ଡନ,୧୨।୧୨(ଏଏଫପି)**

ସ୍ନୁକର କିମ୍ବଦନ୍ତୀ ରୋନି ଓସୁଲିଭାନ ନିଜ ଜାଜ୍ୱଲ୍ୟମୟ କ୍ୟାରିୟରରେ ଏକ ନୂଆ ଅଧ୍ୟାୟ ଆରମ୍ଭ କରିଛନ୍ତି। ସ୍କଟିଶ ଓପନ ଟୁର୍ନାମେଣ୍ଟରେ ଏକ ମ୍ୟାଚ୍ ପୂର୍ବରୁ ସେ ପ୍ରତିଦ୍ୱନ୍ଦ୍ୱୀ ଖେଳାଳି ଓ ରେଫରିଙ୍କ ସହ ହାତ ମିଳାଇବାକୁ ମନା କରି ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛନ୍ତି। ପାରମ୍ପରିକ ଭାବେ ପ୍ରତ୍ୟେକ କ୍ରୀଡ଼ାରେ ମ୍ୟାଚ୍ ଆରମ୍ଭ ହେବା ପୂର୍ବରୁ ଖେଳାଳିମାନେ ପରସ୍ପର ଓ ମ୍ୟାଚ୍ ଅଫିସିଆଲଙ୍କ ସହ ହାତ ମିଳାନ୍ତି। କିନ୍ତୁ ୫ ଥର ବିଶ୍ୱ ଚାମ୍ପିୟନ ଅତ୍ୟଧିକ ସ୍ୱାସ୍ଥ୍ୟ ସଚେତନତା କାରଣରୁ ଏପରି କରିବାକୁ ଅନିଚ୍ଛା ପ୍ରକାଶ କରିଥିଲେ। ମୁଁ କୀଟାଣୁ ପ୍ରତି ଅଧିକ ସତର୍କ ରୁହେ। ଏପରି କି କଦାପି କବାଟର ହ୍ୟାଣ୍ଡଲ ଧରେ ନାହିଁ। ଡୋର ହ୍ୟାଣ୍ଡେଲରେ ଟିସୁ ପେପର ବ୍ୟବହାର କରେ ବୋଲି ଜେମ୍ସ କାହିଲଙ୍କୁ ୪–୦ରେ ହରାଇବା ପରେ ଓସୁଲିଭାନ କହିଛନ୍ତି। ଗତବର୍ଷ ବିଶ୍ୱ ଚାମ୍ପିୟନଶିପରେ ଓସୁଲିଭାନଙ୍କୁ ପରାସ୍ତ କରି କାହିଲ ସଭିଙ୍କୁ ଚକିତ କରି ଦେଇଥିଲେ।

## ରୋହିତ ଲା ଲିଗାର ବ୍ରାଣ୍ଡ ଆମ୍ବାସାଡର

**ମୁମ୍ବାଇ,୧୨।୧୨(ପି.ଟି.)**

ଭାରତୀୟ ତାରକା ଓପନର ରୋହିତ ଶର୍ମା ସ୍ପାନିଶ୍ ଫୁଟବଲ ଲିଗ୍ ଲା ଲିଗାର ପ୍ରଥମ ଭାରତୀୟ ବ୍ରାଣ୍ଡ ଆମ୍ବାସାଡର ନିଯୁକ୍ତ ହୋଇଛନ୍ତି। ସେ ଏହି କ୍ରମରେ ସ୍ପାନିଶ୍ ଫୁଟବଲ କ୍ଲବ ରିୟଲ ମାଡ୍ରିଡ ପାଇଁ ପ୍ରଥମ ଭାରତୀୟ ଭାବେ ବ୍ରାଣ୍ଡ ଆମ୍ବାସାଡର ନିଯୁକ୍ତ ହୋଇଛନ୍ତି। ନନ୍ ଫୁଟବଲର ଭାବେ ସେ ଲିଗ୍ ଇତିହାସ ପ୍ରଥମ ବ୍ରାଣ୍ଡ ଆମ୍ବାସାଡର ନିଯୁକ୍ତ ହୋଇଛନ୍ତି। ୨୦୧୭ ପରଠାରୁ ଲା ଲିଗା ଭାରତରେ ଫୁଟବଲର ବିକାଶ ନେଇ ପ୍ରୟାସ କରିଆସୁଛି। କ୍ରିକେଟ ଇତିହାସରେ ରୋହିତ ଏକ ମାତ୍ର ବ୍ୟାଟ୍ସମ୍ୟାନ ଭାବେ ଦିନିକିଆରେ ୩ଟି ଦ୍ୱିଶତକ ଅର୍ଜନ କରିଛନ୍ତି। ୨୬୪ ରନର ଦ୍ୱିଶତକୀୟ ପାଳି ଖେଳି ସେ ବିଶ୍ୱ ରେକର୍ଡ ସ୍ଥାପନ କରିଥିଲେ।

ଲା ଲିଗ୍ ସହିତ ଜଡିତ ହୋଇ ବେଶ୍ ଆନନ୍ଦିତ ବୋଲି ରୋହିତ କହିଛନ୍ତି। ତୃଣମୂଳ ସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରି ଲା ଲିଗା ଭାରତୀୟ ଫୁଟବଲ ବିକାଶରେ ସାମିଲ ହୋଇଛି। ଏବେ ଲା ଲିଗା ସହିତ ଭାରତୀୟ ପ୍ରଶଂସକମାନେ ଜଡିତ ହୋଇପାରିବେ ବୋଲି ରୋହିତ କହିଛନ୍ତି। ସାରା ବିଶ୍ୱକୁ ଦୃଷ୍ଟିରେ ରଖିଲେ ଭାରତ ଲା ଲିଗା ପାଇଁ ଏକ ବୃହତ୍ ତଥା ଗୁରୁତ୍ୱପୂର୍ଣ୍ଣ ମାର୍କେଟ ବୋଲି ଏହି ଲିଗ୍‌ର ଇଣ୍ଡିଆ ମେନେଜିଂ ଡାଇରେକ୍ଟର ଜୋସ ଆଣ୍ଟୋନିଓ କାଚାଜା କହିଛନ୍ତି। ଭାରତରେ ଫୁଟବଲ୍‌କୁ ନେଇ ବେଶ୍ ଆଗ୍ରହ ରହିଛି। ବର୍ତ୍ତମାନ ଭାରତରେ ଏକାଧିକ କ୍ରିକେଟ ସୁପରଷ୍ଟାର ରହିଥିଲେ ମଧ ରୋହିତ ବ୍ରାଣ୍ଡ ଆମ୍ବାସାଡର ପାଇଁ ଉପଯୁକ୍ତ। ଜଣେ ସଫଳ କ୍ରିକେଟର ହୋଇଥିଲେ ମଧ ରୋହିତ ଲା ଲିଗା ତଥା ଫୁଟବଲର ଜଣେ ବଡ଼ ପ୍ରଶଂସକ ବୋଲି କାଚାଜା କହିଛନ୍ତି।



ଜୋସ ଆଣ୍ଟୋନିଓ କାଚାଜାଙ୍କ ସହ ରୋହିତ ଶର୍ମା।

# ପ୍ରସ୍ତୁତି ପଥେ ବାରବାଟୀ



ନିର୍ମଳ କୁମାର ମିଶ୍ର





ଫଟୋ:– ରାଜକିଶୋର ମହାନ୍ତି

**ଦୀର୍ଘଦିନ ପରେ ବାରବାଟୀ ଷ୍ଟାଡିୟମରେ ଆୟୋଜନ ହେବାକୁ ଯାଉଛି ଆଉ ଏକ ଅନ୍ତର୍ଜାତୀୟ ମ୍ୟାଚ୍ । ଦିନିକିଆ ସିରିଜର ତୃତୀୟ ତଥା ଅନ୍ତିମ ମ୍ୟାଚ୍‌ରେ ଭାରତ ଓ ୱେଷ୍ଟଇଣ୍ଡିଜ ମୁହାଁମୁହିଁ ହେବେ । ଏକ ହାଇସ୍କୋରିଂ ମ୍ୟାଚ ଆଶାରେ ରହିଛନ୍ତି ଓଡ଼ିଆ ଦର୍ଶକ । ଏହି ମ୍ୟାଚ୍‌କୁ ସବୁ ଦୃଷ୍ଟିକୋଣରୁ ସଫଳ କରିବା ପାଇଁ ଓସିଏ ପ୍ରୟାସ ଜାରି ରଖିଛି...**

ବାରବାଟୀ ଏକ ଦିବସୀୟ ମ୍ୟାଚକୁ ଆଉ ଅଳ୍ପ କେଇଦିନ ବାକି ରହିଲା । ଆସନ୍ତା ୨୨ତାରିଖରେ ଭାରତ ଏବଂ ୱେଷ୍ଟଇଣ୍ଡିଜ ମଧ୍ୟରେ ଏହି ସିରିଜ୍‌ର ଅନ୍ତିମ ତଥା ତୃତୀୟ ମ୍ୟାଚ୍ ଖେଳାଯିବ । ଏଥିପାଇଁ ଚଳଚଞ୍ଚଳ ହୋଇଉଠିଛି ଓଡ଼ିଶାର ଗର୍ବ ଏବଂ ଗୌରବ ବାରବାଟୀ ଷ୍ଟାଡିୟମ । ଫନୀ କ୍ଷତିଗ୍ରସ୍ତ ବାରବାଟୀ ଷ୍ଟାଡିୟମର ପୁନରୁଦ୍ଧାର ପାଇଁ ସମସ୍ତ ଆବଶ୍ୟକ କାର୍ଯ୍ୟ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ)ର ନବ ନିର୍ବାଚିତ ସମ୍ପାଦକ ସଞ୍ଜୟ ବେହେରାଙ୍କ ନେତୃତ୍ୱରେ ବେଶ୍ ସୁଚାରୁ ରୂପେ ଆଗେଇ ଚାଲିଛି । ନୂଆ ରୂପରେ ସଜେଇ ହେଉଛି ବାରବାଟୀ । ଦର୍ଶକମାନଙ୍କ ଉତ୍ସାହ ଏବଂ ମ୍ୟାଚ ପ୍ରତି ଉତ୍କଣ୍ଠା ଆୟୋଜକ ଓସିଏ ପାଇଁ ବେଶ୍ ପ୍ରେରଣାଦାୟକ ହୋଇଛି । ବାରବାଟୀରେ ଖେଳାଯାଇଥିବା ସମସ୍ତ ଏକଦିବସୀୟ ମ୍ୟାଚ ପାଇଁ କ୍ରିକେଟ୍‌ପ୍ରେମୀମାନେ ବହୁ ସଂଖ୍ୟାରେ ଉପସ୍ଥିତ ରହି ଉଭୟ ଦଳକୁ ପୂର୍ଣ୍ଣ ସମର୍ଥନ ଜଣାଇଛନ୍ତି । ପ୍ରତ୍ୟେକ ମ୍ୟାଚରେ ଷ୍ଟାଡିୟମ୍ ବେଶ୍ ଭରପୂର ରହିଛି । ଦୁଇବର୍ଷ ପରେ ପୁଣି ଥରେ ମ୍ୟାଚ ଖେଳାଯାଉଥିବାରୁ ଦର୍ଶକମାନଙ୍କ ଆଗ୍ରହ ଆକାଶଛୁଆଁ ହୋଇଛି । ମାତ୍ର ୧ଘଣ୍ଟା ମଧ୍ୟରେ ସମସ୍ତ ଅନଲାଇନ୍ ଟିକେଟ୍ ବିକ୍ରି ହୋଇଛି । କ୍ରିକେଟ୍ ପ୍ରେମୀମାନଙ୍କ ମନରେ ପ୍ରବଳ ଉତ୍କଣ୍ଠା ଏବଂ ଉତ୍ସାହ ରହିଥିବାର ସୂଚନା ମିଳିବା ମ୍ୟାଚ ପାଇଁ ଏକ ଶୁଭ ସୂଚନା । ଦର୍ଶକମାନେ କିପରି ସୁଚାରୁ ରୂପେ ମ୍ୟାଚର ପୂର୍ଣ୍ଣ ଆନନ୍ଦ ଉଠାଇ ପାରିବେ ସେଥିପାଇଁ ଷ୍ଟାଡିୟମ ମଧ୍ୟରେ ସମସ୍ତ ସୁବିଧା ସୁଯୋଗ ଉପଲବ୍ଧ ହେବ । ଏ ନେଇ ଓସିଏର ବିଭିନ୍ନ କମିଟିର ମୁଖ୍ୟମାନେ ସୂଚନା ଦେବା ଫଳରେ ଦର୍ଶକମାନେ ଉତ୍ସାହିତ ରହିଛନ୍ତି । ମ୍ୟାଚ୍ ପାଇଁ ଏକ ସୁନ୍ଦର ଏକଦିବସୀୟ ପିଚ୍ ପ୍ରସ୍ତୁତ କରାଯାଇଛି । ଉଭୟ ବୋଲିଂ ଏବଂ ବ୍ୟାଟିଂକୁ ଏହି ପିଚ୍ ବେଶ୍ ସୁହାଇବା ଆଶା ରହିଛି ।

ଧୀରେ ଧୀରେ ମାହୋଲ ଜମି ଆସୁଛି । ଏନେଇ ପ୍ରସ୍ତୁତି ଜୋରଦାର ଚାଲିଛି । ଏକଦା ମ୍ୟାଚ୍ ଅନ୍ୟତ୍ର ସ୍ଥାନାନ୍ତରକୁ ନେଇ ଆଲୋଚନା କ୍ରିକେଟ୍ ପ୍ରେମୀଙ୍କୁ ହତୋତ୍ସାହିତ କରିଥିବା ବେଳେ ଓସିଏ ଏହାକୁ ଏକ ଚ୍ୟାଲେଞ୍ଜ୍ ରୂପେ ଗ୍ରହଣ କରିଥିଲା । ମ୍ୟାଚ୍ ସମୟରେ ଷ୍ଟାଡିୟମ୍‌କୁ କିପରି ଆକର୍ଷଣୀୟ ତଥା ସୁନ୍ଦର କରାଯାଇ ପାରିବ ସେ ନେଇ ନୂତନ ଯୋଜନାମାନ ବିଭିନ୍ନ କମିଟିମାନଙ୍କ ଦ୍ୱାରା ପ୍ରଣୟନ କରାଯାଇଛି । ଫଳରେ ମ୍ୟାଚ୍‌ର ରୋମାଞ୍ଚ ଆହୁରି ବଢିଛି । ପ୍ରଥମ ଥର ପାଇଁ କୌଣସି ଅନ୍ତର୍ଜାତୀୟ ମ୍ୟାଚ୍‌ରେ ବାରବାଟୀ ଷ୍ଟାଡିୟମରେ ପ୍ରତ୍ୟେକ ଗ୍ୟାଲେରିରେ ହେଲ୍ପ ଡେସ୍କ ଖୋଲାଯିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଏଥି ସହିତ ଷ୍ଟାଡିୟମ ପାଖରେ ଥିବା ଜିଲା ପଡିଆରେ ଫ୍ୟାନ ପାର୍କ ହେବା ମଧ୍ୟ ଦର୍ଶକମାନଙ୍କ ପାଇଁ ନୂତନ ଉତ୍ସାହ ଆଣିଦେଇଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ପୋଲିସ ଡିଜିଙ୍କ ଦ୍ୱାରା ମ୍ୟାଚ ପୂର୍ବରୁ ଏବଂ ମ୍ୟାଚ ସମୟରେ ଯେପରି କୌଣସି ଅଘଟଣ ନ ଘଟେ ସେଥିପାଇଁ ଓସିଏ ସହିତ ଆଲୋଚନା କରିବା ପରେ ଗୋଟିଏ ଗ୍ୟାଲେରିକୁ ଅନୁପଯୁକ୍ତ ଘୋଷଣା କରାଯାଇଛି । ଫଳରେ ପ୍ରାୟ ପାଖାପାଖି ୬ହଜାର ଟିକେଟ୍ ବିକ୍ରି ନ ହେବା ଦର୍ଶକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଏପରିକି ପ୍ରଥମ ଥର ପାଇଁ ଦର୍ଶକମାନେ ଖେଳ ଦେଖିବାରୁ ବଞ୍ଚିତ ହେବେ । ସେଥିପାଇଁ ଗ୍ୟାଲେରିଠାରୁ ଆରମ୍ଭ କରି କର୍ପୋରେଟ ବକ୍ସ ପର୍ଯ୍ୟନ୍ତ ସମସ୍ତ ଟିକେଟର ଚାହିଦା ଆଶାତୀତ ବୃଦ୍ଧି ପାଇଛି । ପୂର୍ବରୁ ବାରବାଟୀ ଷ୍ଟାଡିୟମରେ ଯେତେଗୁଡିଏ ମ୍ୟାଚ ଖେଳାଯାଇଛି ସେତେବେଳେ ଗ୍ୟାଲେରିରେ ବିଭିନ୍ନ ପ୍ରକାର ସମସ୍ୟା ଦେଖାଦେଇଛି । ବିଶେଷ କରି ଦର୍ଶକମାନେ ଅଡୁଆର ସମ୍ମୁଖୀନ ହୋଇଥାଆନ୍ତି । ଖାଦ୍ୟ, ପାନୀୟ ଏବଂ ବାଥ୍‌ରୁମର ସମସ୍ୟା ଦର୍ଶକମାନଙ୍କୁ ବେଶ୍ ଅଡୁଆରେ ପକାଇ ଥାଏ । ଏଥିପାଇଁ ଅଧିକ ଦରରେ ଖାଦ୍ୟ ପଦାର୍ଥ ବିକ୍ରି ନ କରିବା ପାଇଁ ଟେଣ୍ଡର ନେଇଥିବା ଭେଣ୍ଡରମାନଙ୍କୁ ଓସିଏ ପକ୍ଷରୁ ନିର୍ଦ୍ଦେଶ ଦେବା ନିଶ୍ଚିତ ରୂପେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ରାଜ୍ୟ ବାହାରୁ ଆସୁଥିବା ଦର୍ଶକ, ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଅଫିସିଆଲ୍, ଉଭୟ ଦଳର ଖେଳାଳିମାନଙ୍କ ପାଇଁ ସ୍ୱତନ୍ତ୍ର ଆତିଥ୍ୟ ପ୍ରଦାନ କରିବା ଲାଗି ସମସ୍ତ ବନ୍ଦୋବସ୍ତ କରାଯାଇଛି । ଗ୍ୟାଲେରି ଏବଂ ପ୍ରତ୍ୟେକ ପ୍ରବେଶ ପଥ ଏବଂ ପ୍ରସ୍ଥାନ ସ୍ଥାନରେ ସିସି ଟିଭି କ୍ୟାମେରା ଲଗାଯିବା ସହିତ ସମ୍ପୂର୍ଣ୍ଣ ଷ୍ଟାଡିୟମ୍‌କୁ ଆଲୋକିତ କରିବା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ପାଣି ବୋତଲ, ପାଣି ପାଉଚ୍, ଫଳ, ହେଲମେଟ୍, ବାଣ, ଗ୍ଲାସ ଏବଂ କଏନ୍ ପଡିଆ ଭିତରକୁ ମ୍ୟାଚ୍ ସମୟରେ ନ ନେବା ପାଇଁ ଦର୍ଶକମାନଙ୍କୁ ଅନୁରୋଧ କରାଯାଇଛି ।

ପୂର୍ବରୁ ଅନଲାଇନ୍ ମାଧ୍ୟମରେ ୮ହଜାର ଟିକେଟ ବିକ୍ରି କରାଯାଇଥିବା ବେଳେ ବହୁ ଟିକେଟ ଆଶାୟୀ କ୍ରିକେଟ୍‌ପ୍ରେମୀମାନେ ଟିକେଟ ନ ପାଇ ନିରାଶ ହୋଇଛନ୍ତି । କାରଣ ମାତ୍ର ଏକଘଣ୍ଟା ମଧ୍ୟରେ ସମସ୍ତ ଟିକେଟ ସରିଯିବା ଦ୍ୱାରା ଏବେ ୧୨ଟି କାଉଣ୍ଟର ମାଧ୍ୟମରେ ବିକ୍ରି ହେବାକୁ ଥିବା ପାଖାପାଖି ୧୦ହଜାର ଟିକେଟ୍ ଉପରେ ସମସ୍ତଙ୍କର ନଜର ରହିଛି । ଏହି ଅନ୍ତର୍ଜାତୀୟ ମ୍ୟାଚରେ ମୋଟ ବିକ୍ରି ହେବାକୁ ଥିବା ପାଖାପାଖି ୧୮୦୦୦ ଟିକେଟ୍ ସାଧାରଣ ଦର୍ଶକମାନଙ୍କ ପାଇଁ ଉପଲବ୍ଧ ରହିଛି । ଓସିଏର ସମସ୍ତ ଅନୁବନ୍ଧିତ କ୍ଲବଗୁଡିକୁ ୧୬ ଏବଂ ୧୭ତାରିଖରେ ଟିକେଟ୍ ବିକ୍ରି କରାଯିବା ପାଇଁ ବ୍ୟବସ୍ଥା ରହିଥିବା ବେଳେ ବିସିସିଆଇର ସମସ୍ତ ପ୍ରାୟୋଜକମାନଙ୍କ ପାଇଁ ପ୍ରାୟ ୯ହଜାର ଟିକେଟ୍ ରହିଛି । ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ୭ ନଂ ଗ୍ୟାଲେରି ବନ୍ଦ ରହୁଥିବାରୁ ମୋଟ ୪୫,୦୦୦ ଦର୍ଶକ ବିଶିଷ୍ଟ ବାରବାଟୀ ଷ୍ଟାଡିୟମର କ୍ଷମତା ୩୮,୮୦୦ରେ ସୀମିତ ରହିଛି । ଏହା ଦ୍ୱାରା ବହୁ ଦର୍ଶକ ଅସନ୍ତୋଷ ଜାହିର କରିଛନ୍ତି । ଟିକେଟ୍ କଳାବଜାରୀକୁ ରୋକିବା ପାଇଁ ଡିଜି ଏବଂ କମିଶନରେଟ ପୋଲିସ ପକ୍ଷରୁ ବ୍ୟାପକ ସତର୍କତା ଅବଲମ୍ବନ କରାଯାଇଛି ।

ଯାହା ହେଉ କ୍ରିକେଟ୍‌ପ୍ରେମୀ ଦର୍ଶକମାନେ ବହୁ ଉତ୍କଣ୍ଠାର ସହିତ ଆସନ୍ତା ମ୍ୟାଚକୁ ଦେଖିବାକୁ ବେଶ୍ ଉତ୍ସାହିତ ରହିଛନ୍ତି । କାରଣ ଦୀର୍ଘ ୨ବର୍ଷ ପରେ ବାରବାଟୀକୁ ଫେରିଛି ଅନ୍ତର୍ଜାତୀୟ କ୍ରିକେଟ୍ ମ୍ୟାଚ । ସୁନ୍ଦର ଭାବରେ ଖୁବ୍ ଅଳ୍ପଦିନରେ ସଜାଇ ହେବାରେ ଲାଗିଛି ବାରବାଟୀ ଷ୍ଟାଡିୟମ୍ । ଏକ ସୁନ୍ଦର ବ୍ୟାଟିଂ ପିଚ୍ ପ୍ରସ୍ତୁତ କରାଯାଉଥିବାରୁ ଏବଂ ଲସ୍ ଗ୍ରୀନ୍ ଆଉଟ ଫିଲ୍ଡ ବାରବାଟୀର ସୁନ୍ଦରତାକୁ ଆହୁରି ବଢାଇଦେଇଛି । ଦର୍ଶକମାନେ ଏହି ରୋମାଞ୍ଚକ ମ୍ୟାଚର ପୂର୍ଣ୍ଣ ଆନନ୍ଦ ଉଠାଇବା ପାଇଁ ବେଶ୍ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି ।

## ଯୁନିଟ୍

ଦକ୍ଷିଣ ଏସୀୟ କ୍ରୀଡ଼ାରେ ଇଣ୍ଡିଆ
ଅଭିଯାନ କଲା ଶେଷ
ତିନିଶହ ବାର ପଦକ ପାଇକି
ଟପ୍‌ରେ ମୋର ଦେଶ
ରୋହିତ ମୋଡଇ ନିଶ
ଚାରି ଶହ ଛକା ମାରି ଆମ ଟୋକା
ରଚିଅଛି ଇତିହାସ ।୧ ।

ସିରିଜ ପଛରେ ବିରାଟ ଉଇକେଟ
ହାସଲ କରିଲେ ମଣି
ବାକି ଫର୍ମାଟରେ ଜିତିବାଟା ପକ୍କା
କୋଚ୍ ଫିଲ୍ କହେ ଠାଣି
ୟୁନିଟ୍ ଷ୍ଟ୍ରେଞ୍ଚ ପୁଣି
ଭୀମ ହତ ହେଲେ ଟିମ୍ ଇଣ୍ଡିଆକୁ
ମିଶି ପିଆଇବା ପାଣି ।୨ ।




ବିରାଟ କୋହଲି ଷ୍ଟିଭ୍ ସ୍ମିଥ୍‌କୁ
କରିଅଛି ଗାଦିଚ୍ୟୁତ
ଟେଷ୍ଟ ର୍‍ୟାଙ୍କିଙ୍ଗ୍‌ରେ ଶୀର୍ଷରେ ବସିଛି
ଟି–ଟ୍ୱେଣ୍ଟିରେ ବାଜିମାତ
ପୋଲାର୍ଡ ଆଣ୍ଡ ଟିମ୍ ହତ
ବ୍ୟକ୍ତିଗତ ଦମ୍ ସହ ୟୁନିଟ୍
ବିଜୟ ଆଣଇ ମିତ ।୩ ।

–ସୁବାସ ଚନ୍ଦ୍ର ପ୍ରଧାନ

୪୬ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଧରିତ୍ରୀ ପରିବାରକୁ ଶୁଭେଚ୍ଛା ଓ ଶୁଭକାମନା ।
ଚିତ୍ତରଞ୍ଜନ ଦିଗାଲ
ଫିରିଙ୍ଗିଆ
ପଞ୍ଚାୟତ ନିର୍ବାହୀ ଅଧିକାରୀ

ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ଡେରାବିଶ ବ୍ଲକ ଚାଟରାଚକଡ଼ା ପଂଚାୟତର ସମସ୍ତ ମାଆ, ଭାଇ, ଭଉଣୀଙ୍କ ସୁଖ ସମୃଦ୍ଧି କାମନା କରୁଛି ।
ପୂର୍ଣ୍ଣାନନ୍ଦ ବେହେରା
ସରପଂଚ,
ଚାଟରାଚକଡ଼ା ଗ୍ରାମ ପଂଚାୟତ
ଡେରାବିଶ

ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ଡେରାବିଶ ବ୍ଲକ ବସୁପୁର ପଂଚାୟତର ସମସ୍ତ ମାଆ, ଭାଇ, ଭଉଣୀଙ୍କ ସୁଖ ସମୃଦ୍ଧି କାମନା କରୁଛି ।
ଅମୃତରାଜ ବେହେରା
ସରପଂଚ,
ବସୁପୁର ଗ୍ରାମ ପଂଚାୟତ
ଡେରାବିଶ

ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ଡେରାବିଶ ବ୍ଲକ ହରିଅଙ୍କ ପଂଚାୟତର ସମସ୍ତ ମାଆ, ଭାଇ, ଭଉଣୀଙ୍କ ସୁଖ ସମୃଦ୍ଧି କାମନା କରୁଛି ।
ଯୁଗଳ କିଶୋର ମହାନ୍ତି
ସରପଂଚ,
ହରିଅଙ୍କ ଗ୍ରାମ ପଂଚାୟତ
ଡେରାବିଶ

ଧରିତ୍ରୀର ଜନ୍ମଦିନ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ।
ରଣଜିତ କୁମାର ମହାନ୍ତି
ମୟୂରଭଞ୍ଜ ଜିଲ୍ଲା ସଭାପତି
ସର୍ବଭାରତୀୟ ଗ୍ରାହକ
କଲ୍ୟାଣ ପରିଷଦ

ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ଡେରାବିଶ ବ୍ଲକ ଲକ୍ଷ୍ମୀନାରାୟଣପୁର ପଂଚାୟତର ସମସ୍ତ ମାଆ, ଭାଇ, ଭଉଣୀଙ୍କ ସୁଖ ସମୃଦ୍ଧି କାମନା କରୁଛି ।
ସଂଯୁକ୍ତା ସାହୁ
ସରପଂଚ,
ଲକ୍ଷ୍ମୀନାରାୟଣପୁର ଗ୍ରାମ ପଂଚାୟତ
ଡେରାବିଶ

ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ଡେରାବିଶ ବ୍ଲକର ସମସ୍ତ ମାଆ, ଭାଇ, ଭଉଣୀଙ୍କ ସୁଖ ସମୃଦ୍ଧି କାମନା କରୁଛି ।
ଜବା ମୁର୍ମୁ
ଜିଲ୍ଲା ପରିଷଦ ସଭ୍ୟା
୧୩ ନଂ ଜୋନ୍
କେନ୍ଦ୍ରାପଡ଼ା

ଦୈନିକ ଖବରକାଗଜ ଧରିତ୍ରୀର ୪୬ତମ ଜନ୍ମବାର୍ଷିକୀ ପାଳନ ଅବସରରେ ଜଳେଶ୍ୱର ପୌରପାଳିକାର ସର୍ବାଙ୍ଗୀନ ବିକାଶରେ ସହରବାସୀଙ୍କ ସହଯୋଗ କାମନା କରିବା ସହ ଜନସାଧାରଣଙ୍କୁ ଶୁଭେଚ୍ଛା ।
ଅଜୟ କୁମାର ମହାପାତ୍ର
କାର୍ଯ୍ୟନିର୍ବାହୀ ଅଧିକାରୀ, ଜଳେଶ୍ୱର ପୌରପାଳିକା

୪୬ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଧରିତ୍ରୀ ପରିବାରକୁ ଶୁଭେଚ୍ଛା ଓ ଶୁଭଅଭିନନ୍ଦନ ।
ଅଖିଳ କୁମାର ଲେଙ୍କା
ସରପଞ୍ଚ, ବାଲ୍ୟାମ୍ବା ଗ୍ରାମପଞ୍ଚାୟତ
ସଦର ବ୍ଲକ୍, ଢେଙ୍କାନାଳ

୪୬ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଧରିତ୍ରୀ ପରିବାରକୁ ଶୁଭେଚ୍ଛା ଓ ଶୁଭଅଭିନନ୍ଦନ ।
Indane
M/S. BHAPUR INDANE GRAMIN VITARAK
ଭାପୁର ଇଣ୍ଡେନ୍ ଗ୍ରାମୀଣ ବିତରକ
ଭାପୁର, ଢେଙ୍କାନାଳ

୪୬ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଧରିତ୍ରୀ ପରିବାରକୁ ଶୁଭେଚ୍ଛା ଓ ଶୁଭଅଭିନନ୍ଦନ ।
ଅନ୍ତର୍ଯ୍ୟାମୀ ସାହୁ
ସରପଞ୍ଚ, କାକୁଡ଼ିଭାଗ ଗ୍ରାମପଞ୍ଚାୟତ
ସଦର ବ୍ଲକ୍, ଢେଙ୍କାନାଳ

୪୬ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଧରିତ୍ରୀ ପରିବାରକୁ ଶୁଭେଚ୍ଛା ଓ ଶୁଭଅଭିନନ୍ଦନ ।
ଶ୍ରୀମତୀ ସଲିଳା ସାହୁ
ସରପଞ୍ଚ, ଘଟିପିରି ଗ୍ରାମପଞ୍ଚାୟତ
ଓଡ଼ାପଡ଼ା ବ୍ଲକ୍, ଢେଙ୍କାନାଳ



“ ସାରା ଦେଶରେ ୧୫.୫ ଲକ୍ଷ ଟନ୍ ଉତ୍ପାଦନ ହ୍ରାସ ହେବା ଯୋଗୁ ପିଆଜ ଦର ବଢ଼ିଛି।
– ନରେନ୍ଦ୍ର ସିଂ ତୋମାର, କେନ୍ଦ୍ର କୃଷି ମନ୍ତ୍ରୀ



“ ଅର୍ଥନୀତି ଶୀଘ୍ର ସ୍ଥିତାବସ୍ଥାକୁ ଫେରିବ। ଜିଡିପି ଖସିବାକୁ ନେଇ ଆଶଙ୍କା କରିବାର କୌଣସି କାରଣ ନାହିଁ।
– ରାଓ ଇନ୍ଦରଜିତ ସିଂ, ପରିସଂଖ୍ୟାନ ରାଷ୍ଟ୍ର ମନ୍ତ୍ରୀ

## ସଂକ୍ଷେପରେ

### ଏୟାର ଇଣ୍ଡିଆର ୧୦୦% ଅଂଶଧନ ବିକିବେ ସରକାର

**ନୂଆଦିଲ୍ଲୀ,୧୨-୧୨:** ରାଷ୍ଟ୍ରାୟତ୍ତ ଏୟାର ଇଣ୍ଡିଆର ୧୦୦% ଅଂଶଧନ ବିକ୍ରି କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ବର୍ତ୍ତମାନର ଅଂଶଧନ ବିକ୍ରି ନେଇ ରହିଥିବା ପ୍ରସ୍ତାବ ଅନ୍ତର୍ଗତ ଏଭଳି କାର୍ଯ୍ୟକ୍ରମ ହାତକୁ ନିଆଯାଉଥିବା କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ହରଦୀପ ସିଂ ପୁରୀ ଗୁରୁବାର ସୂଚନା ଦେଇଛନ୍ତି। ବର୍ତ୍ତମାନ ଏହି ବିମାନ କମ୍ପାନୀ ଉପରେ ୫୦,୦୦୦ କୋଟି ଟଙ୍କାର ଋଣ ରହିଛି। ଏହା ଲଗାତର କ୍ଷତି ସହି ଚାଲିଥିବା ବେଳେ ଏହାର ପୁନରୁଦ୍ଧାର ଲାଗି ସରକାର ପ୍ରୟାସ କରିଥିବା ସେ କହିଛନ୍ତି। ନୂଆ ସରକାର ଆସିବା ପରେ ଏୟାର ଇଣ୍ଡିଆ ସ୍ପେଶିଫିକ ଅଲଟରନେଟିଭ ମେକାନିଜିମ୍(ଏଆଇଏସ୍ଏମ୍ ) ପୁନର୍ଗଠନ ହେବା ସହ ବିମାନ କମ୍ପାନୀର ଅଂଶଧନ ବିକ୍ରି ଲାଗି କାର୍ଯ୍ୟପନ୍ଥା ହାତକୁ ନିଆଯାଉଛି ବୋଲି ପୁରୀ ସ୍ପଷ୍ଟ କରିଛନ୍ତି।

### କଲ୍, ଡାଟାର ନ୍ୟୁନତମ ଚାର୍ଜ ଉପରେ ବିଚାର ହେବ

**ନୂଆଦିଲ୍ଲୀ,୧୨-୧୨:** କଲ୍ ଏବଂ ଡାଟା ଉପରେ ନ୍ୟୁନତମ ଚାର୍ଜ ଲାଗୁ କରିବା ଲାଗି ଟେଲିକମ ଶିଳ୍ପ ପକ୍ଷରୁ ହୋଇଥିବା ଦାବିକୁ ନିୟାମକ ଟ୍ରାଇ ବିଚାର କରିବ ବୋଲି ଜଣାପଡିଛି। ଟ୍ରାଇ ଏହି ପ୍ରସ୍ତାବ ଯଦି ଆଗାମୀ ଦିନରେ ଲାଗୁ କରେ ତେବେ କଲ୍ ଏବଂ ଡାଟା ଆଉ ମାଗଣା ହେବ ନାହିଁ। ଅର୍ଥାତ୍ ଗ୍ରାହକଙ୍କୁ କିଛି ଦେୟ ଦେବାକୁ ପଡିବ। ଦେଶର ଟେଲିକମ୍ ଶିଳ୍ପ ଏବେ ପ୍ରଭାବିତ ସ୍ଥିତିରେ ରହିଛି। ଶିଳ୍ପର ବାରମ୍ବାର ଦାବିକୁ ବିଚାର କରି ଏଭଳି ପ୍ରସ୍ତାବ ଉପରେ ଧାନ ଦିଆଯିବ ବୋଲି ଟ୍ରାଇ ଅଧ୍ୟକ୍ଷ ଆରଏସ୍ ଶର୍ମା ଏଠାରେ ଏକ କାର୍ଯ୍ୟକ୍ରମରେ ସୂଚନା ଦେଇଛନ୍ତି।

### ଜିଡିପି ହ୍ରାସକୁ ନେଇ ଚିନ୍ତିତ ନୁହେଁ: ପ୍ରଣବ ମୁଖାର୍ଜୀ

**ନୂଆଦିଲ୍ଲୀ,୧୨-୧୨:** ଆର୍ଥିକ ମାନ୍ଦାବସ୍ଥାର ପ୍ରଭାବ ଯୋଗୁ ଦେଶର ଜିଡିପି ଅଭିବୃଦ୍ଧି ଏବେ ହ୍ରାସ ଘଟିଛି। ହେଲେ ଏହାକୁ ନେଇ ବିଶେଷ ଚିନ୍ତିତ ନୁହେଁ ବୋଲି ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ କହିଛନ୍ତି। ସେ କହିଛନ୍ତି ଯେ, ଅର୍ଥ ବ୍ୟବସ୍ଥା ଏଭଳି କିଛି କାର୍ଯ୍ୟକଳାପ ହେଉଛି ଯାହାର ପ୍ରଭାବ ନିଶ୍ଚୟ ଦେଖାଯିବ। ୟୁପିଏ ସରକାରଙ୍କ ସମୟରେ ଅର୍ଥମନ୍ତ୍ରୀ ଭାବେ କାର୍ଯ୍ୟ କରିଥିବା ମୁଖାର୍ଜୀ କହିଛନ୍ତି, ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକୁ ପୁନଃ ପୁଞ୍ଜିକରଣ କରିବାରେ କୌଣସି ଅସୁବିଧା ନାହିଁ। ଏବେ ବ୍ୟାଙ୍କଗୁଡିକ ପୁଞ୍ଜୀ ଆବଶ୍ୟକତା କରୁଥିବାରୁ ଏହା ଯୋଗାଇ ଦେବା ଉଚିତ ହେବ। ଗଣତାନ୍ତ୍ରିକ ବ୍ୟବସ୍ଥାରେ ସମସ୍ୟାର ସମାଧାନ ଲାଗି ଆଲୋଚନାର ପ୍ରକ୍ରିୟା ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି। ଏହା ବାଦ ସରକାର ଠିକ୍ ଡାଟା ପ୍ରଦାନ ନ କରିଲେ ଏହା ବ୍ୟବସ୍ଥା ଲାଗି ଖରାପ ପ୍ରଭାବ ପକାଇବ ବୋଲି ସେ ମତ ରଖିଛନ୍ତି।

# ଶିଳ୍ପ କ୍ଷେତ୍ର ଉତ୍ପାଦନ ହ୍ରାସ ଧାରା ଜାରି

- ଲଗାତର ୩ ମାସ ଧରି ଖସୁଛି
- ଅକ୍ଟୋବରରେ ୩.୮% କମିଲା ଶିଳ୍ପ ଉତ୍ପାଦନ



**ନୂଆଦିଲ୍ଲୀ,୧୨-୧୨**

ମାନ୍ଦାବସ୍ଥା ଦେଶର ଅର୍ଥ ବ୍ୟବସ୍ଥାକୁ ଏବେ ମଧ୍ୟ ଜାବୁଡ଼ି ଧରିଛି। ଏହାର ପ୍ରଭାବରେ ଲଗାତର ତୃତୀୟ ମାସ ଲାଗି ଦେଶର ଉଦ୍ୟୋଗଗୁଡିକର ଉତ୍ପାଦନ ଖସିଛି। ଚଳିତ ବର୍ଷ ଅକ୍ଟୋବରରେ ଦେଶର ଔଦ୍ୟୋଗିକ ଉତ୍ପାଦନ ୩.୮% କମିଛି। ମାନୁଫାକଚରିଂ, ଖଣି, ବିଦ୍ୟୁତ ଶକ୍ତି ଭଳି କ୍ଷେତ୍ରରେ ଉତ୍ପାଦନ କମିବା ଯୋଗୁ ଏଭଳି ସ୍ଥିତି ଉପୁଜିଥିବା ଗୁରୁବାର ପ୍ରକାଶିତ ସରକାରୀ ଡାଟାରୁ ସାମ୍ନାକୁ ଆସିଛି। ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍ଏସ୍ଓ) ତଥ୍ୟ ମୁତାବକ ସେପ୍ଟେମ୍ବରରେ ଦେଶର ଫ୍ୟାକ୍ଟ୍ରିଗୁଡିକରୁ ଉତ୍ପାଦନ ୪.୩% ହ୍ରାସ ହୋଇଛି। ସେହିଭଳି ଅଗଷ୍ଟରେ ଏଥିରେ ୧.୪% ହ୍ରାସ ହୋଇଥିଲା। ଅପରପକ୍ଷରେ ଏହା ଜୁଲାଇରେ ୪.୯% ବୃଦ୍ଧି ହୋଇଥିଲା। ଫ୍ୟାକ୍ଟ୍ରିଗୁଡିକର ଉତ୍ପାଦନକୁ ଔଦ୍ୟୋଗିକ ଉତ୍ପାଦନ ସୂଚକାଙ୍କ(ଆଇଆଇପି)ରେ ଆକଳନ କରାଯାଉଥିବାରେ ଏହା ୨୦୧୮ ଅକ୍ଟୋବରରେ ୮.୪% ବଢ଼ିଥିଲା।

ଚଳିତବର୍ଷ ଏପ୍ରିଲରୁ ଅକ୍ଟୋବର ସମୟ ମଧ୍ୟରେ ଆଇଆଇପି ଅଭିବୃଦ୍ଧି ୦.୫% ରହିଛି। ଯାହା ଆଖି ଦୃଶିଆ ନୁହେଁ। ଗତ ବର୍ଷ ଏହି ସମୟରେ ଆଇଆଇପି ୫.୭% ଥିଲା। ଅକ୍ଟୋବରରେ ଦେଶର ମାନୁଫାକଚରିଂ ଅଭିବୃଦ୍ଧି ୨.୧% କମିଛି। ଏହା ଗତ ବର୍ଷ ସମାନ ସମୟରେ ୮.୨% ବଢ଼ିଥିଲା। ଚଳିତ ବର୍ଷ ଅକ୍ଟୋବରରେ ଶକ୍ତି କ୍ଷେତ୍ରରେ ଉତ୍ପାଦନ ୧୨.୨% ହ୍ରାସ ହୋଇଛି। ଯାହା ଗତ ବର୍ଷ ୧୦.୮% ରହିଥିଲା। ଖଣି କ୍ଷେତ୍ର ଉତ୍ପାଦନ ୮% ଖସିଯାଇଛି। ଏହା ଗତ ବର୍ଷ ୭.୩% ଥିଲା। ଏହାବାଦ କ୍ୟାପିଟାଲ ଗୁଡ୍ସ ଉତ୍ପାଦନ ୨୧.୯% କମିଛି। ଯାହା ଗତ ବର୍ଷ ସମାନ ସମୟରେ ୧୬.୯% ବଢ଼ିଥିଲା। ଏହାବାଦ ପ୍ରାଥମିକ ସାମଗ୍ରୀ ଅଭିବୃଦ୍ଧି (–)୬%, ମାଧ୍ୟମିକ ସାମଗ୍ରୀ ଅଭିବୃଦ୍ଧି ୨୨.୨% ଏବଂ ଭିତ୍ତିଭୂମି ନିର୍ମାଣ ସାମଗ୍ରୀ ଅଭିବୃଦ୍ଧି (–) ୯.୨% ରହିଛି। କଞ୍ଜ୍ୟୁମର ଡ୍ୟୁରେବଲ୍ସ ଏବଂ କଞ୍ଜ୍ୟୁମର ନନ୍ ଡ୍ୟୁରେବଲ୍ସ କ୍ଷେତ୍ରରେ ଏହା ଯଥାକ୍ରମେ (–) ୧୮% ଏବଂ (–) ୧.୧% ରହିଛି। ମାନୁଫାକଚରିଂର ମୋଟ ୨୩ ଶିଳ୍ପଗ୍ରୁପ ମଧ୍ୟରୁ ୧୮ଟିର କାର୍ଯ୍ୟକଳାପ ନକାରାତ୍ମକ ରହିଛି।

କମ୍ପ୍ୟୁଟର, ଇଲେକଟ୍ରୋନିକ୍ସ ଏବଂ ଅପ୍ଟିକାଲ ପ୍ରଡକ୍ଟ ମାନୁଫାକଚରିଂ ସର୍ବାଧିକ ନକାରାତ୍ମକ ଅଭିବୃଦ୍ଧି (–)୩୧.୩% ସ୍ତରରେ ରହିଛି। ଏହାବାଦ ମୋଟର ଭେଇକିଲ, ଟ୍ରେଲର, ସେମିଟ୍ରେଲର ମାନୁଫାକଚରିଂ କ୍ଷେତ୍ର ଏହା ପରେ ରହିଛି। ଏହି କ୍ଷେତ୍ରରେ ନକାରାତ୍ମକ ଅଭିବୃଦ୍ଧି (–) ୨୭.୯% ରହିଛି। ଏହି ସମୟ ମଧ୍ୟରେ କେମିକାଲ ପ୍ରଡକ୍ଟ କ୍ଷେତ୍ରରେ ସର୍ବାଧିକ ୩୧.୮% ଅଭିବୃଦ୍ଧି ହୋଇଛି। ସେହିଭଳି ବେସିକ୍ ମେଟାଲ କ୍ଷେତ୍ରରେ ଅଭିବୃଦ୍ଧି ୯.୪% ରହିଛି।

### ୩ ବର୍ଷର ସର୍ବୋଚ୍ଚ ସ୍ତରରେ ଖୁଚୁରା ମୁଦ୍ରାସ୍ଫୀତି

**ନୂଆଦିଲ୍ଲୀ,୧୨-୧୨**

ନଭେମ୍ବରରେ ଦେଶର ଖୁଚୁରା ମୁଦ୍ରାସ୍ଫୀତି ୩ ବର୍ଷର ସର୍ବୋଚ୍ଚ ସ୍ତର ୫.୫୪% ଛୁଇଁଛି। ଖାଦ୍ୟ ସାମଗ୍ରୀ ଦର ବଢ଼ିବାରୁ ଏଭଳି ସ୍ଥିତି ଉପୁଜିଥିବା ଜଣାପଡିଛି। ଖାଉଟି ମୂଲ୍ୟସୂଚୀ (ସିପିଆଇ) ଭିତ୍ତିକ ମୁଦ୍ରାସ୍ଫୀତି ୨୦୧୮ ଅକ୍ଟୋବରରେ ୪.୬୨% ଥିବାବେଳେ ନଭେମ୍ବରରେ ୨.୩୩% ରହିଥିଲା। ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ(ଏନ୍ଏସ୍ଓ) ଡାଟା ମୁତାବକ ଖାଦ୍ୟ ସାମଗ୍ରୀରେ ମୁଦ୍ରାସ୍ଫୀତି ୧୦.୦୧% ବଢ଼ିଛି। ଏହା ଗତ ବର୍ଷ ନଭେମ୍ବରରେ ୭.୮୯% ଏବଂ ଅକ୍ଟୋବରରେ (–) ୨.୬୧% ରହିଥିଲା। ଏହା ପୂର୍ବରୁ ୨୦୧୬ରେ ସିପିଆଇର ସର୍ବୋଚ୍ଚ ସ୍ତର ୬.୦୭% ରହିଥିଲା। ମୁଦ୍ରାସ୍ଫୀତିକୁ ୪% ମଧ୍ୟରେ ସୀମିତ କରିବାକୁ ରିଜର୍ଭ ବ୍ୟାଙ୍କ ଲକ୍ଷ୍ୟ ରଖିଥିବା ବେଳେ ଏହା ଧାର୍ଯ୍ୟ ଲକ୍ଷ୍ୟଠାରୁ ଅଧିକ ରହିଥିବା ଜଣାପଡିଛି।

## ତନିସ୍କ ପକ୍ଷରୁ ବ୍ରାଣ୍ଡ ପ୍ରତିଶ୍ରୁତି




**ଭୁବନେଶ୍ୱର,୧୨-୧୨**

ପ୍ରମୁଖ ଜୁଏଲର୍ସ ତନିସ୍କ ପକ୍ଷରୁ ଏହାର ଗ୍ରାହକଙ୍କ ଲାଗି ବ୍ରାଣ୍ଡ ପ୍ରତିଶ୍ରୁତି ପ୍ରଦାନ କରାଯାଉଛି। ଏହାକୁ ଗ୍ରାହକ ସବୁଦିନ ଲାଗି ବିଶ୍ୱାସ କରିପାରିବେ ବୋଲି ଏହା ସୂଚନା ଦେଇଛି। ଟାଟାର ୧୩୫ ବର୍ଷର ବିଶ୍ୱାସ, ତନିସ୍କର ୨୩ ବର୍ଷ, ୫ ନିୟୁତ ଗ୍ରାହକ, ସାରା ଦେଶରେ ୩୧୯ ଷ୍ଟୋର ଏବଂ ୨୦୦ ସହରରେ କମ୍ପାନୀ ଏହାର ଭରସାଯୋଗ୍ୟ ସେବା ଯୋଗାଇ ଦେଉଛି। ସବୁ ଷ୍ଟୋରରେ ଷ୍ଟେଟ ଅଫ୍ କ୍ୟାରେଟ ମିଟର ଦ୍ୱାରା ଶୁଦ୍ଧତାର ଗ୍ୟାରେଣ୍ଟି ଏହା ପ୍ରଦାନ କରୁଥିବା କହିଛି। ମୂଲ୍ୟବୋଧ ବ୍ୟବସ୍ଥାର ପାଳନ ଅନ୍ତର୍ଗତ ଏହା ଫେୟାର ପ୍ରାଇସିଂ, ସରକାରୀ ନୀତି ଏବଂ ନିୟାମକ ବ୍ୟବସ୍ଥାକୁ ପାଳନ କରୁଛି। ଗ୍ରାହକଙ୍କୁ ପୁରୁଣା ସୁନାର ଶ୍ରେଷ୍ଠ ମୂଲ୍ୟ ପ୍ରଦାନ ଲାଗି ଏହା ସୁନାର ୧୦୦% ଏକ୍ସଚେଞ୍ଜ ଗ୍ୟାରେଣ୍ଟି ପ୍ରଦାନ କରୁଛି। କମ୍ପାନୀପକ୍ଷରୁ ହୀରାଗୁଡିକୁ ଯତ୍ନର ସହ ଚୟନ କରାଯାଉଛି। ସବୁଠୁ ଚମକ ହୀରା କେବଳ ୧୦,୦୦୦ ଟଙ୍କାରୁ ଆରମ୍ଭ ହେଉଛି। ପରିବେଶ ପ୍ରତି ପ୍ରତିବଦ୍ଧତା ଅନ୍ତର୍ଗତ ପରିବେଶ ଉପଯୋଗୀ ମାନୁଫାକଚରିଂ ବ୍ୟବସ୍ଥାକୁ ଏହା ଆପଣାଇଛି। ବିଭିନ୍ନ ପଦକ୍ଷେପ ଦ୍ୱାରା ଶକ୍ତି ସଞ୍ଚୟକୁ ଏହା ଗୁରୁତ୍ୱ ଦେଉଛି। କମ୍ପାନୀ କାରିଗରଙ୍କ ପ୍ରତି ଯତ୍ନବାନ ରହିଛି। ୨୦୦୦ରୁ ଊର୍ଦ୍ଧ୍ୱ କାରିଗର ୫୦ରୁ ଊର୍ଦ୍ଧ୍ୱ ପାରମ୍ପରିକ ଗହଣା କଳା ପ୍ରସ୍ତୁତିର ପୁନରୁଦ୍ଧାର କରିଛନ୍ତି ବୋଲି ତନିସ୍କ ପକ୍ଷରୁ ସୂଚନା ରହିଛି।

## ଗ୍ରୀନ୍ କ୍ୟାମ୍ପସ ପ୍ରତିଯୋଗିତାରେ ସି.ଭି. ରମଣର ତୃତୀୟ ସ୍ଥାନ

**ଭୁବନେଶ୍ୱର, ୧୨-୧୨**



ଅଲ ଇଣ୍ଡିଆ କାଉନସିଲ ଫର ଟେକ୍ନିକାଲ ଏଜୁକେଶନ (ଏଆଇସିଟିଇ) ପକ୍ଷରୁ ଆୟୋଜିତ ଗ୍ରୀନ କ୍ୟାମ୍ପସ ପ୍ରତିଯୋଗିତାରେ ସିଭି ରମଣ କଲେଜ ଅଫ ଇଞ୍ଜିନିୟରିଂ ଓଡ଼ିଶାରେ ପ୍ରଥମ ଏବଂ ସର୍ବଭାରତୀୟ ସ୍ତରରେ ତୃତୀୟ ସ୍ଥାନରେ ରହିଛି। ଏହି ପ୍ରତିଯୋଗିତାରେ ସବୁଜ ପରିବେଶ, ଜଳ ସଂରକ୍ଷଣ, ବର୍ଜ୍ୟବସ୍ତୁ ପରିଚାଳନା, ସୌର ଶକ୍ତିର ବିନିଯୋଗ ଏବଂ ୫୦ଟି ବିଶେଷତ୍ୱକୁ ନେଇ ସର୍ବଭାରତୀୟ ସ୍ତରରେ ବିଶ୍ଳେଷଣ କରାଯାଇଥାଏ। ଫନୀ ଦ୍ୱାରା କଲେଜର ପରିବେଶ କ୍ଷତିଗ୍ରସ୍ତ ହୋଇଥିଲେ ମଧ୍ୟ ସର୍ବଭାରତୀୟ ସ୍ତରରେ ତୃତୀୟ ସ୍ଥାନ ହାସଲ କରିବାକୁ ସକ୍ଷମ ହୋଇଥିବା କଲେଜର ଚେୟାରମ୍ୟାନ ସଞ୍ଜୀବ କୁମାର ରାଉତ କହିଛନ୍ତି। ଏହା ଛାତ୍ରୀଛାତ୍ର,ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ଲାଗି ଗୌରବର ବିଷୟ ବୋଲି ସେ ମତ ରଖିଛନ୍ତି। କଲେଜ ପରିବେଶକୁ ସବୁଜ,ସୁନ୍ଦର ରଖିବାରେ ଛାତ୍ରୀଛାତ୍ରଙ୍କ ଅବଦାନକୁ ସେ ପ୍ରଶଂସା କରିଛନ୍ତି। ଏହି ସଫଳତା ଲାଗି ଛାତ୍ରୀଛାତ୍ର ଏବଂ କର୍ମକର୍ତ୍ତାଙ୍କୁ ରାଉତ ଧନ୍ୟବାଦ ଜଣାଇଛନ୍ତି।

# ଏସ୍‌ବିଆଇର ୟୋନୋ ଶପିଂ ଫେଷ୍ଟିଭାଲ

**ଭୁବନେଶ୍ୱର,୧୨-୧୨**




ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ) ପକ୍ଷରୁ ଏହାର ଡିଜିଟାଲ ପ୍ଲାଟଫର୍ମ ୟୋନୋର ଶପିଂ ଫେଷ୍ଟିଭାଲ ଆରମ୍ଭ ହୋଇଛି। ଶପିଂ କରୁଥିବା ଗ୍ରାହକଙ୍କ ଲାଗି ବ୍ୟାଙ୍କ ପକ୍ଷରୁ ଏଭଳି ଏକ ଆକର୍ଷଣୀୟ ଅଫର ଆରମ୍ଭ କରାଯାଇଛି। ଏଥିରେ ଗ୍ରାହକ ବଜାର ଦର ତୁଳନାରେ ରିହାତି ହାରରେ ଶପିଂ କରିପାରିବେ। ୧୪ ଡିସେମ୍ବର ପର୍ଯ୍ୟନ୍ତ ଏହା ଚାଲୁ ରହିଛି। ୫ ଦିନ ବ୍ୟାପି ଚାଲିବାକୁ ଥିବା ଏହି ଫେଷ୍ଟିଭାଲରେ ଗ୍ରାହକ ବିଭିନ୍ନ ସାମଗ୍ରୀ ଉପରେ ଆକର୍ଷଣୀୟ ରିହାତି ଲାଭ କରିପାରିବେ। ୟୋନୋ ଆପ୍ ସହାୟତାରେ ଗ୍ରାହକ ଏହି ସମୟରେ କାର୍ ଋଣ ଲାଗି ଆବେଦନ କଲେ ପ୍ରୋସେସିଂ ଫି ଛାଡ ଏବଂ ୦.୨୫% ସୁଧହାର ହାସଲ କରିପାରିବେ। ଏହି ସମୟରେ ଗୃହ ଋଣ ପ୍ରୋସେସିଂ ଫିରେ ୫୦% ଛାଡ ସୁବିଧା ରହିଛି। ୟୋନୋ ଆପରେ ଏସ୍‌ବିଆଇ କାର୍ଡ ଆବେଦନ କଲେ ୭୦୦ ପର୍ଯ୍ୟନ୍ତ ଗିଫ୍ଟ ଭାଉଚର ସୁବିଧା ପାଇବେ। ୧୭ ନାମୀଦାମୀ କମ୍ପାନୀ ଏହି ଫେଷ୍ଟିଭାଲରେ ଅଂଶ ଗ୍ରହଣ କରିଛନ୍ତି। ଏହାବାଦ ଏସ୍‌ବିଆଇ ରିୟଲିଟି ଜରିଆରେ ସମ୍ପତ୍ତି କିଣିଲେ ନିଶ୍ଚିତ ଉପହାର ରହିଛି। ଫେଷ୍ଟିଭାଲ ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ଏସ୍‌ବିଆଇ ଭୁବନେଶ୍ୱର ମଣ୍ଡଳ ମହାପ୍ରବନ୍ଧକ ପ୍ରବୀଣା କାଲା ଏକ ଡିଜିଟାଲ ଭ୍ୟାନ ଶୁଭାରମ୍ଭ କରିଥିଲେ। ଏହା ଭୁବନେଶ୍ୱର ସମେତ କଟକ ଏବଂ ପୁରୀ ଭଳି ସ୍ଥାନରେ ଭ୍ରମଣ କରିବ।

## ବିଓବିର ଇଣ୍ଟର ଜୋନାଲ ଚେସ୍

**ଭୁବନେଶ୍ୱର,୧୨-୧୨**

ବ୍ୟାଙ୍କ ଅଫ୍ ବରୋଦା(ବିଓବି) ପାଟନା ଜୋନ, ସ୍ପୋର୍ଟସ ଆଣ୍ଡ କଲଚରାଲ ଟିମ୍ ପକ୍ଷରୁ ଇଣ୍ଟର ଜୋନାଲ ଚେସ୍ ଟୁର୍ନାମେଣ୍ଟ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ବିଓବି ପାଟନା ଜୋନର ମହାପ୍ରବନ୍ଧକ ନିତ୍ୟାନନ୍ଦ ବେହେରା ଉଦ୍‌ଘାଟନ କରିଥିଲେ। ଏଥିରେ ଭୁବନେଶ୍ୱର କ୍ଷେତ୍ର ଡିଆର୍ଏମ୍ ଭାରତ ଭୂଷଣ, ଡିଆର୍ଏମ୍-୨ ହରିଷ ସିହ୍ନା ଏବଂ ସତ୍ୟ ରଞ୍ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ୨୦ ଜୋନର ୧୦୦ ପ୍ରତିନିଧି ଭାଗ ନେଇଥିଲେ। ଏଥିରେ କଲିକତା ଜୋନ ବିଜୟୀ ହୋଇଛି। ଏହି ଅବସରରେ ମହାପ୍ରବନ୍ଧକ (ସିସି, ପୂର୍ବୀୟ) ବିଶ୍ୱ ରୂପ ଦାସ ବିଜୟୀ ଦଳକୁ ପୁରସ୍କୃତ କରିଥିଲେ।

# ଡ୍ୟୁକ୍ ଫ୍ୟାଶନ୍ସ ସମ୍ମାନିତ

**ଚଣ୍ଡିଗଡ,୧୨-୧୨**



ଡ୍ୟୁକ୍ ଫ୍ୟାଶନ୍ସ ଇଣ୍ଡିଆ ଲିମିଟେଡ ପଞ୍ଜାବ ଷ୍ଟେଟ ଏମ୍ଏସ୍ଏମ୍ଇ ଆୱାର୍ଡ ପ୍ରଦାନ କରାଯାଇଛି। ଗୁଣବତ୍ତା ପ୍ରଡକ୍ଟ ଯୋଗାଣ କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ଲାଗି କମ୍ପାନୀ ଏଭଳି ସମ୍ମାନ ଲାଭ କରିଛି। ଡ୍ୟୁକ୍ ଫ୍ୟାସନ୍ସ ଅଧ୍ୟକ୍ଷ କୋମଲ କୁମାର ଜୈନ ଏବଂ ତାଙ୍କ ସ୍ତ୍ରୀ କାଞ୍ଚନ ଜୈନ ପଞ୍ଜାବ ଇନଭେଷ୍ଟର୍ସ ସମିଟ୍ ଅବସରରେ ମୁଖ୍ୟମନ୍ତ୍ରୀ କ୍ୟାପଟେନ୍ ଅମରିନ୍ଦର ସିଂଙ୍କଠାରୁ ଉକ୍ତ ପୁରସ୍କାର ଗ୍ରହଣ କରିଥିଲେ। ଗ୍ରାହକଙ୍କ ଭଲ ପାଇବା ଯୋଗୁ ଡ୍ୟୁକ ଆଗକୁ ବଢ଼ି ଚାଲିଛି ବୋଲି ପୁରସ୍କାର ଗ୍ରହଣ ଅବସରରେ ଅଧ୍ୟକ୍ଷ ଜୈନ କହିଛନ୍ତି। ଗ୍ରାହକଙ୍କୁ ଗୁଣବତ୍ତା ପ୍ରଡକ୍ଟ ଯୋଗାଣ ଦିଗରେ ଉଦ୍ୟମ ଜାରି ରହିବ ବୋଲି ସେ ମତ ରଖିଛନ୍ତି।

■ ବ୍ୟାଙ୍କଗୁଡ଼ିକୁ ଶକ୍ତିକାନ୍ତଙ୍କ ଆହ୍ୱାନ

# ଚ୍ୟାଲେଞ୍ଜିଂ ସ୍ଥିତିର ସାମ୍ନା ଲାଗି ପ୍ରସ୍ତୁତ ରୁହ

**ନୂଆଦିଲ୍ଲୀ,୧୨-୧୨**

ବର୍ତ୍ତମାନର ଆର୍ଥିକ ସ୍ଥିତି ଦେଶର ବ୍ୟାଙ୍କଗୁଡିକ ଲାଗି ବିଭିନ୍ନ ଚ୍ୟାଲେଞ୍ଜିଂ ସ୍ଥିତି ଆଣିପାରେ। ଏହାକୁ ସାମ୍ନା କରିବା ଲାଗି ବ୍ୟାଙ୍କଗୁଡିକ ନିଜକୁ ପ୍ରସ୍ତୁତ କରି ରଖିବା ଆବଶ୍ୟକ। ବୁଧବାର ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମୁଖ୍ୟଙ୍କୁ ରିଜର୍ଭ ବ୍ୟାଙ୍କ ଗଭର୍ନର ଶକ୍ତିକାନ୍ତ ଦାସ ଭେଟିବା ସହ ଏଭଳି ଆହ୍ୱାନ ଦେଇଛନ୍ତି। ଦେଶର ବ୍ୟାଙ୍କିଂ ଶିଳ୍ପରେ ଉନ୍ନତି ହେଉଥିବା ସେ ମତ ରଖିଛନ୍ତି। ଭାରତର ଜିଡିପି ଅଭିବୃଦ୍ଧି ସେପ୍ଟେମ୍ବର ତ୍ରୈମାସରେ ୬ ବର୍ଷର ସର୍ବନିମ୍ନ ସ୍ତର ୪.୫%କୁ ଖସିଥିବା ବେଳେ କେନ୍ଦ୍ରୀୟ ବ୍ୟାଙ୍କ ଚଳିତ ଆର୍ଥିକ ବର୍ଷ ଲାଗି ବିକାଶ ଅନୁମାନକୁ ୫%କୁ ଖସାଇଛି। ଏଭଳି ସ୍ଥିତିରେ କେନ୍ଦ୍ରୀୟ ବ୍ୟାଙ୍କ ମୁଖ୍ୟ ଏଭଳି ମନ୍ତବ୍ୟ ଦେଇଥିବା ଜଣାପଡିଛି। ମିଳିତ ହୋଇ ଚାପଗ୍ରସ୍ତ ସମ୍ପତ୍ତିର ସମାଧାନ ଧାରାକୁ ତ୍ୱରାନ୍ୱିତ କରିବା ଲାଗି ସେ ବ୍ୟାଙ୍କଗୁଡିକୁ କହିଛନ୍ତି। ସୁଧହାର ହ୍ରାସର ଲାଭ ଗ୍ରାହକଙ୍କ ନିକଟରେ ପହଞ୍ଚାଇବା ଉପରେ ସେ ବୈଠକରେ ଗୁରୁତ୍ୱାରୋପ କରିଥିଲେ। ୨୦୧୯ରେ ରିଜର୍ଭ ବ୍ୟାଙ୍କ ୧.୩୫% ସୁଧହାର ହ୍ରାସ କରିଥିବା ବେଳେ ବ୍ୟାଙ୍କଗୁଡିକ କିନ୍ତୁ ବହୁ କମ୍ ପରିମାଣର ଲାଭ ଗ୍ରାହକଙ୍କୁ ଦେଇଛନ୍ତି। ଏହାବାଦ ଅର୍ଥନୀତିକୁ ଋଣ ଯୋଗାଣ ଧାରାରେ ଉନ୍ନତି, ଅଣ ବ୍ୟାଙ୍କ ଋଣ ଗ୍ରହୀତା ଏବଂ କ୍ଷୁଦ୍ର ବାଣିଜ୍ୟ, ଡିଜିଟାଲ ନେଣଦେଣ ଭଳି ପ୍ରସଙ୍ଗ ଉପରେ ବୈଠକରେ ଆଲୋଚନା ହୋଇଛି।


No. B-419:-

E-mail ID:pwd_sng@yahoo.co.in
Tel/ Fax No-(06622)272230

ଓଡ଼ିଶା ସରକାର

ନିର୍ବାହୀ ଯନ୍ତ୍ରୀ (ରାସ୍ତା ଓ ଗୃହ) ପୂର୍ତ୍ତ ବିଭାଜନ, ସୁନ୍ଦରଗଡ଼

OFFICE OF THE EXECUTIVE ENGINEER
SUNDARGARH (R&B) DIVISION, SUNDARGARH

Letter No.: 4224 // Date: 11-12-2019

TENDER CANCELLATION NOTICE

The Bid Identification No-EE-R&B-SNG-14 OF 2019-20 is hereby cancelled due to unavoidable circumstances .

Sd/- (G.C. Ray ), Executive Engineer
Sundargarh (R&B) Division

34043/11/0005/1920



ପ୍ରେସ୍ ବିଜ୍ଞପ୍ତି

No.AA-19 :- ଏତଦ୍ୱାରା ସମସ୍ତ ଜନସାଧାରଣଙ୍କୁ ଜଣେଇ ଦିଆଯାଉଛି ଯେ, ଆସନ୍ତା ଡିସେମ୍ବର ମାସ ୧୪ ତାରିଖରେ ‘ଜାତୀୟ ଶକ୍ତି ସଂରକ୍ଷଣ ଦିବସ’ ପାଳନ କରାଯାଉଅଛି। ଏହି ଅବସରରେ ସକାଳ ଆଠଟାରେ ଶକ୍ତି ସଂରକ୍ଷଣ ରାଲି କଳିଙ୍ଗ ଷ୍ଟାଡିୟମ୍ ୩ ନମ୍ବର ଗେଟ୍‌ଠାରୁ ପାୱାର ହାଉସ୍ ଛକ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହା ଛଡା, ଦିନ ୧୦ଟା ପରଠାରୁ ‘ଜୟଦେବ ଭବନ’ ଠାରେ ବିଭିନ୍ନ ଶକ୍ତି ସଂରକ୍ଷଣ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଛି। ଏଠାରେ ଶକ୍ତି ଦକ୍ଷତାପୂର୍ଣ୍ଣ ମଡେଲ୍/ପ୍ରୋଜେକ୍ଟ/ଉତ୍ପାଦ/ଉପକରଣ (Model/Project/Product/Appliance) ଗୁଡିକ ପ୍ରଦର୍ଶନ କରାଯିବ। ଏହାସହିତ ବିଦ୍ୟୁତ୍‌ଚାଳିତ କାର ଏବଂ ମୋଟର ସାଇକେଲ ପ୍ରଦର୍ଶିତ କରାଜିବ। ଆପଣମାନଙ୍କୁ ଅନୁରୋଧ, ବହୁ ସଂଖ୍ୟାରେ ଏହି ପ୍ରଦର୍ଶନୀରେ ଯୋଗଦେଇ ଶକ୍ତି ସଂରକ୍ଷଣ ଏବଂ ଶକ୍ତି ଦକ୍ଷ ଉତ୍ପାଦ ବିଷୟରେ ଜାଣନ୍ତୁ ଏବଂ ଏହାର ଲାଭ ଉଠାନ୍ତୁ।

ସନ୍ତୋଷ ଦାସ
ସର୍ବୋଚ୍ଚ ଯନ୍ତ୍ରୀ, ବିଦ୍ୟୁତ୍ ତଥା
ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ

04004/11/0015/1920



No. O-615:- Annexure

IFB IDENTIFICATION NO. EEBLGR-online-01/2019-20

1. Name of work : Periodical Maintenance for the road Such as providing SDBC work
2. Total no of works : 2 ( Two ) nos.
3. Approximate Estimated Cost : Varies from 53.04 lakhs to 79.56 lakhs.
4. Time for completion : 2 ( Two ) Calander months
5. Mode of Submission of tender : Tender should be submitted online in www.tenders.ori.nic.in
6. Other details are as follow : As per TCN No.EEBLGR-online-1/2019-20

| Procurement Officer | Bid Identification No. | Availability of Tender on line for bidding | | Last date and time of seeking tender clarification | Date & time of opening of tender |
|---|---|---|---|---|---|
| | | From | To | | |
| Executive Engineer, R.W.Divn., Bolangir | Online Tender/01/BLGR | 21.12.2019 At 11.00 A.M. | 31.12.2019 upto 5.00 P.M. | 30.12.2019 upto 1.00 P.M. | 03.1.2020 at 11.00 A.M. |

- Further details can be seen from the website www.tenders.ori.nic.in
- Any Corrigendum/Addendum will be displayed in the above e tender website only.

Executive Engineer, R.W Division, Bolangir

25068/11/0001/1920



No. MM-107:-

OFFICE OF THE DIVISIONAL FOREST OFFICER:
SATKOSIA WILDLIFE DIVISION: ANGUL
Phone-No-06764-236219 / Fax No-06764-236218,
E-mail-ID- dfosatkosiawl@yahoo.co.in / Website-www.satkosia.org

NOTIFICATION

This is for information of all concerned that the following Forest Roads of Satakosia Wildlife Division in the District of Angul & Cuttack will remain closed to the traffic on Dt. 31.12.2019 from zero hours to 24 hours in accordance with Rule 284 of Odisha Forest Department Code 1979. The Movement of traffic on the above date as specific will be violation of Section 26 of Odisha Forest Act, 1972 and hence will be liable for prosecution.

| Sl. No | Name of the Forest Road | Name of the District | Name of the Range | Length in k.m |
|---|---|---|---|---|
| 1 | Kaudoli-Rasanda | Angul | Raigoda (WL) Range | 5.30 Kms |
| 2 | Majhipada–Bipradiha | Angul | Tikarapada (WL) Range | 14.00 Kms |
| 3 | Tikarapada-Katarang | Angul | Tikarapada &Jilinda (WL) Range | 15.00 Kms |
| 4 | Baghmunda-Majhipada | Angul | Purunakote & Tikarapada (WL) Range | 15.00 Kms |
| 5 | Purunakote-Baghamunda | Angul | Purunakote (WL) Range | 9.00 Kms |
| 6 | Labangi-Tuluka | Angul | Pampasara & Purunakote (WL) Range | 14.13 Kms |
| 7 | Labangi- Rasanda | Angul | Raigoda & Pampasara (WL) Range | 8.40 Kms |
| 8 | Rasanda-Raigoda | Angul | Raigoda & Pampasara (WL) Range | 6.10 Kms |
| 9 | Raigoda-Nuakheta | Angul | Raigoda (WL) Range | 1.54 Kms |
| 10 | Bhurkundi-Kuaadoli | Angul | Purunakote (WL) Range | 6.20 Kms |
| 11 | Raigoda-Kuadoli | Angul | Purunakote & Raigoda (WL) Range | 4.20 Kms |
| 12 | Chhotkei-Katarang | Angul | Jilinda & Purunakote (WL) Range | 17.00 Kms |
| 13 | Katrang-Judum | Angul | Jilinda (WL) Range | 04.00 Kms |
| 14 | Baliput-Angul Dist. Border | Cuttack | Jilinda (WL) Range | 05.00 Kms |

Sd/- Divisional Forest Officer, Satakosia Wildlife Division, Angul

08022/11/0002/1920




# ସମର୍ପଣର ପ୍ରତୀକ ଆହ୍ଲାଦିନୀ

ଯେତିକି ଧର୍ମପ୍ରାଣା, ସେତିକି ପରୋପକାରୀ ଓ ମିଷ୍ଟଭାଷୀ ଥିଲେ ସ୍ୱର୍ଗତା ଆହ୍ଲାଦିନୀ ମିଶ୍ର। ନିଜ କର୍ମମୟ ଜୀବନରେ ସମାଜ ପ୍ରତି ଥିଲା ତାଙ୍କର ଅନେକ ଅବଦାନ। ଏକ ରକ୍ଷଣଶୀଳ ବ୍ରାହ୍ମଣ ପରିବାରର ବୋହୂ ଥିଲେ ବି ଘରୁ ଗୋଡ଼ କାଢ଼ି କୁଷ୍ଠରୋଗୀଙ୍କ ସେବା କରିବା ତାଙ୍କ ବିଶାଳ ହୃଦୟର ଥିଲା ଅନ୍ୟ ଏକ ପରିଚୟ। ଆଧ୍ୟାତ୍ମିକତା ଦିଗରେ ମଧ୍ୟ ସେ କରିଥିଲେ ବେଶ୍ ଅବିସ୍ମରଣୀୟ କାର୍ଯ୍ୟ, ଯାହା ତାଙ୍କୁ ସର୍ବଦା ବଞ୍ଚାଇ ରଖିବ ଜନମାନସରେ।

୧୯୩୯ ଜୁଲାଇ ୨୯ରେ ଢେଙ୍କାନାଳ ନୂଆଶାସନର ଗଣେଶ୍ୱର ନନ୍ଦ ଓ ନେତ୍ରମଣି ନନ୍ଦଙ୍କ କୋଳମଣ୍ଡନ କରିଥିଲେ ଆହ୍ଲାଦିନୀ। ୧୯୫୪ ମସିହା ପବିତ୍ର ଅକ୍ଷୟ ତୃତୀୟାରେ ତାଳଚେରର ଜଗନମୋହନ ମିଶ୍ର ଓ ଜଗନମୋହିନୀ ମିଶ୍ରଙ୍କ ପୁତ୍ର ଦ୍ୱାରିକାମୋହନ ମିଶ୍ରଙ୍କ ସହ ବିବାହ ବନ୍ଧନରେ ସେ ଆବଦ୍ଧ ହୋଇଥିଲେ। ସ୍ୱାମୀ ଜଣେ କମ୍ୟୁନିଷ୍ଟ ନେତା ତଥା ବହୁ ଶ୍ରମିକ ଆନ୍ଦୋଳନରେ ବ୍ୟସ୍ତ ରହୁଥିବାରୁ ତାଙ୍କ ଯୌଥ ପରିବାରର ଦାୟିତ୍ୱ ପଡ଼ିଥିଲା ଆହ୍ଲାଦିନୀଙ୍କ କୋମଳ କାନ୍ଧ ଉପରେ। ଏହାବାଦ ନିଜର ୯ ସନ୍ତାନସନ୍ତତିଙ୍କ ଲାଳନପାଳନର ଗୁରୁଦାୟିତ୍ୱ ମଧ୍ୟ ସେ ସୁଚାରୁରୂପେ ନିର୍ବାହ କରିଥିଲେ। ବେଶି ପାଠ ପଢ଼ି ନ ଥିଲେ ମଧ୍ୟ ନିଜ ପିଲାମାନଙ୍କୁ ଉଚ୍ଚଶିକ୍ଷିତ ଓ ସଂସ୍କାର ସମ୍ପନ୍ନ କରାଇବାର ସଂକଳ୍ପ ତାଙ୍କର ସଫଳ ହୋଇଥିଲା। କେବଳ ପରିବାର ଭିତରେ ସେ ନିଜକୁ ସୀମିତ ନ ରଖି ସମାଜ ପ୍ରତି ଥିବା ଉତ୍ତରଦାୟିତ୍ୱକୁ ମଧ୍ୟ ଅନୁଭବ କରିଥିଲେ। ତେଣୁ ପରୋପକାର ତାଙ୍କ ଜୀବନର ବ୍ରତ ପାଲଟି ଯାଇଥିବାବେଳେ ସେବା ଓ ସମର୍ପଣ ଏକ ଅଂଶ ହୋଇଯାଇଥିଲା। ଢେଙ୍କାନାଳ ଜିଲା ସତ୍ୟସାଇ ସେବା ସଂଘର ମହିଳା ସଙ୍ଗଠନ ଆବାହିକା, ତାଳଚେରର ନାରାୟଣ ସେବା ପ୍ରତିଷ୍ଠାନର ଆବାହିକା ଭାବେ ତାଙ୍କ କାର୍ଯ୍ୟଧାରା ବେଶ୍ ପ୍ରଶଂସନୀୟ ଥିଲା। ଦତ୍ତାତ୍ରେୟ ଓ ସାଇଙ୍କୁ ସେ ଗଭୀର ଭକ୍ତି କରୁଥିବାରୁ ତାଙ୍କ ପ୍ରଭାବରେ ପରିବାରର ସମସ୍ତେ ଶିରିଡି ସାଇବାବାଙ୍କ ଆଶ୍ରିତ ହୋଇଥିଲେ। ତାଙ୍କ ପ୍ରେରଣାରେ ଢେଙ୍କାନାଳର କପିଳାସ ନିକଟରେ ଗଢ଼ି ଉଠିଥିବା ଦତ୍ତାତ୍ରେୟ ସାଇ ଆଶ୍ରମ ସାରା ରାଜ୍ୟର ସାଇ ଭକ୍ତଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ପରିବେଶକୁ ଖୁବ୍ ଭଲ ପାଉଥିବା ଆହ୍ଲାଦିନୀ ନିଜ ଜୀବଦ୍ଦଶାରେ ଦତ୍ତାତ୍ରେୟ ଆଶ୍ରମ ପରିସରକୁ ସବୁଜିମାମୟ କରିଥିବାରୁ ଏହା ଏକ ଶାନ୍ତ ସାଧନାର ପୀଠ ଭାବେ ପ୍ରତିଷ୍ଠା ଲାଭ କରିପାରିଛି। ଏହି ଆଶ୍ରମକୁ ନାରାୟଣ ସେବା ଓ ଆଧ୍ୟାତ୍ମିକ ସାଧନାର ପୀଠ ଭାବେ ଗଢ଼ି ତୋଳିବା ତାଙ୍କ ସ୍ୱପ୍ନ ଥିଲା। ପଢ଼ା ବେଶୀ ନ ଥିଲେ ବି ଓଡ଼ିଶାର ସଂସ୍କୃତି, ରୀତିନୀତି, ଧର୍ମଶାସ୍ତ୍ର ଉପରେ ତାଙ୍କ ବେଶ୍ ଦଖଲ ଥିଲା। ମୃତ୍ୟୁ ପରେ ଦତ୍ତାତ୍ରେୟ ସାଇ ଆଶ୍ରମ ପରିସରରେ ତାଙ୍କ ସମାଧି ହେଉ ବୋଲି ତାଙ୍କ ଶେଷ ଇଚ୍ଛା ଥିଲା, ଯାହା ୨୦୧୮ ଡିସେମ୍ବର ୨୪ରେ ଇହଧାମ ତ୍ୟାଗ ପରେ ପୂରଣ ହୋଇଛି। ମୃତ୍ୟୁ ପରେ ମଣିଷର ଯଶ, ପ୍ରତିଷ୍ଠାକୁ ଯେପରି କେହି ଲିଭାଇ ପାରେନି ଠିକ୍ ସେହିପରି କେବଳ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ନୁହେଁ, ଆହ୍ଲାଦିନୀଙ୍କ ସତ୍କର୍ମ ସର୍ବଦା ସମସ୍ତଙ୍କ ପାଇଁ ପ୍ରେରଣାଦାୟୀ ହୋଇ ରହିବ।

– ଅଖିଳ କୁମାର ଜେନା
ଆବାହକ, ଶ୍ରୀ ଦତ୍ତାତ୍ରେୟ ସାଇ ଆଶ୍ରମ ଟ୍ରଷ୍ଟ,
କପିଳାସ, ଢେଙ୍କାନାଳ

■ ମାଓବାଦୀଙ୍କ ଧମକ

# ମୋବାଇଲ ବ୍ୟବହାର କଲେ ମୃତ୍ୟୁଦଣ୍ଡ



ଚିତ୍ରକୋଣ୍ଡା,୧୨।୧୨ (ଡି.ଏନ୍.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ସ୍ୱାଭିମାନ ଅଞ୍ଚଳରେ ମାଓବାଦୀମାନେ ମୋବାଇଲ ଫୋନ ବ୍ୟବହାର ଉପରେ କଟକଣା ଲଗାଇଛନ୍ତି। ଏହି ଅଞ୍ଚଳର ଓରାପଦର ଗ୍ରାମ ସହ ବିଭିନ୍ନ ସ୍ଥାନରେ ନାମଫଳକରେ ମାଓବାଦୀମାନେ ମୋବାଇଲ ଫୋନ ବ୍ୟବହାର ନ କରିବାକୁ ଚେତାବନୀ ଦେଇଛନ୍ତି। ବିଭିନ୍ନ ନାମଫଳକରେ ସେମାନେ ମାଓବାଦୀ ସଙ୍ଗଠନର ଶହୀଦ ସ୍ତମ୍ଭ ଚିତ୍ରଣ କରି ଏଥିରେ ଗ୍ରାମରେ କେହି ମୋବାଇଲ ଫୋନ ବ୍ୟବହାର କରନ୍ତୁ ନାହିଁ, ବିନା ଅନୁମତିରେ ଫୋନ ବ୍ୟବହାର କରନ୍ତୁ ନାହିଁ। ଫୋନ ବ୍ୟବହାର କଲେ ମୃତ୍ୟୁଦଣ୍ଡ ମିଳିବ ବୋଲି ଉଲ୍ଲେଖ ରହିଛି। ଏହାକୁ ନେଇ ସମ୍ପୃକ୍ତ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ତେବେ ଲେଖା ତଳେ ସିପିଆଇ ମାଓବାଦୀ ବୋଲି ଉଲ୍ଲେଖ କରାଯାଇ ନାହିଁ। କେବଳ ଶହୀଦ ସ୍ତମ୍ଭର ଚିତ୍ରରୁ ମାଓବାଦୀମାନେ ଏହା ଲେଖିଥିବା ସନ୍ଦେହ କରାଯାଉଛି।




























Your classified advertisement published in Dharitri will be listed free in Dharitri online edition : **dharitriepaper.in**




**BALAJI INSTITUTE OF TECHNOLOGY & SCIENCE**

**A DIPLOMA ENGINEERING SCHOOL (POLYTECHNIC)**

(Approved by AICTE, Recognized by Govt.of Odisha & Affiliated to SCTE&VT, Bhubaneswar)
At/Po: GUNUPUR, Dist.Rayagada, Odisha-765022

**COURSES OFFERED**

CIVIL, MECHANICAL, ELECTRICAL & ELECTRONICS AND TELECOMMUNICATION (ETC)









# ଆସଲେ ବାର୍ଟି ବର୍ଷର ଶ୍ରେଷ୍ଠ ମହିଳା ଟେନିସ ଖେଳାଳି



**ଲସ୍‌ଏଞ୍ଜେଲ୍ସ, ୧୨।୧୨ (ଏଏଫ୍‌ପି)**

ଚଳିତ ସିଜନରେ ଦମ୍‌ଦାର ପ୍ରଦର୍ଶନ କରିଥିବା ଅଷ୍ଟ୍ରେଲିଆର ମହିଳା ଟେନିସ ଖେଳାଳି ଆସଲେ ବାର୍ଟି ୨୦୧୯ ବର୍ଷ ଲାଗି 'ଡବ୍ଲ୍ୟୁଟିଏ ପ୍ଲେୟାର ଅଫ୍ ଦି ଇୟର' ବିବେଚିତ ହୋଇଛନ୍ତି। ଚଳିତ ବର୍ଷ ବାର୍ଟି ଫ୍ରେଞ୍ଚ୍ ଓପନ୍ ଜିତିବା ସହ ମହିଳା ସିଙ୍ଗଲ୍ସ ର୍‍ୟାଙ୍କିଙ୍ଗରେ ଏକ ନମ୍ବର ସ୍ଥାନ ମଧ୍ୟ ହାସଲ କରିଥିଲେ। ୧୯୭୬ ପରେ ପ୍ରଥମ ଅଷ୍ଟ୍ରେଲିଆ ଖେଳାଳି ଭାବେ ସେ ବିଶ୍ୱ ମାନ୍ୟତାର ଶୀର୍ଷ ସ୍ଥାନରେ ରହିବାର ସୌଭାଗ୍ୟ ପାଇଥିଲେ। ଶେଷଥର ପାଇଁ ୧୯୭୬ରେ ଅଷ୍ଟ୍ରେଲିଆର ଇଭୋନେ ଗୋଲଗଙ୍ଗ କାଓଲୀ ଏକ ନମ୍ବର ମାନ୍ୟତା ପାଇଥିଲେ। ମୋଟ୍ ୮୨ ପ୍ରତିଶତ ମିଡିଆ ଭୋଟ୍ ପାଇ ବାର୍ଟି ଚଳିତ ବର୍ଷ ଲାଗି ଶ୍ରେଷ୍ଠ ଡବ୍ଲ୍ୟୁଟିଏ ଖେଳାଳି ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ଫ୍ରେଞ୍ଚ୍ ଓପନ୍ ବ୍ୟତୀତ ବାର୍ଟି ବର୍ଷର ଅନ୍ୟତମ ସମ୍ମାନଜନକ ପ୍ରତିଯୋଗିତା ଡବ୍ଲ୍ୟୁଟିଏ ଫାଇନାଲ୍ସରେ ମଧ୍ୟ ଚାମ୍ପିୟନ ହୋଇଥିଲେ। ଏଥିସହ ସେ ର୍‍ୟାଙ୍କିଙ୍ଗ୍‌ରେ ଶୀର୍ଷ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ। ଦ୍ୱିତୀୟ ସ୍ଥାନରେ ରହିଥିବା କାରୋଲିନା ପ୍ଲିସ୍କୋଭାଙ୍କଠାରୁ ସେ ଦୁଇ ହଜାର ପଏଣ୍ଟ ଅଧିକ ପାଇଛନ୍ତି। ୨୩ ବର୍ଷୀୟା ବାର୍ଟି ସିଜନ ଆରମ୍ଭରୁ ୧୫ତମ ସ୍ଥାନରେ ରହିଥିଲେ। ତାଙ୍କ କୋଚ୍ କ୍ରେଗ୍ ଟାଇଜରଙ୍କୁ ବର୍ଷର ଶ୍ରେଷ୍ଠ ଡବ୍ଲ୍ୟୁଟିଏ କୋଚ୍ ଭାବେ ମନୋନୀତ କରାଯାଇଛି। ବର୍ଷର ଶ୍ରେଷ୍ଠ ମହିଳା ଖେଳାଳି ଦୌଡ଼ରେ ବାଏଙ୍କା ଆନ୍ଦ୍ରେସ୍କୁ, ସିମୋନା ହାଲେପ୍ ଓ ନାଓମି ଓସାକା ପ୍ରମୁଖ ରହିଥିଲେ।

# ଅଲିମ୍ ଦର୍‌ଙ୍କ ରେକର୍ଡ



**ଫିଲ୍ଡ ଅମ୍ପାୟର ଭାବେ ସର୍ବାଧିକ ମ୍ୟାଚ୍ ପରିଚାଳନା**

| ଅମ୍ପାୟର | ଦେଶ | ମ୍ୟାଚ୍ | ସମୟ |
|---|---|---|---|
| ଅଲିମ୍ ଦର୍ | ପାକିସ୍ତାନ | ୧୨୯ | ୨୦୦୩ରୁ ବର୍ତ୍ତମାନ |
| ଷ୍ଟିଭ ବକନର୍ | ୱେଷ୍ଟଇଣ୍ଡିଜ | ୧୨୮ | ୧୯୮୯ରୁ ୨୦୦୯ |
| ରୁଡି କର୍ଜନ | ଦକ୍ଷିଣ ଆଫ୍ରିକା | ୧୦୮ | ୧୯୯୨ରୁ ୨୦୧୦ |
| ଡାର୍ଲୀ ହାପର୍ | ଅଷ୍ଟ୍ରେଲିଆ | ୯୫ | ୧୯୯୮ରୁ ୨୦୧୧ |
| ଡେଭିଡ୍ ଶେଫର୍ଡ | ଇଂଲଣ୍ଡ | ୯୨ | ୧୯୮୫ରୁ ୨୦୦୫ |
| ବିଲି ବାଓଡେନ | ନ୍ୟୁଜିଲାଣ୍ଡ | ୮୪ | ୨୦୦୦ରୁ ୨୦୧୫ |

**ପର୍ଥ, ୧୨।୧୨**

ଅଧିକ ସଂଖ୍ୟକ ଟେଷ୍ଟ ମ୍ୟାଚ୍ ପରିଚାଳନା କରିବାରେ ୱେଷ୍ଟଇଣ୍ଡିଜର ଷ୍ଟିଭ ବକନରଙ୍କୁ ପଛରେ ପକାଇ ପାକିସ୍ତାନ ଅମ୍ପାୟର ଅଲିମ୍ ଦର୍ ରେକର୍ଡର ଅଧିକାରୀ ହୋଇଛନ୍ତି। ଗୁରୁବାରଠାରୁ ସ୍ଥାନୀୟ ପର୍ଥ ଷ୍ଟାଡିୟମରେ ଘରୋଇ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଆରମ୍ଭ ହୋଇଥିବା ପ୍ରଥମ ଟେଷ୍ଟ ମ୍ୟାଚ୍ ପରିଚାଳନା କରି ଦର୍ ଏହି ସଫଳତା ହାସଲ କରିଛନ୍ତି। ଏହା ତାଙ୍କର ୧୨୯ତମ ଟେଷ୍ଟ ମ୍ୟାଚ୍ ପରିଚାଳନା ଥିଲା। ଗୋଟିଏ ଦଶନ୍ଧି ଧରି ପ୍ରଥମଶ୍ରେଣୀ କ୍ରିକେଟ୍ ମ୍ୟାଚ୍ ଖେଳିବା ପରେ ୫୧ ବର୍ଷୀୟ ଅଲିମ୍ ଅମ୍ପାୟରିଂ କ୍ଷେତ୍ରରେ ପାଦ ଥାପିଥିଲେ। ୨୦୦୩ରେ ଇଂଲଣ୍ଡ ଓ ବାଂଲାଦେଶ ମଧ୍ୟରେ ଢାକାରେ ଖେଳାଯାଇଥିବା ମ୍ୟାଚ୍‌ରେ ସେ ଅମ୍ପାୟର ଭାବେ ପଦାର୍ପଣ କରିଥିଲେ। ବର୍ତ୍ତମାନ ସୁଦ୍ଧା ସେ ୨୦୭ ଦିନିକିଆ ଓ ୪୬ ଅନ୍ତର୍ଜାତୀୟ ଟି୨୦ ମ୍ୟାଚ୍ ପରିଚାଳନା କରିସାରିଛନ୍ତି। ଆଉ ୨ଟି ଦିନିକିଆ ମ୍ୟାଚ୍ ପରିଚାଳନା କଲେ ଦାର୍ ଦକ୍ଷିଣ ଆଫ୍ରିକାର ରୁଡି କର୍ଜନ (୨୦୯)ଙ୍କ ନାମରେ ରହିଥିବା ରେକର୍ଡର ସମକକ୍ଷ ହେବେ। ଅପରପକ୍ଷରେ ୱେଷ୍ଟଇଣ୍ଡିଜର ଷ୍ଟିଭ୍ ବକନର୍ ୧୯୮୯ରୁ ୨୦୦୯ ପର୍ଯ୍ୟନ୍ତ ଦୁଇ ଦଶନ୍ଧି ଧରି ଅମ୍ପାୟରିଂ କାର୍ଯ୍ୟ ତୁଲାଇଥିଲେ। ସେ ୧୨୮ ଟେଷ୍ଟ ଓ ୧୮୧ ଦିନିକିଆ ମ୍ୟାଚ୍ ପରିଚାଳନା କରିବାର ଅଭିଜ୍ଞତା ରଖିଛନ୍ତି।

# କର୍ଫ୍ୟୁ ଲାଗି ୪ର୍ଥ ଦିନ ଖେଳ ବାଧାପ୍ରାପ୍ତ

**ରଣଜୀ ଟ୍ରଫି**

**ନୂଆଦିଲ୍ଲୀ, ୧୨।୧୨ (ପି.ଟି.)**

ନାଗରିକତ୍ୱ ସଂଶୋଧନ ବିଲ୍ (ସିଏବି) ପାର୍ଲାମେଣ୍ଟରେ ଅନୁମୋଦନ ଲାଭ କରିବା ପରେ ଉତ୍ତର-ପୂର୍ବ ସମେତ ଭାରତର ବିଭିନ୍ନ ରାଜ୍ୟରେ ଏହାକୁ ଜୋର୍‌ଦାର ବିରୋଧ କରାଯାଇଛି। ଏହି କାରଣରୁ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆନୁକୂଲ୍ୟରେ ଦେଶର ବିଭିନ୍ନ ପ୍ରାନ୍ତରେ ଚାଲିଥିବା ରଣ୍‌ଜୀ ଟ୍ରଫି ମ୍ୟାଚ୍ ବାଧାପ୍ରାପ୍ତ ହୋଇଛି। ଏହିକ୍ରମରେ ଗୁଆହାଟୀ ଓ ଅଗରତଲାରେ ଖେଳାଯାଇଥିବା ୨ଟି ମ୍ୟାଚ୍‌ର ୪ର୍ଥ ଦିବସ ଖେଳକୁ ଗୁରୁବାର ବାତିଲ କରି ଦିଆଯାଇଛି। ଗୁଆହାଟୀର ବର୍ଷାପଡ଼ା କ୍ରିକେଟ୍ ଷ୍ଟାଡିୟମରେ ଘରୋଇ ଆସାମ ଓ ସର୍ଭିସେସ ମଧ୍ୟରେ ମ୍ୟାଚ୍ ଚାଲିଥିଲା। ସେହିଭଳି ଅଗରତାଲାରେ ଘରୋଇ ତ୍ରିପୁରା ଓ ଝାଡ଼ଖଣ୍ଡ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଗୁରୁବାର ମ୍ୟାଚ୍‌ର ଅନ୍ତିମ ଦିବସ ହୋଇଥିଲେ ମଧ କର୍ଫ୍ୟୁ ଲାଗି ୪ର୍ଥ ଦିବସ ଖେଳକୁ ବନ୍ଦ କରାଯାଇଛି। 'ଖେଳକୁ ବନ୍ଦ ରଖିବାକୁ ଆମେ ରାଜ୍ୟ ଆସୋସିଏଶନକୁ ପରାମର୍ଶ ଦେଇଛୁ। ଖେଳାଳି ଓ ମ୍ୟାଚ୍ ଅଫିସିଆଲଙ୍କୁ ହୋଟେଲରେ ରହିବାକୁ କୁହାଯାଇଛି। ଏହି ପରିସ୍ଥିତିରେ ଖେଳାଳି ଓ ମ୍ୟାଚ୍ ଅଫିସିଆଲଙ୍କ ସୁରକ୍ଷା ଜରୁରୀ' ବୋଲି ବିସିସିଆଇ ଜିଏମ୍ (କ୍ରିକେଟ୍ ଅପରେଶନ)ସବା କରିମ୍ କହିଛନ୍ତି। ମ୍ୟାଚ୍‌ର ଅନ୍ତିମ ଦିନ ଖେଳ ବାତିଲ କରାଯାଇଥିବାରୁ ଉଭୟ ଦଳ ମଧ୍ୟରେ ପଏଣ୍ଟ ଭାଗବଣ୍ଟା ହେବ କି ନାହିଁ ତାହା ପରେ ଆମେ ନିଷ୍ପତ୍ତି ନେବୁ। ଉଭୟ ଭେନ୍ୟୁରୁ ଆମେ ନିୟମିତ ଅନ୍ତରରେ ରିପୋର୍ଟ ସଂଗ୍ରହ କରୁଛୁ। ସେହିଭଳି ଆୟୋଜକ ଆସୋସିଏଶନ ସହିତ ଯୋଗାଯୋଗରେ ରହିଛୁ। ସ୍ଥିତି ଉପରେ ନଜର ମଧ ରଖାଯାଇଛି। କର୍ଫ୍ୟୁ ଉଠିଲା ପରେ ଉଭୟ ଦଳର ଖେଳାଳିଙ୍କୁ ହୋଟେଲ ନ ଛାଡ଼ିବା ପାଇଁ କୁହାଯାଇଛି। ଆୟୋଜକ ଆସୋସିଏଶନରୁ ଯାହା ନିର୍ଦ୍ଦେଶ ଆସିବ ସେହି ଅନୁଯାୟୀ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି କରିମ ଏହି ଅବସରରେ କହିଛନ୍ତି। ଗୁଆହାଟୀରେ ସର୍ଭିସେସ ପକ୍ଷରୁ ଧାର୍ଯ୍ୟ ୨୪୨ ରନର ଲକ୍ଷ୍ୟକୁ ପିଛା କରି ଆସାମ ୫ ଉଇକେଟ୍ ହରାଇ ୭୪ ରନ୍ ସଂଗ୍ରହ କରିଛି। ସେହିଭଳି ଅଗରତାଲାରେ ଝାଡ଼ଖଣ୍ଡ ୨ୟ ଇନିଂସରେ ୫ ଉଇକେଟ୍ ହରାଇ ୩୫୮ ରନ ସଂଗ୍ରହ କରିବା ସହ ୨୦୫ ରନ୍ ଅଗ୍ରଣୀ ଲାଭ କରିଛି। ପ୍ରଥମ ଇନିଂସରେ ଝାଡ଼ଖଣ୍ଡ ୧୩୬ ଓ ତ୍ରିପୁରା ୨୮୯ ରନ କରିଥିଲା।

## ଗୋଥାମଙ୍କୁ ୮ ଉଇକେଟ ; ତାମିଲନାଡୁକୁ ହରାଇଲା କର୍ଣାଟକ

ଡିଣ୍ଡିଗୁଲ,୧୨।୧୨(ପି.ଟି.): ଅଫ୍ ସ୍ପିନର କେ. ଗୋଥାମଙ୍କ ୮ ଉଇକେଟ ସଫଳତା ଯୋଗୁ କର୍ଣାଟକ ୨୬ ରନ୍‌ରେ ତାମିଲନାଡୁକୁ ପରାସ୍ତ କରିଛି। ପ୍ରଥମ ଇନିଂସ୍‌ରେ ୨୯ ରନ୍‌ର ଅଗ୍ରଣୀ ହାସଲ କରିଥିବା କର୍ଣାଟକ ଦ୍ୱିତୀୟ ଇନିଂସ୍‌ରେ ମାତ୍ର ୧୫୧ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ତାମିଲନାଡୁକୁ ଜିତିବା ପାଇଁ ମ୍ୟାଚ୍‌ର ଅନ୍ତିମ ଦିନରେ ୧୮୧ ରନ୍ ଦରକାର ଥିଲା। ମୁରଲୀ ବିଜୟ ଓ ଏନ୍. ଜଗଦୀଶନଙ୍କୁ ଛାଡ଼ି ଅନ୍ୟ ସମସ୍ତ ବ୍ୟାଟ୍ସମ୍ୟାନଙ୍କ ଉଇକେଟ ହାତେଇଥିଲେ ଗୋଥାମ। ଫଳରେ ତାମିଲନାଡୁ ୧୫୪ ରନ୍‌ରେ ସୀମିତ ରହିଥିଲା। ପ୍ରଥମ ଇନିଂସ୍‌ରେ ଘରୋଇ କର୍ଣାଟକ ୩୩୬ ରନ୍ କରିଥିବାବେଳେ ତାମିଲନାଡୁ ୩୦୭ ରନ୍ କରିବାକୁ ସକ୍ଷମ ହୋଇଥିଲା। ମ୍ୟାଚ୍‌ର ଉଭୟ ଇନିଂସ୍‌ରେ ଗୋଥାମ ୧୪ଟି ଉଇକେଟ ହାସଲ କରିଥିଲେ। ତାମିଲନାଡୁ ପକ୍ଷରୁ ଖେଳୁଥିବା ଅଭିଜ୍ଞ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ମୋଟ ୮ ଉଇକେଟ ନେଇଥିଲେ।

# ଆଇପିସିର ନିଷ୍ପତ୍ତି: ବୈଷୟିକ ଶିକ୍ଷା ନେବେ କୋଚ୍

**ନୂଆଦିଲ୍ଲୀ,୧୨।୧୨(ପି.ଟି.)**

୨୦୨୦ ଅଲିମ୍ପିକ୍ସ ସହ ଅନ୍ୟ ଅନ୍ତର୍ଜାତୀୟ ଇଭେଣ୍ଟରେ ଭାରତର ପ୍ରଦର୍ଶନରେ ଉନ୍ନତି ଆଣିବା ପାଇଁ ପାରା ଅଲିମ୍ପିକ୍ସ କମିଟି ଅଫ୍ ଇଣ୍ଡିଆ (ପିସିଆଇ) ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛି। କୋଚ୍‌ମାନଙ୍କର ଜ୍ଞାନ ଓ କୌଶଳ ବଢ଼ାଇବା ପାଇଁ ପିସିଆଇ କେତୋଟି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। ପିସିଆଇ ଏବେ କୋଚ୍‌ମାନଙ୍କୁ ଟେକ୍‌ନିକାଲ କୋର୍ସ ତଥା ବୈଷୟିକ ଶିକ୍ଷା ପାଇଁ ପଠାଉଛି। ଏହି କୋର୍ସରେ ବିଭିନ୍ନ ୱାର୍କଶପ୍ ଓ ଟ୍ରେନିଂ ସେସନ ରହିଛି। ଏହି କୋର୍ସଗୁଡ଼ିକ ଅଗିଟୋସ ଫାଉଣ୍ଡେଶନ୍ସ ରୋଡ ଟୁ ଟୋକିଓ ୨୦୨୦ ସ୍ପୋର୍ଟ୍ସ ଟେକ୍‌ନିକାଲ ପ୍ରୋଗ୍ରାମର ଅଂଶବିଶେଷ। ବିଭିନ୍ନ ଦେଶର କୋଚ୍‌ମାନଙ୍କର ଦକ୍ଷତା ଓ କ୍ରୀଡ଼ା ସମ୍ପର୍କିତ ଜ୍ଞାନର ଉନ୍ନତି ପାଇଁ ଏହି କୋର୍ସର ବ୍ୟବସ୍ଥା କରାଯାଇଛି। ୨୦୨୦ ଟୋକିଓ ପାରା ଅଲିମ୍ପିକ୍ସ ଗେମ୍ସ ଓ ଏହା ପରେ ଆୟୋଜନ ହେବାକୁ ଥିବା ସବୁ ଅନ୍ତର୍ଜାତୀୟ ଇଭେଣ୍ଟରେ ଭଲ ପ୍ରଦର୍ଶନ ପାଇଁ ଏହି କୋସି କୋଚ୍‌ମାନଙ୍କୁ ସହାୟ ହେବ ବୋଲି ପିସିଆଇ ତରଫରୁ କୁହାଯାଇଛି। ଅଗିଟୋସ ଫାଉଣ୍ଡେଶନ ଅନ୍ତର୍ଜାତୀୟ ପାରା ଅଲିମ୍ପିକ୍ କମିଟି (ଆଇପିସି)ର ଏକ ଅଗ୍ରଣୀ ଶାଖା।

ଗତ ସପ୍ତାହରେ ଜାପାନର ସୁକୁବାରେ ଅନୁଷ୍ଠିତ ପାରା ଜୁଡୋ କୋଚିଂ କୋର୍ସରେ ଅଂଶଗ୍ରହଣ କରିବାକୁ ପିସିଆଇ ଦୁଇ ଅଫିସିଆଲ ମୁନାୱାର ଅଞ୍ଜାର ଅଲି ଓ ଅଏଶା ମୁନୱାରଙ୍କୁ ପଠାଇଥିଲା। ଏହି ଦୁଇ ଅଫିସିଆଲ ଭାରତୀୟ ଦୃଷ୍ଟିହୀନ ଓ ପାରା ଜୁଡୋ ଆସୋସିଏଶନ ସହିତ ଜଡ଼ିତ ଓ ଏମାନେ ଯଥାକ୍ରମେ ସାଧାରଣ ସମ୍ପାଦକ ଓ ଯୁଗ୍ମ ସମ୍ପାଦକ ଭାବେ କାର୍ଯ୍ୟ କରୁଛନ୍ତି। ଏହି ଦୁଇଜଣ ଭଲ ଅଭିଜ୍ଞତା ନେଇ ଫେରିଛନ୍ତି ଓ ନିଜର ଦକ୍ଷତା ବଢ଼ାଇବାରେ ସକ୍ଷମ ହୋଇଛନ୍ତି।

**ଜନ୍ମଦିନ ଶୁଭେଚ୍ଛା**



Ashutosh Bhoi (Sai)
ବାଲିଅନ୍ତା (ତିରଣପଦା)
ମହାପ୍ରଭୁ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ ଓ ତୋର ଭବିଷ୍ୟତ ଉଜ୍ଜ୍ୱଳମୟ କରନ୍ତୁ।
ଶୁଭେଚ୍ଛା ସହ:
ଜେଜେ, ମା', ସାନ ମା', ବୋଉ, ପିଇସା, ଅପା, ବଡବାପା, ବଡବୋଉ, ଆଦି, ଆର୍ଯ୍ୟନ୍, ମଧୁ, ସୋନୁ, ଶୁଭ, ମାମୁ, ମାଇଁ, ଅଜା, ଆଇ, ଚିକୁ, ଲିମା, ସୀମା, ଲିପୁ।
ଧ-୧୫୬୯୮

**ଜନ୍ମଦିନ ଶୁଭେଚ୍ଛା**



ସୋନାଲି ଶୁଭସ୍ମିତା ଜେନା
ଆଜି ତୋର ଜନ୍ମଦିନ। ତୋର ପ୍ରତିଟି ମୂହୁର୍ତ୍ତର ଚଲାପଥ କୁସୁମିତ ହେଉ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଏତିକି ପ୍ରାର୍ଥନା।
:-ଶୁଭେଚ୍ଛା ସହ:-
ବାବା, ମାମାଙ୍କ ସହ ଅନ୍ୟ ଶୁଭେଚ୍ଛୁବୃନ୍ଦ।
ଧ-୧୫୬୫୫

**29th Birthday Wish**



SATABDEE DAS (PUJA)
G.G.P., Rasulgarh, BBSR
ତୁମର ୨୯ତମ ଜନ୍ମଦିନ ଉପଲକ୍ଷେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପାଖରେ ପ୍ରାର୍ଥନା କରୁଛୁ। ତାଙ୍କ କୃପାରୁ ତୁମର ଭବିଷ୍ୟତ ଉଜ୍ଜ୍ୱଳମୟ ଏବଂ ଚଲାପଥ କୁସୁମିତ ହେଉ।
:-ଶୁଭେଚ୍ଛା ସହ:-
ବୋଉ, ମାମୁ, ମାଇଁ, ଜଗାଭାଇ, ଭାଉଜ, ରାଜାଭାଇ, ଶରତ, ଗୁଞ୍ଜୀ, ଗୁଞ୍ଜୁ, ଧନ।
ଧ-୧୫୬୯୯

**ଜନ୍ମଦିନ ଶୁଭେଚ୍ଛା**



ଗୌତମ ବାରିକ (ମଣ୍ଟୁ)
ମହାପ୍ରଭୁ ଶ୍ରୀଜଗନ୍ନାଥ ତୁମକୁ ଦୀର୍ଘାୟୁ ଓ ତୁମର ଭବିଷ୍ୟତ ଉଜ୍ଜ୍ୱଳମୟ କରନ୍ତୁ।
:-ଶୁଭେଚ୍ଛା ସହ:-
ବନ୍ଧୁ, ପରିବାରବର୍ଗ ଓ ଅନ୍ୟ ଶୁଭେଚ୍ଛୁବୃନ୍ଦ।
ଧ-୧୫୭୦୨

**ତୃତୀୟ ଜନ୍ମବାର୍ଷିକ ଶୁଭେଚ୍ଛା**



କୌଶିକ ସୁତାର (କହ୍ନେଇ)
ଗୋଖଣୀ, ରାଜନଗର, କେନ୍ଦ୍ରାପଡ଼ା
ଆଜି ତୋର ତୃତୀୟ ଜନ୍ମବାର୍ଷିକ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରିବା ସହିତ ତୋର ଚଲାପଥ କୁସୁମିତ କରନ୍ତୁ ଏହାହିଁ ପ୍ରାର୍ଥନା।
ଶୁଭେଚ୍ଛା ସହ:
ଜେଜେମା', ଜେଜେବାପା, ବାପା, ବୋଉ, ମାମୁ, ମାଇଁ, ଅଜା, ଆଇ, ଦାଦା, ଖୁଡୀ, ବନ୍ଧୁ ଓ ପରିବାରବର୍ଗ।
ଧ-୬୮୬୨୬

# ନିଲାମ ପ୍ରକ୍ରିୟାରେ ୩୩୨ ଖେଳାଳି

**ଆଇପିଏଲ୍-୧୩**

**କୋଲକାତା, ୧୨।୧୨**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ତ୍ରୟୋଦଶ ସଂସ୍କରଣର ଖେଳାଳି ନିଲାମୀ ପ୍ରକ୍ରିୟା ଡିସେମ୍ବର ୧୯ରେ କୋଲକାତାରେ ଅନୁଷ୍ଠିତ ହେବ। ନିଲାମ ପ୍ରକ୍ରିୟା ଲାଗି ପ୍ରାରମ୍ଭିକ ପର୍ଯ୍ୟାୟରେ ଭାରତୀୟ ଓ ବିଦେଶୀ ଖେଳାଳିଙ୍କୁ ମିଶାଇ ମୋଟ୍ ଉପରେ ୯୯୧ଜଣ ନାମ ରେଜିଷ୍ଟ୍ରେଶନ କରିଥିଲେ। କିନ୍ତୁ ଆଇପିଏଲ୍ ମ୍ୟାନେଜମେଣ୍ଟ ନିଲାମ ପ୍ରକ୍ରିୟା ଲାଗି ଚୂଡ଼ାନ୍ତ ଖେଳାଳି ତାଲିକାକୁ ୩୩୨ରେ ସୀମିତ ରଖିଛନ୍ତି। ଏହି ତାଲିକାରେ ୧୯ ଜଣ ଭାରତୀୟ ଅନ୍ତର୍ଜାତୀୟ ଖେଳାଳି ରହିଛନ୍ତି। ସେହିଭଳି ୨୪ଜଣଙ୍କୁ ନିଲାମରେ ସାମିଲ କରାଯାଇଛି। ସେମାନଙ୍କ ମଧ୍ୟରେ ୱେଷ୍ଟଇଣ୍ଡିଜର କେସରିକ ୱିଲିୟମ୍ସ, ଅଷ୍ଟ୍ରେଲିଆର ଡାନ୍ କ୍ରିଷ୍ଟିଆନ, ଆଡାମ ଜାମ୍ପା ଓ ବାଂଲାଦେଶର ମୁସଫିକର ରହିମ ପ୍ରମୁଖ ରହିଛନ୍ତି। ଓରିଜିନାଲ ତାଲିକାରେ ଏହି ୨୪ ଖେଳାଳିଙ୍କୁ ସାମିଲ କରାଯାଇ ନ ଥିଲା। କିନ୍ତୁ ଫ୍ରାଞ୍ଚାଇଜମାନଙ୍କ ଅନୁରୋଧ ପରେ ଆଇପିଏଲ୍ ମ୍ୟାନେଜମେଣ୍ଟ ସେମାନଙ୍କୁ ନିଲାମ ପ୍ରକ୍ରିୟାରେ ସାମିଲ କରିଛି। ପ୍ରଥମେ ବ୍ୟାଟ୍ସମ୍ୟାନଙ୍କଠାରୁ ନିଲାମ ଆରମ୍ଭ ହେବ। ଏହାପରେ ପର୍ଯ୍ୟାୟକ୍ରମେ ଅଲ୍‌ରାଉଣ୍ଡର, ଉଇକେଟ୍‌କିପର, ଦ୍ରୁତ ବୋଲର ଓ ସ୍ପିନରଙ୍କ ନାମ ନିଲାମରେ ଡକାଯିବ। ଏହି ନିଲାମରେ ମୋଟ୍ ୭୩ଟି ସ୍ଥାନ ଲାଗି ୩୩୨ ଖେଳାଳିଙ୍କ ମଧ୍ୟରେ ଲଢ଼େଇ ଦେଖିବାକୁ ମିଳିବ। ଗ୍ଲେନ ମ୍ୟାକ୍ସୱେଲ, କ୍ରିସ ଲିନ୍, ପ୍ୟାଟ୍ କୁମିନ୍ସ, ଜୋଶ ହାଜେଲଉଡ୍, ମିଚେଲ ଷ୍ଟାର୍କ, ଡେଲ୍ ଷ୍ଟେଇନ ଓ ଆଞ୍ଜେଲୋ ମାଥ୍ୟୁସଙ୍କ ପରି ଖେଳାଳିଙ୍କୁ ବେସ୍ ପ୍ରାଇସ ୨ କୋଟି ରଖାଯାଇଛି। ନିଲାମରେ ସାମିଲ ଥିବା ଭାରତର ୧୯ ଅନ୍ତର୍ଜାତୀୟ ଖେଳାଳିଙ୍କ ମଧ୍ୟରେ ରବିନ୍ ଉଥାପ୍ପା, ଜୟଦେବ ଉନାଡକଟ ରହିଛନ୍ତି। କୋଲକାତା ନାଇଟ୍ ରାଇଡର୍ସ ଉଥାପ୍ପାଙ୍କୁ ରିଲିଜ କରିଥିଲା। ତାଙ୍କର ବେସ୍ ପ୍ରାଇସ ୧.୫ କୋଟି ଓ ଉନାଡକଟଙ୍କ ୧ କୋଟି ମୂଲ୍ୟ ରହିଛି।

# ଚେନ୍ନାଇରେ ଭାରତ, ୱେଷ୍ଟଇଣ୍ଡିଜ ଦଳ

ଚେନ୍ନାଇ,୧୨।୧୨- ସ୍ଥାନୀୟ ଚିଦାମ୍ବରମ ଷ୍ଟାଡିୟମରେ ଭାରତ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ର ପ୍ରଥମ ଦିନିକିଆ ମ୍ୟାଚ୍ ଖେଳାଯିବ। ଏଥିନେଇ ଉଭୟ ଦଳର ଖେଳାଳିମାନେ ଗୁରୁବାର ଏଠାରେ ପହଞ୍ଚିଛନ୍ତି। ଭାରତୀୟ ଅଧିନାୟକ ବିରାଟ କୋହଲି ଏକ ଫଟୋ ଟୁଇଟ୍ କରି ଏହି ସୂଚନା ଦେଇଛନ୍ତି। ତାଙ୍କ ସହ ଉକ୍ତ ଫଟୋରେ ରବୀନ୍ଦ୍ର ଜାଡେଜା ଓ କୁଲଦୀପ ଯାଦବ ରହିଛନ୍ତି। ସିରିଜ୍‌ର ବଳକା ଦୁଇ ମ୍ୟାଚ୍ ବିଶାଖାପାଟନମ (୧୮ ଡିସେମ୍ବର) ଓ କଟକ (୨୨ ରେ) ଖେଳାଯିବାର ଅଛି।

# ଡୋପିଂକୁ ରୋକିବା ପାଇଁ ବିଏଫ୍‌ଆଇର ନୂଆ ପ୍ରୟାସ

**ନୂଆଦିଲ୍ଲୀ,୧୨।୧୨(ପି.ଟି.)**

ଗତ କିଛି ଦିନ ମଧ୍ୟରେ ଏକାଧିକ ଭାରତୀୟ ବକ୍ସର ଡୋପ୍ ଟେଷ୍ଟରେ ବିଫଳ ହେବା ପରେ ବକ୍ସିଂ ଫେଡେରେଶନ ଅଫ୍ ଇଣ୍ଡିଆ (ବିଏଫ୍‌ଆଇ) ନିଦ ଭାଙ୍ଗିଛି। ଡୋପିଂକୁ ରୋକିବା ପାଇଁ ବିଏଫ୍‌ଆଇ ଗୁରୁବାର ହାଇ ପରଫର୍ମାନ୍ସ ଡାଇରେକ୍ଟର ଓ କୋଚ୍‌ମାନଙ୍କୁ ଖେଳାଳିମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ପରାମର୍ଶ ଦେଇଛି। ଜାତୀୟ କ୍ୟାମ୍ପ ଡୋପ୍‌କୁ ହେଉଥିବା ଠକାମିକୁ ରୋକିବା ପାଇଁ ସଚେତନତା ସୃଷ୍ଟି କରିବାର ଆବଶ୍ୟକତା ରହିଛି। ସେହିପରି ୪ ମାସକୁ ଥରେ ନିଶା ନିବାରଣ ନେଇ ସମସ୍ତଙ୍କୁ ସତର୍କ କରାଇବାକୁ କୁହାଯାଇଛି। ଉଲ୍ଲେଖଥାଉ କି, ପୂର୍ବତନ ଏସିଆନ ରୌପ୍ୟ ପଦକ ବିଜେତା ସୁମିତ ସାଙ୍ଗୱାନ ଓ ଟୋକିଓ ଅଲିମ୍ପିକ୍ସ ସମ୍ଭାବ୍ୟ ମହିଳା ବକ୍ସର ନୀରଜ ଫୋଗତ ଡୋପ୍ ଟେଷ୍ଟରେ ବିଫଳ ହେବା ଘଟଣା ସମସ୍ତଙ୍କୁ ଚକିତ କରିଛି। ଜାଣିଶୁଣି ଭୁଲ କରୁଥିବା ବକ୍ସରଙ୍କୁ ସମବେଦନା ଜଣାଇବାର ଆବଶ୍ୟକତା ନାହିଁ। ତେବେ ଅଜାଣତରେ ଭୁଲ କରି ଯେଉଁମାନେ ଡୋପ୍ ଟେଷ୍ଟରେ ବିଫଳ ହେଉଛନ୍ତି ସେମାନଙ୍କ ସବୁ ଦୃଷ୍ଟିକୋଣରୁ ସହାୟତା ଦେବାର ଆବଶ୍ୟକତା ରହିଛି ବୋଲି ବିଏଫ୍‌ଆଇ ସାଧାରଣ ସମ୍ପାଦକ ଜୟ କୋହଲି କହିଛନ୍ତି।

# ଗ୍ରେମ୍ ସ୍ମିଥ୍‌ଙ୍କୁ ନୂଆ ଦାୟିତ୍ୱ

କେପ୍ ଟାଉନ, ୧୨।୧୨- ଦକ୍ଷିଣ ଆଫ୍ରିକାର ପୂର୍ବତନ ଅଧିନାୟକ ଗ୍ରେମ୍ ସ୍ମିଥ୍‌ଙ୍କୁ ନୂଆ ଦାୟିତ୍ୱ ମିଳିଛି। କ୍ରିକେଟ୍ ଦକ୍ଷିଣ ଆଫ୍ରିକା (ସିଏସ୍‌ଏ)ର ନିର୍ଦ୍ଦେଶକ (କ୍ରିକେଟ) ଭାବେ ସେ ନିଯୁକ୍ତ ହୋଇଛନ୍ତି। ଆସନ୍ତା ବର୍ଷ ହେବାକୁ ଥିବା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ପର୍ଯ୍ୟନ୍ତ ସ୍ମିଥ୍ ଏହି ପଦରେ ରହିବେ ବୋଲି ସିଏସ୍‌ଏର ସିଇଓ ଜ୍ୟାକ୍ସ ଫାଉଲ୍ କହିଛନ୍ତି। ଗତ ଆଇସିସି ବିଶ୍ୱକପ୍‌ରେ ଦଳର ନୈରାଶ୍ୟଜନକ ପ୍ରଦର୍ଶନ ପରେ କ୍ରିକେଟ୍ ଦକ୍ଷିଣ ଆଫ୍ରିକା ଡିରେକ୍ଟର ଅଫ୍ କ୍ରିକେଟ୍ ପଦ ସୃଷ୍ଟି କରିଛି। ଦେଶରେ କ୍ରିକେଟରେ ଉନ୍ନତି ଆଣିବା ଏହାର ମୁଖ୍ୟ ଲକ୍ଷ୍ୟ। ଏଠାରେ ପ୍ରକାଶଯୋଗ୍ୟ, ଦକ୍ଷିଣ ଆଫ୍ରିକା କ୍ରିକେଟ୍‌ର ସବୁଠାରୁ ସଫଳ ଅଧିନାୟକ ରହିଥିବା ସ୍ମିଥ୍ ୨୦୦୨ରୁ ୨୦୧୪ ପର୍ଯ୍ୟନ୍ତ ଜାତୀୟ ଦଳ ପକ୍ଷରୁ ୧୧୭ ଟେଷ୍ଟ, ୧୯୭ ଦିନିକିଆ ଓ ୩୩ ଟି୨୦ ମ୍ୟାଚ୍ ଖେଳି ଯଥାକ୍ରମେ ୯୨୬୫, ୬୯୮୯ ଓ ୯୮୨ ରନ୍ ସଂଗ୍ରହ କରିଛନ୍ତି।

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋତାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ

ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆପଣଙ୍କ ଝିଅକୁ ଆପଣଙ୍କ ବ୍ୱାଇଁ କିମ୍ବା ବାହାରର କେହି ଲୋକ, ଶାଶୁଘର ଲୋକେ ହଇରାଣ କରୁଛନ୍ତି କି?
9650446732 9990987786




**ମନେ ପଡ଼ନ୍ତି**

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ବାସୁ ଦଳାଇ
ଆବିର୍ଭାବ: ୨୩।୦୯।୧୯୪୦
ତିରୋଧାନ: ୦୧।୧୨।୨୦୧୯
ତୁମର ସ୍ନେହ, ଶ୍ରଦ୍ଧା, ଆଦର୍ଶ, କର୍ତ୍ତବ୍ୟ ପରାୟଣତା ଆମର ଚିର ପାଥେୟ ହେଉ। ତୁମର ପବିତ୍ର ଅମର ଆତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ, ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା।
ଶୋକସନ୍ତପ୍ତ:
ଆଶିଷ, ରବୀନ୍ଦ୍ର, ବାସନ୍ତୀ, ସୁଦାମ, ମିକୁ, ଟିଂକି ଓ ସମସ୍ତ ପରିବାର ଏବଂ ବନ୍ଧୁ ବାନ୍ଧବବର୍ଗ।
ଧ-୬୩୯୬୮

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତା ଲକ୍ଷ୍ମୀପ୍ରିୟା ଦାସ
ଟାଉନ୍‌ହଲ୍ ରୋଡ୍, କଟକ
ଆବିର୍ଭାବ: ୧୦।୦୮।୧୯୪୯
ତିରୋଧାନ: ୨୪।୧୨।୨୦୧୮
ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୧୫୬୫୯

**ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତା ସଞ୍ଜୀବନୀ ପଟ୍ଟନାୟକ
ନିତୁ ଚାହିଁ ଚାହିଁ ଆଜକୁ ଆଠ ବର୍ଷ ହେଲା ତୁ ଆମ ସମସ୍ତଙ୍କୁ ଛାଡି ଚାଲିଗଲୁ। ଆଜି ବି ପ୍ରତି ମୁହୂର୍ତ୍ତରେ ତୋର ସ୍ମୃତି ମନେପଡେ। ତୁ ଯେଉଁଠି ବି ଅଛୁ ଭଲରେ ଥା।
ଶୋକସନ୍ତପ୍ତ :
ପଟ୍ଟନାୟକ ଓ ସାମଲ ପରିବାରବର୍ଗ, ଚାନ୍ଦବାଲି।
ଧ-୧୫୭୦୦

**୨୮ତମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ**



ସ୍ୱର୍ଗତ ମଦନ ମୋହନ ସେନାପତି
ଆବିର୍ଭାବ: ୨୮।୦୩।୧୯୩୪ (ବୁଧବାର)
ତିରୋଧାନ: ୨୨।୧୨।୧୯୯୧ (ରବିବାର)
(ପୌଷ କୃଷ୍ଣପକ୍ଷ ଦ୍ୱିତୀୟା ତିଥି)
ଆଜି ଏହି ଶ୍ରାଦ୍ଧ ଦିବସରେ ଆପଣଙ୍କର ଆଶୀର୍ବାଦ ଆମ୍ଭମାନଙ୍କର ଭବିଷ୍ୟତକୁ ଉଜ୍ଜ୍ୱଳମୟ କରୁ। ଆପଣଙ୍କ ସ୍ନେହ, ସେବାଶକ୍ତି ଓ କର୍ତ୍ତବ୍ୟନିଷ୍ଠା ଆମ୍ଭମାନଙ୍କୁ ଅନୁପ୍ରାଣିତ କରୁ। ଆପଣଙ୍କର ସ୍ନେହାଭିଳାଷୀ: ସ୍ତ୍ରୀ, ପୁତ୍ର-ବଧୂ, ଝିଅ-ଜ୍ୱାଇଁ, ନାତି ଓ ନାତୁଣୀ, କର୍ମଚାରୀବୃନ୍ଦ: ରବୀନ୍ଦ୍ର ମେଡିକାଲ୍ ହଲ୍ (A Unit of ରବୀନ୍ଦ୍ର ଲାଇଫ୍ ଲାଇନ୍ ପ୍ରା.ଲିଃ), ରବୀନ୍ଦ୍ର ହେଲ୍‌ଥ୍ କେୟାର୍ ପ୍ରା.ଲିଃ., ରବୀନ୍ଦ୍ର ଏଜେନ୍ସି, ରବୀନ୍ଦ୍ର ସର୍ଜିକାଲ୍ ଏଡ୍ ବିତରକ ପ୍ରା.ଲିଃ., ମଦନ ମୋହନ ଆସୋସିଏଟ୍ସ୍ ଆଶ୍ରିତ ଉଦ୍ୟମୀ-।
ଧ-୫୯୧୧୪

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ରଞ୍ଜନ କୁମାର ଜେନା
ପୂର୍ବତନ କର୍ପୋରେଟର
ଭୁବନେଶ୍ୱର ମହାନଗର ନିଗମ
ନିଳାଦ୍ରୀ ବିହାର
ଆବିର୍ଭାବ: ୧୫।୧୧।୧୯୬୯
ତିରୋଧାନ: ୦୩।୧୨।୨୦୧୯
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣୀ ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦ ୟନ୍ତ୍ୟାପୋ ନ ଶୋଷୟତି ମାରୁତଃ।।
ଶ୍ରଦ୍ଧାଞ୍ଜଳି ସହ:
ସମସ୍ତ ଆତ୍ମୀୟସ୍ୱଜନ, ବନ୍ଧୁ ଓ ପରିବାରବର୍ଗ।
ଧ-୧୫୭୦୪

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୮ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶୁକ୍ରବାର, ଡିସେମ୍ବର ୧୩/୨୦୧୯ Sambalpur, Friday, December 13 / 2019



ସମ୍ବଲପୁର ମହୋତ୍ସବର ଗୁରୁବାର ପଞ୍ଚମ ଦିବସରରେ ଯୁବତୀଯୁବକମାନଙ୍କ ସମ୍ବଲପୁରୀ ଫୋଶନ ଶୋ ।


## ଧରିତ୍ରୀ ଜନ୍ମଦିନ ବିଶେଷାଙ୍କ
## 'ଅକଳରେ ଅର୍ଥନୀତି'

ଧରିତ୍ରୀର ୪୭ତମ ଜନ୍ମଦିନ ଅବକାଶରେ ପ୍ରକାଶ ପାଉଛି ଆକର୍ଷଣୀୟ ବାର୍ଷିକ ବିଶେଷାଙ୍କ। ଆର୍ଥିକ ମାନ୍ଦାବସ୍ଥାକୁ ନେଇ ପରିକଳ୍ପିତ ଏହାର ପ୍ରଚ୍ଛଦ ପ୍ରସଙ୍ଗ 'ଅକଳରେ ଅର୍ଥନୀତି'। ଏଥି ସହିତ ରହିଛି ଜନଜୀବନ, ରାଜନୀତି, ବିଜ୍ଞାନ ଓ ସାହିତ୍ୟକୁ ନେଇ ବହୁ ଗୁରୁତ୍ୱପୂର୍ଣ୍ଣ ଫିଚର, ଆକର୍ଷଣୀୟ ଗଳ୍ପ, ପ୍ରବନ୍ଧ ଏବଂ କବିତା। କ୍ରୀଡ଼ା ଜଗତର ୩ଜଣ ପ୍ରଖ୍ୟାତ ଖେଳାଳି- ଦୂତୀ ଚାନ୍ଦ, ପ୍ରମୋଦ ଭଗତ, ଅମିତ ରୋହିଦାସଙ୍କ ସହିତ ଅନନ୍ୟ ସାକ୍ଷାତ୍କାର। ଭାରତର ଭାଷାନୀତି, ଧ୍ୱଂସର ପ୍ରାରମ୍ଭିକ ପର୍ଯ୍ୟାୟରେ ଆମେ, ପୃଥିବୀ ବାହାରେ କେହି ଅଛି କି, ଯୁଦ୍ଧ: ପଥର ଫିଙ୍ଗାରୁ ମହାକାଶ, ୩୭୦ର ବ୍ୟବଚ୍ଛେଦ, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ସ୍ପେସ୍‌ରେସ୍, ନୋବେଲ ପୁରସ୍କାର ୨୦୧୯, ଶରଣାର୍ଥୀ ସଙ୍କଟରେ ବିଶ୍ୱ, ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ@ ନୂଆ ଠିକଣା ଏବଂ ସିନେମା ଓଡ଼ିଆ ନାୟିକା ଅଣଓଡ଼ିଆ ଭଳି ବହୁ ତଥ୍ୟଧର୍ମୀ ଲେଖାରେ ସମୃଦ୍ଧ ଏହାର କଳେବର। ସମଗ୍ର ୧୨୦ ପୃଷ୍ଠା ରଙ୍ଗୀନ୍ ଓ ସଚିତ୍ର।




ଧରିତ୍ରୀ ବିତରକଙ୍କ ପାଖରେ ବିଶେଷାଙ୍କ ଉପଲବ୍ଧ ହେବ

**ମୂଲ୍ୟ: ଟ ୮୦/-**

**ଯୋଗାଯୋଗ: ସମ୍ବଲପୁର:** ନରୋତ୍ତମ ଜେନା (୯୪୩୮୦୯୮୩୫୫), ମନୋଜ ମହାନ୍ତି (୭୦୦୮୫୦୬୮୧୦)
ଦୂରଭାଷ: ୦୬୬୪-୨୫୮୦୧୦୧/୨୫୪୯୩୦୨


# ଜାଲ ଫେସ୍‌ବୁକ୍ ଆକାଉଣ୍ଟ ଖୋଲି ପ୍ରେମ

ଝାରସୁଗୁଡ଼ା ଅଫିସ୍/ଲଖନପୁର, ୧୨।୧୨(ଡି.ଏନ୍.ଏ.)

କେତେଜଣ ଯୁବତୀ,ଯୁବକଙ୍କ ନାମରେ ଜାଲ ଫେସ୍‌ବୁକ୍ ଆକାଉଣ୍ଟ ଖୋଲି ଜଣେ ଯୁବକ ଝାରସୁଗୁଡା ଜିଲା ବଡମାଲ ଥାନା ଅଞ୍ଚଳର ଜଣେ ବିବାହିତା ମହିଳାଙ୍କୁ ପ୍ରେମ ଜାଲରେ ଫସାଇଥିଲେ। ଏନେଇ ମହିଳାଙ୍କ ସ୍ୱାମୀ ବଡମାଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗକୁ ଭିତ୍ତିକରି ବଡମାଲ ଥାନା ପୋଲିସ ଏକ ସାଇବର କ୍ରାଇମ୍ ମାମଲା ( ନଂ.୧୭୬/୧୯) ରୁଜୁକରି ତଦନ୍ତ ଚଳାଇଥିଲା। ପୋଲିସ ବାଙ୍ଗାଲୋରରୁ ଅଭିଯୁକ୍ତଙ୍କୁ ଗିରଫକରି ଗୁରୁବାର କୋର୍ଟ ଚାଲଣ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ଢେଙ୍କାନାଳ ଜିଲା ଫାଟାଲ୍ ଗ୍ରାମର


ଅଭିଯୁକ୍ତ ସୌମ୍ୟଜିତ ସେଠୀଙ୍କୁ ପୋଲିସ ଗିରଫ କରିଛି।

ସୌମ୍ୟଜିତ ସେଠୀ ଓରଫ ଦୀପୁ। ସେ କେତେଜଣ ଯୁବତୀ, ଯୁବକଙ୍କ ନାମରେ ଜାଲ

## ବାଙ୍ଗାଲୋରରୁ ଅଭିଯୁକ୍ତ ଗିରଫ

ଫେସ୍‌ବୁକ୍ ଆକାଉଣ୍ଟ ଖୋଲି ଅନ୍ୟମାନଙ୍କୁ ପ୍ରେମ ଜାଲରେ ଫସାଉଥିଲେ। ଏହି ଜାଲରେ ଝାରସୁଗୁଡା ଅଞ୍ଚଳର ଜଣେ ବିବାହିତା ମହିଳା ଫସିଥିଲେ। ସଂପୃକ୍ତା ମହିଳାଙ୍କ ୨ସନ୍ତାନ ଅଛନ୍ତି। ମହିଳାଙ୍କୁ ଯୁବକ ଜଣଙ୍କ ବାହାହେବା ପାଇଁ ବାଧ୍ୟ କରୁଥିଲେ। ଯଦି ବାହା ନ ହେବ ତା'ହେଲେ ତୁମର ଅଶ୍ଳୀଳ ଫଟୋକୁ ସୋସିଆଲ୍ ମିଡିଆରେ ଛାଡିଦେବି କହି ବିଭିନ୍ନ ସମୟରେ ଯୁବକ ଜଣଙ୍କ ତାଙ୍କୁ ବ୍ଲାକ୍ ମେଲିଂ କରୁଥିଲେ। ଏଭଳି ସ୍ଥିତିରେ ମହିଳା ଜଣଙ୍କ ଯୁବକଙ୍କ କଥାରେ ରାଜିହୋଇ ଅନୁଗୋଳ ଚାଲିଯାଇଥିଲେ । ସେଠାରେ ସୌମ୍ୟଜିତ୍ ଅପେକ୍ଷା କରିଥିଲେ । ମହିଳା ପହଞ୍ଚିବା ପରେ ସୌମ୍ୟଜିତ୍ ତାଙ୍କୁ ନିଜ ମାଉସୀ ଘର ହିନ୍ଦୋଳକୁ ଯାଇଥିଲେ । ସେଠାରେ ଯୁବକଙ୍କ ସମ୍ପର୍କୀୟମାନେ ଜାଣିବାକୁ ପାଇଥିଲେ ମହିଳା ବିବାହିତା, ତାଙ୍କର ୨ସନ୍ତାନ ଅଛନ୍ତି। ତା'ପରେ ସମ୍ପର୍କୀୟମାନେ ଏହି ବିବାହ ପ୍ରସ୍ତାବକୁ ବିରୋଧ କରିଥିଲେ। ଏସମ୍ପର୍କରେ ମହିଳା ଜଣଙ୍କ ଘଟଣା ସମ୍ପର୍କରେ ନିଜ ସ୍ୱାମୀଙ୍କୁ ଜଣାଇଥିଲେ । ସ୍ୱାମୀ ପହଞ୍ଚି ମହିଳାଙ୍କୁ ଅନୁଗୋଳରୁ ଉଦ୍ଧାରକରି ବଡମାଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା । ପୋଲିସ ମାମଲା ରୁଜୁ କରିଥିବା ଜାଣି ସୌମ୍ୟଜିତ୍ ଭୟରେ ବାଙ୍ଗାଲୋର ଚାଲିଯାଇଥିଲେ। ପରେ ତାଙ୍କୁ ମୋବାଇଲ୍ ଟ୍ରାକିଂକରି ବାଙ୍ଗାଲୋରରୁ ଗିରଫ କରିବା ପାଇଁ ସକ୍ଷମ ହୋଇଛି।

# ବନ୍ଧୁକ ମୁନରେ ଲୁଟି ନେଲେ ୧୦ଲକ୍ଷ ଟଙ୍କା

ଝାରସୁଗୁଡା ଅଫିସ/ ଲଖନପୁର, ୧୨।୧୨ (ଡି.ଏନ୍.ଏ.)

ଝାରସୁଗୁଡା ଜିଲାରେ ଦିନ ଦ୍ୱିପ୍ରହରରେ ପୋଲିସ୍‌କୁ ଚ୍ୟାଲେଞ୍ଜ କରି ଲୁଟ୍‌ତରାଜ, ରାହାଜାନି ଆଦି ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି। ଫଳରେ ଲୋକେ ନିଜର ଧନସମ୍ପିକୁ ସୁରକ୍ଷିତ ମଣୁନାହାନ୍ତି। ଏଭଳି ସ୍ଥିତିରେ ଜିଲାବାସୀ ରହିଥିବାବେଳେ ଝାରସୁଗୁଡା ବାଇପାସ୍ ରାସ୍ତାର ସିରିଆ ବଗିଚା ନିକଟ ଶ୍ରୀୟା ଟ୍ରେଡର୍ସରୁ ଗୁରୁବାର ମଧ୍ୟାହ୍ନରେ ୩ଜଣ ଦୁର୍ବୃତ୍ତ ୧୦ଲକ୍ଷ ୪୫ହଜାର ଟଙ୍କା ଲୁଟିନେଇ ଫେରାର୍ ହୋଇଯାଇଛନ୍ତି। ଦୁର୍ବୃତ୍ତମାନେ ଏକ ବାଇକ୍‌ରେ ଆସିଥିଲେ । ସେମାନେ ହେଲ୍‌ମେଟ୍ ପିନ୍ଧିଥିଲେ। ୨ଜଣ ବନ୍ଧୁକ ଧରି ଦୋକାନରେ ପ୍ରବେଶ କରିଥିବାବେଳେ ଜଣେ ଦୋକାନ ସମ୍ମୁଖରେ ଛିଡାହୋଇ ବାହାରର ଗତିବିଧିକୁ ନଜର ରଖିଥିଲେ। ଦୁର୍ବୃତ୍ତମାନେ ଓଡିଆ ଭାଷାରେ କଥାବାର୍ତ୍ତା ହେଉଥିଲେ। ଏନେଇ ଟ୍ରେଡର୍ସ ମାଲିକ ଶଙ୍କର କେଡିଆ ପୋଲିସରେ ଅଭିଯୋଗ କଲା ପରେ ଘଟଣାସ୍ଥଳରେ ଏସ୍‌ପି ଅଶ୍ୱିନୀ ମହାନ୍ତି, ଏସ୍‌ଡିପିଓ କୈଳାସ ଆଚାର୍ଯ୍ୟ, ଆଇଆଇସି ସାବିତ୍ରୀ ବଳ ପ୍ରମୁଖ ପହଞ୍ଚି ତଦନ୍ତ ଚଳାଇଛନ୍ତି। ଲୁଟେରାଙ୍କ ସମ୍ପର୍କରେ ପୋଲିସ୍‌କୁ କୌଣସି ସୁରାକ ମିଳିପାରିନାହିଁ।


ପୋଲିସ ପହଞ୍ଚି ଲୁଟ୍ ସମ୍ପର୍କରେ ତଦନ୍ତ କରୁଛି।





MARUTI SUZUKI ARENA

5 GREAT REASONS
TO BUY YOUR FAVOURITE MARUTI SUZUKI CAR, THIS DECEMBER.




- BEAT THE PRICE HIKE
- BEST YEAR-END OFFERS^
- 100% ON ROAD FINANCE#
- BEST YEAR-END EXCHANGE BONUS^
- BEST EXCHANGE PRICE



LIMITED PERIOD ONLY
OFFER VALID TILL STOCKS LAST

Scratch & WIN! GOLD COIN OFFER ^WIN UP TO 10 GM GOLD COIN

| | ALTO (P) | VITARA BREZZA (D) | DZIRE (P) | DZIRE (D) | SWIFT (P) | SWIFT (D) | CELERIO (P) | EECO (5/7 SEATER) |
|---|---|---|---|---|---|---|---|---|
| CONSUMER OFFER* | ₹42 500 | ₹40 000 + 5 Yr. Warranty | ₹30 000 | ₹30 000 + 5 Yr. Warranty | ₹25 000 | ₹25 000 + 5 Yr. Warranty | ₹30 000 | ₹15 000 |
| EXCHANGE OFFER* | ₹15 000 | ₹20 000 | ₹20 000 | ₹20 000 | ₹20 000 | ₹20 000 | ₹15 000 | ₹20 000 |
| CORPORATE OFFER* | ₹5 000 | ₹10 000 | ₹5 000 | ₹10 000 | ₹5 000 | ₹10 000 | ₹5 000 | ₹5 000 |
| TOTAL SAVINGS (UP TO)* | ₹62 500 | ₹89 500 | ₹55 000 | ₹77 000 | ₹50 000 | ₹70 750 | ₹50 000 | ₹40 000 |

WAGONR ALTO S-PRESSO ERTIGA VITARA BREZZA DZIRE SWIFT CELERIO EECO

E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: Karthik.M@maruti.co.in

| LEGEND CARS | ODYSSEY MOTORS | ORBIT MOTORS | SKY AUTOMOBILES |
|---|---|---|---|
| JEYPORE: CALL: 7894442915. BHAWANIPATNA: CALL: 7894442907. | SAMBALPUR: CALL: 9439018805. BOLANGIR: CALL: 9438068327. BARGARH: CALL: 8895094616. NUAPADA: CALL: 8895094633. SONEPUR: CALL: 9437421356. JHARSUGUDA: CALL: 9439892153. BOUDH: CALL: 8594908009. | ROURKELA: CALL: 9040404444, 9040404333. SUNDARGARH: CALL: 9437049161. DEOGARH: CALL: 9437492369. | BERHAMPUR: CALL: 7381261000. |

*Offer includes consumer offer, corporate offer and exchange bonus (Wherever Applicable). Terms and conditions apply. The terms and conditions are subject to change without any prior notice. ^2 years standard + 3 years extended warranty is free on Dzire Diesel (all variants), Swift Diesel (all variants) and Vitara Brezza Diesel (all variants) only. All offers are brought to you by Maruti Suzuki dealers only. Offers may vary from city to city and variant to variant for all models. ^Offer applicable on all Models except New Ertiga Petrol. Offer valid from 2nd to 31st December, 2019. The value of 1gm gold coin is ₹3500/-. The scratch card is not transferable. *Best year-end offers and Best year-end exchange bonus would not be applicable on Vitara Brezza and Celerio. Offer is not applicable on S-Presso & Ertiga. *Applicable at the sole discretion of the financer. Parts and accessories shown may not be a part of standard equipment. Colors shown may vary from actual body color due to printing on paper. Images used are for illustration purposes only. #Only applicable for Dzire, Swift and Vitara Brezza. The article is released in Hindustan Times. Offers are valid till 31st December 2019.


Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ଲୋକମାନେ ଅନେକ ପ୍ରକାରରେ ଈଶ୍ୱରଙ୍କୁ ସ୍ମରଣ କରୁଥାନ୍ତି। କିନ୍ତୁ ତାଙ୍କୁ ବୁଝିବା ଓ ଅନୁଭବ କରିବା ମାର୍ଗ ସମସ୍ତଙ୍କର ଏକ ଅଟେ।
- ଟଲଷ୍ଟୟ



## ସଂକ୍ଷେପରେ

### ଦୁର୍ଘଟଣାରେ ବୃଦ୍ଧଙ୍କ ମୃତ୍ୟୁ

**ଜୁନାଗଡ଼, ୧୨।୧୨ (ଡି.ଏନ.ଏ.)**- କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ମେରିଆବନ୍ଧଲି ଛକ ୨୬ ନଂ. ଜାତୀୟ ରାଜପଥ ଉପରେ ବୁଧବାର ବିଳମ୍ବିତ ରାତିରେ ଅଜଣା ଗାଡି ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତ ବୃଦ୍ଧ ଜଣକ ହେଲେ ମେରିଆବନ୍ଧଲି ଗ୍ରାମର ଅଖିଳ ନାଏକ (୫୫) । ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଅଖିଳ ବୁଧବାର ରାତି ୧୦ଟାରେ ଜୁନାଗଡରୁ କାମ ସାରି ସାଇକେଲରେ ଘରକୁ ଫେରୁଥିବାବେଳେ ବାଟରେ ମେରିଆବନ୍ଧଲି ଛକଠାରେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା।

### ଆଧ୍ୟାତ୍ମିକ ଚେତନା ସଂଘର ବାର୍ଷିକୋତ୍ସବ

**ପଦ୍ମପୁର, ୧୨।୧୨ (ଡି.ଏନ.ଏ)** ପଦ୍ମପୁର ନିକଟ ବରିକେଲ ସ୍ଥିତ ଆଧ୍ୟାତ୍ମିକ ଚେତନା ସଂଘର ୧୫ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାତା ବିଶିକେଶନ ଶାସ୍ତ୍ରୀ ଧ୍ୱଜ ଉତ୍ତୋଳନ କରି ଉଦଘାଟନ କରିଥିଲେ। ଏଥିରେ ୭ ଦମ୍ପତି କର୍ତ୍ତା ରହିଥିଲେ। ବୈଦିକ ରୀତିନୀତିରେ ହୋମଯଜ୍ଞ କରାଯାଇଥିଲା। ଏହି ଉପଲକ୍ଷେ ଏକ ଆଧ୍ୟାତ୍ମିକ ଧର୍ମ ସଭା ଭାରତ ଚନ୍ଦ୍ର ସାମନ୍ତରାୟଙ୍କ ଅଧକ୍ଷତାରେ ହୋଇଥିଲା। ପଣ୍ଡିତ ଶାସ୍ତ୍ରିଜୀ ସାମ୍ପ୍ରତିକ ପରିସ୍ଥିତିରେ ଆଧ୍ୟାତ୍ମିକ ଚିନ୍ତାଧାରାରେ ଅନୁପ୍ରାଣିତ ହୋଇ ଯୁବପିଢ଼ି ସୁସ୍ଥ ସମାଜ ଗଠନ ପାଇଁ ଆଗଭର ହେବାକୁ ପରାମର୍ଶ ଦେଇଥିଲେ। ସନ୍ଧ୍ୟାରେ ଜଗନ୍ନାଥ ସଂସ୍କୃତି ପ୍ରଚାର ପରିଷଦର ପ୍ରଚାରକ ରମେଶ ଦାସ ଓ ସାଥୀ ସ୍କନ୍ଧ ପୁରାଣ ଉପରେ ପ୍ରବଚନ ଦେଇଥିଲେ। ଲୋଚନ ମେହେର, ରାହାସ ବିହାରୀ ପଣ୍ଡା, ନେତ୍ରାନନ୍ଦ ସାହା, ନାରାୟଣ ପ୍ରସାଦ ସାହୁ ସହଯୋଗ କରିଥିଲେ। ଟିକେଶ୍ୱର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଚୂଡାଖାଇ ଯାତ୍ରା ସମ୍ପନ୍ନ

**ବୌଦ୍ଧ, ୧୨।୧୨ (ସ୍ୱ.ପ୍ର): ଶେଷ ଗୁରୁବାର** ବୌଦ୍ଧ ଏନଏସିର ମର୍ଯ୍ୟାକୁଦ ଗ୍ରାମରେ ଚୂଡାଖାଇ ଯାତ୍ରା ଅନୁଷ୍ଠିତ ହୋଇଛି। ଏହି ଉପଲକ୍ଷେ ଗାଁର ଅଧିଷ୍ଠାତ୍ରୀ ଦେବୀ ମାଁ ସତୀକନ୍ୟାଙ୍କ ପୂଜା ସ୍ୱତନ୍ତ୍ର ରୀତିନୀତି ଅନୁସାରେ ସମ୍ପନ୍ନ ହୋଇଥିଲା। ଗ୍ରାମ ଦେହୁରୀଙ୍କ ଘରେ ମା' ବର୍ଷ ସାରା ପୂଜା ପାଇଆସୁଥିବା ବେଳେ ଏହି ଦିନ ମା' ସତୀକନ୍ୟାଙ୍କ ପୀଠରେ କେବଳ ମାର୍ଗଶୀର ପୂର୍ଣ୍ଣମାରେ ପୂଜା ପାଇଥିଲେ। ପୂଜା ପାଇଁ ମାଙ୍କୁ ଏକ ଶୋଭାଯାତ୍ରାରେ ପୀଠକୁ ନିଆଯାଇଥିଲା। ଏହି ପର୍ବରେ ଫୁଲ ସ୍ଥାନରେ ମା'ଙ୍କୁ ନୂଆଧାନ ଚୂଡାରେ ପୂଜାର୍ଚ୍ଚନା କରାଯାଇଥିଲା। ଫଳରେ ଏହି ଯାତ୍ରାକୁ ଚୂଡାଖାଇ ଯାତ୍ରା ବା ସତୀକନ୍ୟା ଯାତ୍ରା ବୋଲି କୁହାଯାଏ। ଏହି ଚୂଡାଖାଇ ଯାତ୍ରାକୁ ଦେଖିବା ପାଇ ହଜାର ହଜାର ଭକ୍ତ ପ୍ରତିବର୍ଷ ଏଠାକୁ ଆସିଥିଲେ।

■ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ନିରୀକ୍ଷକଙ୍କ ଅଶାଳୀନ ଆଚରଣ ଘଟଣା

# ତଦନ୍ତ ନିର୍ଦ୍ଦେଶ ଦେଲେ ଜିଲାପାଳ

**ବରଗଡ଼ ଅଫିସ୍, ୧୨।୧୨**

ବରଗଡ଼ ଜିଲାର କେତେକ ଛାତ୍ରୀଛାତ୍ରଙ୍କ ପ୍ରତି ଜିଲାରେ କାର୍ଯ୍ୟରତ ଜଣେ ଶାରୀରିକ ଶିକ୍ଷା ନିରୀକ୍ଷକ ଅଶାଳୀନ ଆଚରଣ ପ୍ରଦର୍ଶନ କରିବା ଘଟଣାକୁ ନେଇ ଆଲୋଡ଼ନ ସୃଷ୍ଟି ହୋଇଛି। ଜିଲାପାଳ ଓ ଜିଲା ଶିକ୍ଷା ଅଧିକାରୀଙ୍କଠାରେ ଘଟଣାକୁ ନେଇ ଅଭିଯୋଗ ହେବା ସହିତ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହେବା ପରେ ଘଟଣାର ବିଭାଗୀୟ ତଦନ୍ତ ଆରମ୍ଭ ହୋଇଛି। ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ଏହାର ତଦନ୍ତ ପାଇଁ ଏକ କମିଟି ଗଠନ କରାଯାଇ ୩ଦିନ ମଧ୍ୟରେ ରିପୋର୍ଟ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଜିଲା ଶିକ୍ଷା ଅଧିକାରୀ (ଡିଇଓ) ପ୍ରକାଶ କୁମାର ଯୋଶୀ କହିଛନ୍ତି।

ସେହିପରି ଏଭଳି ଏକ ଅଭାବନୀୟ ଘଟଣାରେ ଜିଲା ଶିଶୁ ମଙ୍ଗଳ ସମିତି (ସିଡବ୍ଲ୍ୟୁସି) ମଧ୍ୟ ହସ୍ତକ୍ଷେପ କରିଛି। ଘଟଣା ଉପରେ ବିହିତ କାର୍ଯ୍ୟାନୁଷ୍ଠାନ

- ■ ଜିଲାପାଳ, ଏସ୍‌ପି, ଡିସିପିଓଙ୍କୁ ଲେଖିଲା ସିଡବ୍ଲ୍ୟୁସି
- ■ ୩ ଦିନ ଭିତରେ ତଦନ୍ତ ରିପୋର୍ଟ ଦେବାକୁ ନିର୍ଦ୍ଦେଶ
- ■ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଲେ ଡିଇଓ
- ■ ସମ୍ପୃକ୍ତ ନିରୀକ୍ଷକଙ୍କ ନିଯୁକ୍ତିକୁ ନେଇ ପ୍ରଶ୍ନବାଚୀ
- ■ କାର୍ଯ୍ୟାନୁଷ୍ଠାନ ଦାବିରେ ଅଭିଭାବକ ସଜବାଜ

ନେବା ପାଇଁ ସିଡବ୍ଲ୍ୟୁସି ଚେୟାରମ୍ୟାନ ସୁଜିତ କୁମାର ଦାଶ ଜିଲାପାଳ, ଏସପି, ଡିଇଓ, ଜିଲା ଶିଶୁ ସୁରକ୍ଷା ଅଧିକାରୀ(ଡିସିପିଓ)ଙ୍କୁ ଚିଠି ଲେଖିଥିବା ସୂଚନା ମିଳିଛି। ଏ ନେଇ ଡିଇଓ ଯୋଶୀଙ୍କୁ ପଚାରିବାରୁ ତଦନ୍ତ ପାଇଁ ଉଭୟ ମହିଳା ପୁରୁଷ କର୍ମଚାରୀଙ୍କୁ ନେଇ କମିଟି ଗଠନ କରାଯାଇଛି। ରିପୋର୍ଟ ମିଳିବା ପରେ ତାକୁ ଅନୁଧ୍ୟାନ କରାଯାଇ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ବରଗଡ଼ ଜିଲାର ଶାରୀରିକ ଶିକ୍ଷା ବିଭାଗରେ କାର୍ଯ୍ୟରତ ଜଣେ ନିରୀକ୍ଷକ ଗତ କିଛିମାସ ତଳେ କେତେକ ଛାତ୍ରୀଙ୍କୁ ଭୁବନେଶ୍ୱରର ଏକ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ନେଇଥିଲେ। ସେଠାରୁ ଫେରିବା ବାଟରେ ସେ ବସ୍‌ରେ ଛାତ୍ରୀମାନଙ୍କୁ ଅଶାଳୀନ ବ୍ୟବହାର କରିଥିଲେ। କେବଳ ସେତିକି ନୁହେଁ, କିଛିଦିନ ତଳେ ସମ୍ପୃକ୍ତ ନିରୀକ୍ଷକ ଜଣକ ଅତାବିରା ବ୍ଲକ ଅନ୍ତର୍ଗତ ଏକ ଘରୋଇ ଶିକ୍ଷାନୁଷ୍ଠାନରେ ହୋଇଥିବା ଅନ୍ୟ ଏକ କାର୍ଯ୍ୟକ୍ରମରେ ଛାତ୍ରମାନଙ୍କୁ ମଧ୍ୟ ଅନୁରୂପ ଆଚରଣ ପ୍ରଦର୍ଶନ କରିଥିଲେ। ସେହି ଘଟଣାକୁ ନେଇ ମୁହଁ ନ ଖୋଲିବା ପାଇଁ ସେ ତାଗିଦ୍ କରିଥିବାରୁ ଛାତ୍ରୀଛାତ୍ର ଏତେଦିନ ଧରି ଚୁପ୍ ରହିଥିଲେ। ଘଟଣାଟି ପ୍ରଘଟ ହେବା ପରେ ସ୍କୁଲ ପରିଚାଳନା କମିଟି ସଭାପତି ସମ୍ପୃକ୍ତ ସ୍କୁଲର ପ୍ରଧାନଶିକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହା ପୂର୍ବରୁ ମଧ୍ୟ ସେ ସମ୍ପର୍କରେ କିଛି ଛାତ୍ର ତାଙ୍କ ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କ ଦୃଷ୍ଟିକୁ ଆଣିଥିଲେ। ମାତ୍ର ସ୍କୁଲ କର୍ତ୍ତୃପକ୍ଷ ତାକୁ ଚାପି ଦେଇଥିଲେ। ବୁଧବାର ଏକ ସ୍କୁଲ ପରିଚାଳନା କମିଟି ସଭାପତି ଘଟଣା ସମ୍ପର୍କରେ ଜିଲାପାଳ, ଡିଇଓ, ଏସପିଙ୍କଠାରୁ ଆରମ୍ଭ କରି ଶିକ୍ଷାମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କୁ ଲେଖି କାର୍ଯ୍ୟାନୁଷ୍ଠାନ ପାଇଁ ନିବେଦନ କରିଥିଲେ। ଏ ନେଇ ଗୁରୁବାର ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଏହାପରେ ଘଟଣାକୁ ନେଇ ବିଭାଗୀୟ ତତ୍ପରତା ପ୍ରକାଶ ପାଇଛି।

ତେବେ ଏଭଳି ଏକ ସମ୍ବେଦନଶୀଳ ଘଟଣାକୁ ଗୁରୁତ୍ୱର ସହିତ ନେଇ ଜିଲାପାଳ ତଦନ୍ତ ନିର୍ଦ୍ଦେଶ ଦେଇଥିବାବେଳେ ଘଟଣାକୁ ପ୍ରଭାବିତ କରିବା ପାଇଁ ପ୍ରୟାସ ଚାଲିଥିବା ସାଧାରଣରେ ଆଲୋଚନା ହେଉଛି। ଅନ୍ୟପଟେ ଛାତ୍ରୀଛାତ୍ରଙ୍କ ପ୍ରତି ସେଭଳି ଅଶାଳୀନ ଆଚରଣ ପ୍ରଦର୍ଶନ କରିଥିବା ଶିକ୍ଷା ନିରୀକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ମଧ୍ୟ ଅଭିଭାବକମାନେ ଆନ୍ଦୋଳନ ପାଇଁ ସଜବାଜ ହେଉଥିବା ସୂଚନା ମିଳିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ, ଯେଉଁ ନିରୀକ୍ଷକଙ୍କ ବିରୋଧରେ ଅଭିଯୋଗ ଆସିଛି, ତାଙ୍କୁ ସେହି ପଦବୀରେ ଅବସ୍ଥାପିତ କରାଯିବା ସମୀଚୀନ ନ ଥିଲା ବୋଲି ଏବେ ପଦାକୁ ଆସିଛି । ଓଡ଼ିଶା ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ପତ୍ରସଂଖ୍ୟା–୧୪୯୩୫ ତା–୫/୪/୧୪କ୍ରମେ ବରିଷ୍ଠତାକୁ ଭିତ୍ତି କରି ସେହି ପଦବୀରେ ଯୋଗ୍ୟ ନିରୀକ୍ଷକଙ୍କୁ ଅବସ୍ଥାପିତ କରିବା ପାଇଁ ଜିଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ରହିଛି। ହେଲେ ଯେଉଁ ନିରୀକ୍ଷକ ଏବେ ଛାତ୍ରୀଛାତ୍ରଙ୍କ ପ୍ରତି ଅଶାଳୀନ ଆଚରଣ ପ୍ରଦର୍ଶନ ଭଳି ଅଭିଯୋଗରେ ଛନ୍ଦି ହୋଇଛନ୍ତି, ତାଙ୍କ କ୍ଷେତ୍ରରେ ସେଭଳି ବରିଷ୍ଠତା ଯୋଗ୍ୟତା ରହିବା ତ ଦୂରର କଥା, ସେ ଜଣେ ୬୧୦ ସ୍କିମ ଅନୁଦାନପ୍ରାପ୍ତ (ଏଡେଡ୍) ସ୍କୁଲର କ୍ରୀଡ଼ା ଶିକ୍ଷକ ବୋଲି ଜଣାପଡ଼ିଛି। ଫଳରେ ତାଙ୍କୁ ସେହି ପଦବୀରେ ଏତେଦିନ ଧରି କେଉଁ ସ୍ୱାର୍ଥରେ ଅବସ୍ଥାପିତ କରାଯାଇଛି, ତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି ।

## ଲଣ୍ଡାବାହାଲରେ ସତ୍‌ସଙ୍ଗ କାର୍ଯ୍ୟକ୍ରମ

**ଘଣ୍ଟାପଡା, ୧୨।୧୨ (ଡି.ଏନ.ଏ)**

କଣ୍ଟାମାଳ ବ୍ଲକ ଖମନମୁଣ୍ଡା ପଞ୍ଚାୟତ ଲଣ୍ଡାବାହାଲ ପୂଜା ମଣ୍ଡପରେ ଲକ୍ଷ୍ମୀନାରାୟଣ ସଂଘ ପକ୍ଷରୁ ମାର୍ଗଶୀର ଶେଷ ଗୁରୁବାର ମାସିକ ସତସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶ୍ୟାମସୁନ୍ଦର ଆଞ୍ଚଳିକ ଭ୍ରାମ୍ୟମାଣ ପୂର୍ଣ୍ଣିମା ଭାଗବତ ସତସଙ୍ଗ କେନ୍ଦ୍ର ସିଆଲିଝୁଲି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଲକ୍ଷ୍ମଣ ମିଶ୍ର ପୌରୋହିତ୍ୟ କରିଥିଲେ। ପୂଜାରେ ଜଳନ୍ଧର ମଲିକ ଓ ଜାହ୍ନବୀ ମଲିକ କର୍ତ୍ତା ଥିଲେ। ଘଣ୍ଟାପଡାର ପଣ୍ଡିତ ଚମ୍ପେଶ୍ୱର ପାଣିଗ୍ରାହୀ ଓ ଦେମୁହାଣର ଶଙ୍କର ହେର୍ଣ୍ଣା ହରିକଥା ଶୁଣାଇଥିଲେ। ଲକ୍ଷ୍ମଣ ମିଶ୍ର ବ୍ୟାସ ଭାବେ ଯୋଗ ଦେଇଥିଲେ। ଦେବାଧି ମଲିକ କାର୍ଯ୍ୟକ୍ରମ ପରିଚାଳନା ଓ କାର୍ତ୍ତିକେଶ୍ୱର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ରବୀନ୍ଦ୍ର ମଲ୍ଲିକ, ବୁଦ୍ଧଦେବ ମଲ୍ଲିକ, ୱାର୍ଡସଭ୍ୟ ସୁଦାମ ମଲ୍ଲିକ, ଜଗଦୀଶ ଭୋଇ, ଜଳନ୍ଧର ମଲ୍ଲିକ ଓ ଗ୍ରାମବାସୀ ସହଯୋଗ କରିଥିଲେ ।

## ବାଇକ୍-ପିକ୍‌ଅପ ଭ୍ୟାନ ଧକ୍କା, ଜଣେ ମୃତ

**କଣ୍ଟମାଳ, ୧୨।୧୨ (ଡି.ଏନ.ଏ)**

ବୌଦ୍ଧ ଜିଲା ଖୋର୍ଦ୍ଧା–ବଲାଙ୍ଗୀର ଜାତୀୟ ରାଜପଥର ମଶିଣାପଡା ଛକରେ ଏକ ବାଇକ୍ ସହ ପିକଅପ ଭ୍ୟାନ୍ ଧକ୍କା ହେବାରୁ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ମଧୁସୂଦନ ସେଠୀ। ଏହି ଦୁର୍ଘଟଣାରେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ମନମୁଣ୍ଡା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ଅନୁସାରେ, ବୌଦ୍ଧ କେଉଟସାହିର ରଞ୍ଜିତ ମଲିକ ଓ ପଦ୍ମନପୁର ସନତ ତରିଆ ଗୁରୁବାର ସକାଳ ୭ଟା ସମୟରେ ଏକ ବାଇକ୍ ଯୋଗେ ମନମୁଣ୍ଡା ପଟରୁ ବୌଦ୍ଧ ଆଡକୁ ଯାଉଥିବା ବେଳେ ଜାତୀୟ ରାଜପଥର ମଶିଣାପଡା ଛକ ନିକଟରେ ପିକଅପ ଭ୍ୟାନ ସହ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ରଞ୍ଜିତଙ୍କ ମୃତ୍ୟୁ ଘଟିଥିଲା। ମନମୁଣ୍ଡା ପୋଲିସ ତଦନ୍ତ ଚଳାଇଥିବା ଜଣାପଡିଛି।



ଜମଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ କଲ୍ୟାଣ ସମିତି ବୈଠକ ଚାଲିଛି ।

## ରୋଗୀ କଲ୍ୟାଣ ସମିତି ବୈଠକ

**ପଦ୍ମପୁର, ୧୨।୧୨ (ଡି.ଏନ.ଏ)**

ପଦ୍ମପୁର ଉପଖଣ୍ଡ ଜମଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ କଲ୍ୟାଣ ସମିତିର ଏକ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଥିଲା । ବିଧାୟକ ବିଜୟ ରଞ୍ଜନ ସିଂ ବରିହା ଅଧ୍ୟକ୍ଷତା କରି ରୋଗୀମାନଙ୍କର ବିଭିନ୍ନ ସମସ୍ୟା ପ୍ରତି ସ୍ୱାସ୍ଥ୍ୟ କର୍ମଚାରୀ ସଜାଗ ରହିବା ପାଇଁ ପରାମର୍ଶ ଦେଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ଅସୁବିଧା, ପରିମଳ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା। ଡା. ତ୍ୟାଗରାଜ ସିଂ, ଡା. ଲୋକପାଳ ଭୋଇ, ବିପିଏମ କଳ୍ପା ପରମାର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ଡା. ଦେବାଶିଷ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

## ୧୬ରେ କୃଷି ଅଫିସ୍ ଘେରିବେ ଚାଷୀ

**ମନମୁଣ୍ଡା, ୧୨।୧୨ (ଡି.ଏନ.ଏ)**

କାଳିଆ ଯୋଜନା ଏବଂ ପ୍ରଧାନମନ୍ତ୍ରୀ କିଶାନ ଯୋଜନାରୁ ଯୋଗ୍ୟ ଚାଷୀ ବାଦ୍ ପଡିବା ପ୍ରତିବାଦରେ ଆସନ୍ତା ୧୬ ତାରିଖରେ ବୌଦ୍ଧ ଜିଲା ମନମୁଣ୍ଡାରେ ଏକ ବିଶାଳ ଚାଷୀ ବିକ୍ଷୋଭ ସମାବେଶ ହେବ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ଆରଆଇଙ୍କ ଜରିଆରେ ଏକ ସ୍ମାରକପତ୍ର ପ୍ରଦାନ କରାଯିବ ବୋଲି ଏହାର ନେତୃତ୍ୱ ନେଉଥିବା ଚାଷୀ ନେତା ନିରଞ୍ଜନ କର୍ଣ୍ଣ କହିଛନ୍ତି। ଏହି ବିକ୍ଷୋଭରେ ମନମୁଣ୍ଡା, ଗୁଡଭେଲିପଦର, ବିଳାସପୁର, ବରଗୋଛା, ଶୁଣ୍ଢିପଦର, ଯୋଗୀନ୍ଦ୍ରପୁର, ଖଟଖଟିଆ, ଦପଲା, ଘିକୁଣ୍ଡି, ଶିମିଳିପଦର, ପଲସାଗୋରା, ରୁଣ୍ଡିମହୁଲ ଆଦି ୧୨ଟି ପଞ୍ଚାୟତର ଚାଷୀ ଯୋଗଦେବେ ବୋଲି କର୍ଣ୍ଣ ଜଣାଇଛନ୍ତି। ସେହିପରି ଚାଷ ଓ ଚାଷୀଙ୍କ ପ୍ରତି ଅବହେଳା, ଚାଷୀମାନଙ୍କ ନିକଟରେ ସରକାରୀ ଯୋଜନା ନ ପହଞ୍ଚିବା, କାଗଜ କଲମରେ କାମ କରି ଚାଷୀମାନଙ୍କୁ ଅନ୍ଧାରରେ ରଖିବା, ଯୋଜନା ଗୁଡିକରେ ଅନିୟମିତତା ଆଦି ୧୧ଦଫା ଦାବିକୁ ନେଇ ସେହିଦିନ ମନମୁଣ୍ଡା କାର୍ଯ୍ୟାଳୟ ଘେରାଉ ସହ ବିକ୍ଷୋଭ ପ୍ରଦର୍ଶନ କରାଯିବା ପାଇଁ ସ୍ଥିର କରାଯାଇଛି। ଉକ୍ତ ଦାବି ପୂରଣ ପାଇଁ ଜିଲା କୃଷି ଅଧିକାରୀଙ୍କ ଉଦ୍ଦେଶ୍ୟରେ ଏଏଓଙ୍କ ମାଧ୍ୟମରେ ଏକ ଦାବିପତ୍ର ପ୍ରଦାନ କରାଯିବ ବୋଲି କର୍ଣ୍ଣ କହିଛନ୍ତି ।


ଡବ୍ଲ୍ୟୁଓଡିସି ଅଧକ୍ଷ ସୁବାସ ଚୌହାନ ଉତ୍ସବକୁ ଆରମ୍ଭ କରୁଛନ୍ତି ।

## ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କ୍ରୀଡୋତ୍ସବ

**ପଦ୍ମପୁର, ୧୨।୧୨ (ଡି.ଏନ.ଏ)**

ପଦ୍ମପୁର ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କ୍ରୀଡୋତ୍ସବ ଗୁରୁବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସ୍ଥାନୀୟ କାଳୀମନ୍ଦିରଠାରୁ କ୍ରୀଡା ଜ୍ୟୋତି ଆଣି ଉତ୍ସବସ୍ଥଳରେ ସ୍ଥାପନ କରାଯାଇଥିଲା । ଅଧକ୍ଷା ପଦ୍ମିନୀ ଦାଶଙ୍କ ପୌରୋହିତ୍ୟରେ ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧକ୍ଷ ସୁବାଷ ଚୌହାନ ଉତ୍ସବର ଶୁଭାରମ୍ଭ କରିଥିଲେ। କ୍ରୀଡା ଶିକ୍ଷୟିତ୍ରୀ ସୁକୁମାରୀ ତାଣ୍ଡି, ନରେଶ ବାରିକ, କ୍ଷୀରୋଦ୍ର ଦାଶ ଖେଳ ପରିଚାଳନା କରିଥିଲେ। ଅଧ୍ୟାପକ ଦିବ୍ୟ କିଶୋର ପଣ୍ଡା, ଅଧ୍ୟାପିକା ଅମିତା ପତି ଧାରା ବିବରଣୀ ପ୍ରଦାନ କରିଥିଲେ। କ୍ରୀଡାରେ ୧ମ ବର୍ଷ କଳା ଛାତ୍ରୀ ସୁବାଶିନୀ ନାଏକ ଚାମ୍ପିୟନ ହୋଇଥିଲେ। ଆଥଲେଟିକ ଆସୋସିଏଶନ ଉପସଭାପତି ସୁଧାରାଣୀ ହୋତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ ।

## ସୀତାରାମ ମଠରେ ହନୁମାନ ବିଗ୍ରହ ପ୍ରତିଷ୍ଠା

**କଣ୍ଟାମାଳ, ୧୨।୧୨ (ଡି.ଏନ.ଏ)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ନିକଟ ଶ୍ରୀ ଶ୍ରୀ ସୀତାରାମ ଶାନ୍ତି ମଠରେ ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସୁନ୍ଦରାକାଣ୍ଡ ପାରାୟଣ ହୋଇଥିଲା। ଏଥିରେ ପଣ୍ଡିତ ସ୍ୱପ୍ନେଶ୍ୱର ପଣ୍ଡା ବ୍ୟାସ ଭାବେ ଯୋଗଦେଇ ଶ୍ରୀରାମଙ୍କ କଥାମୃତ ଶୁଣାଇଥିଲେ। ୧୦ ଫୁଟ୍ ଉଚ୍ଚତା ବିଶିଷ୍ଟ ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବରେ ଗୋବିନ୍ଦ ଗୁରୁ ଓ ସ୍ତ୍ରୀ ଗୋଲାପୀ ଗୁରୁ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପୂଜକ ଅର୍ଜୁନ ରଥ ଓ ସୁବାସ ରଥ ଯଜ୍ଞକାର୍ଯ୍ୟ ତୁଲାଇଥିଲେ।


ସୀତାରାମ ମଠରେ ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା କରାଯାଇଛି ।

ସ୍ୱର୍ଗତ ମହାରାଜ ଶ୍ରୀ ଜଗନ୍ନାଥ ଦାଶ ଓ ଶ୍ରୀ ନରୋତ୍ତମ ଦାଶ(ନବୀନ ବାବା)ଙ୍କ ସ୍ମୃତି ଉଦ୍ଦେଶ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଟଙ୍କଧର ଦାଶ, ସୀତାରାମ ଦାଶ, ସୁରେନ୍ଦ୍ର ଦାଶ ପ୍ରମୁଖ ଆୟୋଜନ କରିଥିଲେ। ଶତ୍ରୁଘ୍ନ ସାହୁ, ଶିବ ପ୍ରସାଦ ରଥ, ଭରତ ମିଶ୍ର, ନରେନ୍ଦ୍ର କର, ସତ୍ୟୟ କବାଟ, କ୍ଷୀରୋଦ୍ର ବଗର୍ତ୍ତି ପ୍ରମୁଖ ସହଯୋଗ କରିଥିଲେ।


ଧୁବେନପାଲି ଲକ୍ଷ୍ମୀପୂଜା ଅବସରରେ ଜଣେ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

## ଲକ୍ଷ୍ମୀପୂଜାରେ ସମ୍ବର୍ଦ୍ଧିତ ହେଲେ ପ୍ରତିଭାଧାରୀ

**ଭେଡ଼େନ, ୧୨।୧୨ (ଡ଼ି.ଏନ.ଏ)**

ଭେଡ଼େନ ବ୍ଲକ ଧୁବେନପାଲି ଠାରେ ଚାଲିଥିବା ୩୩ ତମ ସାର୍ବଜନୀନ ଲକ୍ଷ୍ମୀପୂଜା ଉତ୍ସବ ଅବସରରେ ବହୁ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବୁଧବାର ରାତିରେ ବରିଷ୍ଠ ନାଗରିକ ପୂର୍ବତନ ସରପଞ୍ଚ କୈଳାଶ ଚନ୍ଦ୍ର ଦାଶଙ୍କ ସଭାପତିତ୍ୱରେ ହୋଇଥିବା ଏହି ସମ୍ବର୍ଦ୍ଧନା ସଭାରେ ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟଅତିଥି, ବ୍ଲକ ଆତ୍ମା କମିଟି ସଭାପତି ହରିଶଙ୍କର ବେହେରା, ବ୍ଲକ ଉପାଧ୍ୟକ୍ଷା ସୁପ୍ରଭା ପ୍ରଧାନ, ଜିଲା ପରିଷଦ ସଭ୍ୟ ସୁବାସ ହୋତା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ମୂର୍ତ୍ତି କାରିଗର ବୀରେନ୍ଦ୍ର ଦୀପ, କାଷ୍ଠ ଶିଳ୍ପୀ ମହେନ୍ଦ୍ର ଭୁଏ, କୃତୀ ଛାତ୍ରୀ ସମୀକ୍ଷା ଦାଶ, ବର୍ଷା ସାହୁ, ତ୍ରୀଷ୍ଟା ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଯୁବ ସଙ୍ଗଠକ କୈଳାଶ ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ପୂଜାରେ କୁଞ୍ଜବିହାରୀ ଭୋଇ ଓ ଗହଲ ଭୋଇ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପଣ୍ଡିତ ଦୁଃଖିଶ୍ୟାମ ଦାଶ, ଆକାଶ ନନ୍ଦ, ସୁରେନ୍ଦ୍ର ଦାଶ ପ୍ରମୁଖ ପୁରୋହିତ କାର୍ଯ୍ୟ ସମ୍ପାଦନା କରୁଛନ୍ତି। ଗୁରୁବାର ସମରଛିପାର ପିଙ୍କି ସାହୁଙ୍କ ତୁଳସୀ ରାମାୟଣ ପାରାୟଣ ଓ ରେମଣ୍ଡା ମାଷ୍ଟର ପାର୍ଟିର କୃଷ୍ଣଗୁରୁ ପରିବେଷିତ ହୋଇଥିଲା।

## ଦିବ୍ୟାଙ୍ଗ ଦୁର୍ଜନଙ୍କୁ ଥଇଥାନ କଲା ପରଶାସନ

**ଗଣ୍ଡତୁରୁମ, ୧୨।୧୨ (ଡି.ଏନ.ଏ.)**

ବରଗଡ଼ ଜିଲା ଭେଡ଼େନ ବ୍ଲକର ଭିନେ ଭିନେ ଗାଁରେ ବୁଲି ଭିଖ୍ ମାଗି ପେଟ୍ ପାଲୁଥିବାର ପରିଚଏହୀନ ଦିବ୍ୟାଙ୍ଗ ଦୁର୍ଜନଙ୍କୁଁ ଥଇଥାନ ଲାଗି ଗୁରୁବାର ପରଶାସନ ହାତ୍ ବଢ଼େଇଛେ। ଇ ବାବ୍‌ଦେ ଗୁରୁବାର ଧରିତ୍ରୀ ସମ୍ବଲପୁର ସଂସ୍କରଣରେ 'ପରିଚଏ ବଲି କିଛି ନାଇଁ, ବିଦେଶୀ ପାଲଟିଛନ୍ ଦିବ୍ୟାଙ୍ଗ ଦୁର୍ଜନ' ଶୀରଷକ୍‌ରେ ଖବର ବାହାରିଥିଲା। ଖବର ବାହାରଲା ଉତାରୁ ପରଶାସନ ଦୁର୍ଜନଙ୍କୁଁ ସାହାଯ୍‌ର ହାତ୍ ବଢ଼େଇଥିବାର ଜନାଯାଇଛେ। ପୂରବର ସୂଚନା ହିସାବେ, ଭେଡେନ ବ୍ଲକ ଚିଚିଣ୍ଡା ଗାଁର ଦୁର୍ଜନ ନାଇକ(୭୫)। ସେ ଜନ୍‌ମୁ ଦିବ୍ୟାଙ୍ଗ ଆନ୍। ଛୁଆଦିନୁ ମାପ୍‌କେ ହରେଇ ବହେନ୍ ମିଞ୍ଜୋ ସଂଗେ ଗାଁଗାଁ ବୁଲି ଭିଖ୍ ମାଗି ପେଟ୍ ପାଲୁଥିଲେ। ବହେନ୍ ମିଞ୍ଜୋ ବି ଦିବ୍ୟାଙ୍ଗ ହେଇଥିବାର ଲାଗି ଦୁଇ ଭାଇବହେନ୍ ବିହାଟୁରା ନାଇଁ ହେଇ। ଭେଡ଼େନ ବ୍ଲକ ଚିଚିଣ୍ଡା ଦୁର୍ଜନଙ୍କର ଜନମ୍ ମାଏଟ୍ ହେଇଥିଲେ


ଦୁର୍ଜନଙ୍କୁଁ ଉଧାର କରି ଥଇଥାନ ଲାଗି ନିଆଯାଉଛେ।

ବି ଗାଁରେ ଜମିବାଡ଼ି, ସଁପତି ବଲି କିଛି ନାଇଁ। ଏନ୍‌ତା କି ସେ ସବୁପରକାର ସରକାରୀ ସୁବିଧା ସୁଯୋଗରୁ ବଁଚିତ୍ ହେଇ ରହିଥିଲେ। ଗଲା ବଛର ବହେନ୍ ମିଞ୍ଜୋକେ ହରେଇ ସେ ଏକ୍‌ଲା ହେଇଯାଇଥିଲେ। ଦିନାକେତେ ହେଲା ସେ ସାଲଣା ହରିଜନପଡ଼ାର କମ୍ୟୁନିଟି ସେଣ୍ଟର ବାରନ୍‌ଡାରେ ମୁଡ଼ ଗୁଁଜିଥିଲେ। ତାକର ଦୁରଦଶା ବାବ୍‌ଦେ ଗୁରୁବାର ଧରିତ୍ରୀ ସମ୍ବଲପୁର ସଂସ୍କରଣରେ ଟିକିନିଖିନୁ ଖବର ବାହାରିଥିଲା। ଖବର ପଢ଼ି ବରଗଡ଼ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ଦୁଖ୍ ପରକାଶ କରବାର ସଂଗେ ଦୁର୍ଜନଙ୍କର ଥଇଥାନ ଲାଗି ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନବକୃଷ୍ଣ ଦାଶଙ୍କୁଁ ନିର୍‌ଦେଶ ଦେଇଥିଲେ। ଜିଲାପାଳଙ୍କର ନିରଦେଶରେ ଡିଏସ୍‌ଏସ୍‌ଓ ଆର ଉନିଆ କରମ୍‌ଚାରୀମାନେ ବେଲବୁଡ଼େ ସାଲଣା ଗାଁରେ ପୁହୁଁଚି ଦିବ୍ୟାଙ୍ଗ ବୁରୁଧ ଦୁର୍ଜନଙ୍କୁଁ ଭେଟିଥିଲେ। ହେଲେ ଦୁର୍ଜନଙ୍କର କାନ୍ ନାଇଁ ଶୁଭୁଥିଲାବେଲେ ସେ ଭଏରେ ସରକାରୀ ଅଧିକାରୀ, କରମ୍‌ଚାରୀଙ୍କୁଁ ଖେଦି ଦେଇଥିଲେ। ପଛେ ଦେଶଭଟିଲି ସରପଁଚ୍ ଶର୍ମିଷ୍ଠା ସାହୁ ଆର ପଁଚେତ୍ କରମ୍‌ଚାରୀ ପୁହୁଁଚି ତାହାକୁ ବୁଝାସୁଝା କଲା ଉତାରୁ ସେ କଥାରେ ରାଜି ହେଇଥିଲେ। ଦୁର୍ଜନଙ୍କୁଁ ଭେଡ଼େନ ବ୍ଲକ ପଦାନଟିକ୍ରାରେ ଥିବାର ବୃଦ୍ଧାଶ୍ରମ 'ସେଭ'ରେ ଥଇଥାନ କରାଯାଇଛେ। ଧରିତ୍ରୀ ଖବର କାଗଜରେ ପରକାଶିତ ଖବରକେ ଆଧାର କରି ଆଏଜ୍ ପରଶାସନ ଦିବ୍ୟାଙ୍ଗ ବୁରୁଧ୍ ଦୁର୍ଜନଙ୍କୁଁ ଥଇଥାନ କରିପାରିଛେ ବଲି ଡିଏସ୍‌ଏସ୍‌ଓ ସାହୁ କହିଛନ୍।

ଧରିତ୍ରୀ ପ୍ରଭାବ

ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରୀର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।
- ବ୍ୟାସଦେବ

## ସଂକ୍ଷେପରେ

### ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ବିନିକା,୧୨।୧୨(ଡି.ଏନ୍.ଏ)**
ସୁବର୍ଣ୍ଣପୁର ଜିଲା ବିନିକା ଏନ୍‌ଏସି ଗାନ୍ଧୀନଗର ପଡାରେ ଗୁରୁବାର ସକାଳେ ଜନୈକା ବିବାହିତ ମହିଳାଙ୍କ ମୃତଦେହ ତାଙ୍କ ଘରୁ ଉଦ୍ଧାର କରାଯାଇଛି। ମୃତା ହେଲେ ଦୀପା ସିନ୍ଧିଆ (୨୦)। ବିନିକା ପୋଲିସ ତହସିଲଦାର ତଥା ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା ତ୍ରିପୁରା ମହାନନ୍ଦଙ୍କ ଉପସ୍ଥିତିରେ ମୃତଦେହ ଉଦ୍ଧାର କରି ବ୍ୟବଛେଦ ପାଇଁ ପଠାଇଥିଲା। ସକାଳୁ ସ୍ୱାମୀ ସନୁ ସିନ୍ଧିଆ ଓ ତାଙ୍କ ପରିବାର ଲୋକେ କାମ ପାଇଁ ବାହାରକୁ ବାହାରି ଗଲାପରେ ଦୀପା ଏକ ଫ୍ୟାନରେ ଝୁଲି ଆତ୍ମହତ୍ୟା କରିଥିବା କୁହାଯାଉଛି। ଏ ନେଇ ମୃତାଙ୍କ ବାପା ଖଲିଆପାଲିର ରସିଆ ବାଘଙ୍କ ଅଭିଯୋଗ ପରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଥିବା ଏସ୍‌ଆଇ ଟଙ୍କଧର ଛତ୍ରିଆ କହିଛନ୍ତି।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବାଟବଣା

**ଜନମୁରା ପଞ୍ଚାୟତ**
- ସରକାରୀ ଜମିରେ ନିର୍ମାଣ ହୋଇଛି ଘର
- କୋଠାଘର ଥିବା ଲୋକ ଯୋଜନାର ହିତାଧିକାରୀ

**ସୋନପୁର,୧୨।୧୨(ନି.ପ୍ର.)**
ସମସ୍ତଙ୍କୁ ପକ୍କା ଘର ଯୋଗାଇ ଦେବା ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପ୍ରଣୟନ ହୋଇଛି। କିନ୍ତୁ ଗରିବଙ୍କ ପାଇଁ ଉଦ୍ଦିଷ୍ଟ ଏହି ଯୋଜନାକୁ ହଡ଼ପ କରିବା ପାଇଁ ପ୍ରତିଯୋଗିତା ଚାଲିଛି । ତୃଣମୂଳସ୍ତରର କର୍ମଚାରୀଙ୍କୁ ହାତକରି କୋଠା ଘର ଥିବା ଧନୀକ ଶ୍ରେଣୀର ଲୋକ ଏହି ଯୋଜନାର ହିତାଧିକାରୀ ହେବାରେ ସକ୍ଷମ ହୋଇଛନ୍ତି। ପଞ୍ଚାୟତ ନିର୍ବାହୀ ଅଧିକାରୀ ଦାୟିତ୍ୱରେ ଅବହେଳା ପ୍ରଦର୍ଶନ କରିଛନ୍ତି। ସୋନପୁର ବ୍ଲକ ଜନମୁରା ପଞ୍ଚାୟତରେ ଏଭଳି ବେଆଇନ କାର୍ଯ୍ୟ ହୋଇଥିବା ତଦନ୍ତରୁ ଜଣାପଡିଛି । ସୋନପୁର ବିଡିଓ ରବିନ୍ଦ୍ର କୁମାର ପଟେଲ ଏହି ତଦନ୍ତ ରିପୋର୍ଟ ପିଡି ଡିଆରଡିଏଙ୍କୁ ପ୍ରଦାନ କରିଛନ୍ତି । ଜନମୁରା ଗ୍ରମର ତ୍ରିବିକ୍ରମ ବେରିହା ଗତ ଅକ୍ଟୋବର ୧୪ ତାରିଖରେ ଜିଲାପାଳଙ୍କ ନିକଟରେ ତଥ୍ୟ ସହ ଅଭିଯୋଗ କରିଥିଲେ ଯେ, ଗ୍ରାମର କେତେକ ଅଯୋଗ୍ୟ ଲୋକ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାରେ କାର୍ଯ୍ୟାଦେଶ ପାଇବାରେ ସକ୍ଷମ ହୋଇଛନ୍ତି। ହିତାଧିକାରୀମାନେ ଜଙ୍ଗଲ ଜମିରେ ଘର ନିର୍ମାଣ କରିଛନ୍ତି। ସେହିପରି କୋଠା ଘର ଥିବା ଲୋକଙ୍କୁ ଯୋଜନାରେ ସାମିଲ କରାଯାଇଛି । ସେମାନେ ବେଆଇନଭାବେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରୁଥିବା ସେ ଲିଖିତ ଭାବେ ଅଭିଯୋଗ କରିଥିଲେ। ମାତ୍ର ପଞ୍ଚାୟତର ପିଇଓ ଏହାକୁ ଅଣଦେଖା କରି ଆସୁଥିଲେ। ଅଭିଯୋଗ ପରେ ବିଡିଓ ପଟେଲ ଓ ଏପିଡି(ଗ୍ରାମୀଣ ଆବାସ) ରଶ୍ମିରଞ୍ଜନ ମିଶ୍ର ଗ୍ରାମକୁ ଯାଇ କ୍ଷେତ୍ରୀୟ ତଦନ୍ତ କରିଥିଲେ। ତଦନ୍ତ ସମୟରେ ଗ୍ରମର ଲକ୍ଷ୍ମଣ ପଧାନଙ୍କର ପୂର୍ବରୁ ପକ୍କା ଘର ଥିବା ବେଳେ ତାଙ୍କୁ ଆବାସ ଯୋଜନାରେ ୨୦୧୮-୧୯ ଆର୍ଥିକ ବର୍ଷରେ କାର୍ଯ୍ୟାଦେଶ ଦିଆଯାଇଛି । ସେ ଏହି ଯୋଜନାରେ ଦୋକାନ ଘର ନିର୍ମାଣ କରୁଛନ୍ତି। ତାଙ୍କୁ ଦୁଇଟି କିସ୍ତିରେ ୫୫ ହଜାର ଟଙ୍କା ମିଳିଛି। ସେହିପରି ଜଗଦୀଶ କର୍ଣ୍ଣଙ୍କର ପୂର୍ବରୁ ୨୦ଲକ୍ଷ ଟଙ୍କା ମୂଲ୍ୟର ପକ୍କା ଘର ଥିବା ବେଳେ ସେ ୨୦୧୯-୨୦ରେ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଛନ୍ତି। ତାଙ୍କୁ ମଧ ଦୁଇଟି କିସ୍ତିରେ ପକ୍କା ଘର ପାଇଁ ୫୫ ହଜାର ଟଙ୍କା ମିଳିଛି। ସେହିପରି ଚେୟାରମେନ ପୋଢ, ବଳଦେବ ବାଗ ଓ ମନି ପୁଡି କୁଅଁରଙ୍କର ଗ୍ରାମରେ ଆଦୌ ଜମି ନାହିଁ। ସେମାନଙ୍କୁ ୨୦୧୯-୨୦ ବର୍ଷରେ ଘର ମିଳିଛି । ସେମାନଙ୍କୁ ପ୍ରଥମ କିସ୍ତି ଟଙ୍କା ୨୦ ହଜାର ଲେଖାଏଁ ଦିଆ ହୋଇଛି। ଏହି ଅଯୋଗ୍ୟ ହିତାଧିକାରୀଙ୍କଠାରୁ ସରକାରୀ ଅର୍ଥ ଆଦାୟ କରାଯିବ ବୋଲି ବିଡିଓ ପଟେଲ କହିଛନ୍ତି ।


ବୌଦ୍ଧ ଧନୁଯାତ୍ରାର ଏକ ଦୃଶ୍ୟ ।

- ବୌଦ୍ଧ ଧନୁଯାତ୍ରାର ତୃତୀୟ ସନ୍ଧ୍ୟା

# ନାଟକ ମଥୁରାର କଳାଚାନ୍ଦ ଗୋପରେ ବଢୁଛି ମଞ୍ଜିଷ୍ଠ

**ବୌଦ୍ଧ,୧୨।୧୨(ସ୍ୱ.ପ୍ର)**
ବୌଦ୍ଧର ପ୍ରସିଦ୍ଧ ଧନୁଯାତ୍ରା ଓ କଂସବଧ ନାଟ୍ୟମହୋତ୍ସବର ଗୁରୁବାର ଥିଲା ତୃତୀୟ ଦିବସ। ସ୍ଥାନୀୟ ଭୈରବୀ ପଡିଆରେ ଚାଲିଥିବା ଏହି ମହୋତ୍ସବର ତୃତୀୟ ରଜନୀରେ ନାଟକ ମଥୁରାର କଳାଚାନ୍ଦ ଗୋପରେ ବଢୁଛି ମଞ୍ଜିଷ୍ଠ ହୋଇଥିଲା। ଏହି ନାଟକଟି କୃଷ୍ଣଙ୍କର ବାଲ୍ୟଲୀଳା, ମାଟିଖିଆ, ଜାମଳା ଅର୍ଜୁନ ଭଞ୍ଜନ, ବିଶ୍ୱରୂପ ଦର୍ଶନ, ବକାସୁର ଓ ଅଘାସୁର ବଧ, ନଟୁଚୋରି, ଦଧି ଚୋରି ଓ ଧେନୁକାସୁର ବଧ ପରିବେଷିତ ହୋଇଥିଲା। ନାଟକ ପ୍ରାରମ୍ଭରେ ନୃତ୍ୟ ନାଟିକା କେଶବ ଧୃତ ନରହରି ରୂପ ପରିବେଷଣ ହୋଇଥିଲା। ଧନୁଯାତ୍ରା ପାଇଁ ପୁରା ବୌଦ୍ଧ ସହର କୃଷ୍ଣମୟ ଏବଂ ମଥୁରା ନଗରୀ ଗୋପପୁର ପାଲଟି ଯାଇଛି । ଯାତ୍ରାକୁ ଅଧିକ ସରସ ସୁନ୍ଦର କରିବା ପାଇଁ କମିଟି ପକ୍ଷରୁ ମିନାବଜାର ଓ ଖାଦ୍ୟର ପସରା ପଡିଛି। ଆଜିର ନାଟକରେ ହିରଣ୍ୟ ପୀତବାସ ମେହେର, ହିରଣାକ୍ଷ ନାରାୟଣ ମେହେର, ବରାଡ ଚନ୍ଦନ ବେହେରା, ନୃସିଂହ ବୃନ୍ଦାବନ ମେହେର, ପ୍ରହଲ୍ଲାଦ ରୋହିତ ଗୌଡ, ନନ୍ଦ ଇନ୍ଦ୍ରମଣି ମେହେର, ଯଶୋଦା ସାନୁଜ ବାରିକ, ଶୁକ୍ରାଚାର୍ଯ୍ୟ ବିଶ୍ୱରଞ୍ଜନ ସାହୁ, ବଳରାମ ପପୁନ ଡାଙ୍ଗୁଆ, ବକାସୁର ମଳୟ ବାରିକ, ଅଘାସୁର ଦୁର୍ଯ୍ୟୋଧନ ନାଏକ ଓ କଂସ ଭୂମିକାରେ ବାବୁଲାଲ ପ୍ରଧାନ ଅଭିନୟ କରିଥିଲେ।

- କ୍ୟାନ୍‌ସରରେ ପୀଡ଼ିତ ଗୌରାଙ୍ଗ

# ଉଷୋ ଲାଗି ମା'ର ଭତା ଟଁକା ସାହାଭରସା

**କାମଟିକ୍ରା, ୧୨।୧୨(ଡି.ଏନ.ଏ.)**
ବରଗଡ଼ ଜିଲା ଅତାବିରା ବ୍ଲକ ବୁଗବୁଗା ପଁଚେତ୍ ଖଲିଆପାଲି ଦୀପଟିକ୍ରାର ଗୌରାଙ୍ଗ ଦୀପ (୪୫)। ସେ କର୍କଟ ରୋଗ୍‌ରେ ପୀଡ଼ିତ ଅଛନ୍। ଯାହା ସଁଚିଥିଲେ ଚିକିଛାରେ ଖରଚ୍ କରି ସରବ୍‌ସୁଆଁତ ହେଇଛନ୍। ଏହେଦେ ଟଁକା ପଏସା ଅଭାବୁ ଚିକିଛା ନାଇଁ କରେଇପାରି କରି ଭଗବାନ ଭରସାରେ ପଡ଼ିରହିଛନ୍। ସୂଚନା ଅନ୍‌ସାରେ ଖଲିଆପାଲି ଦୀପଟିକ୍ରାର ଗୌରାଙ୍ଗ ଦୀପ ୧୯୯୮ ସାଲେ କାମ୍‌ଧଁଦା ଖୁଜବାକେ ଯାଇ ପାରାଦୀପରେ ରହିଗଲେ। ସେଠାନେ ସେ କୁଲିମଜୁରି କରି ଦୁଇପଏସା କମାବାର ସଂଗେ ଗୁଟେ ଉନିଆଁ ଜାତିର ଟୁକେଲକେ ବିହା ହେଇ ଘରସଁସାର କରିଥିଲେ। ତାକର ୩ ବଛର୍‌ର ଗୁଟେ ପୁଓ ବି ରହିଛେ। ଗୌରାଙ୍ଗ ଦୁଖ୍‌ସୁଖ କରି କୁଟୁମ ପୁଷୁଥିଲେ। ଇ ସମିଆରେ ତାକର ଟୁଁଡେ ଗୁଟେ ଘା' ହେଇଥିଲା। ଡାକ୍ତର ଦେଖାଲାରୁ କ୍ୟାନ୍‌ସର ହେଇଥିବାର ଯାନ୍‌ବାକେ ପାଇଥିଲେ। ଇ କଥା ଜାନ୍‌ଲା ଉତାରୁ ଗୌରାଙ୍ଗଙ୍କର ମାଏକିନା ଯାଚଶ୍ରୀ ମହାରଣା ଆର ତାହାକୁ ନାଇଁ ପଚାର୍‌ଲେ କି ଘରକେ ଢୁକି ନାଇଁଦେଲେ। ଏନ୍‌ତାଥି ଉପେ ଶୂଇନ୍ ଗୌରାଙ୍ଗ ନିଜେ ସଁଚିଥିବାର କେତେ ଟଁକା ଧରି କଟକର ଗୁଟେ ବେସରକାରୀ ଡାକ୍ତରଖାନାରେ ପୁହୁଁଚିଥିଲେ। ସେଠାନେ ସେ ୨୦୧୮ ଅଗଷ୍ଟରେ ଅପରେଶନ କଲେ, ହେଲେ କିଛି ଲାଭ ନାଇଁ ହେଲା। ସେ ନିରାଶ ହେଇ ନିଜର ଜନମ ମାଏଟ୍‌କେ ଫିରି ଆଏଲେ। ପଛେ ଗୌରାଙ୍ଗ ବୁର୍ଲା ବଡ଼ ଡାକ୍‌ତରଖାନାରେ ଯାଇ ଦେଖାଲେ। ସେଠାନେ ଡାକ୍ତର ଅପରେଶନ ଦରକାର ଆର ଇଥିରଲାଗି ବହୁତ ଟଁକା ଦରକାର ବଲି କହିଥିଲେ। ହେଲେ ଗୌରାଙ୍ଗ ଝନେ ଖଟିଖିଆ ହେଇଥିଲାବେଲେ ଆଗରୁ ଯାହା ସଁଚିଥିଲେ ଚିକିଛାରେ ଖରଚ୍ କରି ସରବ୍‌ସୁଆଁତ ହେଇଛନ୍। ଇଆଡ଼େ ଗୌରାଙ୍ଗ ଉନିଆ ଜାତିରେ ବିହାଚୁରା ହେଇଥିବାର ଲାଗି ତାକର ୩ ଭାଇ, ୩ ବହେନ୍ ବି ତାହାକୁ ନାଇଁ ପଚ୍‌ରାବାର। ଏନ୍‌ତାଥି ସେ ବୁଢ଼ି ମା'ର ସଂଗେ ରହୁଛନ୍। ମା' ଯେନ୍ ଭତା ଟଁକା ପାଉଛନ୍ ସେଥିରେ ଗୌରାଙ୍ଗ ନିଜର ଉଷୋକଷା କରୁଛନ୍। ଅସାହା ଗୌରାଙ୍ଗ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ଚିକିଛା ସାହାଯ୍ ଲାଗି ଗଣମାଧମ ଜରିଆରେ ଗୁହାରି କରିଛନ୍। ଚିକିଛା ସାହାଯ୍ ମିଲ୍‌ରେ ମୋର ଜୀବନ୍‌ଟା ବଁଚି ଯାଏତା ବଲି ସେ ଗୁଲ୍‌ଗୁଲା ହେଇ କହିଛନ୍। ଗୌରାଙ୍ଗ ସରକାରୀ ଯୋଜନାରେ ରାଶନ ସାମାନ ପାଉଛନ୍। ହେଲେ ଆବାସ ଯୋଜନାରେ ଘରଖଁଡ଼େର ଲାଗି ଗୁହାରି କରିଛନ୍। ଇଆଡ଼େ ମା' ଅପାରୁ ହେବାର ଲାଗି ଗୌରାଙ୍ଗ ରୁଗୀଆ ଅବସ୍‌ତାରେ ବି ତାହାକୁ ରାଁଧିବାଢ଼ି କରି ଖାଏବାକେ ଦେଉଛନ୍। ଜିଲା ପରଶାସନ ଇ ଦୁଖି ଗରିବ୍ ଉପରେ ଦୁରୁଷ୍‌ଟି ଦେଇ ଚିକିଛା ସାହାଯ୍ ଯୁଗେଇ ଦେବାକେ ବୁଧିଜୀବୀ ମହଲରେ ବି ଦାବି ହେଉଛେ।


କ୍ୟାନ୍‌ସରରେ ପୀଡ଼ିତ୍ ଗୌରାଙ୍ଗ ଦୀପ ।

### ନିର୍ଦ୍ଧାରିତ ସମୟରେ ଶିକ୍ଷକ ସ୍କୁଲ ଆସୁ ନ ଥିବା ଅଭିଯୋଗ

**ଲୋଇସିଂହା,୧୨।୧୨(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କେଉଁଟପାଲି ହାଇସ୍କୁଲର ଶିକ୍ଷୟିତ୍ରୀଶିକ୍ଷକ ନିର୍ଦ୍ଧାରିତ ସମୟରେ ସ୍କୁଲ ଆସୁ ନାହାନ୍ତି। ଏହାକୁ ନେଇ ପରିଚାଳନା ସମିତି ସଭ୍ୟ ଓ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ପରିଚାଳନା ସମିତି ସଭ୍ୟ ସମ୍ପତି ନନ୍ଦଙ୍କ ଅଭିଯୋଗ ମୁତାବକ ଗୁରୁବାର ନିର୍ଦ୍ଧାରିତ ସମୟରେ ଛାତ୍ରୀଛାତ୍ର ସ୍କୁଲ ଆସୁଥିବାବେଳେ ଶିକ୍ଷକ ଓ କର୍ମଚାରୀଙ୍କ ଦେଖା ନ ଥିଲା ଗୁରୁବାର। ଏହାକୁ ନେଇ ନନ୍ଦ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏହାପରେ ପ୍ରଧାନଶିକ୍ଷକ ଓ ଜଣେ ସହକାରୀ ଶିକ୍ଷକ ସ୍କୁଲରେ ପହଞ୍ଚିଥିଲେ। ଏତିକିବେଳକୁ ୧୦ଟା୧୫ ହୋଇଯାଇଥିଲା। କେଉଁ ଷ୍ଟାପ ଛୁଟି ନୋଇଛନ୍ତି କି ବୋଲି ପଚାରିବାରେ ଜଣେ ଶିକ୍ଷୟିତ୍ରୀ କେବଳ ମୌଖିକରେ ସ୍କୁଲ ନ ଆସିବାକୁ କହିଥିଲେ ପ୍ରଧାନଶିକ୍ଷକ। ଏ ସମ୍ପର୍କରେ ପ୍ରଧାନଶିକ୍ଷକ ଶାନ୍ତିଲାଲ ନନ୍ଦ କହନ୍ତି, ବିନା ଦରଖାସ୍ତରେ ଅନୁପସ୍ଥିତ ଶିକ୍ଷୟିତ୍ରୀଙ୍କ ସିଏଲ ପକାଇ ଯାଇଛି। ବାକି ଶିକ୍ଷକଙ୍କୁ ନିୟମିତ ଭାବେ ନିର୍ଦ୍ଧାରିତ ସମୟରେ ଆସିବାକୁ ତାଗିଦ୍ କରାଯାଇଥିବା ସେ କହିଥିଲେ।

# ସ୍ୱତନ୍ତ୍ର ଶାସନ ସଚିବଙ୍କ ସୁବର୍ଣ୍ଣପୁର ଜିଲା ଗସ୍ତ

**ସୋନପୁର,୧୨।୧୨(ନି.ପ୍ର.)**
ଓଡିଶା ସରକାରଙ୍କ ସ୍ୱତନ୍ତ୍ର ଶାସନ ସଚିବ ତଥା ସୁବର୍ଣ୍ଣପୁର ଜିଲାର ନୋଡାଲ ଅଫିସର ବିଶାଳ ଗଗନ ଗୁରୁବାର ସୁବର୍ଣ୍ଣପୁର ଜିଲା ଗସ୍ତରେ ଆସିଛନ୍ତି। ସେ ଜିଲାକୁ ଦୁଇଦିନିଆ ଗସ୍ତରେ ଆସି ଅପରାହ୍ନରେ ସର୍କିଟ୍ ହାଉସରେ ପହଞ୍ଚିଥିଲେ। ପ୍ରଥମେ ସଚିବ ପାଣିସିଆଲିସ୍ଥିତ ଜିଲା ଭିନ୍ନକ୍ଷମ କଲ୍ୟାଣ ବିଦ୍ୟାଳୟକୁ ଯାଇ ଛାତ୍ରୀଛାତ୍ରଙ୍କ ସହିତ ଆଲୋଚନା କରିଥିଲେ। ପରେ ରୁଗୁଡିପାଲି ଖ ଅଙ୍ଗନୱାଡି କେନ୍ଦ୍ରକୁ ଯାଇ ଗର୍ଭବତୀ ଓ ପ୍ରସୂତି ମହିଳା, ମହିଳା ସ୍ୱୟଂ ସହାୟକ ଗୋଷ୍ଠିର ସଦସ୍ୟ, ମାତୃ କମିଟି ଓ ଯାଞ୍ଚ କମିଟି ସହିତ ଆଲୋଚନା କରିଥିଲେ। ଛତୁଆ, ଅଣ୍ଡା ଓ ପରିପୂରକ ପୁଷ୍ଟିକର ଭୋଜନ ଠିକ୍ ଭାବେ ମିଳୁଛି କି ନାହିଁ ପଚାରି ବୁଝିଥିଲେ। କର୍ମୀ ଗୀତାଞ୍ଜଳି ରଣାଙ୍କ ଉଦ୍ୟମରେ ଏହି ଅଙ୍ଗନୱାଡି କେନ୍ଦ୍ର ଏକ ଆଦର୍ଶ କେନ୍ଦ୍ର। ତେଣୁ କେନ୍ଦ୍ରକୁ ପାନୀୟ ଜଳ ଯୋଗାଣ ନିମନ୍ତେ ବ୍ୟବସ୍ଥା କରିବାକୁ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ସ୍ୱତନ୍ତ୍ର ସଚିବ ନିର୍ଦ୍ଦେଶ ଦେଇଥିଲେ। ସେଠାରୁ ସଚିବ ଉଲୁଣ୍ଡା ବ୍ଲକ ବିଶିପଡା ପଞ୍ଚାୟତ ହଳପୁର ଗ୍ରାମର ଉଠାଜଳସେଚନ ପ୍ରକଳ୍ପକୁ ବୁଲି ଦେଖିଥିଲେ। ପରେ ମିଶନ ଶକ୍ତି ଦ୍ୱାରା ନିମ୍ନା ଗ୍ରାମର ସରସ୍ୱତୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ବୟନ ଶିଳ୍ପ କାର୍ଯ୍ୟ ବୁଲି ଦେଖିଥିଲେ । ସେହିପରି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ବିଶିପଡାର ଛତୁଆ ଉତ୍ପାଦନ କେନ୍ଦ୍ର, ପୋଢଟିକିରା ଗ୍ରାମର ବିଦ୍ୟୁତୀକରଣ କାର୍ଯ୍ୟ, ଗଣ୍ଡାବାହାଲର ପାନୀୟ ଜଳ ପ୍ରକଳ୍ପ ପରିଦର୍ଶନ କରିଥିଲେ। ସନ୍ଧ୍ୟାରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ସଚିବ ଯୋଗ ଦେଇଥିଲେ। ଏଥିରେ ଜିଲାସ୍ତରୀୟ ଅଧିକାରୀ ବୃନ୍ଦ ଉପସ୍ଥିତ ଥିଲେ। ବୈଠକ ପରେ ସହରର ବଡବଜାର କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ଛାତ୍ରାବାସକୁ ଯାଇ ଅନ୍ତେବାସୀଙ୍କ ସହିତ ଆଲୋଚନା କରିଥିଲେ। ସଚିବଙ୍କ ସହିତ ଜିଲାପାଳ ବାନାର୍ଜୀ, ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ସୋନପୁର ବିଡିଓ ରବିନ୍ଦ୍ର ପଟେଲ, ପ୍ରୋଗ୍ରମ ଅଫିସର ଅନିତା ଗୁରୁ, ସିଡିପିଓ ନିବେଦିତା ସରାଫ ପ୍ରମୁଖ ଉପସ୍ଥିତ ଥିଲେ।


ସ୍ୱତନ୍ତ୍ର ସଚିବ ବିଶାଳ ଗଗନ ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରୁଛନ୍ତି ।


ଅଗ୍ନିଶମ କର୍ମଚାରୀ ନିଆଁ ଲିଭାଉଛନ୍ତି।

# ଧାନଗଦାରେ ନିଆଁ ଲଗାଇଦେଲେ ଦୁର୍ବୃତ୍ତ

**୫ ଏକର ଧାନ ଫସଲ ଜଳିଗଲା**

**ଡୁଙ୍ଗୁରିପାଲି, ୧୨।୧୨(ଡି.ଏନ୍.ଏ.)**
ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଶୁଖା ଗ୍ରାମରେ ଜଣେ ଚାଷୀଙ୍କ ଖଳାରେ ଥିବା ଧାନକୁ ନିଆଁ ଲଗାଇ ଦୁର୍ବୃତ୍ତ ପୋଡି ଦେଇଥିବା ଅଭିଯୋଗ ହୋଇଛି। ଚାଷୀ ମନବୋଧ ନାଏକ ତାଙ୍କ ୫ ଏକରରୁ ଉର୍ଦ୍ଧ୍ୱ ଜମିରେ ହୋଇଥିବା ଧାନକୁ ଆଣି ଖଳାରେ ଗଦା କରି ରଖିଥିଲେ। ହେଲେ ଗୁରୁବାର ସକାଳେ ଧାନ ଗଦାରେ ନିଆଁ ଲାଗି ଯାଇଥିବା ଗ୍ରାମବାସୀ ଦେଖିବାକୁ ପାଇ ମନବୋଧଙ୍କୁ ଖବର ଦେଇଥିଲେ। ପରେ ଡୁଙ୍ଗୁରିପାଲି ଦମକଳ ବାହିନୀ ଭାରପ୍ରାପ୍ତ ଅଧିକାରୀ ପ୍ରଭାକର ପଧାନ ଓ ତାଙ୍କର କର୍ମଚାରୀ ଦମକଳ ସହ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ହେଲେ ସେତେବେଳକୁ ତାଙ୍କ ଧାନ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ଏ ନେଇ ମନବୋଧ ଡୁଙ୍ଗୁରିପାଲି ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଛି। ଶୁଖା ଆର୍ ଆଇ ବିଷ୍ଣୁ ପ୍ରସାଦ ପାଲିତ ରାମପୁର ତହସିଲଦାରଙ୍କୁ ରିପୋର୍ଟ ଦେଇଥିବା କହିଛନ୍ତି।

### ଯୁବକ ନିଖୋଜ ଘଟଣା: ଥାନାରେ ଭଉଣୀଙ୍କ ଏତଲା

**କର୍ଲାମୁଣ୍ଡା,୧୨।୧୨(ଡି.ଏନ.ଏ.):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରାଜପୁର ପଞ୍ଚାୟତର ଗୋଇନ୍ଦାମୁଣ୍ଡା ଗ୍ରାମର ଜଣେ ଯୁବକ ନିଖୋଜ ହୋଇଛନ୍ତି। ଏ ନେଇ ମ.ରାମପୁର ଥାନାରେ ନିଖୋଜ ଯୁବକଙ୍କ ଭଉଣୀ ଅଭିଯୋଗ କରିଛନ୍ତି। ସୂଚନା ମତେ ଗୋଇନ୍ଦାମୁଣ୍ଡାର ଭୂପିନ ବାଗ (୩୫) ଗତ ୨୨ ତାରିଖ ରାତିରେ ନିକଟସ୍ଥ ଗାଁ ଭାଲୁପିଆକୁ ନାଟ ଦେଖିବାକୁ ଯାଇଥିଲେ। ସେଠାରୁ ଭୂପିନଙ୍କ ସାବତ ଭାଇ ଓ ସାବତ ମାମୁଁ ଡାକି ନେଇଥିଲେ ବୋଲି ଭୂପିନଙ୍କ ବଡ ଭଉଣୀ ସେବତୀ ଗହୀର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ଭାଇଙ୍କୁ ହୁଏ ତ ହତ୍ୟା କରାଯାଇଥାଇ ପାରେ ବୋଲି ସନ୍ଦେହ କରି ବାପା ସାବତ ଭାଇ, ସାବତ ମା' ଓ ସାବତ ମାମୁଁଙ୍କ ନାମରେ ଅଭିଯୋଗ କରାଯାଇଛି। ଏ ନେଇ ଥାନାରେ ଦଫା ୩୦୨/୩୪ରେ ଏକ ମାମଲା (ନଂ.୧୮୯/୧୯) ରୁଜୁ ହୋଇଛି। ଏ ନେଇ ମ.ରାମପୁର ଥାନା ଅଧିକାରୀ ଉତ୍ତମ କୁମାର ସାହୁଙ୍କୁ ପଚାରିବାରୁ ମାମଲା ରୁଜୁ ହେବା ସହ ଅଭିଯୋଗ ଅନୁସାରେ ସାବତ ମାଁ, ସାବତ ଭାଇ, ସାବତ ମାମୁଁ ଓ ତାଙ୍କ ବାପାଙ୍କୁ ଡାକି ପଚାରାଉଚୁରା କରାଯିବା ସହ ତଦନ୍ତ ଜାରି ରହିଥିବା କହିଛନ୍ତି। ସୂଚନାଯୋଗ୍ୟ ଯେ, ଗତ ୩ ତାରିଖରେ ମ.ରାମପୁର ବ୍ଲକ ନରସିଂହପୁରଠାରେ ଏକ ଅଜଣା ମୃତଦେହ ଦେଖିବାକୁ ମିଳିଥିଲା।

# ବିଜ୍ଞାନ ପ୍ରକଳ୍ପ ପ୍ରସ୍ତୁତି, ଉପସ୍ଥାପନାକୁ ଗୁରୁତ୍ୱ

**ଅମ୍ବାଭୋନା, ୧୨।୧୨ (ଡି.ଏନ.ଏ)**
ଅମ୍ବାଭୋନା ବ୍ଲକସ୍ତରୀୟ ବିଜ୍ଞାନ ମେଳା ଦ୍ୱାରିକାଧିଶ ଉଚ୍ଚ ବିଦ୍ୟାଳୟ ଦ୍ୱାରିଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅମ୍ବାଭୋନା ବ୍ଲକ ଅଧକ୍ଷା ନୀଳ କୁମାରୀ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ସଭାରେ ବିଇଓ ଟେମଲାଲ ଦୁବେ ଅଧକ୍ଷତା କରିଥିଲେ। ଭାରତୀୟ ହସ୍ତତନ୍ତ ଓ ପ୍ରାଦ୍ୟୋଗିକ ସଂସ୍ଥାନ ବରଗଡର ନିର୍ଦ୍ଦେଶକ ଏମ. ଭି ସପତ୍‌ନେକର ମୁଖ୍ୟବକ୍ତା, ଉପାଧକ୍ଷ ଠାକୁରରାମ ପଟେଲ, ଜିଲା ପ୍ରକଳ୍ପ ସଂଯୋଜକ ସୁଶାନ୍ତ କୁମାର ଚୌପଦାର, ପରିଚାଳନା କମିଟି ଅଧକ୍ଷ ପୂର୍ଣ୍ଣାନନ୍ଦ ବଡ଼େଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ଦୁଲାର ସିଂ ପଟେଲ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏଥିରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟସ୍ତରରୁ ୮୬ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିବା ବେଳେ ହାଇସ୍କୁଲସ୍ତରରୁ ୧୮ଟି ଏବଂ ଇନ୍‌ସ୍ପାଇରେସନ୍ ପ୍ରୋଜେକ୍ଟ ଭାବେ ୩ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ପୁରସ୍କାର ବିତରଣୀ ସଭାରେ ବିଇଓ ଟେମଲାଲ ଦୁବେ ଅଧକ୍ଷତା କରିଥିବା ବେଳେ ଏବିଇଓ ଫକୀର ପଧାନ, ସରପଞ୍ଚ କଳ୍ପନା ଜାଲ, ସମିତି ସଭ୍ୟା ଯାଜ୍ଞସେନୀ ବୈଗା ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ରହି କୃତୀ ପ୍ରତିଭାଙ୍କୁ ପୁରସ୍କୃତ କରିଥିଲେ। ଗତବର୍ଷ ରାଜ୍ୟ ବିଜ୍ଞାନ ପ୍ରଦର୍ଶନୀରେ ଭାଗ ନେଇଥିବା ସୁବୀର କୁମାର ପଧାନ ଏବଂ ଗାଇଡ ଶିକ୍ଷକ ଯୋଗେଶ ଚନ୍ଦ୍ର ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସହକାରୀ ଶିକ୍ଷକ ରାଧେଶ୍ୟାମ ବାରିକ ମଞ୍ଚ ପରିଚାଳନା କରିଥିବା ବେଳେ କଳା ଶିକ୍ଷକ ଅକ୍ଷୟ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

**ସୋହେଲା,୧୨।୧୨(ଡି.ଏନ.ଏ):** ସୋହେଲା ବ୍ଲକ କରଣ୍ଡୋଲା ହାଇସ୍କୁଲ ପରିସରରେ ଗୁରୁବାର ବ୍ଲକସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକ ଅଧ୍ୟକ୍ଷ ଜୀବର୍ଦ୍ଧନ ବରିହା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଏହି ମେଳାରେ ସିନିୟର ବିଭାଗରେ ୨୮, ଜୁନିୟର ବିଭାଗରେ ୬୪ ଓ ସବଜୁନିୟର ବିଭାଗରେ ୩୧ ଏହିପରି ମୋଟ ୧୨୩ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏହି ଅବସରରେ ଆୟୋଜିତ ସଭାରେ ବିଇଓ ରାହାସ ବିହାରୀ ବାଗ ସଭାପତିତ୍ୱ କରିଥିଲେ। ପ୍ରାଧ୍ୟାପକ ଡକ୍ଟର ସୌଭାଗ୍ୟ ପଧାନ ମୁଖ୍ୟବକ୍ତା, ଏବିଇଓ ସରୋଜ ଦୀପ ଓ ମନୋହର ଉଟି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମଧୁପୁର ଖ୍ରୀଷ୍ଟଜ୍ୟୋତି ହାଇସ୍କୁଲ ଛାତ୍ରଛାତ୍ରୀ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଉଦଯାପନୀ ଉତ୍ସବରେ ସୋହେଲା ବିଡିଓ ବିଶ୍ୱରଞ୍ଜନ କର ମୁଖ୍ୟଅତିଥି, ଅବସରପ୍ରାପ୍ତ ଶିକ୍ଷକ ଶିବପ୍ରସାଦ ଭୋଇ ମୁଖ୍ୟବକ୍ତା, ସରପଞ୍ଚ ଲୋହିତା ସାହୁ, ପ୍ରଧାନ ଶିକ୍ଷକ ହେମସାଗର ମହାନନ୍ଦ ଏବଂ କୁମରମଣି ଭୁଏ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କ୍ଷୀରୋଦ୍ର ସାହୁ ଓ ଷଡାନନ ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବଳରାମ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।


ବିଜ୍ଞାନ କର୍ମଶାଳାରେ ଅତିଥିଗଣ ପ୍ରକଳ୍ପ ପରିଦର୍ଶନ କରୁଛନ୍ତି।

**ଭଟଲି,୧୨।୧୨ଡି.ଏନ.ଏ.):** ଭଟଲି ବ୍ଲକ ନୂଆଗଡ଼ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ବ୍ଲକ୍‌ସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବିଇଓ ଛତ୍ରପତି ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଜିଲା ପରିଷଦ ସଭ୍ୟ ନିତ୍ୟାନନ୍ଦ ପଧାନ ମୁଖ୍ୟଅତିଥି, ଡା. ସଞ୍ଜୀବ ଦାଶ, ଏବିଇଓ ପ୍ରଫୁଲ୍ଲ କୁମାର ନନ୍ଦ, ବ୍ଲକ ଉପାଧକ୍ଷ ମଦନ ସାହୁ ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୀତାରାମ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ପରେ ପ୍ରଦର୍ଶନୀ ଆରମ୍ଭ ହୋଇଥିଲା। ଏହି ପ୍ରଦର୍ଶନୀରେ ୧୦୮ ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଇଓ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ବରଗଡ଼ ସମଗ୍ର ଶିକ୍ଷା ଅଭିଯାନ ପ୍ରକଳ୍ପ ସଂଯୋଜକ ସୁଶାନ୍ତ କୁମାର ଚୋପଦାର ମୁଖ୍ୟଅତିଥି, ସୌଭାଗ୍ୟ ରଞ୍ଜନ ପଧାନ ମୁଖ୍ୟବକ୍ତା, ଏବିଇଓ ଅରୁଣ କୁମାର ବେହେରା ଏବଂ ନୂଆଗଡ଼ ହାଇସ୍କୁଲର ପ୍ରଧାନଶିକ୍ଷକ ସୁଶୀଲ କୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷକ ମନ୍‌ସି ପାତ୍ର, ପ୍ରକାଶ ସାହୁ ଏବଂ ବୈରାଗୀ ସାହୁ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ବିଜ୍ଞାନର ସଫଳତା ଏବଂ ପ୍ଲାଷ୍ଟିକ ହାଟାଅ ଅଭିଯାନ ସମ୍ପର୍କିତ ଏକ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା।

**ଭେଡ଼େନ, ୧୨।୧୨(ଡ଼ି.ଏନ.ଏ):** ଭେଡ଼େନ ପଞ୍ଚାୟତ ବାଳିକା ହାଇସ୍କୁଲ ପରିସରରେ ଏକ ବିଜ୍ଞାନ କର୍ମଶାଳା ଅନୁଷ୍ଠିତ ହୋଇଛି। ଏହି କର୍ମଶାଳାରେ ବ୍ଲକସ୍ତରୀୟ ବିଜ୍ଞାନ ମେଳାରୁ ଜିଲାସ୍ତରକୁ ମନୋନିତ ହୋଇଥିବା ଏବଂ ଇନସପାୟାର ପ୍ରକଳ୍ପ ପାଇଁ ମନୋନିତ ସମସ୍ତ ଛାତ୍ରୀଛାତ୍ର ଏବଂ ତାଙ୍କ ଗାଇଡ଼୍ ଶିକ୍ଷକ ମାନଙ୍କୁ ବିଜ୍ଞାନ ସାଧନ କର୍ମୀ ସଞ୍ଜୀବ କୁମାର ପ୍ରଧାନ ତାଲିମ ପ୍ରଦାନ କରିଥିଲେ। ପ୍ରଥମ ଥର ପାଇଁ ଜିଲାର ଭେଡ଼େନ ବ୍ଲକରେ ଏପରି କର୍ମଶାଳା ଆୟୋଜିତ ହୋଇଥିବାରୁ ଛାତ୍ରୀଛାତ୍ର ଏବଂ ଶିକ୍ଷକ ମାନଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିଲା। ବିଶେଷ କରି ଏହି କର୍ମଶାଳାରେ ପ୍ରକଳ୍ପ ପ୍ରସ୍ତୁତି, ଉପସ୍ଥାପନା, ସଂକ୍ଷିପ୍ତ ବିବରଣୀ ଲିଖନ ପ୍ରତି ବିଶେଷ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ଭେଡ଼େନ ବିଇଓ ମଛିନ୍ଦ୍ର ମଲିକଙ୍କ ସଭାପତିତ୍ୱରେ ହୋଇଥିବା ଉଦଘାଟନୀ ଉତ୍ସବରେ ଭେଡ଼େନ ନୋଡ଼ାଲ ହାଇସ୍କୁଲର ପ୍ରଧାନ ଶିକ୍ଷକ ରମଣୀ ରଞ୍ଜନ ରାଉତ, ବାଳିକା ହାଇସ୍କୁଲ ପ୍ରଧାନ ଶିକ୍ଷୟତ୍ରୀ ନମିତା ସାହୁ, ଝରାପାଲି ହାଇସ୍କୁଲ ବିଜ୍ଞାନ ଶିକ୍ଷକ ସଞ୍ଜୀବ କୁମାର ପ୍ରଦାନ ପ୍ରମୁଖ ଅତିଥିଭ ଭାବେ ଯୋଗ ଦେଇଥିଲେ। ଶିକ୍ଷକ ଆନନ୍ଦ କର୍ଣ୍ଣ ଅତିଥି ପରିଚୟ ପ୍ରଦାନ ଓ ମୀନକେତନ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।



ସହାନୁଭୂତି ପୂର୍ଣ୍ଣ ସାହାଯ୍ୟ କିମ୍ବା ଉପକାର ଯେତେ ଅଳ୍ପ ହେଲେ ମଧ କେବେହେଲେ ବ୍ୟର୍ଥ ହୁଏ ନାହିଁ।

-ଈଶ୍ୱରଚନ୍ଦ୍ର ବିଦ୍ୟାସାଗର

## ସଂକ୍ଷେପରେ

### ଟିକ୍ରାପଡ଼ାରେ ମହାଲକ୍ଷ୍ମୀ ପୂଜା

**ଟିକ୍ରାପଡା,୧୨।୧୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ଟିକ୍ରାପଡା ମାଉସୀ ମନ୍ଦିରରେ ମାସେ ବ୍ୟାପୀ ଚାଲିଥିବା ମହାଲକ୍ଷ୍ମୀ ପୂଜା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବିନୋଦିନୀ ସ୍ୱାଇଁ, ଈଶ୍ୱର ସ୍ୱାଇଁ, ଚନ୍ଦ୍ରକାନ୍ତ ସ୍ୱାଇଁ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଅକ୍ଷୟ ସୁଆର ପୂଜକ ଦାୟିତ୍ୱ ନିର୍ବାହ କରିଥିଲେ। ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଥିଲା। ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ୩୩ ଦାଦନ ଶ୍ରମିକ ଉଦ୍ଧାର

**କଣ୍ଟାବାଞ୍ଜି, ୧୨।୧୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ତୁରେକେଲା ଥାନା ପୋଲିସ ଗୁରୁବାର ସକାଳୁ ତୁରେକେଲା ରେଳ ଷ୍ଟେଶନରୁ ୩୩ଜଣ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଛି। ଉଦ୍ଧାର ଶ୍ରମିକମାନଙ୍କ ମଧ୍ୟରେ ୧୪ଜଣ ନାବାଳକ, ୯ ମହିଳା ଓ ୧୦ଜଣ ପୁରୁଷ ରହିଛନ୍ତି। ପୋଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୋଲିସ ରେଳ ଷ୍ଟେଶନରେ ଚଢାଉ କରିଥିଲା। ତେବେ ଚଢାଉ ବେଳେ ଦାଦନ ସର୍ଦ୍ଦାର ଫେରାର ହୋଇ ଯାଇଛନ୍ତି। ଉଦ୍ଧାର ଶ୍ରମିକମାନଙ୍କୁ ସେମାନଙ୍କ ଗାଁରେ ପୋଲିସ ଛାଡି ଦେଇଛି।

### ମାନସିକ ରୋଗ ସ୍ୱାସ୍ଥ୍ୟ ଶିବିର

**ଲୋଇସିଂହା,୧୨।୧୨(ଡି.ଏନ.ଏ):** ଲୋଇସିଂହା ବ୍ଲକ ବାଦିମୁଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ମାନସିକ ରୋଗ ଚିହ୍ନଟ ଓ ଚିକିତ୍ସା ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲା ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଅଧିକାରୀ ସୁଖିଶ୍ୟାମ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ଭୀମଭୋଇ ଭେଷଜ ମହାବିଦ୍ୟାଳୟର ସହକାରୀ ପ୍ରଧାପକ ଡାକ୍ତର ଆଶୀର୍ବାଦ ଶତପଥୀ ପଞ୍ଜୀକୃତ ୬୨ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସେଥିରୁ ୫୪ଜଣଙ୍କୁ ମାନସିକ ରୋଗୀଭାବେ ଚିହ୍ନଟ କରାଯାଇଥିଲା। ଚିହ୍ନଟ ରୋଗୀଙ୍କୁ ଔଷଧ ବଣ୍ଟନ ଓ ପରାମର୍ଶ ଦିଆଯାଇଥିଲା ଏହି ଅବସରରେ ସ୍ୱାସ୍ଥ୍ୟ ପ୍ରଦର୍ଶନୀ ଖୋଲାଯାଇ ମାନସିକ ରୋଗ ସମ୍ବନ୍ଧରେ ଲୋକଙ୍କୁ ସଚେତନ କରାଯାଇଥିଲା। ସ୍ଥାନୀୟ ଡାକ୍ତର ଶେଖର ଲାଲ ପଧାନ, ପିଏଚଓ ରମେଶ ସାହୁ, ବିପିଏମ ସନ୍ତୋଷ ଦୋରା, ମଳୟ ନାଗ, ସୁବୋଧ ବିଶ୍ୱାଳ ଓ ସବ୍ୟସାଚୀ ସିଂ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

### ନିର୍ଦ୍ଧାରିତ ସମୟରେ ଶିକ୍ଷକ ସ୍କୁଲ ଆସୁ ନ ଥିବା ଅଭିଯୋଗ

**ଲୋଇସିଂହା,୧୨।୧୨(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କେଉଁଟପାଲି ହାଇସ୍କୁଲର ଶିକ୍ଷୟିତ୍ରୀଶିକ୍ଷକ ନିର୍ଦ୍ଧାରିତ ସମୟରେ ସ୍କୁଲ ଆସୁ ନାହାନ୍ତି। ଏହାକୁ ନେଇ ପରିଚାଳନା ସମିତି ସଭ୍ୟ ଓ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ପରିଚାଳନା ସମିତି ସଭ୍ୟ ସମ୍ପତି ନନ୍ଦଙ୍କ ଅଭିଯୋଗ ମୁତାବକ ଗୁରୁବାର ନିର୍ଦ୍ଧାରିତ ସମୟରେ ଛାତ୍ରୀଛାତ୍ର ସ୍କୁଲ ଆସୁଥିବାବେଳେ ଶିକ୍ଷକ ଓ କର୍ମଚାରୀଙ୍କ ଦେଖା ନ ଥିଲା ଗୁରୁବାର। ଏହାକୁ ନେଇ ନନ୍ଦ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏହାପରେ ପ୍ରଧାନଶିକ୍ଷକ ଓ ଜଣେ ସହକାରୀ ଶିକ୍ଷକ ସ୍କୁଲରେ ପହଞ୍ଚିଥିଲେ। ଏତିକିବେଳକୁ ୧୦ଟା୧୫ ହୋଇଯାଇଥିଲା। କେଉଁ ଷ୍ଟାପ ଛୁଟି ନୋଇଛନ୍ତି କି ବୋଲି ପଚାରିବାରେ ଜଣେ ଶିକ୍ଷୟିତ୍ରୀ କେବଳ ମୌଖିକରେ ସ୍କୁଲ ନ ଆସିବାକୁ କହିଥିଲେ ପ୍ରଧାନଶିକ୍ଷକ। ଏ ସମ୍ପର୍କରେ ପ୍ରଧାନଶିକ୍ଷକ ଶାନ୍ତିଲାଲ ନନ୍ଦ କହନ୍ତି, ବିନା ଦରଖାସ୍ତରେ ଅନୁପସ୍ଥିତ ଶିକ୍ଷୟିତ୍ରୀଙ୍କ ସିଏଲ ପକାଇ ଯାଇଛି। ବାକି ଶିକ୍ଷକଙ୍କୁ ନିୟମିତ ଭାବେ ନିର୍ଦ୍ଧାରିତ ସମୟରେ ଆସିବାକୁ ତାଗିଦ୍ କରାଯାଇଥିବା ସେ କହିଥିଲେ।

ଚାଷୀ-ମିଲର୍ସ ଛକାପଞ୍ଝା

# ମଣ୍ଡିରେ ପଡ଼ି ରହିଛି ୨ହଜାର ପ୍ୟାକେଟ ଧାନ

**ଲୋଇସିଂହା, ୧୨।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଡୁଡୁକାସ୍ଥିତ ଧାନମଣ୍ଡି(ପ୍ୟାକ୍ସ)ରେ ଧାନକିଣାରେ ଅଚଳାବସ୍ଥା ଦେଖାଦେଇଛି। ମିଲର୍ସଙ୍କ ସହ ଚାଷୀଙ୍କ କଟନୀଛଟନୀ ବିବାଦ ତୁଟୁନାହିଁ। ଚାଷୀମାନେ ବିନା କଟନୀରେ ଧାନବିକ୍ରି କରିବାକୁ କହୁଥିବାବେଳେ ମିଲର୍ସ ରାଜି ହେଉ ନ ଥିବାରୁ ମଣ୍ଡିରେ ୫ଦିନ ହେଲା ୨ହଜାର ପ୍ୟାକେଟ ଧାନ ପଡି ରହିଛି। ମିଲର୍ସ ଧାନ ଉଠାଇବା ପାଇଁ ନ ଆସିବାରୁ କେତେକ ଚାଷୀଙ୍କ ଟୋକନ ଲେପ୍ସ ହୋଇଯାଇଥିବା ଅଭିଯୋଗ କରିଛନ୍ତି। । ଏହାକୁ ନେଇ ଗୁରୁବାର ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଖବର ପାଇ ଉପଜିଲାପାଳ, ବ୍ଲକ ସହକାରୀ ଯୋଗାଣ ଅଧିକାରୀ ସୌମ୍ୟ ମହାନନ୍ଦ ଘଟଣାସ୍ଥଳକୁ ଯାଇଥିଲେ ସୁଦ୍ଧା ଆଲୋଚନା ବିଫଳ ହୋଇଥିଲା। ଡୁଡୁକା ପ୍ରାଥମିକ କୃଷି ସମବାୟ ସମିତି ତଥା ଧାନ ମଣ୍ଡି ଗତ ୮ ତାରିଖଠାରୁ ଆରମ୍ଭ ହୋଇଛି। ସମିତି ଅଧୀନ ୧୬ଜଣ ଚାଷୀଙ୍କ ଟୋକନ ଆସିଲା ପରେ ବିକ୍ରି ପାଇଁ ମଣ୍ଡିକୁ ଧାନ ଆଣିଥିଲେ। ହେଲେ ଧାନ ଉଠାଇବାକୁ ଥିବା ମିଲର୍ସ ୩ କେଜି ଧାନ କାଟିବାକୁ କହିଥିଲେ। ହେଲେ ଚାଷୀମାନେ ଏଥର ଭଲ ଅମଳ ହୋଇଥିବାରୁ ବିନା କଟନୀରେ ଧାନ ନେବାକୁ କହିଥିଲେ। ଚାଷୀ ଓ ମିଲର୍ସର ଛକାପଞ୍ଝା ଲାଗି ରହିବାରୁ ଧାନ କିଣା ହୋଇପାରିନାହିଁ। ୫ ଦିନ ହେଲା ଚାଷୀମାନେ ଶୀତକାକର ରାତିରେ ମଣ୍ଡିରେ ପଡି ରହିଛନ୍ତି। ଅପରାହ୍ନରେ ଉପଜିଲାପାଳ ସଞ୍ଜୟ ମିଶ୍ର ମଣ୍ଡିକୁ ଯାଇ ଚାଷୀଙ୍କ ସହ ଆଲୋଚନା କରିଥିଲେ। ମିଲର୍ସ ଆସୁ ନ ଥିବାରୁ ଧାନକିଣା ହୋଇପାରୁ ନ ଥିବା ସମ୍ପାଦକ ରାଧାକାନ୍ତ ସାହୁ ଉପଜିଲାପାଳଙ୍କୁ ଜଣାଇଥିଲେ। ମିଲର୍ସ ନ ଆସିଲେ ପ୍ୟାକ୍ସ ଧାନ କିଣୁ ବୋଲି ଉପଜିଲାପଳ ସମ୍ପାଦକଙ୍କୁ ପରାମର୍ଶ ଦେଇଥିଲେ। ହେଲେ ଏଥିରେ ପ୍ୟାକ୍ସ କର୍ମଚାରୀ ସହମତ ହୋଇ ପାରି ନ ଥିଲେ। ସନ୍ଧ୍ୟାରେ ବିଧାୟକ ମୁକେଶ ମହାଲିଙ୍ଗ ମଣ୍ଡିରେ ପହଞ୍ଚି ଚାଷୀଙ୍କଠାରୁ ଘଟଣା ସଂକ୍ରାନ୍ତରେ ପଚାରି ବୁଝିଥିଲେ। ଧାନକିଣାରେ ମିଲର୍ସ ଅସହଯୋଗ କରୁଥିବାରୁ ରାସ୍ତାରୋକୋ କରିବେ ବୋଲି ଚାଷୀମାନେ ବିଧାୟକଙ୍କୁ ଜଣାଇଥିଲେ।



ଡୁଡୁକା ମଣ୍ଡିରେ ଧାନବିକ୍ରି ଅପେକ୍ଷାରେ ଥିବା ଚାଷୀମାନେ।

### ନାଗରିକ କମିଟି ପକ୍ଷରୁ ବିଧାୟକଙ୍କୁ ସମ୍ବର୍ଦ୍ଧନା

**ଲୋଇସିଂହା,୧୨।୧୨(ଡି.ଏନ.ଏ.)**

ଲୋଇସିଂହା ଜମିଦାରଙ୍କ ରାଜବାଟିରେ ବିଶ୍ୱକଲ୍ୟାଣ ନାଗରିକ କିମିଟି ପକ୍ଷରୁ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବିଧାୟକ ମୁକେଶ ମହାଲିଙ୍ଗଙ୍କୁ ନାଗରିକ କମିଟି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାରେ କାର୍ଯ୍ୟକାରୀ ସଭାପତି ଶ୍ୟାମସୁନ୍ଦର ଭୋଇ ଅଧ୍ୟକ୍ଷତ କରିଥିଲେ। ସମ୍ପାଦକ ପ୍ରଶାସନ ବେହେରା ଉତ୍ସବକୁ ସଂଯୋଜନା କରି କମିଟି ଗଠନର ଉଦ୍ଦେଶ୍ୟ, କାର୍ଯ୍ୟଧାରା ଓ ଭବିଷ୍ୟତ କାର୍ଯ୍ୟ ପନ୍ଥା ଉପରେ ଅବଗତ କରିଥିଲେ। ନାଗରିକ କମିଟିର ଦାବି ଓ ଅଞ୍ଚଳର ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ସମନ୍ୱୟରେ କାର୍ଯ୍ୟ କରିବାକୁ ବିଧାୟକ ସମ୍ବର୍ଦ୍ଧନା ଉତ୍ତରରେ କହିଥିଲେ। ଉତ୍ସବରେ କମିଟିର ସଦସ୍ୟ ଇନ୍ଦ୍ରମଣୀ ପାତ୍ର, ରାଜେଶ ବାବୁ, କବି ରାଏ, ଓମପ୍ରକାଶ ସାହୁ, ଇନ୍ଦ୍ରମଣୀ ବାରିକ, ଲାଲମନ ନାଗ,ସୁରେଶ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

## ଶିକ୍ଷକ ପଦବୀ ପୂରଣ ଲାଗି ଜିଲାପାଳଙ୍କୁ ଦାବିପତ୍ର

**ଲୋଇସିଂହା,୧୨।୧୨(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଦୁମଦୁମି ଆଦିବାସୀ ସେବାଶ୍ରମ ସ୍କୁଲରେ ଶିକ୍ଷକ ଅଭାବରୁ ଶିକ୍ଷାଦାନ ବିପର୍ଯ୍ୟସ୍ତ ହୋଇ ପଡିଛି। ବିଦ୍ୟାଳୟରେ ଆବଶ୍ୟକ ଶିକ୍ଷକ ପଦବୀ ପୂରଣ ଦାବିରେ ମାହେଶ୍ୱରୀ ସଂଗଠନ ପକ୍ଷରୁ ଜିଲାପାଳ ଅରିନ୍ଦମ ଡାକୁଆ ଓ ଡିଡବ୍ଲ୍ୟୁଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଶୀଘ୍ର ଶିକ୍ଷକନିଯୁକ୍ତି ବ୍ୟବସ୍ଥା କରାଯିବ ବୋଲି ଜିଲାପାଳ କଥା ଦେଇଥିବା ସଂଗଠନ ପକ୍ଷରୁ କୁହାଯାଇଛି। ଦୁମଦୁମି ସେବାଶ୍ରମ ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୨୬୮ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଶିକ୍ଷାଦାନ ପାଇଁ ପ୍ରଧାନଶିକ୍ଷକଙ୍କ ସମେତ ୪ଜଣ ଶିକ୍ଷକ ନିୟୋଜିତ ଅଛନ୍ତି। ଗତ ୯ ତାରିଖ ଧରିତ୍ରୀରେ ସେବାଶ୍ରମ ସ୍କୁଲର ଅବ୍ୟବସ୍ଥା ସଂକ୍ରାନ୍ତ ଖବର ପ୍ରକାଶ ପାଇଥିଲା। ଏହି ଖବରକୁ ଆଧାର କରି ମାହେଶ୍ୱର ସଂଗଠନର ଦେବାଶିଷ ବିଷୋଇ, ଶୋଭନ କୁମାର ଅଗ୍ରୱାଲ, ପ୍ରୀତିଶ ସାହୁ ଓ ରାଜୀବଲେଶ୍ୱର ନନ୍ଦ, ସାହିଲ ସିଂ ଗଡତ୍ୟା ପ୍ରମୁଖ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।



ମାହେଶ୍ୱରୀ ସଂଗଠନ କର୍ମକର୍ତ୍ତା ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

## ଶିଶୁ ଉଦ୍ୟାନ ଉଦ୍‌ଘାଟିତ

**କଣ୍ଟାବାଞ୍ଜି, ୧୨।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଏନଏସି ପକ୍ଷରୁ ବିର୍ଣ୍ଣା ରାସ୍ତାରେ ଏକ ଶିଶୁ ଉଦ୍ୟାନ ଗୁରୁବାର ଉଦ୍‌ଘାଟିତ ହୋଇଛି। ଏହି ପର୍କା ନିର୍ମାଣରେ ୨୩ ଲକ୍ଷ ୭୫ ହଜାର ଟଙ୍କା ବ୍ୟୟ କରାଯାଇଛି। ଉଦ୍‌ଘାଟନୀ ଉତ୍ସବରେ ସ୍ଥାନୀୟ ବିଧାୟକ ସନ୍ତୋଷ ସିଂ ସାଲୁଜା ମୁଖ୍ୟ ଅତିଥି, ସମ୍ମାନୀତ ଅତିଥିଭାବେ ଏନଏସି ପ୍ରଶାସକ ତଥା ଟିଟିଲାଗଡ ଉପଜିଲାପାଳ ସୁଧାକର ନାୟକ, କଣ୍ଟାବାଞ୍ଜି ତହସିଲଦାର ଅଶୋକ କୁମାର ମାଝୀ ଉପସ୍ଥିତ ଥିଲେ। ଏନଏସି ନିର୍ବାହୀ ଅଧିକାରୀ ବିଷ୍ଣୁପ୍ରିୟା ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାକୁ ମ୍ୟୁନିସିପାଲ ଇଞ୍ଜିନିୟର ଅଶୋକ କୁମାର ପଟ୍ଟନାୟକ ପରିଚାଳନା କରିଥିଲେ। ଆଗାମୀ ଦିନରେ ଶିଶୁ ଉଦ୍ୟାନକୁ ଅଧିକ ଆକର୍ଷଣୀୟ କରିବା ପାଇଁ ପଦକ୍ଷେପ ନିଆଯିବ ବୋଲି ବିଧାୟକ ସାଲୁଜା ଏବଂ ପ୍ରଶାସନିକ ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ।



ଶିଶୁ ଉଦ୍ୟାନ ଉଦ୍‌ଘାଟନୀ ଅବସରରେ ବିଧାୟକ ସନ୍ତୋଷ ସିଂ ସାଲୁଜା ଓ ପ୍ରଶାସନିକ ଅଧିକାରୀମାନେ।

### ଗୋଦାମରୁ କେନ୍ଦୁପତ୍ର ଚୋରି ଘଟଣା

## ଦୁଇ ବିଭାଗୀୟ କର୍ମଚାରୀ ନିଲମ୍ବିତ

**ସଇଁତଳା, ୧୨।୧୨(ଡି.ଏନ.ଏ.)**

ସଇଁତଳା ଥାନା ବେଲଗାଁ କେନ୍ଦୁପତ୍ର ଗୋଦାମରୁ ଗତ ୭ତାରିଖ ରାତିରେ ୫୬ବସ୍ତା କେନ୍ଦୁପତ୍ର ଚୋରି ଘଟଣାରେ ୨ଜଣ ବିଭାଗୀୟ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଛି। ସେମାନେ ହେଲେ ଫରେଷ୍ଟର ଦୁଷ୍ମନ୍ତ ବିଶି ଓ ରାତ୍ର ଜଗୁଆଳି ମୋତିରାମ ଭୋଇ। ଗୋଦାମରୁ ଚୋରି କେନ୍ଦୁପତ୍ରର ବଜାର ମୂଲ୍ୟ ପ୍ରାୟ ୮ଲକ୍ଷ ଟଙ୍କା ହେବ। ଚୋରି ସମ୍ପର୍କରେ ବେଲଗାଁ ରେଞ୍ଜର ସନୋଜ ନାଏକ ସ୍ଥାନୀୟ ଫାଣ୍ଡିରେ ଅଭିଯୋଗ କରିଥିଲେ। ବେଲଗାଁଠାରେ ଥିବା କେନ୍ଦ୍ରୀୟ ଗୋଦାମ ଚାରିପଟରେ ଉଚ୍ଚ ବାଡ଼ ଥିବାବେଳେ ସେଠାରେ ଚାରିଜଣ ରାତ୍ର ଜଗୁଆଳି ଉପସ୍ଥିତ ଥିଲେ। କେନ୍ଦୁପତ୍ର ବିଭାଗ କର୍ମକର୍ତ୍ତାଙ୍କ କହିବା ଅନୁସାରେ ଚୋରିହୋଇଥିବା ଗୋଦାମରୁ ଚୋରମାନେ ବାଡ଼ ଡ଼ିଆଇଁ ପ୍ରାୟ ୧୦୦ମିଟର ଦୂରରେ ଥିବା ଏକ ଟ୍ରକରେ ବସ୍ତା ଗୁଡ଼ିକ ଲଦି ନେଇଯାଇଛନ୍ତି।

## ସହାୟକ ଉପକରଣ ଚିହ୍ନଟ ଶିବିର

**ଲୋଇସିଂହା,୧୨।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଶିକ୍ଷା ବିଭାଗ ଓ ଲୋଇସିଂହା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ ସ୍କୁଲରେ ପଢୁଥିବା ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କୁ ସହାୟକ ଉପକରଣ ଚିହ୍ନଟ ଶିବର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୧୪୯ଜଣ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରି ଚିହ୍ନଟ ହୋଇଥିଲେ। ଚିହ୍ନଟ ଛାତ୍ରୀଛାତ୍ରମାନଙ୍କୁ ପରବର୍ତ୍ତି ସମୟରେ ଶିକ୍ଷାବିଭାଗ ପକ୍ଷରୁ ସହାୟକ ଉପକରଣ ପ୍ରଦାନ କରାଯିବ ବୋଲି କୁହଯାଇଥିଲା। ଶିବିରକୁ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୀନା ବେହେରା ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମକୁ ସମସ୍ତ ସିଆରସିସି ଓ ଷ୍ଟାପ ପରିଚାଳନା କରିଥିଲେ।

### ପୌରାଞ୍ଚଳର ୨୧ନମ୍ବର ୱାର୍ଡ ବୁଲିଲେ ନରସିଂହ

## ୱାର୍ଡ ବୁଲିଲେ, ସମସ୍ୟା ଶୁଣିଲେ

**ବଲାଙ୍ଗୀର ଅଫିସ,୧୨।୧୨**

ବଲାଙ୍ଗୀର ପୌରାଞ୍ଚଳର ୨୧ନମ୍ବର ୱାର୍ଡରେ ଗୁରୁବାର ବିଧାୟକ ନରସିଂହ ମିଶ୍ର ପରିଦର୍ଶନ କରି ପଡାବାସୀଙ୍କ ସମସ୍ୟା ଶୁଣିଥିଲେ। ଆଲୋଚନା ସମୟରେ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ବିପିନ୍ ଦୀପ, ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ମନୋଜ କୁମାର ମହାନନ୍ଦ ଓ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ପୂର୍ବତନ କାଉନସିଲର ମିଳନୀ ସାହୁ ଓ ବହୁ ଅଧିବାସୀ ବିଧାୟକ ମିଶ୍ରଙ୍କୁ ସେ ଅଞ୍ଚଳର ବିଭିନ୍ନ ସମସ୍ୟା ଉପରେ ଅବଗତ କରିଥିଲେ। ବୃହତ୍ ୱାର୍ଡ ହୋଇଥିବାରୁ ସେଠାକାର ସମସ୍ତ ଅଞ୍ଚଳକୁ ବିଜୁଳି ସଂଯୋଗ ପାଇଁ ଖୁଣ୍ଟ ତଥା ଲାଇଟ ଲଗାଇବାକୁ ଲୋକେ ଦାବି କରିଥିଲେ। ବିଭିନ୍ନ ସ୍ଥାନରେ ଲୋକଙ୍କ ଏଭଳି ଅଭିଯୋଗକୁ ନେଇ ଉପସ୍ଥିତ ପୌର ଅଧିକାରୀ ଓ ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କୁ ଲାଇଟ୍ ଓ ଖୁଣ୍ଟ ବ୍ୟବସ୍ଥା ଶୀଘ୍ର କରିବାକୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ଏହି ୱାର୍ଡର ୩ଟି ରାସ୍ତା ଏବେ ପୌରପାଳିକା ଅଧିନରେ ରହିଛି। ତାକୁ ଶୀଘ୍ର ପୂର୍ତ୍ତ ବିଭାଗ ଅଧିନକୁ ନେଇ ଉଚ୍ଚମାନର ରାସ୍ତା ଓ ଡ୍ରେନ ନିର୍ମାଣ ପାଇଁ ଆନୁସଙ୍ଗିକ ବ୍ୟବସ୍ଥା କରିବାକୁ ପୂର୍ତ୍ତବିଭାଗ ଯନ୍ତ୍ରୀଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ଅଗଷ୍ଟ ମାସର ବନ୍ୟା ଓ ବର୍ଷାରେ କ୍ଷତିଗ୍ରସ୍ତଙ୍କୁ ଆବାସ ଯୋଜନାରେ ଘର ଓ ସହାୟତା ଯୋଗାଇ ଦେବାକୁ ସେ କହିଥିଲେ। ଯେଉଁମାନେ ଭତ୍ତା ପାଉ ନାହାନ୍ତି, ରାଶନ କାର୍ଡ ନାହିଁ ସେମାନଙ୍କ ତାଲିକା ପ୍ରସ୍ତୁତ କରି ଯେଭଳି ଜନକଲ୍ୟାଣକାରୀ ଯୋଜନାରୁ ଲାଗ ପାଇପାରିବେ ସେଦିଗରେ ପଦକ୍ଷେପ ନେବେ ବୋଲି ବିଧାୟକ ମିଶ୍ର ପ୍ରତିଶ୍ରୁତି ଦେଇଥିଲେ। ଶାସ୍ତ୍ରୀନଗର ଅଞ୍ଚଳର ମଧ ଲୋକଙ୍କ ସମସ୍ୟା ଶୁଣିବା ପରେ ସେଠାକାର ରାସ୍ତା ତିଆରି ପାଇଁ ପ୍ରତିଶ୍ରୁତି ଦେଇଥିଲେ।



ବିଧାୟକ ନରସିଂହ ମିଶ୍ର ବଲାଙ୍ଗୀର ପୌରାଞ୍ଚଳର ୱାର୍ଡ ନମ୍ବର ୨୧ ପରିଦର୍ଶନ କରୁଛନ୍ତି।

## ତହସିଲଦାରଙ୍କ ନୋଟିସ୍‌କୁ ବିରୋଧ କରି ଧାରଣା

**ବଲାଙ୍ଗୀର ଅଫିସ,୧୨।୧୨**

ତହସିଲଦାରଙ୍କ ନୋଟିସ୍‌କୁ ବିରୋଧ କରି ଲୋଇସିଂହା ତହସିଲ ଅନ୍ତର୍ଗତ ଯୋଗୀସର୍ଡା ଗ୍ରାମର ଚନ୍ଦ୍ରକାନ୍ତି ନାଗ ନାମକ ଜଣେ ମହିଳା ତାଙ୍କ ସନ୍ତାନ ସନ୍ତତି ଓ ସମ୍ପର୍କୀୟଙ୍କ ସହ ବଲାଙ୍ଗୀର ଉପଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟକାଳୀନ ଧାରଣାରେ ବସିଛନ୍ତି। ଧାରଣାରେ ବସିଥିବା ଚନ୍ଦ୍ରକାନ୍ତିଙ୍କ ସ୍ୱାମୀ ସୁନୀଲ କୁମାର ନାଗ ଦାଦନ ଶ୍ରମିକ ଭାବେ ତାମିଲନାଡୁକୁ କାମ କରିବାକୁ ଯାଇଛନ୍ତି। ଗତ ନଭେମ୍ବର ୧୪ ତାରିଖ ଦିନ ଲୋଇସିଂହା ତହସିଲ ଅଫିସରୁ ଯୋଗୀସର୍ଡାରେ ଘର କରିଥିବା ଜମିକୁ ତୁରନ୍ତ ଖାଲି କରିବା ପାଇଁ ଚନ୍ଦ୍ରକାନ୍ତିଙ୍କୁ ତହସିଲଦାର ନୋଟିସ ଦେଇଛନ୍ତି। ଏହାକୁ ବିରୋଧ କରି ଚନ୍ଦ୍ରକାନ୍ତି ଓ ପରିବାର ଲୋକେ ଧାରଣାରେ ବସିଛନ୍ତି। ଦୀର୍ଘ ୩୦ ବର୍ଷ ହେଲା ଚନ୍ଦ୍ରକାନ୍ତିଙ୍କ ପରିବାର ଉକ୍ତ ଜମିରେ ଘର କରି ରହୁଥିବା ସୂଚନା ଦେଇଛନ୍ତି। ଉକ୍ତ ଜମିକୁ ସରକାରୀ ଜମି ଦର୍ଶାଇ ନୋଟିସର ୩୦ ଦିନ ମଧ୍ୟରେ ଛାଡିଦେବା ପାଇଁ ନୋଟିସରେ ଉଲ୍ଲେଖ କରାଯାଇଛି। ତୁରନ୍ତ ତାଙ୍କୁ ନ୍ୟାୟ ପ୍ରଦାନ କରି ତାଙ୍କ ଉକ୍ତ ଜମିରେ ସ୍ଥାୟୀ ଭାବେ ଥଇଥାନ କରିବାକୁ ସେ ଦାବି ଜଣାଇଛନ୍ତି। ତାଙ୍କ ନାଁରେ ୨୦୧୫ରେ ଜବରଦଖଲ ମାମଲା ରୁଜୁ ହୋଇଥିବା ସେ ସୂଚନା ଦେଇଛନ୍ତି। ଗୁରୁବାର ସନ୍ଧ୍ୟାରେ ଚନ୍ଦ୍ରକାନ୍ତି ଘରକୁ ଫେରିବା ସହ ଶୁକ୍ରବାର ସକାଳୁ ପୁଣି ଥରେ ଉପଜିଲାପାଳ ଅଫିସ ସମ୍ମୁଖରେ ଧାରଣାରେ ବସିବେ ବୋଲି କହିଛନ୍ତି। ଏହି ଧାରଣାକୁ ସମର୍ଥନ ଜଣାଇ ଭିଲେଜର୍ସ ଇଣ୍ଡିଆ ପାର୍ଟି ସଭାପତି ଡ ବିପିନ୍ କୁଶଳିଆ ମଧ ସେଠାରେ ବସିଥିଲେ।



ଯୋଗୀସର୍ଡାର ଚନ୍ଦ୍ରକାନ୍ତି ନାଗ ଓ ପରିବାର ଲୋକେ ବଲାଙ୍ଗୀର ଉପଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ଧାରଣାରେ ବସିଛନ୍ତି।

## ଜିଲାସ୍ତରୀୟ ବିଜ୍ଞାନମେଳା ଉଦ୍‌ଘାଟିତ

**ବେଲପଡା, ୧୨।୧୨(ଡି.ଏନ.ଏ.)**

ବେଲପଡା ଡିଆର ମେହେର ହାଇସ୍କୁଲରେ ଜିଲାସ୍ତରୀୟ ବିଜ୍ଞାନ ମେଳା ଓ ହାଇସ୍କୁଲର ବାର୍ଷିକ ଉତ୍ସବ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧ୍ୟକ୍ଷ ସୁବାଷ ଚୌହାନ, ମୁଖ୍ୟବକ୍ତା ସତ୍ୟବ୍ରତ ମିଶ୍ର, ସମ୍ମାନିତ ଅତିଥି ବିଧାୟକ ସରୋଜ ମେହେର, ନବୋଦୟ ବିଦ୍ୟାଳୟ ଅଧ୍ୟକ୍ଷ ଓ ମଣି କଣ୍ଠନମ, ଜିଲା ବିଜ୍ଞାନ ତତ୍ତ୍ୱାବଧାରକ ନୀଳମଣି ପଟେଲ, ସରପଞ୍ଚ ମହାଦେବ ମେହେର, ସମିତି ସଭ୍ୟ ଆଲୋକ ବେହେରା ଯୋଗଦେଇଥିଲେ। ପ୍ରଧାନଶିକ୍ଷକ ଚିତ୍ତ ରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱ ଓ ଶିକ୍ଷକ ପଦ୍ମନାଭ ପାଣିଗ୍ରାହୀଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଚୌହାନ ସମାଜର କଲ୍ୟାଣରେ ବିଜ୍ଞାନର ଉପଯୋଗ ସହ ପରିବେଶର ସୁରକ୍ଷା ପାଇଁ ଛାତ୍ରୀଛାତ୍ର କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ପରେ ବାର୍ଷିକ ଉତ୍ସବ ପାଇଁ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବକୁ ଶିକ୍ଷୟିତ୍ରୀ ପ୍ରିୟଙ୍କା ପଧାନ ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗୀତାର କୃତୀମାନଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲେ।




ବିଜ୍ଞାନ ମେଳାର ଉଦ୍‌ଘାଯନୀ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

### ୩ରୁ ବଲାଙ୍ଗୀର ଲୋକ ଉତ୍ସବ

## ସାଂସ୍କୃତିକ, ମଞ୍ଚ କମିଟି ଯୁଗ୍ମ ବୈଠକ ବସିଲା

**ବଲାଙ୍ଗୀର ଅଫିସ,୧୨।୧୨**

ଆସନ୍ତା ଜାନୁୟାରୀ ୩ ତାରିଖରୁ ୪ ଦିନ ବ୍ୟାପୀ ବଲାଙ୍ଗୀର ଲୋକଉତ୍ସବ ଅନୁଷ୍ଠିତ ହେବ। ଏଥି ସକାଶେ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହିକ୍ରମରେ ଗୁରୁବାର ଜିଲା ସଂସ୍କୃତି ଭବନଠାରେ ଜିଲା ସଂସ୍କୃତି ଅଧିକାରୀ ତଥା ଲୋକଉତ୍ସବ କମିଟି ସମ୍ପାଦକ ବିଜୟ କୁମାର ଶତପଥୀଙ୍କ ଅଧକ୍ଷତାରେ ସାଂସ୍କୃତିକ କମିଟି ଓ ମଞ୍ଚ କମିଟିର ଏକ ଯୁଗ୍ମ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯାଇ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ମାନ ନିଆଯାଇଛି। ମଞ୍ଚ ଓ ସାଂସ୍କୃତିକ କମିଟି ମଧ୍ୟରେ ଉତ୍ତମ ବୁଝାମଣା ରକ୍ଷା କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଆସନ୍ତା ୧୭ ତାରିଖରେ ପାଟଣାଗଡ ଓ ୨୦ ତାରିଖରେ ଟିଟିଲାଗଡଠାରେ ଉପଖଣ୍ଡସ୍ତରୀୟ ଲୋକଉତ୍ସବ ଅନୁଷ୍ଠିତ ହେବ। ଏଥିରେ ଜିଲାସ୍ତରରୁ ପର୍ଯ୍ୟବେକ୍ଷକମାନେ ଯୋଗଦେବେ। ପାଟଣାଗଡ ପାଇଁ ପର୍ଯ୍ୟବେକ୍ଷକ ଭାବେ ସାଂସ୍କୃତିକ କମିଟି ସଭ୍ୟ ବାସୁଦେବ ସା, ବ୍ରହ୍ମାନନ୍ଦ ବନଛୋର, ଅଭ୍ୟର୍ଥନା କମିଟି ସହଅଧକ୍ଷ ସତ୍ୟସୁନ୍ଦର ଭଞ୍ଜ ଓ ପ୍ରଚାର ପ୍ରସାର କମିଟି ସହଅଧକ୍ଷ ଚିତ୍ତରଞ୍ଜନ ମିଶ୍ର ଯୋଗଦେବେ। ଟିଟିଲାଗଡ ଲୋକ ଉତ୍ସବରେ ପର୍ଯ୍ୟବେକ୍ଷକଭାବେ ସାଂସ୍କୃତିକ କମିଟି ବରିଷ୍ଠ ସଭ୍ୟ ଗୁରୁଶ୍ରୀ ଡ.ଘାସିରାମ ମିଶ୍ର, ସାଂସ୍କୃତିକ କମିଟି ସହଅଧକ୍ଷ କୁନା ବାଗ, ସଭ୍ୟା ଶ୍ରୀରାଧା ଓ ଦେବଦତ୍ତ ପଟ୍ଟନାୟକ ଯୋଗଦେବେ। ସଭାରେ ବିଭିନ୍ନ ପ୍ରତିଯୋଗୀତା ପାଇଁ ବିଚାରକମାନଙ୍କ ନାମ ସ୍ଥିରୀକୃତ ହୋଇଛି। ଜିଲା ତଥା ଜିଲା ବାହାରୁ ଭାଗ ନେଉଥିବା ସାଂସ୍କୃତିକ ଦଳମାନେ ଯଥେଷ୍ଟ ପୂର୍ବରୁ ସେମାନଙ୍କର କଳାକାର ତାଲିକା ଅଭ୍ୟର୍ଥନା କମିଟି ନିକଟରେ ଦାଖଲ କରିବାକୁ ଅନୁରୋଧ କରାଯାଇଛି। କଳାକାରମାନଙ୍କ ପଞ୍ଜୀକରଣ କିଭଳି ସୁଚାରୁ ରୂପେ ହୋଇପାରିବ ଏବଂ ସମସ୍ତ କଳାକାର ସେମାନଙ୍କ ପ୍ରଦର୍ଶନ ପ୍ରମାଣ ପତ୍ର ଉପଯୁକ୍ତ ଭାବେ ପାଇପାରିବେ ସେଥିପାଇଁ ସାଂସ୍କୃତିକ କମିଟି ସଭ୍ୟ ଦେବାଶିଷ ମିଶ୍ରଙ୍କୁ ଦାୟିତ୍ୱ ଦିଆଯାଇଛି।

### ୧୭ରେ ହେବ ଲୋକଉତ୍ସବ ଉଦ୍‌ଘୋଷକ ଚୟନ

ଆସନ୍ତା ୧୭ ତାରିଖ ବଲାଙ୍ଗୀର ଲୋକଉତ୍ସବ ପାଇଁ ଉଦ୍‌ଘୋଷକ ଓ ଉଦ୍‌ଘୋଷିକା ଚୟନ କରାଯିବ ବୋଲି ସୂଚନା ଦିଆଯାଇଛି। ଲୋକଉତ୍ସବ ସାଧାରଣ ପରିଷଦ ନିଷ୍ପତ୍ତି କ୍ରମେ ୧୦ ଜଣ ଉଦ୍‌ଘୋଷକ ଓ ଉଦ୍‌ଘୋଷିକା ଚୟନ କରାଯିବ। ଚୟନ ପାଇଁ କେତେକ ନିର୍ଦ୍ଦିଷ୍ଟ ନିୟମ କରାଯାଇଛି। କୋସଲୀ ଭାଷା ଉପରେ ଜ୍ଞାନ ଥିବା ସହିତ ତତ୍‌କ୍ଷଣାତ କୌଣସି ବିଷୟରେ ବର୍ଣ୍ଣନା କରିପାରୁଥିବା ବ୍ୟକ୍ତିଙ୍କୁ ବଛାଯିବ ବୋଲି ନିଷ୍ପତ୍ତି ହୋଇଛି। ଏହି ଚୟନ ପ୍ରକ୍ରିୟାରେ ୧୭ ତାରିଖ ଅପରାହ୍ଣ ସାଢ଼େ ୨ଟାରେ ଜିଲା ସଂସ୍କୃତି ଭବନଠାରେ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି। ଏସମ୍ପର୍କରେ ଅଧିକ ଜାଣିବା ପାଇଁ ଜିଲା ସଂସ୍କୃତି ଅଧିକାରୀ ଶତପଥୀ, ମଞ୍ଚ କମିଟି ସହସଂଯୋଜକ ଜ୍ୟୋତି ରଞ୍ଜନ ପାଣିଗ୍ରାହୀ ଓ ସାଂସ୍କୃତିକ କମିଟି ସହସଂଯୋଜକ କୁନା ବାଗଙ୍କ ସହ ଯୋଗଯୋଗ କରିପାରିବେ ବୋଲି କୁହାଯାଇଛି।

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୧୩ ଡିସେମ୍ବର, ୨୦୧୯



ସତ୍ୟ, ଶାନ୍ତି, ଦୟା, କ୍ଷମା, ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
- ଶ୍ରୀ ଅଭିରାମ ପରମହଂସ



## ସଂକ୍ଷେପରେ

### ଅଜଣା ଗାଡ଼ି ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

ଜୁନାଗଡ଼,୧୨।୧୨(ଡି.ଏନ.ଏ.)- କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ମେରିଆବନ୍ଧଲି ଛକ ୨୬ ନଂ. ଜାତୀୟ ରାଜପଥ ଉପରେ ବୁଧବାର ବିଳମ୍ବିତ ରାତିରେ ଅଜଣା ଗାଡି ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତ ବୃଦ୍ଧ ଜଣକ ହେଲେ ମେରିଆବନ୍ଧଲି ଗ୍ରାମର ଅଖିଳ ନାଏକ (୫୫) । ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଅଖିଳ ବୁଧବାର ରାତି ୧୦ଟାରେ ଜୁନାଗଡରୁ କାମ ସାରି ସାଇକେଲରେ ଘରକୁ ଫେରୁଥିବାବେଳେ ବାଟରେ ମେରିଆବନ୍ଧଲି ଛକଠାରେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା। ଗୁରୁବାର ଶବ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା। ଏ ନେଇ ଜୁନାଗଡ ଥାନାରେ ଏକ ମାମଲା ରୁଜୁ ହୋଇଛି।

### ଯୁବକ ନିଖୋଜ ଘଟଣା: ଥାନାରେ ଭଉଣୀଙ୍କ ଏତଲା

କର୍ଲାମୁଣ୍ଡା,୧୨।୧୨(ଡି.ଏନ.ଏ.): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରାଜପୁର ପଞ୍ଚାୟତର ଗୋଇନ୍ଦାମୁଣ୍ଡା ଗ୍ରାମର ଜଣେ ଯୁବକ ନିଖୋଜ ହୋଇଛନ୍ତି। ଏ ନେଇ ମ.ରାମପୁର ଥାନାରେ ନିଖୋଜ ଯୁବକଙ୍କ ଭଉଣୀ ଅଭିଯୋଗ କରିଛନ୍ତି। ସୂଚନା ମତେ ଗୋଇନ୍ଦାମୁଣ୍ଡାର ଭୂପିନ ବାଗ (୩୫) ଗତ ୨୨ ତାରିଖ ରାତିରେ ନିକଟସ୍ଥ ଗାଁ ଭାଲୁପିଆକୁ ନାଟ ଦେଖିବାକୁ ଯାଇଥିଲେ। ସେଠାରୁ ଭୂପିନଙ୍କ ସାବତ ଭାଇ ଓ ସାବତ ମାମୁଁ ଡାକି ନେଇଥିଲେ ବୋଲି ଭୂପିନଙ୍କ ବଡ ଭଉଣୀ ସେବତୀ ଗହୀର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ଭାଇଙ୍କୁ ହୁଏ ତ ହତ୍ୟା କରାଯାଇଥାଇ ପାରେ ବୋଲି ସନ୍ଦେହ କରି ବାପା ସାବତ ଭାଇ, ସାବତ ମା' ଓ ସାବତ ମାମୁଁଙ୍କ ନାମରେ ଅଭିଯୋଗ କରାଯାଇଛି। ଏ ନେଇ ଥାନାରେ ଦଫା ୩୦୨/୩୪ରେ ଏକ ମାମଲା (ନଂ.୧୮୯/୧୯) ରୁଜୁ ହୋଇଛି। ଏ ନେଇ ମ.ରାମପୁର ଥାନା ଅଧିକାରୀ ଉତ୍ତମ କୁମାର ସାହୁଙ୍କୁ ପଚାରିବାରୁ ମାମଲା ରୁଜୁ ହେବା ସହ ଅଭିଯୋଗ ଅନୁସାରେ ସାବତ ମାଁ, ସାବତ ଭାଇ, ସାବତ ମାମୁଁ ଓ ତାଙ୍କ ବାପାଙ୍କୁ ଡାକି ପଚାରାଉଚୁରା କରାଯିବା ସହ ତଦନ୍ତ ଜାରି ରହିଥିବା କହିଛନ୍ତି। ସୂଚନାଯୋଗ୍ୟ ଯେ, ଗତ ୩ ତାରିଖରେ ମ.ରାମପୁର ବ୍ଲକ ନରସିଂହପୁରଠାରେ ଏକ ଅଜଣା ମୃତଦେହ ଦେଖିବାକୁ ମିଳିଥିଲା। ଏହାର ପରିଚୟ ଏଯାଏଁ ଅସ୍ପଷ୍ଟ ହୋଇ ନ ଥିବା ବେଳେ ଏହି ଘଟଣା ପରେ ଉକ୍ତ ମୃତଦେହକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି।

# ଜାନୁୟାରୀ ୧୪ରୁ କଳାହାଣ୍ଡି ଉତ୍ସବ ଘୁମୁରା

ଭବାନୀପାଟଣା,୧୨।୧୨ (ଡି.ଏନ.ଏ.)

କଳାହାଣ୍ଡିର କଳା, ସଂସ୍କୃତି, ଐତିହ୍ୟ ଓ ବିକାଶର ବାର୍ତ୍ତାବହ ୨୪ତମ କଳାହାଣ୍ଡି ଉତ୍ସବ ଘୁମୁରା ଆସନ୍ତା ଜାନୁୟାରୀ ୧୪ ରୁ ୧୭ ତାରିଖ ଯାଏ ସ୍ଥାନୀୟ ଲାଲବାହାଦୂର ଶାସ୍ତ୍ରୀ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏଥିନିମନ୍ତେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାପାଳ ତଥା ସଂସ୍କୃତି ପରିଷଦ ଅଧ୍ୟକ୍ଷ ଡା. ଗାଭାଲି ପରାଗ ହର୍ଷଦଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ଶ୍ରୀଚନ୍ଦନ, ଜିଲା ପରିଷଦ ଅଧ୍ୟକ୍ଷା ନମିତାରାଣୀ ସାହୁ, ଧର୍ମଗଡ ଉପଜିଲାପାଳ ପଦ୍ମନାଭ ବେହେରା, ଭବାନୀପାଟଣା ଉପଜିଲାପାଳ ସୁଶାନ୍ତ ସିଂହ, ଜିଲା ସଂସ୍କୃତି ପରିଷଦ ସମସ୍ତ ସଦସ୍ୟ, କଳାହାଣ୍ଡି ଉତ୍ସବ ପାଳନ କମିଟି ସଦସ୍ୟା ସମେତ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠିତ କର୍ମକର୍ତ୍ତା ଓ ସାମାଜିକ ଅନୁଷ୍ଠିତ କର୍ମକର୍ତ୍ତା ଯୋଗଦେଇଥିଲେ। ପ୍ରତି ବର୍ଷପରି ୨୪ତମ ଜିଲାସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ଜାନୁୟାରୀ ୧୪–୧୭ ତାରିଖ ଯାଏ ଭବାନୀପାଟଣା ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମରେ ଏବଂ



କଳାହାଣ୍ଡି ଉତ୍ସବ ଘୁମୁରା ପାଇଁ ଆୟୋଜିତ ପ୍ରସ୍ତୁତି ବୈଠକ ।

- ୨୪ରୁ ଜାନୁୟାରୀ ୬ଯାଏ ପଞ୍ଚାୟତସ୍ତରୀୟ ଉତ୍ସବ
- ଜାନୁୟାରୀ ୭ରୁ ୧୨ ବ୍ଲକସ୍ତରୀୟ ଉତ୍ସବ

ଉପଖଣ୍ଡସ୍ତରୀୟ ଘୁମୁରା ଉତ୍ସବ ଜାନୁୟାରୀ ୧୫–୧୭ ତାରିଖ ଯାଏ ଧର୍ମଗଡ ପଞ୍ଚାୟତ ପଡିଆରେ ଆୟୋଜନ କରିବା ପାଇଁ ସ୍ଥିର ହୋଇଛି। ଜିଲାସ୍ତରୀୟ କଳାହାଣ୍ଡି ଉତ୍ସବ ଅବସରରେ ପଲ୍ଲିଶ୍ରୀ ମେଳା, ବୟନ ଶିଳ୍ପ, ଉଦ୍ୟୋଗ ମେଳା, କବି ସମ୍ମିଳନୀ, ଆଲୋଚନାଚକ୍ର, ଜିଲାସ୍ତରୀୟ ଘୁମୁରା ନୃତ୍ୟ ପ୍ରତିଯୋଗିତା, ଶିଶୁ ଘୁମୁରା ପ୍ରତିଯୋଗିତା, ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରିବା ସହ ସ୍ମରଣିକା 'କଳାଝରଣ' ପ୍ରକାଶନ ପାଇଁ ସ୍ଥିର କରାଯାଇଛି। ଏଥି ନିମନ୍ତେ ଡିସେମ୍ବର ୨୪ରୁ ଜାନୁୟାରୀ ୬ ତାରିଖ ମଧ୍ୟରେ ଜିଲାର ପ୍ରତ୍ୟେକ ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ଉତ୍ସବ ଆୟୋଜନ କରାଯିବ। ଜାନୁୟାରୀ ୭ରୁ ୧୨ ତାରିଖ ମଧ୍ୟରେ ଜିଲାର ପ୍ରତ୍ୟେକ ବ୍ଲକରେ ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ଅୟୋଜନ କରାଯିବ। ଶେଷରେ ଭବାନୀପାଟଣାରେ ଜାନୁୟାରୀ ୧୪ରୁ ମୁଖ୍ୟ କଳାହାଣ୍ଡି ଉତ୍ସବ ଘୁମୁରା ଆୟୋଜନ କରିବା ପାଇଁ ବୈଠକରେ ସ୍ଥିର କରାଯାଇଛି। ଉତ୍ସବ ଉପଲକ୍ଷେ ଇନ୍ଦ୍ରାବତୀ ଜଳ ଭଣ୍ଡାରରେ ଜାନୁୟାରୀ ୪ ତାରିଖରେ ନୌଚାଳନା ପ୍ରତିଯୋଗିତା ଏବଂ ଲାଞ୍ଜିଗଡରେ ତୀର ଚାଳନା ପ୍ରତିଯୋଗିତା ଅୟୋଜନ ପାଇଁ ସ୍ଥିର କରାଯାଇଛି। କଳାହାଣ୍ଡି ଉତ୍ସବରେ ଜିଲା, ରାଜ୍ୟ, ରାଜ୍ୟ ବାହାରୁ ତଥା ବିଦେଶରୁ ସାଂସ୍କୃତିକ ଦଳ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଉତ୍ସବ ପୋଷ୍ଟର ଡିଜାଇନ ନିମନ୍ତେ ସ୍ଥାନୀୟ ଚିତ୍ର ଶିଳ୍ପୀମାନଙ୍କଠାରୁ ପେଣ୍ଟିଂ ଆହ୍ୱାନ କରାଯାଇଛି ଏବଂ ଚୟନ ହୋଇଥିବା ପେଣ୍ଟିଂକୁ ଚଳିତ କଳାହାଣ୍ଡି ଉତ୍ସବର ପୋଷ୍ଟର, ବ୍ୟାନର ଆଦି ନିର୍ମାଣ କରାଯିବ ଏବଂ ଚିତ୍ରଶିଳ୍ପୀଙ୍କୁ ୫ ହଜାର ଟଙ୍କା ପୁରସ୍କାର ଦିଆଯିବ ବୋଲି ଜିଲାପାଳ ଘୋଷଣା କରିଛନ୍ତି। ଜିଲା ସାଂସ୍କୃତି ଅଧିକାରୀ ଅର୍ପିତା ବେହେରା ଧନ୍ୟବାଦ ଦେଇଥିଲେ।

# ଗୋତୋମୁଣ୍ଡାରେ କ୍ଷମତା ଏକ୍ସପ୍ରେସ

କୋକସରା,୧୨।୧୨ (ଡି.ଏନ.ଏ.)

ଓଡିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଓ ଭୁବନେଶ୍ୱରସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହେଲ୍‌ଥ ସାଇନ୍ସେସ ମିଳିତ ଆନୁକୂଲ୍ୟରେ କ୍ଷମତା ଏକ୍ସପ୍ରେସ ବୁଧବାର କଳାହାଣ୍ଡିରେ ପହଞ୍ଚିଥିଲା। ଭିନ୍ନକ୍ଷମ ଚିହ୍ନଟ ନିରୂପଣ ଓ ପରାମର୍ଶ ସହିତ ବିଭିନ୍ନ ପ୍ରକାର ସହାୟତା ସମ୍ବନ୍ଧେ କାର୍ଯ୍ୟ କରିବା ଏହାର ଲକ୍ଷ୍ୟ ରହିଛି । ଏହି ପରିପ୍ରେକ୍ଷୀରେ ଗୁରୁବାର କଳାହାଣ୍ଡି ଜିଲା କୋକସରା ବ୍ଲକ ଗୋତୋମୁଣ୍ଡା ପଞ୍ଚାୟତରେ କ୍ଷମତା ଏକ୍ସପ୍ରେସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱର ଇନଷ୍ଟିଚୁଟ ଅଫ ସାଇନ୍ସେସର ପ୍ରଫେସର ସତ୍ୟନାରାୟଣ ମହାପାତ୍ର, ନଳିନୀବାଳା ମହାନ୍ତିଙ୍କ ସହ ଡ. ଚିତ୍ତରନ ମୁଣ୍ଡ, ଡ. ରାଜେଶ ସାହୁ ଓ ତାଙ୍କ ସହ ଏକ ସ୍ୱାସ୍ଥ୍ୟ ଟିମ ରୋଗୀମାନଙ୍କ ପରୀକ୍ଷା କରିଥିଲେ। ମୋଟ ୧୪୭ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ମାଗଣାରେ ବଣ୍ଟନ କରାଯାଇଛି । ଏଥିରେ କଳାହାଣ୍ଡି ଭିନ୍ନକ୍ଷମ ପୁର୍ନଃବାସ ଅଧିକାରୀ ସୁବାଶିଷ ମହାନ୍ତି, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ବେହେରା, କୋକସରା ବିଡିଓ ବସନ୍ତ କୁମାର ସେଠୀ, ସାମାଜିକ ସୁରକ୍ଷା ଅଧିକାରୀ ଦିପକ କୁମାର ବେହେରା ଯୋଗଦେଇଥିଲେ। ଗୋତୋମୁଣ୍ଡା ସରପଞ୍ଚ ଜବାହାର ଗୋପାଳ, ସମିତିସଭ୍ୟା ପଦ୍ମା ଖର୍ସେଲ ପଞ୍ଚାୟତ ନିର୍ବାହୀ ଅଧିକାରୀ ଉମାକାନ୍ତ ଶବର ଏବଂ ଗ୍ରାମ ପଞ୍ଚାତର ବିଭିନ୍ନ ୱାର୍ଡମେମ୍ବମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ରୋଗୀମାନଙ୍କ ପରୀକ୍ଷା ପାଇଁ ନାମ ପଞ୍ଜୀକରଣ କରାଯାଉଛି।



ସଫେଇ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ।

# ଡାକ୍ତରଖାନା ସଫେଇ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ଭବାନୀପାଟଣା,୧୨।୧୨ (ଡି.ଏନ.ଏ.)

କଳାହାଣ୍ଡି ଜିଲା ମୁଖ୍ୟ ଚିକିତ୍ସାଳୟର ସଫେଇ କର୍ମଚାରୀମାନେ ସେମାନଙ୍କ ବେତନ ସମସ୍ୟା ନେଇ ଗୁରୁବାର କାର୍ଯ୍ୟବନ୍ଦ ଆନ୍ଦୋଳନ କରିବା ସହ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। କଳାହାଣ୍ଡି ଜିଲା ମୁଖ୍ୟ ଚିକିତ୍ସାଳୟ ଉପରେ ଜିଲାର ୧୩ଟି ବ୍ଲକର ଲୋକ ନିର୍ଭର କରୁଥିବା ବେଳେ ପ୍ରତିଦିନ ଶହ ଶହ ସଂଖ୍ୟାରେ ରୋଗୀ ଏଠାକୁ ଆସିଥାନ୍ତି। ଚିକିତ୍ସାଳୟକୁ ସଫା ସୁତୁରା ରଖିବା ପାଇଁ ଏଲ୍.ଏଣ୍ଡ.କେ. ସାର୍ଭିସ ନାମକ ଏକ ଘରୋଇ ସଂସ୍ଥା ଟେଣ୍ଡର ନେଇ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ କର୍ମଚାରୀଙ୍କୁ ନିୟୋଜିତ କରିଛି। ହେଲେ ଏହି କର୍ମଚାରୀମାନେ ନିଜ ବେତନ ଠିକ ଭାବରେ ପାଉ ନ ଥିବା ଅଭିଯୋଗ କରିଥିବା ବେଳେ ସେମାନଙ୍କୁ ଇପିଏଫ୍ ଟଙ୍କା ମଧ୍ୟ ମିଳୁନାହିଁ। ଏଥିସହ ସେମାନଙ୍କ ଦରମା ୯ ହଜାର ୯ ଟଙ୍କା ସ୍ଥିର ହୋଇଥିବା ବେଳେ ସେମାନଙ୍କୁ ଉକ୍ତ ସଂସ୍ଥା ୬ ହଜାର ଟଙ୍କା ଦେଉଛି। ଫଳରେ ସଫେଇ କର୍ମଚାରୀମାନେ ନିଜ ହକ୍ ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ କରିଛନ୍ତି। ଏ ନେଇ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିବା ସହ ସେମାନଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ ଅନୁରୋଧ କରିଛନ୍ତି ।

# ଜିଲା ଯୋଜନା ଓ ସମନ୍ୱୟ ବିଭାଗ ସମୀକ୍ଷା କଲେ

ଭବାନୀପାଟଣା,୧୨।୧୨ (ଡି.ଏନ.ଏ.)

ଭବାନୀପାଟଣା ସହରସ୍ଥିତ ଜିଲା ଯୋଜନା ଓ ସମନ୍ୱୟ ବିଭାଗ ସମ୍ମିଳନୀ କକ୍ଷରେ ପଶ୍ଚିମ ଓଡିଶା ବିକାଶ ପରିଷଦ (ଡବ୍ଲୁଓଡିସି) ପକ୍ଷରୁ ଏକ ସମୀକ୍ଷା ବୈଠକ କଳାହାଣ୍ଡି ଜିଲାପାଳ ଡା. ଗାଭାଲି ପରାଗ ହର୍ଷଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧ୍ୟକ୍ଷ ସୁବାସ ଚୌହାନ ପରିଷଦ ପକ୍ଷରୁ ଦିଆଯାଇଥିବା ପାଣ୍ଠିର ବିନିଯୋଗ ଓ ବିନିଯୋଗ ପ୍ରମାନପତ୍ର ସମ୍ପର୍କରେ ସମୀକ୍ଷା କରିଥିଲେ। ଗତ ୨୦୧୬ ରୁ ୨୦୧୯ ମଧ୍ୟରେ ଦିଆଯାଇଥିବା ସମସ୍ତ ପ୍ରକଳ୍ପ ଶୀଘ୍ର ସମ୍ପୂର୍ଣ୍ଣ କରି ପ୍ରମାଣପତ୍ର ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପ୍ରତ୍ୟେକ ବ୍ଲକ ଅଞ୍ଚଳରେ ଅନ୍ତତଃ ଗୋଟିଏ ପଞ୍ଚାୟତକୁ ମଡେଲ ପଞ୍ଚାୟତ କରିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ। ପରେ ସେ ଜିଲାପାଳଙ୍କ ସମ୍ମିଳନୀ କକ୍ଷକୁ ଯାଇ କଳାହାଣ୍ଡି ମହୋତ୍ସବ ପ୍ରସ୍ତୁତି ବୈଠକକୁ ସମ୍ବୋଧିତ କରିବା ସହିତ ଉତ୍ତମ ଲୋକ ସେବା ପାଇଁ ମଦନପୁର ରାମପୁର ବିଡିଓ ରୋମାନା ଜାଫିରିଙ୍କୁ ସମ୍ମାନିତ କରିଥିଲେ। ଏହି ବୈଠକରେ ଜିଲାର ସମସ୍ତ ବିଭାଗର ଅଧିକାରୀ, ସହରର ବରିଷ୍ଠ ବୁଦ୍ଧିଜୀବୀ, ବିଭିନ୍ନ ସାମାଜିକ ଅନୁଷ୍ଠାନ ତଥା ବିକାଶ ପରିଷଦର ଡେପୁଟି ଡାଇରେକ୍ଟର ମାନସୀ ଶତପଥୀ ଉପସ୍ଥିତ ଥିଲେ।

# ବିଭିନ୍ନ ସ୍ଥାନରେ ମହାଲକ୍ଷ୍ମୀଙ୍କ ପୂଜା

ଲାଞ୍ଜିଗଡ଼,୧୨।୧୨ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକର ବିଭିନ୍ନ ଗାଁରେ ମହାଲକ୍ଷ୍ମୀଙ୍କ ପୂଜନୋତ୍ସବ ମହାଆଡମ୍ବର ସହିତ ପାଳିତ ହେଉଛି । ଚଳିତବର୍ଷ ବ୍ଲକ ଲାଞ୍ଜିଗଡ ଦୁଇଟି ଯାଗାରେ ମହାଲକ୍ଷ୍ମୀ ପୂଜା ପାଉଥିବା ବେଳେ ସୁନ୍ଦର ମେଡ ଓ ଆଲୋକ ସାଜସଜ୍ଜା ଦେଖଣାହାରୀଙ୍କ ମନମୋହୁଛି । ଚଳିତବର୍ଷ ଶିଳ୍ପାଞ୍ଚଳ ଲାଞ୍ଜିଗଡରେ ମଧ୍ୟ ମା' ମହାଲକ୍ଷ୍ମୀଙ୍କ ପୂଜା ସୁରୁଖୁରୁ ହୋଇଥିବା ବେଳେ ଏବର୍ଷ ହରିହର ସାସ୍କୃତିକ ଅନୁଷ୍ଠାନ ମହାଲକ୍ଷ୍ମୀଙ୍କ ପୂଜା ପାଇଁ କଳସ ଶୋଭାଯାତ୍ରାରେ ଶତାଧିକ ମହିଳା ବଂଶଧାରା ନଦୀରୁ ପାଣି ଉଠାଇ ପୁଜା ମଣ୍ଡପରେ ସ୍ଥାପନ କରିଥିଲେ। ଏ ବର୍ଷ ମା'ଙ୍କ ପୂଜାରେ ଯୁଧଷ୍ଠି ପାତ୍ର ଓ ରଶ୍ମୀତା ପାତ୍ର କର୍ତ୍ତା ଭାବେ ଯୋଗଦେଇଥିବା ବେଳେ ପୂଜକ ପ୍ରଭାକର ଆଚାର୍ଯ୍ୟ ପୂଜା କାର୍ଯ୍ୟ ଦାୟିତ୍ୱ ନେଇଥିଲେ । ହରିହର ସାସ୍କୃତିକ ଅନୁଷ୍ଠାନ ସଭାପତି ରାଜେନ୍ଦ୍ର ପ୍ରତାପ ସିଂଦେଓ, ସମ୍ପାଦକ କାମରାଜ ଦଳବେହେରା, କୋଷାଧ୍ୟକ୍ଷ ଚନ୍ଦ୍ରଧ୍ୱଜ ପେସନିଆଙ୍କ ସହିତ କମିଟି ସଦସ୍ୟ ପ୍ରମୁଖ ମାଁଙ୍କ ପୂଜାରେ ସହଯୋଗ କରିଥିଲେ। ସେହିପରି କିଡିଙ୍ଗ ଗାଁ ମହାଲକ୍ଷ୍ମୀ ପୂଜା କମିଟି

**ଲାଞ୍ଜିଗଡ଼ ବ୍ଲକ**

ମାଁ ଲକ୍ଷ୍ମୀଙ୍କ ପୂଜା ୧୦ ତାରିଖରେ ଆରମ୍ଭ ହୋଇଥିବା ବେଳେ ୧୩ ତାରିଖରେ ଉଦ୍‌ଯାପନୀ ହେବ ବୋଲି କମିଟି ସଭାପତି ଚନ୍ଦ୍ରମଣି ଭୋଇ ପ୍ରକାଶ କରିଛନ୍ତି। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଲୋକଙ୍କ ମନମୋହୁଥିବା ବେଳେ କମିଟି ଉପସଭାପତି ଲୋଚନ ଶବର, ସମ୍ପାଦକ ନିଧି ବାଗ, ସହସମ୍ପାଦକ ସନ୍ତୋଷ ଛତ୍ରିଆ ଓ ଦିଲେଶ କୁମାର ନାଗ ପ୍ରମୁଖ ସହଯୋଗ କରିଥିଲେ। ଗୋପାଳପୁରଠାରେ ମଧ୍ୟ ମାଁ ମହାଲକ୍ଷ୍ମୀଙ୍କ ପୂଜନୋତ୍ସବ ପାଳିତ ହୋଇଥିବା ବେଳେ ଗତ ୧୦ ତାରିଖରେ ଅଧିବାସ ସହିତ କଳସ ଯାତ୍ରା ହୋଇଥିଲା । ସନ୍ଧ୍ୟାରେ ପୁରାଣ ପାଠ ହୋଇଥିଲା । ମହାଲକ୍ଷ୍ମୀଙ୍କ ପୁରାଣ ଶୁଣିବା ପାଇଁ ଆଖପାଖ ଅଞ୍ଚଳର ଅନେକ ଶ୍ରଦ୍ଧାଳୁ ରୁଣ୍ଡ ହୋଇଥିଲେ । ସେହିପରି ବ୍ଲକର ଲାଞ୍ଜିଗଡ କଲୋନିପଡା, ଚମ୍ପାଦେଇପୁର ପଞ୍ଚାୟତ ଯୋଡାବନ୍ଧ, ଭୁର୍ଟିଗଡ,କୋମର୍ଦ୍ଧା ଓ ପିପଲପଡାଠାରେ ମା' ମହାଲକ୍ଷ୍ମୀଙ୍କ ପୂଜା ମହାଆଡମ୍ବରେ ଅନୁଷ୍ଠିତ ହୋଇଯାଇଛି ।



ମଣ୍ଡପରେ ପୂଜା ପାଉଥିବା ମା' ମହାଲକ୍ଷ୍ମୀ।

### ସପ୍ତମ ଫ୍ରେଣ୍ଡସ ପ୍ରିମିୟର ଲିଗ୍‌ର ୫ମ ଦିବସ

# ରାଜା ଏକାଦଶ, ସୁପରକିଙ୍ଗ୍ ସର୍ଦ୍ଦାପୁର ବିଜୟୀ

ଭବାନୀପାଟଣା,୧୨।୧୨ (ଡି.ଏନ.ଏ.)

ଭବାନୀପାଟଣା ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପଡିଆରେ ସ୍ୱାମୀ ବିବେକାନନ୍ଦ ଫ୍ରେଣ୍ଡସ ଆସୋସିଏଶନ ପକ୍ଷରୁ ଚାଲିଥିବା ସପ୍ତମ ପ୍ରିମିୟର ଲିଗ ଗୁରୁବାର ପଞ୍ଚମ ଦିବରେ ୨ଟି ମ୍ୟାଚ୍ ଅନୁଷ୍ଠିତ ହୋଇଛି। ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ ସେରସା ଜୁନାଗଡ ବନାମ ରାଜା ଏକାଦଶ ଭବାନୀପାଟଣା ଏବଂ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ଅଶୋକ ଏକାଦଶ ଭବାନୀପାଟଣା ବନାମ ସୁପରକିଙ୍ଗ ସର୍ଦ୍ଦାପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ୍ ସେରସା ଜୁନାଗଡ ଦଳ ଟସ୍ ଜିଣି ପ୍ରଥମେ ବଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ରାଜା ଏକାଦଶ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୬ ଉଇକେଟ୍‌ରେ ୧୮୩ ରନ କରିଥିଲା। ଏହି ଲକ୍ଷକୁ ପିଛା କରି ସେରସା ଦଳ ୧୧୯ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ରାଜା ଏକାଦଶ ଦଳ ୬୪ ରନ୍‌ରେ ବିଜୟୀ ହୋଇଛି। ଏହି ଖେଳରେ ଅମ୍ପାୟାର ଭାବେ ରମେଶ ସାହୁ ଓ ବୁଲୁ ସିଂ, ସ୍କୋରର୍ ଭାବେ ବିକ୍ରମ କିଶୋର ସାହୁ ଥିବା ବେଳେ ଆଶିଷ ରାଉତ ଓ ପ୍ରିତମ ବେହେରା ଧାରା ବିବରଣୀ ପ୍ରଦାନ କରିଥିଲେ। ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚରେ ସୁପରକିଙ୍ଗ ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୪ ଉଇକେଟ୍ ବିନିମୟରେ ୧୫୮ ରନ୍ କରିଥିଲା। ଜବାବରେ ଅଶୋକ ଏକାଦଶ ଦଳ ୧୫ ଓଭରରେ ୮ ଉଇକେଟ୍ ବିନିମୟରେ ୧୩୭ ରନ୍ କରିଥିଲେ। ମ୍ୟାଚ୍‌ରେ ସୁପରକିଙ୍ଗ ଦଳ ୨୧ ରନରେ ବିଜୟୀ ହୋଇଥିଲା। ଏହି ମ୍ୟାଚରେ ଅମ୍ପାୟାର ଭାବେ ତେଜେଶ୍ୱର ଆଚାରୀ, ରାଜେଶ ବେହେରା ଖେଳ ପରିଚାଳନା କରିଥିଲା ବେଳେ ସ୍କୋରର ଅବିନାସ ଦୁର୍ଗା, ପ୍ରିତମ ବେହେରା, ସିପୁନ୍ ପ୍ରଧାନ ଓ ଆଶିଷ ରାଉତ୍ ପ୍ରମୁଖ ବିବରଣୀର ଦାୟିତ୍ୱ ସମ୍ପାଦନ କରିଥିଲେ। ମ୍ୟାଚରେ ଅତିଥି ଭାବେ ଯୁବ ବିଜେଡି ନେତା ପ୍ରଦୀପ କୁମାର ଦାସ ଯୋଗଦେଇଥିଲେ। ଖେଳରେ କିଷନ ଦୁର୍ଗାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା।



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ ।

# ପିଇଲା ପାଏନ୍ ଲାଗି ଦହଗଞ୍ଜ୍ ଚନାମୁଣ୍ଡାବାସୀ

ପର୍ଲା, ୧୨।୧୨(ଡି.ଏନ.ଏ.)

ଖାସ୍‌କରି ଖରାଦିନେ ଲୋକ୍ ପାଏନ୍ ଲାଗି ଗୁଲ୍‌ଗୁଲା ହେବାର ଦେଖିବାକେ ମିଲ୍‌ସି। ହେଲେ ଆଏଜ୍ ବି ଏନ୍‌ତା କେତେ ଗାଁ ଅଛେ ଯେନ୍‌ଠାନେ ଲୋକ୍ ବରଷା ୪ ମାସକ ଛାଡ଼ିଦେଲେ ବଛରକୁତା ପିଇଲା ପାଏନ୍ ଲାଗି ଦହଗଁଜ୍ ହେଉଛନ୍। ଏନ୍‌ତା ଗୁଟେ ଉଦାହରନ୍ ଦେଖିବାକେ ମିଲିଛେ କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ଛଞ୍ଚାଣବାହାଲି ପଁଚେତ୍ ଚନାମୁଣ୍ଡା ଗାଁରେ।

ସୂଚନା ଅନ୍‌ସାରେ ଚନାମୁଣ୍ଡା ଗାଁର ଲୋକ୍ ସଂଖ୍ୟା ପାଖାପାଖି ୭ଶହ। ଗାଁରେ ଲୁକ୍‌କର ପିଇଲା ପାଏନ୍ ସୁବିଧା ଲାଗି ୩ଟା ନଲ୍‌ଚୁଆଁ ରହିଛେ। ହେଲେ ୨ଟା ଡିଆର ହେଲା ଦିନୁ ଅଚଲ ହେଇ ପଡ଼ିରହିଛେ। ଯେନ୍ ଗୁଟେ ନଲ୍‌ଚୁଆଁ ଚଲୁଛେ ସେଥିରୁ ବଡ଼ାକଷ୍ଟେ ପାଏନ୍ ବାହାରୁଛେ। ଗାଁବାସୀକର ଅଭିଯୋଗକେ ଆଧାର କରି ପରଶାସନ ତରଫୁ ୨୦୧୭ ସାଲେ ଗାଁରେ ଗୁଟେ ସୋଲାର ନଲ୍‌ଚୁଆଁ ଥାପନ କରାଯାଇଥିଲା। ହେଲେ ସେଟା ବି ଦିନାକେତେ ଚଲ୍‌ଲା ଉତାରୁ ଅଚଲ ହେଇ ପଡ଼ିଛେ। ଏନ୍‌ତାଥି ଗାଁବାସୀ ପିଇଲା ପାଏନ୍ ଲାଗି ବଡ଼ା ଦହଗଁଜ୍ ହେଉଥିବାର ଦେଖିବାକେ ମିଲୁଛେ। ଗାଁର ପିଲାଛୁଆ, ବୁଢ଼ାବୁଢ଼ିନୁ ବାଲଟି, ଗରା ଧରି ୨ କି.ମି. ଦୂରେ ଥିବାର ଗୁଟେ ନଲ୍‌ଚୁଆଁରୁ ପାଏନ୍ ଦୁହାରୁଛନ୍। ଗାଁର କେତେ ଲୋକ୍ ମୋଟରସାଇକେଲ, ସାଇକେଲରେ ବି ପାଏନ୍ ଦୁହାରୁଥିବାର ଦେଖିବାକେ ମିଲୁଛେ। ଶୀତ୍ ଦିନେ ଯଦି ପିଇଲା ପାଏନ୍ ଲାଗି ଏତେ ଗୁଲ୍‌ଗୁଲା ଖରା ଝାଉରେ ଗାଁବାସୀକର ଅବସ୍‌ତା କା'ଣା ହେବା ବଲି ସେମାନେ ପରଶାସନକେ ପ୍ରଶ୍ନ କରିଛନ୍। ଇ ଘଟନାକେ ନେଇ ଗାଁବାସୀକର ଭିତରେ ଦିନୁଦିନ୍‌କେ ଅସନ୍‌ତୋଷ ବଢ଼ତେଲ ଯାଉଛେ। ସେନ୍‌ତା ଯେତେ ଜଲ୍‌ଦି ହେବା ଗାଁବାସୀକର ଲାଗି ପିଇଲା ପାଏନ୍‌ର ବେବସ୍‌ତା କରାଯାଉ, ନାଇଁହେଲେ ଆଏବାର ଦିନେ ଆଂଦୋଳନ କରାଯିବା ବଲି ଗାଁର ଦୁର୍ଯ୍ୟଧନ ରଣା, ରାଜୀବ ନାଏକ, ପଦ୍ମିନୀ ନାଏକ, ମୁକୁନ୍ଦ ରଣା, ମଙ୍ଗଲ ରଣା, ହେମ କାଣ୍ଡ, ନିଲାଧର ରଣା, ମୋହନ କୋଟା ପରମୁଖ କହିଛନ୍। ଇ ବାବ୍‌ଦେ ଥାନୀଅ ସରପଁଚ୍ ବଳରାମ ପୂଝାରୀଙ୍କୁ ପଚରାଲାରୁ ଗାଁରେ ଯେନ୍‌ଠାନେ ବି ନଲ୍‌ଚୁଆଁ କୁଡ଼ଲେ ପାଏନ୍ ନାଇଁ ବାହାରବାର। ସେଟା ଆମର ମୁଡ଼ଦୁଖା ହେଇଛେ ବଲି ସେ କହିଥିଲେ। ସେନ୍‌ତା ଇ ବାବ୍‌ଦେ ଧର୍ମଗଡ଼ ବିଡିଓ ଗୋପାଳ କୃଷ୍ଣ ମିଶ୍ରଙ୍କୁ ପଚ୍‌ରାଲାରୁ ଇ ବାବ୍‌ଦେ ମୋର ପାସେ ସୂଚନା ନାଇଁଥାଇ। ଯେତେ ଜଲ୍‌ଦି ହେବା ଗାଁବାସୀକର ଲାଗି ପିଇଲା ପାଏନ୍‌ର ସୁବିଧା କରାଯିବା ବଲି ସେ କହିଥିଲେ।



ଗାଁ ବାହାରେ ଥିବାର ନଲ୍‌ଚୁଆଁରେ ଲୋକ୍ ପାଏନ୍ ଲାଗି ଭିଡ଼ ଜମେଇଛନ୍।

- ଗାଁରେ ୭ଶହ ଲୋକ୍ ବାସ କରୁଛନ୍
- ୩ ନଲ୍‌ଚୁଆଁରୁ ୨ ମୂଲୁ ଅଚଲ
- ୨ କି.ମି. ଦୂରୁ ପାଏନ୍ ଦୁହାରୁଛନ୍ ଗାଁବାସୀ
- ସୋଲାର ପମ୍ପ ବି ଅଚଲ ହେଇ ପଡ଼ିଛେ



ଭଗବାନଙ୍କ ନାମ ଜପିଲେ ମଣିଷର ଦେହ, ମନ ସବୁ ଶୁଦ୍ଧ ହୋଇଯାଏ ।

-ରାମକୃଷ୍ଣ ପରମହଂସ



# ଦରଦାମ୍ ବୃଦ୍ଧି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

**ରାଉରକେଲା ଅଫିସ,୧୨।୧୨**

ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଲଗାମହୀନ ଦରଦାମ ବୃଦ୍ଧି ପ୍ରତିବାଦରେ ଗୁରୁବାର ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) ଆଞ୍ଚଳିକ କମିଟି ପକ୍ଷରୁ ଏକ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା । ଏନେଇ ପାନପୋଷ ସବ୍‌କଲେକ୍ଟରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଅଭିଯୋଗ କରାଯାଇଥିଲା ଯେ, ପିଆଜ ରସୁଣ ଭଳି ଅତ୍ୟାବଶ୍ୟକ ସାମଗ୍ରୀ ସାଧାରଣ ଲୋକଙ୍କ ପାଇଁ ସ୍ୱପ୍ନ ପାଲଟିଲାଣି। ଗୋଟିଏ ପକ୍ଷରେ ଦରଦାମ ବୃଦ୍ଧି ହୋଇଥିବା ବେଳେ ଅନୀତି, ଦୁର୍ନୀତି ଓ ବ୍ୟାଭିଚାର ସୀମା ଟପିଲାଣି। ଗରିବ କୃଷକ ଶ୍ରମିକଙ୍କୁ ନିଜ ପ୍ରାପ୍ୟ ମିଳୁନି। ଉକ୍ତ ବେକାରୀ ସମସ୍ୟା ଯୋଗୁ ଅସାମାଜିକ କାର୍ଯ୍ୟକଳାପ ବଢିବାରେ ଲଗିଛି। ବହୁ ଆନ୍ଦୋଳନ ପରେ ବି ଦ୍ୱିତୀୟ ବ୍ରାହ୍ମଣୀ ସେତୁ କାର୍ଯ୍ୟ ଆଗେଇ ପାରୁନି। ସହରରେ ପରିବେଶ, ଶିକ୍ଷା ସ୍ୱାସ୍ଥ୍ୟ ଓ ଗମନାଗମନ ପ୍ରତି କାହାର ନଜର ନାହିଁ। ଜିଲାରେ ବନ୍ଦ ପଡିଥିବା ଶିଳ୍ପ, ଖଣି ଖାଦାନକୁ ଚାଲୁ କରିବାକୁ ସରକାରଙ୍କ ଆଗ୍ରହ ନାହିଁ। ଏମିତି ଅବସ୍ଥାରେ ଜିଲାରେ ପ୍ରଶାସନିକ ଅଚଳାବସ୍ଥା ସୃଷ୍ଟି ହୋଇଛି ବୋଲି ବାମପନ୍ଥୀ ନେତାମାନେ ଅଭିଯୋଗ କରିଥିଲେ। ଏଥିରେ ଆଇନଜୀବୀ ସଦାନନ୍ଦ ସାହୁ, ବିଜୟ ସାହୁ, ପ୍ରଶାନ୍ତ ମହାନ୍ତି, ଅପର୍ଣ୍ଣା ରାଉତରାୟ, ଅରୁଣ ଭୋଇ ଓ ରାଜୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ଦରଦାମ୍ ବୃଦ୍ଧି ନେଇ ସିପିଆଇ ପକ୍ଷରୁ ଉପଜିଲାପାଳ କାର୍ଯ୍ୟାଳୟ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କାହାକୁ ନ ରୁଚେ ଖଣ୍ଡ କ୍ଷୀରୀସା**
**କିଏ ପାଉନାହିଁ ପଣସ ଖୋସା ।**

ଭୋଗ ବିଳାସରେ ବୁଡ଼ିରହୁଥିବା ବ୍ୟକ୍ତି ଖାଇବା ପାଇଁ ଅରୁଚି ପ୍ରକାଶ କରୁଥିବା ବେଳେ ଦୁଃଖୀ ରଙ୍କି ବ୍ୟକ୍ତି ସାମାନ୍ୟ ଆହାର ମୁଠାଏ ପାଇଁ ଡହଳବିକଳ ହେବା ପରିତାପର ବିଷୟ। ମଣିଷ କାଳ ଓ ଭାଗ୍ୟର ଅଧୀନ। କେଉଁଠି କିଏ ରାଜଭୋଗ କରୁଥିବା ବେଳେ ଆଉ କେଉଁଠି କେହି ଦାରୁଣ ଦୁଃଖକଷ୍ଟରେ ପଡ଼ି ଜୀବନ ବିତାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କଉଡ଼ି,**
**ଶତ୍ରୁକୁ ଦିଏ ଘଉଡ଼ି ।**

ଆଜିର ଅର୍ଥ ସର୍ବସ୍ୱ ଦୁନିଆଁରେ ଅର୍ଥ ହିଁ ସବୁ କିଛି। ଅର୍ଥ ବଳରେ ମଣିଷ ସବୁକିଛି ଅନାୟାସରେ ହାସଲ କରିପାରେ। ପାଖରେ ଅର୍ଥ ଥିଲେ ଶତ୍ରୁ ବି ଆପଣାର ହୋଇଯାଏ। ଅର୍ଥ ଦ୍ୱାରା ଶତ୍ରୁ ମଧ୍ୟ ବଶୀଭୂତ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
–ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ଦୋକାନରେ ଅଗ୍ନିକାଣ୍ଡ, ଆସବାବପତ୍ର ନଷ୍ଟ

**ରାଉରକେଲା ଅଫିସ,୧୨।୧୨**

କୋଏଲନଗର ଏନଏସି ମାର୍କେଟରେ ଗୁରବାର ମଧ୍ୟାହ୍ନରେ ଅଗ୍ନିକାଣ୍ଡ ଘଟି ବହୁ ଆସବାବପତ୍ର ନଷ୍ଟ ହୋଇଯାଇଛି। ସେଠାରେ ଥିବା ଏକ ଫାଷ୍ଟଫୁଡ ଦୋକାନରେ ଅଗ୍ନକାଣ୍ଡ ଘଟିବା ଖବର ପାଇ ୨ଦମକଳ ଗାଡି ଘଟଣାସ୍ଥଳରେ ପହଞ୍ଚି ନିଆଁ ଆୟତ କରିଥିଲା। ଫାଷ୍ଟଫୁଡ ଦୋକାନ ଭିତରେ ଥିବା ସିଲିଣ୍ଡରରୁ ଗ୍ୟାସ ଲିକ୍ ହେବାରୁ ଏଭଳି ଘଟଣା ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଦୋକାନ ମାଲିକ ବଜାର ସଉଦା ଆଣିବାକୁ ଯାଇଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଦୋକାନ ବାହାର ପଟୁ ବନ୍ଦ ଥିବାରୁ ବହୁ ସାମଗ୍ରୀ ନଷ୍ଟ ହୋଇଯାଇଛି ।



କୋଏଲ୍ ନଗର ଏନ୍‌ଏସି ମାର୍କେଟରେ ନିଆଁକୁ ଆୟତ୍ତ କରୁଛନ୍ତି ଅଗ୍ନିଶମ ଅଧିକାରୀ।

## ନୂଆ ପରିବହନ ନୀତି ନେଇ ସଚେତନତା ଶୋଭାଯାତ୍ରା

**ରାଉରକେଲା ଅଫିସ,୧୨।୧୨**

ନୂଆ ପରିବହନ ନୀତି ଓ ଏହାର କାର୍ଯ୍ୟକାରିତା ନେଇ ବୁଧବାର ଜିଲା ପରିବହନ ବିଭାଗ ଓ ପୋଲିସ ପ୍ରଶାସନ ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିଜେ ପଶ୍ଚିମାଞ୍ଚଳ ଡିଆଇଜି କବିତା ଜଲାନ ଓ ଏସ୍‌ପି କେ.ଶିବା ସୁବ୍ରମଣି ବାଇକ ଚଳାଇ ହେଲମେଟ ପିନ୍ଧି ସାମିଲ ହୋଇଥିଲେ। ଜିଲା ପୋଲିସର ବହୁ ଅଧିକାରୀ ଓ ସ୍ୱେଚ୍ଛାସେବୀ ସଙ୍ଗଠନ ସାମିଲ ହୋଇଥିଲେ। ଏହି ଅବସରରେ ଆୟୋଜିତ ବାଇକ ଶୋଭାଯାତ୍ରା ରିଂ ରୋଡ ପରିକ୍ରମା କରିଥିଲା। ଏଥିରେ ସାମିଲ ସ୍ୱେଚ୍ଛାସେବୀ ପ୍ଲାକାର୍ଡ ପ୍ରଦର୍ଶନ କରି ପଥଚାରୀଙ୍କୁ ସୁରକ୍ଷା ନିୟମ ସହ ନୂଆ ପରିବହନ ନୀତି ସମ୍ପର୍କରେ ଅବଗତ କରାଇଥିଲେ। ବାଇକ ଚାଳକମାନେ ହେଲମେଟ ପିନ୍ଧିବା ସହ କାର ଚାଳକ ସିଟ୍‌ବେଲ୍ଟ ବାନ୍ଧିବାକୁ ପରାମର୍ଶ ପ୍ରଦାନ କରାଯାଇଥିଲା। ଟ୍ରାଫିକ ଟୱାର ଠାରେ ଶୋଭାଯାତ୍ରାକାରୀ ଦଳ କିଛି ସମୟ ପାଇଁ ଅଟକି ରହି ବିନା ହେଲମେଟରେ ଗାଡି ଚଳାଉଥିବା ଚାଳକଙ୍କୁ ଉଟପେନ ଦେଇ ନିୟମ ପାଳନ କରିବାକୁ ଅନୁରୋଧ କରିଥିଲେ। ସହରବାସୀ କିଭଳି ନୂଆ ନୀତିକୁ ଅନୁସରଣ କରି ପରିବହନ ନୀତି ପାଳନ କରିବେ ସେନେଇ ଏଥିରେ ଗୁରୁତ୍ୱାରୋପ କରାଯାଇଥିଲା। ସବୁ ବର୍ଗ ଓ ସ୍ୱେଚ୍ଛାସେବୀ ସଙ୍ଗଠନ ପରିବହନ ନୀତିକୁ ଆପଣାଇବା ସହ ଏ ଦିଗରେ ଅନ୍ୟମାନଙ୍କୁ ପେରିତ କରିବାକୁ ଆହ୍ୱାନ କରିଥିଲେ। ଏପରି ସଚେତନତା କାର୍ଯ୍ୟକ୍ରମକୁ ସାଧାରଣରେ ପ୍ରଶଂସା କରାଯାଇଛି।



ଡିଆଇଜି ଓ ଏସ୍‌ପିଙ୍କ ଉପସ୍ଥିତିରେ ଟ୍ରାଫିକ୍ ଟାୱାରଠାରେ ବାଇକ୍ ଚାଳକଙ୍କୁ ସଚେତନତା କରାଯାଉଛି।

## ଅଙ୍ଗନୱାଡି କର୍ମୀଙ୍କ ଧାରଣା ଜାରି

**ରାଉରକେଲା ଅଫିସ,୧୨।୧୨**

ବିନା ଦୋଷରେ ଅଙ୍ଗନୱାଡି କର୍ମୀଙ୍କୁ କାର୍ଯ୍ୟରୁ ଅନ୍ତର କରିବା ନେଇ ଗତ ଦୁଇଦିନ ପୂର୍ବରୁ ଆରମ୍ଭ କରାଯାଇଥିବା ଧାରଣା ଗୁରୁବାର ଜାରି ରହିଥିଲା। ପାନପୋଷ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଉପଖଣ୍ଡର ସମସ୍ତ ମହିଳା କର୍ମୀ ଧାରଣାରେ ସାମିଲ ହୋଇ ପ୍ରଶାସନିକ ନିଷ୍ପତ୍ତିକୁ ବିରୋଧ କରିଥିଲେ । ପୂର୍ବରୁ ସରକାର କର୍ମୀଙ୍କୁ ଡରାଇବାକୁ ଉଦ୍ୟମ କରି ଏଭଳି ପଦକ୍ଷେପ ନିଆଯାଇଥିବା ଅଭିଯୋଗ କରାଯାଇଥିଲା। ଏହି କାରଣରୁ ପାନପୋଷ ଉପଖଣ୍ଡର ୩ ଜଣଙ୍କ ବିରୋଧରେ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠନ ଗ୍ରହଣ କରାଯାଇଥିଲା। ଏହାର ପ୍ରତିବାଦରେ ସଙ୍ଗଠନ ପକ୍ଷରୁ ଏଭଳି ଧାରଣା ଜାରି ରହିଛି। କର୍ମୀଙ୍କ ଉପରୁ କାର୍ଯ୍ୟାନୁଷ୍ଠାନ ପ୍ରତ୍ୟାହାର କରା ନ ଗଲେ ଆନ୍ଦୋଳନ ଚାଲୁ ରହିବ ବୋଲି କର୍ମକର୍ତ୍ତାମାନେ କହିଛନ୍ତି।



ଅଙ୍ଗନୱାଡି କର୍ମୀଙ୍କ ପକ୍ଷରୁ ସବ୍‌କଲେକ୍ଟରର ଅଫିସ ସମ୍ମୁଖରେ ଧାରଣା।

## କର୍ମଚାରୀ ସଭା ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା

ରାଉରକେଲା ଅଫିସ,୧୨।୧୨–ରାଉରକେଲା ମହାନଗର ନିଗମ କର୍ମଚାରୀ ସଭା ପକ୍ଷରୁ ଗୁରୁବାର ଅପରାହ୍ନରେ ମା’ସିଂହାସନୀ ମନ୍ଦିର ପରିସରରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଙ୍ଗଠନର ସାଧାରଣ ସମ୍ପାଦକ ପ୍ରଶାନ୍ତ ରାୟ ଅଧ୍ୟକ୍ଷତା କରିଥିଲେ। ସଭାପତି ସାରଦା ନାୟକ ଏଥିରେ ଯୋଗଦେଇ ଅବସରପ୍ରାପ୍ତ କର୍ମଚାରୀ ବଟକୃଷ୍ଣ ରାଉତ ଓ ଯାଦବେନ୍ଦ୍ର କରଙ୍କ ନିଷ୍ଠାପର କାର୍ଯ୍ୟକୁ ପ୍ରଶଂସା କରିଥିଲେ। ପ୍ରତ୍ୟେକ କ୍ଷେତ୍ରରେ ଆମେ ନିଜ ଦାୟିତ୍ୱକୁ ଠିକ୍ ଭାବେ ନିର୍ବାହ କରିପାରିଲେ ଏହାର ସୁଫଳ ପାଇ ପାରିବା ବୋଲି ନାୟକ କହିଥିଲେ। ଏହି ଅବସରରେ ସେ ଅବସରପ୍ରାପ୍ତ କର୍ମଚାରୀଙ୍କ ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ। ଏଥିରେ ଆରଏମ୍‌ସିର ବହୁ କର୍ମଚାରୀଙ୍କ ସହ ଦୁର୍ଯ୍ୟୋଧନ ଚଇନି, ଦଣ୍ଡପାଣି ପ୍ରଧାନ, ଅନୀଲ ଜେନା,କଳିଙ୍ଗ ଗୁରୁ, ଅକ୍ଷୟ ପାତ୍ର, ସନ୍ତୋଷ ସାହୁ, ପ୍ରଦୀପ ବିଶ୍ୱାଳ, ଅଭୟ ପୁହାଣ, ଜ୍ୟୋତିର୍ମୟୀ ଷଡଙ୍ଗୀ, ଜୀବନାନନ୍ଦ ନାୟକ, ରବିନ୍ଦ୍ର ଦାସ, ସୌଭାଗ୍ୟବତୀ ସାହୁ ଓ ବିଜୟ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।



ରାଉରକେଲା ମହାନଗର ନିଗମ ସଭା ପକ୍ଷରୁ ବିଦାୟ କାଳୀନ ସମ୍ବର୍ଦ୍ଧନା

## ତମାଖୁ ବର୍ଜନ ସଚେତନତା କାର୍ଯ୍ୟକ୍ରମ

**ଦେବଗଡ଼,୧୨।୧୨(ଡି.ଏନ.ଏ.)**

ତିଳେଇବଣି ବ୍ଲକ ଅଧୀନ ଲୁଢରସ୍ଥିତ ସୁବାସ ନାୟକ ଉଚ୍ଚମାଧ୍ୟମିକ ସ୍କୁଲରେ ସରୋଜ କୁମାର ସେଠଙ୍କ ଅଧ୍ୟକ୍ଷତାରେ ତମାଖୁ ବର୍ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ତିଳେଇବଣି ସିଏଚ୍‌ସିର ପିଏଚ୍‌ଇଓ ନିଶାକର ବେହେରା, ମେଡ଼ିକାଲ ଇନ୍‌ଚାର୍ଜ ଡା.ଆର୍ପିଲା ଶାନ୍ତି ଲାକ୍‌ରା, ତାପସ କୁମାର ସାମଲ ଯୋଗଦେଇ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ତମାଖୁ ସେବନର ଅପକାରିତା ବିଷୟରେ ବୁଝାଇଥିଲେ। ମହାବିଦ୍ୟାଳୟର ଅଧ୍ୟାପକ ନରେଶ ଶଙ୍କର ହଂସ, ନରେନ୍ଦ୍ର କୁମାର ମହାପାତ୍ର, ରାକେଶଚନ୍ଦ୍ର ସେଠୀ, ହିରଣ୍ମୟ ନନ୍ଦ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅତିଥିମାନେ କୃତୀପ୍ରତିଯୋଗୀଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରିଥିଲେ।

## ଦେବଗଡ଼ରେ ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟିତ



ନିର୍ବାଚନ ଅଧିକାରୀ କାମାକ୍ଷାପ୍ରସାଦ ଗଙ୍ଗଦେବ କାର୍ଯ୍ୟାଳୟର ଉଦ୍‌ଘାଟନ କରୁଛନ୍ତି।

**ଦେବଗଡ଼,୧୨।୧୨(ଡି.ଏନ.ଏ.):**

ଦେବଗଡ଼ ସହର ୧ନମ୍ବର ୱାର୍ଡ଼ ଲାଲୁସାହିରେ ବିଜେଡିର ଦଳୀୟ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ଦେବଗଡ଼ ବିଜେଡି ଜିଲା ନିର୍ବାଚନ ଅଧିକାରୀ କାମାକ୍ଷା ପ୍ରସାଦ ଗଙ୍ଗଦେବ ଯୋଗଦେଇ କାର୍ଯ୍ୟାଳୟର ଉଦ୍‌ଘାଟନ କରିଥିଲେ। ଏଥିରେ ବିଜେଡି ନେତା ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କ ସହ ବିଜୁ କୃଷକ ମଞ୍ଚ ସଭାପତି ଚିତ୍ତରଞ୍ଜନ ପ୍ରଧାନ, ପୂର୍ବତନ କାଉନ୍‌ସିଲର ଇଂ. ସୁଜିତ କୁମାର ପ୍ରଧାନ, ଆଇନଜୀବୀ ମାଧବ ମହାପାତ୍ର, ବରିଷ୍ଠ କର୍ମୀ ଶୁକଦେବ ଭଞ୍ଜ, ଦିଲୀପ କୁମାର ପାତ୍ର, ପ୍ରତାପ କୁମାର ଦେବ, ପ୍ରଶାନ୍ତ ଭଞ୍ଜ, ଗନି ଦେବ, ଡ଼ିଲ ଦେବ, ବବ୍‌ଲୁ ଦେବ ପ୍ରମୁଖ ଉପସ୍ଥିତ ଥିଲେ।

ଆଜି କ’ଣ କେଉଁଠି ସ୍ଥାନରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ଖର୍ଚ୍ଚ ଋଣରୁ କଟିବ
MAHALAXMI FINANCE
1 ଲକ୍ଷରୁ ୨୦ ଲକ୍ଷ ପର୍ଯ୍ୟନ୍ତ ଋଣ ପାଆନ୍ତୁ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ।
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ
1% ସୁଧ |40% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
9518852216, 9548270863
ADDRESS: T-51, GAUTAMPURI, DELHI

ASTROLOGY

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

FINANCE

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଳେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋତାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋତାଧନ, ସଟ୍ଟା, ଜୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
9599320079

BUSINESS

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1984ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9479667248

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ନବବର୍ଷ ଧମାକା
ଗୋଟିଏ କଲ୍‌ରେ ଋଣ ପାଆନ୍ତୁ
ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର
ASF FINANCE
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ ଆଧାରକାର୍ଡ, ବ୍ୟବସାୟ ସବୁ ପ୍ରକାର ଋଣ
1% ସୁଧ 25% ଛାଡ଼
ଘରେ ବସି ପାଆନ୍ତୁ ଅନ୍‌ଲାଇନ୍ ସୁବିଧା ଉପଲବ୍ଧ।
94634-86078
Email : financeabirami32@gmail.com
Airport Road, Gandhi Nagar, Bhopal (MP)

ନବବର୍ଷର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
ଗ୍ଲୋବାଲ ଫାଇନାନ୍ସ ଲିଃ ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9415725066
H.No. 12, Sohana Distt. Mohali

LOAN
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ମୁଦ୍ରା ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
ଗୃହ ଋଣ, ପର୍ସନାଲ, ଆଧାରକାର୍ଡ, ମାର୍କଶିଟ୍, ପଶୁପାଳନ, ବ୍ୟବସାୟ, ପ୍ରପର୍ଟି, ଏଗ୍ରିକଲ୍ଚର, ଦୁଇ ଚକିଆ, ଗ୍ରୁପ୍ ଋଣ ସବୁ ପ୍ରକାର ଋଣ
2% ସୁଧ -40% ଛାଡ଼ରେ
ସହଜ କିସ୍ତିରେ ଘରେ ବସି ପାଆନ୍ତୁ
ମହିଳା ତଥା କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ଗଣପତି ଫାଇନାନ୍ସ
8929119958
7289935297
M.P. Nagar, Zone-1, Bhopal, Madhya Pradesh.

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail :- ridhifinanceonlinem.p@gmail.com
9911473748
Add :- 41/14, Sec-1 Pushp Vihar, Delhi

ଋଣ...ଋଣ...ଋଣ...
1 ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ଛାଡ଼
!! ନମୋ ନମୋ ଫାଇନାନ୍ସ !!
E-mail :- namonamoonlinem.p@gmail.com
9911321841
Add :- 41/14, Sec-1 Pushp Vihar, Delhi

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

SEE COLOR DISPLAY CLASSIFIED
ON EVERY TUESDAY & FRIDAY



" ବର୍ତ୍ତମାନ ଜୀବନକୁ ଉପଭୋଗ କର, ଆଗରେ କ'ଣ ହେବ ସେ ବିଷୟରେ ବେଶି ଭାବନା ।

- ଲେନିନ୍



**ସଂକ୍ଷେପରେ**

## ଖୁଚୁରା ବେପାରୀଙ୍କ ଉପରେ ଠିକାଦାରଙ୍କ ଦାଦାଗିରି

ବ୍ରଜରାଜନଗର, ୧୨।୧୨ (ଡି.ଏନ.ଏ)- ବ୍ରଜରାଜନଗର ପୌରପ୍ରଶାସନ ଅଧିନରେ କାର୍ଯ୍ୟ କରୁଥିବା ବିଭିନ୍ନ ସାପ୍ତାହିକ ହାଟରେ ବସୁଥିବା ଖୁଚୁରା ବ୍ୟବସାୟୀ ଉପରେ ଠିକା ସଂସ୍ଥାର ଦାଦାଗିରି ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏନେଇ ଖୁଚୁରା ବ୍ୟବସାୟୀମାନେ ଅଭିଯୋଗ କରିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ, ବ୍ରଜରାଜନଗର ପୌରାଞ୍ଚଳର ମୁଖ୍ୟ ହାଟ ରବିବାର। ତା ସହିତ ସାତ ଦିନ ମଧରେ ଅଞ୍ଚଳର ରେମଜା, ମଣ୍ଡଳିଆ, ଗାନ୍ଧିଛକ, ବୁଢ଼ିଯାମ, ହଲଟପ, ବୁନ୍ଦିଆ ଆଦି କଲୋନୀରେ ହାଟ ବସିଥାଏ। ଏହି ହାଟମାନଙ୍କରୁ ଟେଣ୍ଡର ପ୍ରକ୍ରିୟା ଦ୍ୱାରା ରସିଦ ଦେଇ ଠିକାଦାରମାନେ ଟଙ୍କା ସଂଗ୍ରହ କରିଥାନ୍ତି। ଏହି ଠିକାଦାରମାନେ ଟଙ୍କା ସଂଗ୍ରହ କରିବା ପାଇଁ ବେକାରୀ ଯୁବକମାନଙ୍କୁ ନିଯୁକ୍ତି କରିଛନ୍ତି । ଏମାନେ ମନଇଚ୍ଛା ଖୁଚୁରା ବ୍ୟବସାୟୀମାନଙ୍କଠାରୁ ଟଙ୍କା ସଂଗ୍ରହ କରୁଛନ୍ତି। ଆଖପାଖ ଅଞ୍ଚଳର ଚାଷୀମାନେ ନିଜର ସ୍ୱଉପାର୍ଜନ ପନିପରିବା, ଶାଗ ଆଦି ଧରି ବଜାରକୁ ଆସିଥାନ୍ତି । ଠିକାଦାରମାନେ ଏମାନଙ୍କ ଠାରୁ ଜୋରଜବରଦସ୍ତ ୨୦ ଟଙ୍କା ଲେଖାଏଁ ଆଦାୟ କରୁଛନ୍ତି। ବିଶେଷ କରି ବୟସାଧିକ ମହିଳାମାନେ ଅଳ୍ପ ସାମଗ୍ରୀ ଧରି ପରିବାର ପ୍ରତିପୋଷଣ କରିବା ଲକ୍ଷ୍ୟରେ ଆସିଥାନ୍ତି। ଠିକାଦାରମାନଙ୍କ ଲୋକମାନେ ଏମାନଙ୍କଠାରୁ ଜବରଦସ୍ତ ଟଙ୍କା ଆଦାୟ କରୁଛନ୍ତି। ନ ଦେଲେ ସେମାନଙ୍କ ସାମଗ୍ରୀ ଉଠାଇ ନେଇ ଯାଉଛନ୍ତି। ଏନେଇ ନିର୍ବାହୀ ଅଧିକାରୀ ଦିଲୀପ ପଟେଲଙ୍କୁ ପଚାରିବାରେ ଖୁଚୁରା ବ୍ୟବସାୟୀମାନେ ୫ ଟଙ୍କାରୁ ଅଧିକ ନ ଦେବାକୁ ପରାମର୍ଶ ଦେବା ସହ ଠିକାଦାର ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି ।

## ଜୟ୍ ଗୁରୁଦେବ ସତସଙ୍ଗ

ବେଲପାହାଡ଼,୧୨।୧୨ (ଡ଼ି.ଏନ୍.ଏ) ଝାରସୁଗୁଡ଼ା ଜିଲା କଦେଲପିଟା ଗାଁ ସ୍ଥିତ ରାମଚଣ୍ଡୀ ମନ୍ଦିର ନିକଟ ପଡ଼ିଆରେ ଜୟ୍ ଗରୁଦେବ ଆଧ୍ୟାତ୍ମିକ ଅନୁଷ୍ଠାନ ପକ୍ଷରୁ ଗତ ବୁଧବାର ଓ ଗୁରୁବାର ଦୁଇ ଦିନ ଧରି ସତସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଉଜ୍ଜୟିନୀ ଆଶ୍ରମରୁ ଆସିଥିବା ସନ୍ଥ ବାବା ଉମାକାନ୍ତଜୀ ଯୋଗ ଦେଇ ସାତ୍ତ୍ୱିକ ଆହାର ବିଚାର, ଗୋମାତାର ସୁରକ୍ଷା ଓ ମାନବ ଧର୍ମ ସ୍ଥାପନା ଉପରେ ପ୍ରବଚନ ଦେଇଥିଲେ । କାର୍ଯ୍ୟକ୍ରମରେ ବେଲପାହାଡ଼, ବ୍ରଜରାଜନଗର, ଝାରସୁଗୁଡ଼ା, ସମ୍ବଲପୁର ଓ ସୁନ୍ଦରଗଡ଼ ସମେତ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ଶତାଧିକ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ।

■ ଜିଲାରେ ସ୍ୱାସ୍ଥ୍ୟସେବାରେ ଉନ୍ନତି ନେଇ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସମୀକ୍ଷା ବୈଠକ

# ରୋଗୀସେବା ଉପରେ ଗୁରୁତ୍ୱାରୋପ

ଝାରସୁଗୁଡା ଅଫିସ /ଲଖନପୁର, ୧୨।୧୨ (ଡି.ଏନ.ଏ)

ଗୁରୁବାର ଅପରାହ୍ନରେ ଡିଆରଡିଏ ସଦ୍‌ଭାବନା ଗୃହରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସ ଘରଡିହ ଶୂନ୍ୟ ଲୋକଙ୍କୁ ଜମି ଆବଣ୍ଟନ, ଜଙ୍ଗଲରେ ରହୁଥିବା ଅଧିବାସୀଙ୍କୁ ଜମି ସୁବିଧା କରାଇବା ତଥା ଜିଲାରେ ସ୍ୱାସ୍ଥ୍ୟସେବାରେ ଉନ୍ନତି ଆଣିବା ନେଇ ଅନୁଷ୍ଠିତ ସମୀକ୍ଷା ବୈଠକରେ ଆଲୋଚନା କରିଥିଲେ। ଝାରସୁଗୁଡା ପୌରାଞ୍ଚଳରେ ରହୁଥିବା ଘରଡିହ ଶୂନ୍ୟ ଲୋକମାନଙ୍କୁ ଯୋଜନା ଅନ୍ତର୍ଭୁକ୍ତ କରାଇ ଶୀଘ୍ର ଜମିପଟ୍ଟା ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ମନ୍ତ୍ରୀ ପୌରାଞ୍ଚଳରେ ଏହିଭଳି କେତେ ଘରଡିହ ଶୂନ୍ୟ ଲୋକ ରହିଛନ୍ତି ସେ ସମ୍ପର୍କରେ ପଚାରି ବୁଝିଥିଲେ। ଏହାଛଡା ଜିଲାର ବିଭିନ୍ନ ବ୍ଲକରେ କେତେ ଭୂମିହୀନ ଲୋକ ରହିଛନ୍ତି ତାର ସମୀକ୍ଷା କରିଥିଲେ। ଜିଲାରେ ଯେପରି କେହି ଭୂମିହୀନ ଲୋକ ରହିବେ ନାହିଁ ସେ ଦିଗରେ ପଲ୍ଲୀସଭା, ଗ୍ରାମସଭା ତଥା ଅନ୍ୟାନ୍ୟ ସ୍ତରରେ ବ୍ୟାପକ ଜନ ସଚେତନତା ସୃଷ୍ଟି ପୂର୍ବକ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସ୍ୱାସ୍ଥ୍ୟ ସମ୍ପର୍କିତ ଅନ୍ୟ ଏକ ବୈଠକରେ ମନ୍ତ୍ରୀ ଜିଲାରେ ସ୍ୱାସ୍ଥ୍ୟସେବାରେ ଉନ୍ନତି ଆଣିବା ପାଇଁ ଯୋଜନା ପ୍ରସ୍ତୁତି ଉପରେ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ମନ୍ତ୍ରୀ ବିଭିନ୍ନ ବ୍ଲକରେ ଥିବା ସିଏଚ୍‌ସି ଓ ପିଏଚ୍‌ସିମାନଙ୍କରେ ନିୟମିତ ଡାକ୍ତରମାନଙ୍କର ଉପସ୍ଥିତ ଓ ରୋଗୀ ସେବା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟ ସମତେ ବେଲପାହାଡ ଏରିଆ ହସ୍ପିଟାଲ ତଥା ବ୍ରଜରାଜନଗର, କୋଲାବିରା, କିର୍ମିରା, ମୁଦ୍ରାଯୋର, ଲଖନପୁର ଓ ରାଜପୁର ସିଏଚ୍‌ସିରେ ସର୍ଭିସ ପ୍ରୋଭାଇଡର ଦ୍ୱାରା ପରିଷ୍କାର ପରିଚ୍ଛନ୍ନତା କାର୍ଯ୍ୟ ଠିକ ଭାବରେ କରାଯାଉଛି କି ନାହିଁ ପଚାରି ବୁଝିଥିଲେ। ଏଥି ସହିତ ମୋବାଇଲ ଭ୍ୟାନ ଓ ଆମ୍ବୁଲାନ୍ସ ସେବା ସୂଚାରୁରୂପେ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ମନ୍ତ୍ରୀ ୫-ଟି ଓ ମୋ ସରକାର ଅନୁସାରେ କାର୍ଯ୍ୟ କରିବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ସମ୍ମିଳିତ କାର୍ଯ୍ୟ ଓ ପାରସ୍ପାରିକ ସହଯୋଗ ତଥା ଲୋକମାନଙ୍କର ସମସ୍ୟା ସମାଧାନ ଦିଗରେ ତତ୍ପରତା ପ୍ରକାଶ କରିବାକୁ ନିର୍ଦ୍ଦେଶ ଦେଇ ଝାରସୁଗୁଡା ଜିଲାକୁ ଏକ ଅଗ୍ରଣୀ ଜିଲାରେ ପରିଗଣିତ କରାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳ ସରୋଜ କୁମାର ସାମଲ ସମୀକ୍ଷା ବୈଠକରେ ଘରଡିହ ଶୂନ୍ୟ ଲୋକଙ୍କୁ ଜମି ଆବଣ୍ଟନ ତଥା ଜିଲାର ସ୍ୱାସ୍ଥ୍ୟ ସମ୍ପର୍କିତ ବିଭିନ୍ନ ତଥ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ଏହି ବୈଠକରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ତପିରାମ ମାଝି, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ନୃପଚରଣ ଦନସେନା, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଜଗଦିଶ ଚନ୍ଦ୍ର ବାରିକ, ସମସ୍ତ ତହସିଲଦାର, ସମ୍ପୃକ୍ତ ବିଭାଗୀୟ ଅଧିକାରୀ, ମନ୍ତ୍ରୀଙ୍କ ପ୍ରତିନିଧି ଦୀପାଳି ଦାସ ଉପସ୍ଥିତ ଥିଲେ। ଝାରସୁଗୁଡା ପୌରାଞ୍ଚଳ ତଥା ବିଭିନ୍ନ ଅଞ୍ଚଳର ନେତୃ ସ୍ଥାନୀୟ ଲୋକ ଉପସ୍ଥିତ ରହି ଘର ଡିହ ଶୂନ୍ୟ ଲୋକଙ୍କୁ ଜମି ଆବଣ୍ଟନ ଓ ସ୍ୱାସ୍ଥ୍ୟ ସମ୍ପର୍କିତ ସମସ୍ୟା ସମ୍ପର୍କରେ ମନ୍ତ୍ରୀଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । ଶେଷରେ ଉପଜିଲାପାଳ ଶିବ ଟପ୍ପୋ ଧନ୍ୟବାଦ ଦେଇଥିଲେ।



ଡିଆରଡିଏ ସଦ୍‌ଭାବନା ଗୃହରେ ସମୀକ୍ଷା ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସ, ଜିଲାପାଳ ଓ ଅନ୍ୟ ଅଧିକାରୀ ଉପସ୍ଥିତ।

■ ଘରଡିହ ଶୂନ୍ୟ ଲୋକଙ୍କୁ ଜମି ବଣ୍ଟନ
■ ଯେପରି କେହି ଭୂମିହୀନ ଲୋକ ରହିବେ ନାହିଁ
■ ଜଙ୍ଗଲ ଅଧିବାସୀଙ୍କୁ ଜମି ସୁବିଧା କରାଇବାକୁ ଗୁରୁତ୍ୱ

## ବୟୋଜ୍ୟେଷ୍ଠ ଭାଜପା ନେତାଙ୍କ ପରଲୋକ



ସ୍ୱର୍ଗତ ଶ୍ୟାମଲାଲ ଅଗ୍ରୱାଲ ।

ବେଲପାହାଡ଼, ୧୨।୧୧ (ଡ଼ି.ଏନ୍.ଏ) ଝାରସୁଗୁଡ଼ା ଜିଲା ବେଲପାହାଡ଼ ଅଞ୍ଚଳର ବୟୋଜ୍ୟେଷ୍ଠ ଭାଜପା ନେତା,ସଙ୍ଗଠକ ଓ ସାମାଜିକ କର୍ମୀ ଶ୍ୟାମଲାଲ ଅଗ୍ରୱାଲଙ୍କ ଗୁରୁବାର ପରଲୋକ ହୋଇଯାଇଛି। ସେ ଗତ କିଛିଦିନ ପୂର୍ବରୁ ଗୁରୁତର ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ପରିବାର ଲୋକେ ଚିକିତ୍ସା ପାଇଁ ଆର୍‌ଏଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ହସ୍ପିଟାଲ ଆଇସିୟୁରେ ଚିକିତ୍ସାଧୀନ ଥିବା ଅବସ୍ଥାରେ ଗୁରୁବାର ମଧ୍ୟାହ୍ନରେ ତାଙ୍କ ପରଲୋକ ହୋଇଥିଲା। ଶ୍ୟାମଲାଲଙ୍କ ସହଧର୍ମିଣୀ, ୪ ପୁତ୍ର ଓ ପୁତ୍ରବଧୂ ରହିଛନ୍ତି। ଭାଜପା ନେତାଙ୍କ ମୃତ୍ୟୁ ଖବର ପହଞ୍ଚିଲା ପରେ ପୌରାଧ୍ୟକ୍ଷ ପର୍ଶୁରାମ ସାହୁଙ୍କ ସମେତ ବହୁ ବରିଷ୍ଠ ନାଗରିକ ଓ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ତାଙ୍କ ବାସଭବନକୁ ଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସ୍ୱର୍ଗତ ଶ୍ୟାମଲାଲ ଭାଜପା ଦଳର ଜଣେ ପ୍ରତିଷ୍ଠାତା ସଦସ୍ୟ ଥିଲେ ଏବଂ ୧୯୮୪ରୁ ୨୦୦୦ ମସିହା ପର୍ଯ୍ୟନ୍ତ ବ୍ରଜରାଜନଗର ବିଧାନସଭା ନିର୍ବାଚନ କ୍ଷେତ୍ରରେ ସାଙ୍ଗଠନିକ ଅଭିବୃଦ୍ଧି ପାଇଁ ସକ୍ରିୟ ଦାୟିତ୍ୱ ନିର୍ବାହ କରିଥିଲେ । ଏପରିକି ଏକଦା ଭାଜପା ଦଳର ଲୋକପ୍ରିୟତା ଓ ସାଙ୍ଗଠନିକ କ୍ଷମତା ନ ଥିବା ସମୟରେ ତଥା ଦଳ ପାଇଁ ପ୍ରାର୍ଥୀ ହେବାକୁ କେହି ଆଗ୍ରହ ପ୍ରକାଶ କରୁ ନ ଥିବା ସମୟରେ ସେ ଦଳର ଉଚ୍ଚସ୍ତରୀୟ ନେତାମାନଙ୍କ ନିର୍ଦ୍ଦେଶ ପାଳନ କରିଥିଲେ ଏବଂ ବ୍ରଜରାଜନଗର ବିଧାନସଭା ନିର୍ବାଚନରେ ଭାଜପା ପ୍ରାର୍ଥୀ ହୋଇ ପରାଜିତ ହୋଇଥିଲେ। ନାଗରିକ ଚେତନା ମଞ୍ଚ ନାମରେ ଏକ ସଙ୍ଗଠନ ଗଢି ଜନସମସ୍ୟା ଉତ୍ଥାପନ କରିଆସୁଥିଲେ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ବିଭିନ୍ନ ବିଭାଗର ଅଧିକାରୀ, ସରପଞ୍ଚ ପ୍ରମୁଖ ଉପସ୍ଥିତ।

ଲଇକେରା,୧୨।୧୨ (ଡି.ଏନ.ଏ.) ଝାରସୁଗୁଡା ଜିଲା ଲଇକେରା ବ୍ଲକ ବାବୁଛିପିଡିହି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ୮୭ ଜଣ ଭିନ୍ନକ୍ଷମ ଚିହ୍ନଟ କରାଯାଇଥିଲା। ସେମାନଙ୍କୁ ଆଗାମୀ ଦିନରେ ସାର୍ଟିଫିକେଟ ପ୍ରଦାନ କରାଯିବାର ସ୍ଥିର ହୋଇଛି। ଶିବିରରେ ଭାରପ୍ରାପ୍ତ ବିଡିଓ ପ୍ରମୋଦ କୁମାର ଦେହୁରୀ, ଜିଲା ସାମାଜିକ ସୁରକ୍ଷା ଅଧୀକାରୀ ଶୁଶିଳା କିରୋ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରାଜେନ୍ଦ୍ର କିଷାନ, ବାବୁଛିପିଡିହି ସରପଞ୍ଚ, ସମନ୍ୱୀତ ଶିଶୁ ବିକାଶ ଯୋଜନା ଅଧିକାରୀ, ଅଙ୍ଗନୱାଡି କର୍ମୀ ସହ ଅନ୍ୟ ପଦାଧିକାରୀ ଯୋଗ ଦେଇଥିଲେ।

## ବିଜ୍ଞାନର ଆବଶ୍ୟକତା ପ୍ରତିପାଦିତ କରିବା ବିଜ୍ଞାନମେଳାର ଉଦ୍ଦେଶ୍ୟ

କୋଲାବିରା,୧୨।୧୨(ଡି.ଏନ.ଏ)

ଅତ୍ୟାଧୁନିକ ଯୁଗରେ ପୃଥିବୀ ପୃଷ୍ଠରେ ବିଜ୍ଞାନର ଅଗ୍ରଗତୀ ତୀବ୍ର ଭାବରେ ବୃଦ୍ଧି ପାଉଥିବାରୁ ଏହାକୁ ଲକ୍ଷ ରଖି ଏହାର ଆବଶ୍ୟକତା ଓ ଉପାଦେୟତା କିପରି ତୃଣମୂଳ ସ୍ତରରେ ପ୍ରତିପାଦିତ କରାଯାଇ ପାରିବ ସେ ନେଇ ବିଜ୍ଞାନ ମେଳାର ଆୟୋଜନ କରାଯାଇଥାଏ। ଏନେଇ କୋଲାବିରା ଶିକ୍ଷା ବିଭାଗ ପକ୍ଷରୁ ତରଫରୁ କୋଲାବିରା ବ୍ଲକର ସମସ୍ତ ବିଦ୍ୟାଳୟକୁ ନେଇ କୋଲାବିରା ବ୍ଲକ ଅନ୍ତର୍ଗତ ଏସ.ପଣ୍ଡକିମାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଏକ ବ୍ଲକ ସ୍ତରୀୟ ବିଜ୍ଞାନ.ଗଣିତ ଓ ପରିବେଶ ଉପରେ ଏକ ପ୍ରଦର୍ଶନୀର ଆୟୋଜନ କରାଯାଇଥଲା। ଏହାର ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ମୀନାରାଣି ମଙ୍ଗଳ,ସମ୍ମାନୀତ ଅତିଥି ଭାବରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନିର୍ମଳା ସତପଥି ପ୍ରମୁଖ ଯୋଗଦେଇଥିଲେ। ଏହି ପ୍ରଦର୍ଶନୀରେ ବିଭିନ୍ନ ବିଦ୍ୟାଳୟରୁ ପ୍ରାୟ ୭୦ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ଏଥିମଧ୍ୟରୁ ୧୨ଟି ଉତ୍କୃଷ୍ଟ ପ୍ରକଳ୍ପ ଜିଲ୍ଲାସ୍ତରୀୟ ବିଜ୍ଞାନ ମେଳାରେ ସ୍ଥାନିତ ହେବାପାଇଁ ଉନ୍ନୀତ କରାଯାଇଥିଲା। ଉଦ୍‌ଯାପନୀରେ ବିଇଓ ଗିରିଧାରୀ ଭୋଇ ସଭାପତିତ୍ୱ କରିଥିଲେ।

## ଲକ୍ଷ୍ମୀନାରାୟଣ ଫୁଟବଲ ମ୍ୟାଚ୍

# ଆରିୟାନ ଇଲେଭେନ ବିଜୟୀ



ଫୁଟବଲ ପ୍ରତିଯୋଗିତାର ଉଦ୍‌ଯାପନୀରେ ମଞ୍ଚାସୀନ ଅତିଥି।

କୋଲାବିରା,୧୨।୧୨(ଡି.ଏନ.ଏ.) କୋଲାବିରା ବ୍ଲକ ଅନ୍ତର୍ଗତ ରଜାମାଲ ଠାରେ ପବିତ୍ର ଲକ୍ଷ୍ମୀଯାତ୍ରା ଅବସରରେ ଏକଦ୍ୱି-ଦିବସୀୟ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଫାଇନାଲ ମ୍ୟାଚ ତାରିଣୀ କ୍ଲବ ଏବଂ ଆରିୟାନ ଇଲେଭେନ ଝାରସୁଗୁଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ତେବେ ଖେଳ ଅବଧି ସମାପ୍ତ ପର୍ଯ୍ୟନ୍ତ କେହି କାହାରିକୁ ଗୋଲ ଦେଇ ନ ପାରି ବରାବରି ହୋଇଥିଲେ। ପରେ ପେନଲଟି ସୁଟଆଉଟ ଜରିଆରେ ୩-୨ ଗୋଲରେ ଆରିୟାନ ଇଲେଭେନ ତାରିଣୀ କ୍ଲବକୁ ହରାଇ ବିଜୟୀ ଘୋଷିତ ହୋଇଥିଲା। ଏହି ପ୍ରତିଯୋଗିତାରେ ବୀଣାପାଣି କ୍ଲବ ଯୁନାଡିହି,ଏସଏଚଜି କ୍ଲବ ତାଲମୁଣ୍ଡ, ଲକ୍ଷ୍ମଣ ନାଏକ ଯୁବକ ସଂଘ ସରଗିପାଲି, ଆରିୟାନ ଇଲେଭେନ ଝାରସୁଗୁଡା, ଏ ଓାନ କ୍ଲବ ପଡିଆବାହାଲ, ଜୟବଜରଙ୍ଗ କ୍ଲବ ବରାହମୁଣ୍ଡା, ଏସଏସବିବି କ୍ଲବ ଖଡିଆପାଲି, ମା' ତାରିଣୀ କ୍ଲବ ଝରା ନିକ୍ରିମାଲ, ସରଜିକାଲ ଷ୍ଟ୍ରାଇକ ଝାରସୁଗୁଡା, ନୀଣାପାଣୀ କ୍ଲବ ସୁନାମାଲ, ଆଦିବାସୀ କ୍ଲବ ବଡପଡା ରେଙ୍ଗାଳୀ, ଯୁଥ କ୍ଲବ ବନ୍ଧପାଲି, ଶ୍ରୀକୃଷ୍ଣା କ୍ଲବ ନିର୍ଗୁଣ୍ଡିପଡା ସମ୍ବଲପୁର, ଏକାମ୍ର ଯୁବକ ସଂଘ ଲଖନପୁର,ଆଜାଦ କ୍ଲବ ସୁନ୍ଦରଗଡ, ଡିଇଇଡିଟିଏସ ଇଲେଭେନ ରାଉରକେଲା ଆଦି ଫୁଟବଲ ଦଳ ଏଥିରେ ଭାଗ ନେଇଥିଲେ। ରେଫରୀ କୌଶିକ ଭୋଇ, ଅମୀୟ ପଟେଲ, ରାଜକୁମାର ମଣ୍ଡଳ, ମିତ୍ରଭାନୁ ନାଏକ, ତ୍ରିଲୋଚନ ମାଝୀ, ମନୋଜ ବେହେରା ପ୍ରମୁଖ ଖେଳ ପରିଚାଳନା କରିଥିଲେ। ପୁରସ୍କାର ବିତରଣୀ ଅବସରରେ ସମାସିଂହା ପୂର୍ବତନ ସରପଞ୍ଚ ତଥା ବିଜୁ ଜନତା ଦଳ ବ୍ଲକ ସଭାପତି ତୁଳାରାମ ସେନାପତି ସଭାପତିତ୍ୱ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବିଶ୍ୱନାଥ ମିର୍ଦ୍ଧା ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ କରୁଣାକର ସେଠ, ଗୌତମ ନାଏକ, ମଦନ ମୋହନ ପଟେଲ, କ୍ଷୀତଚନ୍ଦ୍ର ନାଏକ, ତୁଲେଶ୍ୱର ପଟେଲ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହିତ ବିଜୟୀ ଏବଂ ଉପ ବିଜେତା ଦଳକୁ ନଗଦ ଅର୍ଥ ସହ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ। ତାଛଡା ଗ୍ରାମାଞ୍ଚଳରେ ନିଜ ଭିତରେ ଏପରି ପ୍ରତିଯୋଗିତାର ଆୟୋଜନ କରାଯାଇ ଭାଇଚାରା ତଥା ବନ୍ଧୁତ୍ୱର ବାର୍ତ୍ତା ବହନ ପାଇଁ କରାଯାଉଥିବା ପ୍ରୟାସକୁ ପ୍ରଶଂସା କରିଥିଲେ ଅତିଥି ଗଣ। ଲକ୍ଷ୍ମୀ ନାରାୟଣ ଯୁବକ ସଂଘର ସଭାପତି ପବିତ୍ର ମାଝି, ତୁକାରାମ ବାଗଙ୍କ ସମେତ ସମସ୍ତ କର୍ମକର୍ତ୍ତା, ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।

# ଦୁଇ ବିଭାଗୀୟ କର୍ମଚାରୀ ନିଲମ୍ବିତ

ସଇଁତଲା, ୧୨।୧୨(ଡି.ଏନ.ଏ.) ସଇଁତଲା ଥାନା ବେଲଗାଁ କେନ୍ଦୁପତ୍ର ଗୋଦାମରୁ ଗତ ୭ତାରିଖ ରାତିରେ ୫୬ବସ୍ତା କେନ୍ଦୁପତ୍ର ଚୋରି ଘଟଣାରେ ୨ଜଣ ବିଭାଗୀୟ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଛି। ସେମାନେ ହେଲେ ଫରେଷ୍ଟର ଦୁଷ୍ମନ୍ତ ବିଶି ଓ ରାତ୍ର ଜଗୁଆଳି ମୋତିରାମ ଭୋଇ। ଗୋଦାମରୁ ଚୋରି କେନ୍ଦୁପତ୍ରର ବଜାର ମୂଲ୍ୟ ପ୍ରାୟ ୮ଲକ୍ଷ ଟଙ୍କା ହେବ । ଚୋରି ସମ୍ପର୍କରେ ବେଲଗାଁ ରେଞ୍ଜର ସନୋଜ ନାଏକ ସ୍ଥାନୀୟ ଫାଣ୍ଡିରେ ଅଭିଯୋଗ କରିଥିଲେ। ବେଲଗାଁଠାରେ ଥିବା କେନ୍ଦ୍ରୀୟ ଗୋଦାମ ଚାରିପଟରେ ଉଚ୍ଚ ବାଡ଼ ଥିବାବେଳେ ସେଠାରେ ଚାରିଜଣ ରାତ୍ର ଜଗୁଆଳି ଉପସ୍ଥିତ ଥିଲେ । କେନ୍ଦୁପତ୍ର ବିଭାଗ କର୍ମକର୍ତ୍ତାଙ୍କ କହିବା ଅନୁସାରେ ଚୋରିହୋଇଥିବା ଗୋଦାମରୁ ଚୋରମାନେ ବାଡ଼ ଡ଼ିଆଇଁ ପ୍ରାୟ ୧୦୦ମିଟର ଦୂରରେ ଥିବା ଏକ ଟ୍ରକରେ ବସ୍ତା ଗୁଡ଼ିକ ଲଦି ନେଇଯାଇଛନ୍ତି।

# ଘରକାନ୍ଥରେ ସୂଚନା ଫଳକ




କାନ୍ଥରେ ଥିବା ସୂଚନା ଫଳକ ।

କୋଲାବିରା,୧୨।୧୨ (ଡି.ଏନ.ଏ.)

କୌଣସି ପ୍ରକଳ୍ପର କାର୍ଯ୍ୟ ଆରମ୍ଭ ହେଲେ ଜନସାଧାରଣଙ୍କ ଅବଗତି ନିମନ୍ତେ ଏହାର ସମସ୍ତ ସୂଚନା ଫଳକରେ ଲିପିବଦ୍ଧ ହେବା କଥା। ମାତ୍ର ଏକ କାର୍ଯ୍ୟର ସୂଚନା ଦେବାକୁ ଯାଇ ଫଳକ ବଦଳରେ ସରପଞ୍ଚଙ୍କ ଘର କାନ୍ଥ ଲେଖିବା, ତାହାପୁଣି ଅସମ୍ପୂର୍ଣ୍ଣ ବୋଲି ଅଭିଯୋଗ ହୋଇଛି। ଏପରି ଘଟଣା ଦେଖିବାକୁ ମିଳିଛି ଝାରସୁଗୁଡା ଜିଲା କୋଲାବିରା ଗ୍ରାମପଞ୍ଚାୟତର ୩ନମ୍ବର ଓ୍ୱାର୍ଡ ଅନ୍ତର୍ଗତ ବନ୍ଧଗଳି କଂକ୍ରିଟ କରଣ ଓ ଡ୍ରେନ ନିର୍ମାଣ କାର୍ଯ୍ୟରେ। କୋଲାବିରା ପଞ୍ଚାୟତ ପକ୍ଷରୁ ପ୍ରଦତ୍ତ ଅନୁଦାନ ଅର୍ଥରେ କୋଲାବିରା ବସ୍ତି ମଝିରେ ଏନଏଚରୁ ବନ୍ଧକୁ ଯାଇଥିବା କଂକ୍ରିଟ ରାସ୍ତା ଉପରେ ପୁଣି କଂକ୍ରିଟ କରାଯାଉଛି। ତେବେ ଏହି କାର୍ଯ୍ୟରେ ସୂଚନା ସ୍ୱତନ୍ତ୍ର ଫଳକ ବଦଳରେ ସରପଞ୍ଚଙ୍କ ଘର କାନ୍ଥରେ ଲେଖାଯାଇଛି। ତାହା ପୁଣି ଅସମ୍ପୂର୍ଣ୍ଣ। ସେଥିରେ କାର୍ଯ୍ୟନିର୍ବାହୀ ସଂସ୍ଥା ଗ୍ରାମପଞ୍ଚାୟତ ବୋଲି ସୂଚନା ଥିବାବେଳେ ଏହି କାର୍ଯ୍ୟର ଆରମ୍ଭ ଓ ଶେଷ ତାରିଖ ଏବଂ ତଥା ଅନ୍ୟାନ୍ୟ ତଥ୍ୟ ଲେଖାଯାଇ ନ ଥିବା ଜଣାପଡିଛି। ଏପରିକି ସୂଚନା ଫଳକରେ ଡ୍ରେନ କାର୍ଯ୍ୟ ରହିଥିବା ବେଳେ ଡ୍ରେନ କରାଯାଇନାହିଁ। ତେବେ ସମସ୍ତ କାର୍ଯ୍ୟର ସୂଚନା ଜାଣିବା ଜନସାଧାରଣ ହକଦାର ଥିବାବେଳେ କେଉଁ ପରିସ୍ଥିତିରେ ପଞ୍ଚାୟତ ସମିତି କର୍ତ୍ତୃପକ୍ଷ ଏପରି ବେଆଇନ କାମକୁ ପ୍ରୋତ୍ସାହିତ କରୁଛନ୍ତି ବୋଲି ଜନସାଧାରଣରେ ଆଲୋଚନା ହେଉଛି।

## ମହାନଦୀ କୋଇଲା କମ୍ପାନୀର ଆନ୍ତଃ କ୍ଷେତ୍ରୀୟ୍ କବାଡି ପ୍ରତିଯୋଗିତା ଉଦ୍‌ଘାଟିତ

# ବ୍ରଜରାଜନଗର ୮୫, ଲଖନପୁର ୫୪ ପଏଣ୍ଟ ପାଇ ଅଗ୍ରଣୀ

ବ୍ରଜରାଜନଗର, ୧୨।୧୨ (ଡି.ଏନ.ଏ)

ବ୍ରଜରାଜନଗର ସହରାଞ୍ଚଳର ମହାନଦୀ କୋଇଲା କମ୍ପାନୀ ଅଧିନରେ ଥିବା ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମରେ କମ୍ପାନୀର ଆନ୍ତଃ କ୍ଷେତ୍ରୀୟ କବାଡି ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ସମାରୋହରେ ଇବ୍‌କ୍ଷେତ୍ର ମହା ପ୍ରବନ୍ଧକ ମଧୁସୂଦନ ଶର୍ମା ମୁଖ୍ୟଅତିଥି ଭାବରେ ଯୋଗଦେଇ ପ୍ରତିଯୋଗିତାକୁ ଉଦଘାଟନ କରିବା ସହିତ ଖେଳାଳିମାନଙ୍କୁ କବାଡି ଖେଳର ନିୟମ ମାନି ଖେଳିବାକୁ ପରାମର୍ଶ ଦେଇଥିଲେ । ଉଦ୍‌ଘାଟନୀ ମ୍ୟାଚ ଇବକ୍ଷେତ୍ର ବ୍ରଜରାଜନଗର ଓ ଏମସିଏଲ ମୁଖ୍ୟାଳୟ ବୁର୍ଲା ମଧରେ ଅନୁଷ୍ଠିତ ହୋଇଥିଲା । ନିର୍ଦ୍ଧାରିତ ସମୟ ମଧରେ ବ୍ରଜରାଜନଗର ୮୫ ପଏଣ୍ଟ ଓ ବୁର୍ଲା ୨୭ ପଏଣ୍ଟ ପାଇଥିଲେ । ପରବର୍ତ୍ତି ମ୍ୟାଚ ଲଖନପୁର କ୍ଷେତ୍ର ଓ ଓରିଏଣ୍ଟ କ୍ଷେତ୍ର ମଧରେ ହୋଇଥିଲା । ସେହି ମ୍ୟାଚରେ ଲଖନପୁର ୫୪ ଓ ଓରିଏଣ୍ଟ ୪୫ ପଏଣ୍ଟ ପାଇଥିଲା । ଏହି ପ୍ରତିଯୋଗିତା ଦୁଇ ଦିନ ଚାଲିବ । ପ୍ରତିଯୋଗିତାରେ ଓଡିଶାରେ କାର୍ଯ୍ୟରତ ମହାନଦୀ କୋଇଲା କମ୍ପାନୀର ବିଭିନ୍ନ କ୍ଷେତ୍ରରୁ ୧୩ ଗୋଟି ଦଳ ଅଂଶଗ୍ରହଣ କରିଥିଲେ । ସେମାନେ ଇବଭ୍ୟାଲି, ଏମସିଏଲ ମୁଖ୍ୟାଳୟ, ଲିଙ୍ଗରାଜ ଏରିଆ, ସିଡବ୍ଲୁଏସ, ଭରତପୁର, ବସୁନ୍ଧରା, ତାଳଚେର, ହିଙ୍ଗୁଲା, ଓରିଏଣ୍ଟ, ଲଖନପୁର, ଜଗନ୍ନାଥ ଓ ସିବ୍ଲୁଏସ ତାଳଚେର ଅନ୍ତର୍ଭୁକ୍ତ । ଏହି ୧୩ ଗୋଟି ଦଳକୁ ନେଇ ମୋଟ ୧୨ ଗୋଟି ମ୍ୟାଚ ଖେଳାଯିବ । ଝାରସୁଗୁଡା ଜିଲା ଖେଳ ସମ୍ପାଦକ କମ୍ପାଉଣ୍ଡର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୫ଜଣ ରାଜ୍ୟ ସ୍ତରୀୟ ରେଫରିଙ୍କୁ ନେଇ ଖେଳାଯାଉଛି । କାର୍ଯ୍ୟକ୍ରମରେ ଏମ୍‌ସିଏଲ କ୍ଷେତ୍ରରେ କାର୍ଯ୍ୟରତ ବିଭିନ୍ନ ଶ୍ରମିକ ସଙ୍ଗଠନର ନେତାମାନେ ମଞ୍ଚାସୀନ ଥିଲେ । କେନ୍ଦ୍ରୀୟ ଚିକିତ୍ସାଳୟ ଡା. ଅରୁଣ ଅଗ୍ରୱାଲ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ ।



ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମରେ କମ୍ପାନୀର ଆନ୍ତଃ କ୍ଷେତ୍ରୀୟ କବାଡି ପ୍ରତିଯୋଗିତାର ଉଦ୍‌ଘାଟନୀ ମୁହୂର୍ତ୍ତ।



ସତ୍ୟ ଓ ଆଲୋକ ଦୁଇଟି ଯାକ ସମାନ। ଦୁହିଁଙ୍କର ପଥ ଗୋଟିଏ ସରଳରେଖାରେ ହିଁ ଗତି କରେ।
-ଆବ୍ରାହମ୍ ଲିଙ୍କନ



## ସଂକ୍ଷେପରେ

### ବଧୂର ସନ୍ଦେହଜନକ ମୃତ୍ୟୁ : ଶାଶୁ, ଶ୍ୱଶୁର, ସ୍ୱାମୀ ଅଟକ

**ହେମଗିର, ୧୨।୧୨ (ଡି.ଏନ.ଏ):** ମେହଗିର ଥାନା ଅନ୍ତର୍ଗତ ଲୁଆବାହାଲ ଗ୍ରାମରେ ଏକ ନବ ବିବାହିତ ବଧୂର ସନ୍ଦେହଜନକ ମୃତ୍ୟୁକୁ ନେଇ ପୋଲିସ ତାଙ୍କର ଶାଶୁ, ଶ୍ୱଶୁର ଓ ସ୍ୱାମୀଙ୍କୁ ଅଟକ ରଖି ପଚରାଉଚୁରା କରୁଛି । ଘଟଣାରୁ ଜଣାପଡେ ଯେ, ଲୁହାବାହାଲ ଗ୍ରାମର ଭିଡିଓ ହଲ ଛକ ପାଖରେ ଖରିଫ କୁରେସିର ଘର ରହିଛି । ସେ ଗତ ୭ ମାସ ତଳେ ଆହ୍ଲାବାଦ ସହରରୁ ତୋହିତା ବେଗମ୍ ନାମ୍ନୀ ଯୁବତୀକୁ ବିବାହ ହୋଇଥିଲେ । ବର୍ତ୍ତମାନ ବେଗମ୍ ଗର୍ଭବତୀ । ଗତ ବୁଧବାର ପ୍ରାୟ ୧୨ଟାରେ ଘର ଭିତରେ ବେଗମ୍ ଘର ଭିତରେ ଅଚେତ ଅବସ୍ଥାରେ ପଡିଥିବା ଦେଖି ଘର ଲୋକେ ତୁରନ୍ତ ବିଲେଇମୁଣ୍ଡା ଡାକ୍ତରଖାନାକୁ ଆଣିଥିଲେ। ଅବସ୍ଥା ଗୁରୁତର ଥିବାରୁ ତାକୁ ପୁଣି ହେମଗିର ଡାକ୍ତରଖାନାକୁ ଅଣାଯାଇଥିଲା । ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ । ଏହା ଝିଅର ବାପା ମାଆ ଜାଣିବା ପରେ ହେମଗିର ଥାନାରେ ପହଞ୍ଚି ଝିଅର ମାଆ କରିମା ବେଗମ ସ୍ୱାମୀ ଆରିଫ କୁସେନି, ଶ୍ୱଶୁର ଚନ୍ଦନ କୁସେକି, ଶାଶୁ ସୀତାରାମ କୁସେକିଙ୍କ ନାମରେ ଏତଲା ଦେଇଛନ୍ତି। ଏହାକୁ ଭିତ୍ତିକରି ପୋଲିସ ତିନି ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଛି । ଏଠାରେ ଅଭିଯୋଗକାରିଣୀ ଝିଅକୁ ଯୌତୁକ ବାବଦରେ ଟଙ୍କା ଆଣିବା ପାଇଁ ମାରପିଟ କରୁଥିବା କଥା ମଧ ଉଲ୍ଲେଖ କରିଛନ୍ତି ।



### ବଡ଼ଗାଁ ବିଜେଡିର ବରିଷ୍ଠ କର୍ମୀଙ୍କ ପରଲୋକ

**ବଡ଼ଗାଁ, ୧୨।୧୨ (ଡି.ଏନ.ଏ):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ବିଜୁ ଜନତା ଦଳ (ବିଜେଡ଼ି)ର ବରିଷ୍ଠ କର୍ମୀ ଭୋଇପାଲି ଗ୍ରାମର ସୁଧିର କୁମାର ପଟେଲ(୪୬)ଙ୍କ ବୁଧବାର ରାତିରେ ପରଲୋକ ଘଟିଛି। ବୁଧବାର ରାତି ୧୦ଟାରେ ହଠାତ ବାନ୍ତି ହେଲାପରେ ଗୁରୁତର ହୋଇଥିଲେ। ତାଙ୍କୁ ବଡଗାଁ ଡାକ୍ତରଖାନା ଅଣାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସେ ମେଳାପୀ ଓ ମିଷ୍ଟଭାଷୀ ଥିବାରୁ ବଡଗାଁ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି।

# କନିଷ୍ଠ କୀଟତତ୍ତ୍ୱବିତ୍ ନିଯୁକ୍ତି ପ୍ରକ୍ରିୟାକୁ ବାତିଲ ମସୁଧା

## ଅତିରିକ୍ତ ଜିଲାପାଳଙ୍କୁ ଭେଟି ଆଲୋଚନା କଲେ ସାମାଜିକ କର୍ମୀ

**ସୁନ୍ଦରଗଡ, ୧୨।୧୨ (ଡି.ଏନ୍.ଏ)**

ସୁନ୍ଦରଗଡ ଜିଲାରେ ୧୯ଜଣ କୀଟତତ୍ତ୍ୱବିତ୍ ନିଯୁକ୍ତି ନିମନ୍ତେ ଜିଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ଆରମ୍ଭ ହୋଇଥିବା ନିଯୁକ୍ତି ପ୍ରକ୍ରିୟାକୁ ବନ୍ଦ କରିବା ନିମନ୍ତେ ମସୁଧା ହେଉଥିବା ନେଇ ଅତିରିକ୍ତ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ସାମାଜିକ କର୍ମୀ ଶାନ୍ତନୁ କୁସୁମଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଅତିରିକ୍ତ ଜିଲାପାଳ ନୃସିଂହ ଚରଣ ସ୍ୱାଇଁଙ୍କୁ ସାକ୍ଷାତକରି ଏହି ଅଭିଯୋଗ ଆଣିଛନ୍ତି। ଏହି ପ୍ରତିନିଧିଦଳ ଅଭିଯୋଗ କରିଛନ୍ତି ଯେ, ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଗତ ଅଗଷ୍ଟ ୧୫ ତାରିଖ ଏହି ପଦବୀ ପାଇଁ ନିଯୁକ୍ତି ସମ୍ପର୍କୀତ ବିଜ୍ଞାପନ ପ୍ରକାଶ ପାଇଥିଲା । ଏହାପରେ ନିଯୁକ୍ତି ନିମନ୍ତେ ଲିଖିତ ପରୀକ୍ଷା ମଧ୍ୟ ଶେଷ ହୋଇଛି। ହେଲେ ବର୍ତ୍ତମାନ ଜିଲା ସ୍ୱାସ୍ଥ୍ୟ ବିଭାଗର କେତେଜଣ ଅଧିକାରୀ



ଅତିରିକ୍ତ ଜିଲାପାଳଙ୍କୁ ଭେଟି ଆଲୋଚନା କରୁଛନ୍ତି ସାମାଜିକ କର୍ମୀ।

ନିଜର ଅନୁଗତମାନଙ୍କୁ ନିଯୁକ୍ତି ଦେବା ପାଇଁ ଏହି ନିଯୁକ୍ତି ପ୍ରକ୍ରିୟାକୁ ବାତିଲ କରିବା ମସୁଧା କରୁଛନ୍ତି ବୋଲି ଅଭିଯୋଗ କରିଛନ୍ତି। ଏହି ବିଜ୍ଞାପନ ପ୍ରକାଶ ପାଇବାର ୫ମାସ ପରେ ମଧ୍ୟ ନିଯୁକ୍ତି ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ କରା ନ ଯିବା ପଛରେ କଣ ଉଦ୍ଦେଶ୍ୟ ରହିଛି ସେ ନେଇ ପ୍ରଶ୍ନ ଉଠାଇଛନ୍ତି। ଏ ନେଇ ଅତିରିକ୍ତ ଜିଲାପାଳଙ୍କୁ ମଧ୍ୟ ସ୍ମାରକପତ୍ରରେ ଦର୍ଶାଇଛନ୍ତି। ଏଥିରେ ଦର୍ଶାଇଛନ୍ତି ଯେ, ସଚେତନତା ଓ ସ୍ୱାସ୍ଥ୍ୟ ସେବାର ଅଭାବ ଯୋଗୁ ଜିଲାରେ ମ୍ୟାଲେରିଆ ଓ ଡେଙ୍ଗୁ ମହାମାରୀ ରୂପ ଧାରଣ କରୁଛି। ଏଣୁ ପ୍ରତ୍ୟେକ ବ୍ଲକରେ କନିଷ୍ଠ କୀଟତତ୍ତ୍ୱବିତ୍ ନିଯୁକ୍ତିର ଆବଶ୍ୟକତା ରହିଛି। ଗତ ୩ ମାସ ମଧ୍ୟରେ ଜିଲାର ବିଭିନ୍ନ ସ୍ଥାନରେ ୧୩୫ ଜଣ ଲୋକ ଡେଙ୍ଗୁରେ ଆକ୍ରାନ୍ତ ହୋଇଥିବା ବେଳେ ୨ଜଣ ମୃତ୍ୟୁବରଣ କରିଥିଲେ। ଏହାଛଡା ମ୍ୟାଲେରିଆରେ ବହୁତ ରୋଗୀ ମଧ୍ୟ ଆକ୍ରାନ୍ତ ହୋଇଛନ୍ତି। ଏସବୁ ସ୍ଥିତିକୁ ଆଖି ଆଗରେ ରଖି ତତ୍କାଳୀନ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପଙ୍କଜ କୁମାର ପଟେଲ ଜିଲାର ୧୭ ଗୋଟି ବ୍ଲକ ଓ ୨ଟି ପୌରପାଳିକା ପାଇଁ ମୋଟ ୧୯ଟି କନିଷ୍ଠ କୀଟତତ୍ତ୍ୱବିତ୍ ନିଯୁକ୍ତି ନିମନ୍ତେ ପ୍ରକ୍ରିୟା ଆରମ୍ଭ କରିଥିଲେ। ଏଣୁ ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଲିଖିତ ପରୀକ୍ଷା ଦେଇସାରିଥିବା ଆଶାୟୀଙ୍କୁ ଯଥାଶୀଘ୍ର ନିଯୁକ୍ତି ପ୍ରଦାନ ନିମନ୍ତେ ଦାବି କରିଛନ୍ତି। ଏହି ପ୍ରତିନିଧି ଦଳରେ ସାମାଜିକ କର୍ମୀ କୁସୁମଙ୍କ ସମେତ ନେହେରୁ ପଟ୍ଟନାୟକ, ପ୍ରୀତମ୍ ଭୋଇ, କୃଷ୍ଣଚନ୍ଦ୍ର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

### କକା, କାକିଙ୍କୁ ଟାଙ୍ଗିଆରେ ଆକ୍ରମଣ: ଯୁବକ ଗିରଫ

**ବଡ଼ଗାଁ, ୧୨।୧୨ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଜରଙ୍ଗଲୋଇ ଗ୍ରାମରେ ଜଣେ ଯୁବକ ତାଙ୍କ କକା, କାକିଙ୍କୁ ଟାଙ୍ଗିଆରେ ମରଣାତ୍ମକ ଆକ୍ରମଣ କରିଛନ୍ତି। ପୋଲିସ ଅଭିଯୁକ୍ତ ଲୋକନାଥ ପୃଷେଟଙ୍କୁ ଗିରଫ କରିଛି। ସୂଚନାନୁଯାୟୀ, ଗୁରୁବାର ଭୋର ସମୟରେ ଲୋକନାଥ (୪୫) ଘରେ ତାଙ୍କ ସ୍ତ୍ରୀ ଏବଂ ପୁଅଙ୍କୁ ମାଡପିଟ କଲାପରେ ଟାଙ୍ଗିଆ ଧରି କାକା ଯୁଧିଷ୍ଠିର ପୃଷେଟ (୭୨)ଙ୍କ ଘରକୁ ଯାଇଥିଲେ। ଲୋକନାଥ ଟାଙ୍ଗିଆରେ ଶୋଇଥିବା ଅବସ୍ଥାରେ କାକା ଓ କାକି ଫୁଲମତୀ (୬୯)ଙ୍କ ମୁଣ୍ଡରେ ଚୋଟ ମାରିଥିଲେ। ଗୁରୁତର ଅବସ୍ଥାରେ ଉଭୟଙ୍କୁ ସୁନ୍ଦରଗଡ ଓ ପରେ ରାଉରକେଲା ଆଇଜିଏଚ୍ ପଠାଯାଇଛି। ଲୋକନାଥଙ୍କ ସମ୍ପର୍କୀୟଙ୍କ ଠାରୁ ପ୍ରକାଶ ଯେ, ବୁଧବାର ରାତିସାରା ଘରେ ହୋହାଲ୍ଲା କରିଥିଲେ। କନ୍ଦରାପଡାର ଜଣେ ବ୍ୟକ୍ତିଙ୍କଠାରେ ଗୁଣିଗାରେଡି ଶିଖୁଥିଲେ। ଏହା ପରେ ତାଙ୍କ ମାନସିକ ସ୍ଥିତି ଠିକ୍ ନ ଥିଲା। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ତଦନ୍ତ କରୁଛି ।

## ସୁନ୍ଦରଗଡର ଶିଶୁ ବୈଜ୍ଞାନିକଙ୍କ ପ୍ରକଳ୍ପ ଜାତୀୟ ଶିଶୁ ମେଳାକୁ ମନୋନୀତ

**ସୁନ୍ଦରଗଡ଼,୧୨।୧୨ (ଡି.ଏନ୍.ଏ)**

ସୁନ୍ଦରଗଡ ପବ୍ଲିକ ସ୍କୁଲର ୨ଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ବର୍ଜ୍ୟବସ୍ତୁରୁ ସୁନା ପ୍ରକଳ୍ପ ଜାତୀୟ ଶିଶୁ ମେଳାକୁ ମନୋନୀତ ହୋଇଛି। ଭୁବନେଶ୍ୱର ପ୍ରଭୁଜୀ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଅନୁଷ୍ଠିତ ରାଜ୍ୟ ବିଜ୍ଞାନ କଂଗ୍ରେସରେ ବିଭିନ୍ନ ଜିଲାର ୧୮୯ଟି ପ୍ରକଳ୍ପ ଭାଗ ନେଇଥିବା ବେଳେ ସୁନ୍ଦରଗଡ ପବ୍ଲିକ ସ୍କୁଲର ଶିକ୍ଷକ ଅଶୋକ କୁମାର ପରିଡାଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ନବମ ଶ୍ରେଣୀର ୨ଛାତ୍ରୀ ରୁଦ୍ରାକ୍ଷୀ ନନ୍ଦ, ଦୀପାବଳୀ ଦାସଙ୍କ ଦ୍ୱାରା ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ ମାଧ୍ୟମରେ ଆବର୍ଜନାରୁ ଗ୍ୟାସ ଓ ଜୈବିକ ଖତ ପ୍ରସ୍ତୁତ ଓ ଆର୍ଥିକ ଲାଭ ପାଇବାର ବାଟ ଦେଖାଇ ଥିବା ଏହି ପ୍ରକଳ୍ପ ସମସ୍ତଙ୍କୁ ବେଶ ଆକର୍ଷିତ କରିଥିଲା । ଏହି ପ୍ରକଳ୍ପ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରି ଜାତୀୟ ଶିଶୁ ବିଜ୍ଞାନ ମେଳାରେ ଭାଗ ନେବା ପାଇଁ ମନୋନୀତ ହୋଇଛି। ଡିସେମ୍ବର ୨୭ରୁ ୩୧ ତାରିଖ ପର୍ଯ୍ୟନ୍ତ କେରଳର ତିରୁଅନନ୍ତପୁରମ୍ ଠାରେ ହେବାକୁ ଥିବା ୨୭ତମ ଜାତୀୟ ଶିଶୁ ବିଜ୍ଞାନ ମେଳାରେ ଏହି ଦୁଇ ଛାତ୍ରୀ ଭାଗ ନେବେ । ରାଜ୍ୟ ମେଳାରେ ଏନସିସି ସଭାପତି ଆର ଏନ୍ ରାୟ ଏହି ପ୍ରକଳ୍ପ ପାଇଁ ଦୁଇ ଛାତ୍ରୀ ରୁଦ୍ରାକ୍ଷୀ ଓ ଦୀପାବଳୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ। ଏହି ସଫଳତା ପାଇଁ ବିଦ୍ୟାଳୟର ଅଧ୍ୟକ୍ଷା ହରପ୍ରିୟା ପଟେଲ, ବିଜ୍ଞାନ ଶିକ୍ଷୟିତ୍ରୀ ମାଇକେଲା ଖାଲକୋ, ଶିକ୍ଷକ ଦେବାଶୀଷ ଦାସ, ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ରାଜ କିଶୋର ଷଡଙ୍ଗୀ ପ୍ରଶଂସା କରିବା ସହ ଦୁଇ ଶିଶୁ ବୈଜ୍ଞାନିକଙ୍କୁ ଜାତୀୟ ପ୍ରକଳ୍ପରେ ସଫଳତା ହାସଲ ପାଇଁ ଶୁଭେଚ୍ଛା ଜଣାଇଛନ୍ତି।

### ଟ୍ରକ ଧକ୍କାରେ ବାଇକ୍ ଆରୋହୀ ମୃତ

**ବେଦବ୍ୟାସ, ୧୨।୧୨ (ଡି.ଏନ.ଏ)**

ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ଦଣ୍ଡିଆପାଲି ବିଶ୍ୱକର୍ମା ବିହାର ସ୍ଥିତ ଗୁରୁବାର ୨ଟା ୧୫ ରେ ପାନପୋଷ ପାର୍ଶ୍ୱରୁ ବେଦବ୍ୟାସ ଆଡକୁ ଆସୁଥିବା ଏକ ଟ୍ରକ ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଛି । ମୃତ ବ୍ୟକ୍ତିଙ୍କ ନାମ ସୁଦର୍ଶନ ପ୍ରଧାନ (୪୫)। ଘର ରାଉରକେଲା ସେକ୍ଟର ୬ ଅଞ୍ଚଳରେ। ପୋଲିସ ସୂଚନାନୁଯାୟୀ ଗୁରୁବାର ଅପରାହ୍ନ ୨ଟା ୧୫ରେ ପାନପୋଷ ପାର୍ଶ୍ୱରୁ ବେଦବ୍ୟାସ ଆଡକୁ ଆସୁଥିବା ଟ୍ରକ ନଂ. ୟୁପି ୭୮ ଡିଟି- ୬୨୭୧ ସେହି ପାର୍ଶ୍ୱରୁ ବେଦବ୍ୟାସ ଆଡକୁ ଆସୁଥିବା ବାଇକ୍ ନଂ. ଓଡି ୧୪ ଇ- ୪୩୯୦ ପଛ ପାର୍ଶ୍ୱରେ ଧକ୍କା ଦେବା ଫଳରେ ବାଇକ ଆରୋହୀ ଘଟଣା ସ୍ଥଳରେ ଗୁରୁତର ଅବସ୍ଥାରେ ପଡିଥିଲେ । ଖବର ପାଇ ବ୍ରାହ୍ମଣୀତରଙ୍ଗ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ରାଉରକେଲା ସରକାରୀ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କଲାପରେ ଆରଜିଏଚର ମର୍ଗ ହାଉସରେ ମୃତ ଶରୀରକୁ ରଖାଯାଇଛି। ପୋଲିସ ଗାଡିକୁ ଥାନାରେ ଅଟକ ରଖିଛି । ଜାତୀୟ ରାଜପଥ ୧୪୩ର ସମ୍ପ୍ରସାରଣ କାର୍ଯ୍ୟକୁ ନେଇ ଅଚଳାବସ୍ଥା ଲାଗି ରହିଥିବା ବେଳେ ଦୈନନ୍ଦିନ ଟ୍ରାଫିକ ସମସ୍ୟା ସହ ଛୋଟବଡ ଦୁର୍ଘଟଣାମାନ ଘଟୁଛି। ଯାହା ଫଳରେ ସାଧାରଣ ନୀରିହ ଜନସାଧାରଣ ଦୈନନ୍ଦିନ ଦୁର୍ଘଟଣାଗ୍ରସ୍ତ ହୋଇ ଧନଜୀବନ ହାରୁଛନ୍ତି।

## ଜାନୁୟାରୀ ୧୪ରୁ କଳାହାଣ୍ଡି ଉତ୍ସବ ଘୁମୁରା



କଳାହାଣ୍ଡି ଉତ୍ସବ ଘୁମୁରା ପାଇଁ ଆୟୋଜିତ ପ୍ରସ୍ତୁତି ବୈଠକ ।

**ଭବାନୀପାଟଣା,୧୨।୧୨ (ଡି.ଏନ.ଏ.)**

- ୨୪ରୁ ଜାନୁୟାରୀ ୬ଯାଏ ପଞ୍ଚାୟତସ୍ତରୀୟ ଉତ୍ସବ
- ଜାନୁୟାରୀ ୭ରୁ ୧୨ ବ୍ଲକସ୍ତରୀୟ ଉତ୍ସବ

କଳାହାଣ୍ଡିର କଳା, ସଂସ୍କୃତି, ଐତିହ୍ୟ ଓ ବିକାଶର ବାର୍ତ୍ତାବହ ୨୪ତମ କଳାହାଣ୍ଡି ଉତ୍ସବ ଘୁମୁରା ଆସନ୍ତା ଜାନୁୟାରୀ ୧୪ ରୁ ୧୭ ତାରିଖ ଯାଏ ସ୍ଥାନୀୟ ଲାଲବାହାଦୂର ଶାସ୍ତ୍ରୀ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏଥିନିମନ୍ତେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାପାଳ ତଥା ସଂସ୍କୃତି ପରିଷଦ ଅଧ୍ୟକ୍ଷ ଡା. ଗାଭାଲି ପରାଗ ହର୍ଷଦଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ଶ୍ରୀଚନ୍ଦନ, ଜିଲା ପରିଷଦ ଅଧ୍ୟକ୍ଷା ନମିତାରାଣୀ ସାହୁ, ଧର୍ମଗଡ ଉପଜିଲାପାଳ ପଦ୍ମନାଭ ବେହେରା, ଭବାନୀପାଟଣା ଉପଜିଲାପାଳ ସୁଶାନ୍ତ ସିଂହ, ଜିଲା ସଂସ୍କୃତି ପରିଷଦ ସମସ୍ତ ସଦସ୍ୟ, କଳାହାଣ୍ଡି ଉତ୍ସବ ପାଳନ କମିଟି ସଦସ୍ୟା ସମେତ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠିତ କର୍ମକର୍ତ୍ତା ଓ ସାମାଜିକ ଅନୁଷ୍ଠିତ କର୍ମକର୍ତ୍ତା ଯୋଗଦେଇଥିଲେ। ପ୍ରତି ବର୍ଷପରି ୨୪ତମ ଜିଲାସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ଜାନୁୟାରୀ ୧୪-୧୭ ତାରିଖ ଯାଏ ଭବାନୀପାଟଣା ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମରେ ଏବଂ ଉପଖଣ୍ଡସ୍ତରୀୟ ଘୁମୁରା ଉତ୍ସବ ଜାନୁୟାରୀ ୧୫-୧୭ ତାରିଖ ଯାଏ ଧର୍ମଗଡ ପଞ୍ଚାୟତ ପଡିଆରେ ଆୟୋଜନ କରିବା ପାଇଁ ସ୍ଥିର ହୋଇଛି। ଜିଲାସ୍ତରୀୟ କଳାହାଣ୍ଡି ଉତ୍ସବ ଅବସରରେ ପଲ୍ଲିଶ୍ରୀ ମେଳା, ବୟନ ଶିଳ୍ପ, ଉଦ୍ୟୋଗ ମେଳା, କବି ସମ୍ମିଳନୀ, ଆଲୋଚନାଚକ୍ର, ଜିଲାସ୍ତରୀୟ ଘୁମୁରା ନୃତ୍ୟ ପ୍ରତିଯୋଗିତା, ଶିଶୁ ଘୁମୁରା ପ୍ରତିଯୋଗିତା, ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରିବା ସହ ସ୍ମରଣିକା 'କଳାଝରଣ' ପ୍ରକାଶନ ପାଇଁ ସ୍ଥିର କରାଯାଇଛି। ଏଥି ନିମନ୍ତେ ଡିସେମ୍ବର ୨୪ରୁ ଜାନୁୟାରୀ ୬ ତାରିଖ ମଧ୍ୟରେ ଜିଲାର ପ୍ରତ୍ୟେକ ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ଉତ୍ସବ ଆୟୋଜନ କରାଯିବ। ଜାନୁୟାରୀ ୭ରୁ ୧୨ ତାରିଖ ମଧ୍ୟରେ ଜିଲାର ପ୍ରତ୍ୟେକ ବ୍ଲକରେ ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ଅୟୋଜନ କରାଯିବ। ଶେଷରେ ଭବାନୀପାଟଣାରେ ଜାନୁୟାରୀ ୧୪ରୁ ମୁଖ୍ୟ କଳାହାଣ୍ଡି ଉତ୍ସବ ଘୁମୁରା ଆୟୋଜନ କରିବା ପାଇଁ ବୈଠକରେ ସ୍ଥିର କରାଯାଇଛି। ଉତ୍ସବ ଉପଲକ୍ଷେ ଇନ୍ଦ୍ରାବତୀ ଜଳ ଭଣ୍ଡାରରେ ଜାନୁୟାରୀ ୪ ତାରିଖରେ ନୌଚାଳନା ପ୍ରତିଯୋଗିତା ଏବଂ ଲାଞ୍ଜିଗଡରେ ତୀର ଚାଳନା ପ୍ରତିଯୋଗିତା ଅୟୋଜନ ପାଇଁ ସ୍ଥିର କରାଯାଇଛି। କଳାହାଣ୍ଡି ଉତ୍ସବରେ ଜିଲା, ରାଜ୍ୟ, ରାଜ୍ୟ ବାହାରୁ ତଥା ବିଦେଶରୁ ସାଂସ୍କୃତିକ ଦଳ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଉତ୍ସବ ପୋଷ୍ଟର ଡିଜାଇନ ନିମନ୍ତେ ସ୍ଥାନୀୟ ଚିତ୍ର ଶିଳ୍ପୀମାନଙ୍କଠାରୁ ପେଣ୍ଟିଂ ଆହ୍ୱାନ କରାଯାଇଛି ଏବଂ ଚୟନ ହୋଇଥିବା ପେଣ୍ଟିଂକୁ ଚଳିତ କଳାହାଣ୍ଡି ଉତ୍ସବର ପୋଷ୍ଟର, ବ୍ୟାନର ଆଦି ନିର୍ମାଣ କରାଯିବ ଏବଂ ଚିତ୍ରଶିଳ୍ପୀଙ୍କୁ ୫ ହଜାର ଟଙ୍କା ପୁରସ୍କାର ଦିଆଯିବ ବୋଲି ଜିଲାପାଳ ଘୋଷଣା କରିଛନ୍ତି। ଜିଲା ସାଂସ୍କୃତି ଅଧିକାରୀ ଅର୍ପିତା ବେହେରା ଧନ୍ୟବାଦ ଦେଇଥିଲେ।

## ବନ୍ଧବାହାଲ ଗ୍ରାମରେ ଜିଲାସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

**ବାଲିଶଙ୍କରା, ୧୨।୧୨ (ଡି.ଏନ.ଏ)**

ବନ୍ଧବାହାଲ ଗ୍ରାମର ଜୟତରାମ ୟୁଥ କ୍ଲବ ଆନୁକୂଲ୍ୟରେ ବନ୍ଧବାହାଲ ଖେଳ ପଡିଆରେ ୩ ଦିନ ଧରି ଚାଲିଥିବା ୮ମ ଜିଲାସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଉଦଯାପିତ ହୋଇଯାଇଛି । ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ତଳସରା ବିଧାୟକ ଭବାନୀ ଭୋଇ ଯୋଗଦେଇ ଥିଲେ। ସମ୍ମାନିତ ଅତିଥି ଭାବେ ବିବେକ ପଟେଲ, ପର୍ଶୁରାମ ପଟେଲ, ସନ୍ତୋଷ କାଲୋ, ନିଳାଦ୍ରୀ ରାଉତ, ରବିଚନ୍ଦ୍ର ପଟେଲ, କିଶୋର ଚୌଧୁରୀ, ଗିରିଶ ଦାଶ, ଡିଲେଶ୍ୱର ଦାଶ, ତରଣୀସେନ ହୋତା, ମନୋଜ ମିଶ୍ର, ସରୋଜିନୀ ପଟେଲ, ଭବାନୀ ପଟେଲ, କୈଳାଶ ତନ୍ତି ପ୍ରମୁଖ ଯୋଗଦେଇଥିଲେ । ଫାଇନାଲ ଖେଳ ସୁନ୍ଦରଗଡ ଜିଲାର ସୁନ୍ଦରଗଡ ସମଲେଶ୍ୱରୀ କ୍ଲବ ସହିତ ସମ୍ବଲପୁର କୁଚିଣ୍ଡା ଦଳ ସଂଘର୍ଷପୂର୍ଣ୍ଣ ଖେଳ ହୋଇଥିଲା । ଏଥିରେ ଉଭୟ ଦଳ ୧-୧ ଗୋଲ ସ୍କୋର କରି ଡ୍ର ହୋଇ ଶେଷରେ ପେନାଲଟିକ୍ ଖେଳା ଯାଇଥିଲା। ଶେଷରେ ସମ୍ବଲପୁର କୁଚିଣ୍ଡା ଦଳ ୮ଟି ସ୍କୋର କରିଥିବା ବେଳେ ସୁନ୍ଦରଗଡ ୭ ସ୍କୋର କରି ପରାଜୟବରଣ କରିଥିଲା ଓ ରନର୍ସ ହୋଇଥିଲା । ବିଜୟୀ ସମ୍ବଲପୁର କୁଚିଣ୍ଡା ଦଳକୁ ସହାୟତା ରାଶି ସହିତ ସିଲ୍ଡପ୍ରଦାନ କରାଯାଇଥିବା ବେଳେ ରନର୍ସ ଦଳ ସୁନ୍ଦରଗଡକୁ ସହାୟତା ରାଶି ସହିତ କପ୍ ପ୍ରଦାନ କରାଯାଇଥିଲା । ଖେଳ ପରିଚାଳନା କରିଥିଲେ ହେମନ୍ତ କୁମାର ଦାଶ, ଅଶୋକ ପାଣ୍ଡବ, କୁମରମଣୀ ରଣା, ପ୍ରଦୀପ ରଣା ପ୍ରମୁଖ ସହଯୋଗ ଦେଇଥିଲେ ।



ଆହତ ଯୁବକଙ୍କୁ ଡାକ୍ତରଖାନା ନିଆଯାଉଛି।

## ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଯୁବକଙ୍କୁ ଛୁରାମାଡ଼

**ସୁନ୍ଦରଗଡ, ୧୨।୧୨ (ଡି.ଏନ୍.ଏ)**

ସ୍ଥାନୀୟ ରାଣୀ ବଗିଚା ଠାରେ ଗୁରୁବାର ଅପରାହ୍ନରେ ଏକ ଅଭାବନୀୟ ଘଟଣା ଘଟିଛି । ବାଇକ୍‌ରେ ଯାଉଥିବା ଜଣେ ଯୁବକଙ୍କୁ ପଛପାଖରୁ ଅନ୍ୟ ଜଣେ ବାଇକ୍‌ରେ ଆସୁଥିବା ଯୁବକ ଅତର୍କିତ ଭାବେ ଆକ୍ରମଣ କରି ଛୁରି ଭୁଷି ହତ୍ୟା କରିବାକୁ ଉଦ୍ୟମ କରିଥିଲେ। ଏହି ଛୁରା ମାଡରେ ଆହତ ହୋଇଥିବା ଯୁବକ ଜଣକ ହେଉଛନ୍ତି ରାଣୀ ବଗିଚାର ହେମନ୍ତ ଧର (୪୦) । ଛୁରା ମାଡରେ ହେମନ୍ତଙ୍କ କାନ, ବେକରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଏହି ଘଟଣା ଘଟାଇ ଘଟଣାସ୍ଥଳରୁ ଫେରାର ହେବାକୁ ଉଦ୍ୟମ କରୁଥିବା ଆକ୍ରମଣକାରୀ ଯୁବକ ଓ ତାଙ୍କର ଜଣେ ସହଯୋଗୀଙ୍କୁ ସ୍ଥାନୀୟ ଲୋକେ ଘେରିଯାଇ ନିସ୍ତୁକ ମାଡ ମାରିଥିଲେ। ଖବର ପାଇ ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଛୁରାମାଡରେ ଆହତ ଯୁବକ ଓ ଅନ୍ୟ ୨ଜଣଙ୍କୁ ଉଦ୍ଧାର କରି ସୁନ୍ଦରଗଡ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଥିଲା । ଏହି ଘଟଣା ପରେ ଡାକ୍ତରଖାନାରେ ବହୁ ଲୋକଙ୍କ ଭିଡ ଜମିଥିଲା । ଛୁରାମାଡର ପ୍ରକୃତ କାରଣ ବର୍ତ୍ତମାନ ସୁଦ୍ଧା ଜଣାପଡି ନଥିଲେ ମଧ୍ୟ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହା ଘଟି ଥାଇପାରେ ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜଣାପଡିଛି। ହେଲେ ବର୍ତ୍ତମାନ ସୁଦ୍ଧା ଛୁରାମାଡରେ ଆହତ ଯୁବକଙ୍କ ପକ୍ଷରୁ ଥାନାରେ ( କୌଣସି ମାମଲା ହୋଇ ନାହିଁ।

### ଜେଜେଟିଏ ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ

## ଏମ୍‌ସିଏଲ୍ ସୁପରିଚାଳନା ଆମର ଦାୟିତ୍ୱ: ଯୋଗେଶ ସିଂ

**ସୁନ୍ଦରଗଡ,୧୨।୧୨(ଡି.ଏନ୍.ଏ)**

ସୁନ୍ଦରଗଡରେ ଅବସ୍ଥିତ ଏମସିଏଲ୍‌ର କୋଇଲାଖଣି ଗୁଡିକ କେବଳ ବ୍ୟବସାୟ କରିବା ମାଧ୍ୟମ ନୁହେଁ। ଏହା ସୁନ୍ଦରଗଡର ଭାତହାଣ୍ଡି ଏବଂ ଏହାର ସୁପରିଚାଳନା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଯାହା ଫଳରେ ସୁନ୍ଦରଗଡର ଅର୍ଥନୈତିକ ତଥା ସାମାଜିକ ବିକାଶ ହେବା ସହ ବେରୋଜଗାର ଯୁବକମାନଙ୍କୁ ଜୀବନ ଜୀବିକା ଯୋଗାଇ ଦିଆଯାଇପାରିବ। ସୁନ୍ଦରଗଡରେ ଭାଇଚାରା ଏବଂ ଶାନ୍ତିଶୃଙ୍ଖଳା ବଜାୟ ରହିବ। ସୁନ୍ଦରଗଡ ସରକାରୀ ମହିଳା ମହାବିଦ୍ୟାଳୟ ନିକଟସ୍ଥ ଜୟ ଜଗନ୍ନାଥ ଟ୍ରକ ମାଲିକ ସଂଘ (ଜେଜେଟିଏ)ର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସୁନ୍ଦରଗଡର ପୂର୍ବତନ ବିଧାୟକ ଯୋଗେଶ ସିଂ ଏଭଳି ମନ୍ତବ୍ୟ ଦେଇଛନ୍ତି। ଏହାଛଡା ସୁନ୍ଦରଗଡର ଟ୍ରକମାଲିକମାନଙ୍କ କୋଇଲା ପରିବହନରେ କୌଣସି ସମସ୍ୟା ସୃଷ୍ଟି ହେଲେ ସେ ସଦାସର୍ବଦା ମାଲିକମାନଙ୍କ ପାଇଁ ସ୍ୱର ଉତ୍ତୋଳନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଗୁରୁବାର ପୂର୍ବାହ୍ନ ୧୧ଟାରେ ଜେଜେଟିଏର ନୂତନ କାର୍ଯ୍ୟାଳୟର ଉଦଘାଟନ ହୋଇଥିଲା। ଏହି ଉତ୍ସବ ଉପଲକ୍ଷେ ଆୟୋଜିତ ସଭାରେ ଜେଜେଟିଏ ଅଧ୍ୟକ୍ଷ ସଞ୍ଜୟ ନନ୍ଦ ନିଜର ସମ୍ଭାଷଣରେ କହିଥିଲେ ଯେ, ସୁନ୍ଦରଗଡର ଟ୍ରକମାଲିକମାନଙ୍କର କୋଇଲା ପରିବହନରେ ଦେଖାଦେଉଥିବା ବିଭିନ୍ନ ସମସ୍ୟାର ନିରାକରଣ ପାଇଁ ଜେଜେଟିଏ କର୍ମକର୍ତ୍ତା ଅନବରତ ପ୍ରୟାସ ଜାରି ରଖିଛନ୍ତି। ଜେଜେଟିଏ କାର୍ଯ୍ୟ ଆରମ୍ଭ କରିବା ପରଠାରୁ କେବଳ ସୁନ୍ଦରଗଡର ଟ୍ରକମାଲିକଙ୍କ ଗାଡିକୁ ଲୋଡିଂ ଦିଆଯାଉଛି। ଆହୁରି କୋଇଲା ଖଣିର ସୁପରିଚାଳନା ପାଇଁ ମଧ୍ୟ ଏମସିଏଲ୍ କର୍ତ୍ତୃପକ୍ଷ, ଜିଲା ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କର ବିଭାଗୀୟ ମନ୍ତ୍ରୀମାନଙ୍କ ସହ ଜେଜେଟିଏ ବରାବର ଯୋଗାଯୋଗ କରୁଛି। ଫଳରେ ଆଗାମୀ ଦିନରେ କୋଇଲା ପରବହନରେ ନିଶ୍ଚିତ ଭାବେ ସୁଧାର ଆସିବ ଏବଂ କୋଇଲା ପରିବହନରେ ନିୟୋଜିତ ଟ୍ରକ ଭଲ ଟ୍ରିପ କରିବେ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଏହାଛଡା ନିଜକୁ କେବଳ କୋଇଲା ପରିବହନରେ ସୀମିତ ନରଖି ଆଗାମୀ ଦିନରେ ଜେଜେଟିଏ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ମଧ୍ୟ ଭାଗ ନେବ ବୋଲି ନନ୍ଦ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜେଜେଟିଏ କର୍ମକର୍ତ୍ତା ସଭାପତି ସଞ୍ଜୟ ପୋଦ୍ଦ, କାର୍ଯ୍ୟକାରୀ ସଭାପତି ସଞ୍ଜୟ ଚୌଧୁରୀ, ଉପସଭାପତି ଜୟନ୍ତ ଧଳ, ସମ୍ପାଦକ ନରେଶ ଆଚାର୍ଯ୍ୟ, ସହ ସମ୍ପାଦକ ଶ୍ରୀମନ୍ତ ଧର ଓ ସୁରଜ ଟପ୍ପୋ, କୋଷାଧ୍ୟକ୍ଷ ଅବଦୁଲ ସାଜିଦ, ସମୀକ୍ଷକ ବୀରକିଶୋର ସାମଲ, ଟ୍ରକ ମାଲିକ ନେତା ଲଲାଟ ପରିଡା, ମନ ବହିଦାର, ବିଶ୍ୱରଞ୍ଜନ ଦାସ, ପଓନ ଅଗ୍ରୱାଲ, ଆଶିଷ ଅଗ୍ରୱାଲ, ଦିନେଶ ଠାକୁର, ବିଭୂତି ଭୂୟାଁ, ସରୋଜ ସାହୁ, ଦୀପକ ନାଏକ, କାଳିଆ ପତି, ପ୍ରଶାନ୍ତ ପଣ୍ଡା, ବାବଲୁ ପାଣିଗ୍ରାହୀ, ଦିନେଶ ଠାକୁର, ଶହବାଜ ହୁସେନ, ବାବୁ ପଣ୍ଡା, ଭୀମ ରଚଓାନୀ, ଏମଡି ଜମାଲ, ମାନସ ଚାନ୍ଦ, ବାଲଗୋପାଲ ମିଶ୍ର, ଅମର ପଟେଲ, ଅଶିଷ ପଶାୟତ ପ୍ରମୁଖ ଉପସ୍ଥିତ ଥିଲେ।



ଜୟ ଜଗନ୍ନାଥ ଟ୍ରକ ମାଲିକ ସଂଘର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟନ କରାଯାଉଛି।